Split by PDF Splitter



ଉପର ଲିଖିତ କଥାବାର୍ତ୍ତା ରଣପୁର ଅନ୍ଦୋଳନର ବହୁ ବର୍ଷ ପୂର୍ବେ ଘଟିଥିଲା ଏବଂ ସେ ସମୟରେ ରାଧାନାଥ ବାବୁ ନିରପେକ୍ଷ ଭାବରେ ଆପଣା ବିଶ୍ୱାସ ଓ ବିବେଚନା ମତେ ରାଜାଙ୍କ କାର୍ଯ୍ୟ ସମ୍ବନ୍ଧରେ ଯେପରି କହିଥିଲେ ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ତାହାଙ୍କର ସେହି ମତ ଯେ ସ୍ଥିର ରହି ଅଛି ତାହା ଗତ ମାର୍ଚ୍ଚ ମାସରେ ଓଡ଼ିଆ ନବସମ୍ବାଦ ଯୋଗେ ତାହାଙ୍କ ପ୍ରକାଶିତ ପତ୍ରରୁ ପ୍ରମାଣ ହେଉଅଛି । ଏହି ପତ୍ରରେ ସରଳଭାବରେ ଆପଣାମତ ପ୍ରକାଶ କରିଥିବାର ଆମ୍ଭେମାନେ କହିଥିଲୁଁ ମାତ୍ର ସମ୍ବଲପୁର ହିତୈଷିଣୀ ମନକୁ ତାହା ଆସିଲା ନାହିଁ । ସହଯୋଗୀ ତହିଁର କେତେ ପ୍ରତିବାଦ ପ୍ରକାଶ କରି ଶେଷରେ ବିଶ୍ୱସ୍ତସୂତ୍ରେ ତହିଁର ଏହି ନିଗୂଢ଼ତତ୍ତ୍ୱ ଜାଣି ପାରିବାର ଲେଖି ଅଛନ୍ତି କି ରାଧାନାଥ ବାବୁଙ୍କ ବାଲେଶ୍ୱରସ୍ଥ ବସାଘର ପୋଡ଼ି ଯିବାରୁ ସେ ତରତର ହୋଇ ଉକ୍ତ ମନ୍ତବ୍ୟ ଓଡ଼ିଆ ନବସମ୍ବାଦରେ ପ୍ରକାଶ କରିଥିଲେ । ଅର୍ଥାତ୍ ଆହୁରି ଅନିଷ୍ଟ ଭୟରେ ଅଥବା ଘର ପୋଡ଼ ଯିବା ହେତୁ ହତବୁଦ୍ଧି ହୋଇ ସେ ଉକ୍ତ ମନ୍ତବ୍ୟ ପ୍ରକାଶ କରି ଦେଲେ ନତୁବା ସେ ସରଳଭାବରେ ତାହା କରି ନାହାନ୍ତି । ଏଥକୁ ସମ୍ବାଦବାହିକା ଉଚିତ ପ୍ରଶ୍ନ କରି ଅଛନ୍ତି କି ରାଧାନାଥ ବାବୁଙ୍କ ଘର ମାର୍ଚ୍ଚ ମାସ ତା ୨୪-ରିଖରେ ପୋଡ଼ିଯିବା ଓ ତହିଁର ଦଶଦିନ ପୂର୍ବ ସେହିମାସ ତା ୧୪ ରିଖରେ ତାହାଙ୍କ ମତ ବାହାରିବା ପ୍ରତ୍ୟକ୍ଷେ ହିତୈଷିଣୀ କେମନ୍ତ ବିଶ୍ୱସ୍ତ ସୂତ୍ରରେ ତାହାଙ୍କ ଲିଖିତ ନିଗୂଢ଼ତତ୍ତ୍ୱ ଜାଣିପାରିଲେ ତାହା ପ୍ରକାଶ କରି ସନ୍ଦେହ ଦୂର କରିବେ ।

---

## ଅନ୍ନକଷ୍ଟ ଓ ତହିଁର ପ୍ରତୀକାର ।

ମାହଙ୍ଗା ତଲ୍ଲା କାନୁନଗୋ ଅନାହାରରେ ମୃତ୍ୟୁ ଘଟିବାର ରିପୋର୍ଟ କରି ଦାୟରେ ପଡ଼ିଥିବା ଓ ସବ୍‌କାନୁନଗୋ ତଦନ୍ତ କଲା ଉତ୍ତରେ ଜଣେ ସବ୍‌ଡେପୁଟି ତଦାରଖ ସକାଶେ ପ୍ରେରିତ ହୋଇଥିବାର ଏଥିପୂର୍ବେ ଉଲ୍ଲେଖ କରିଥିଲୁଁ । ସବ୍‌ଡେପୁଟି ତଦାରଖ କରି ଫେରି ଆସି ଅଛନ୍ତି ସେ ଏ ତଲ୍ଲାର କେତେକ ଅଂଶରେ ଲୋକେ ଅନ୍ନ କଷ୍ଟରେ ଅସ୍ଥିଚର୍ମ ବିଶିଷ୍ଟ ହୋଇଥିବାର ଦେଖି ଅଛନ୍ତି ଓ ଅନାହାରରେ କେତେକ ଲୋକ ମରିଥିବାର ଶୁଣି ଅଛନ୍ତି ମାତ୍ର ତାହା ସେ ବିଶ୍ୱାସ ନ କରି ଯଥେଷ୍ଟ ଖାଦ୍ୟାଭାବେ ରୋଗଗ୍ରସ୍ତ ହୋଇ ମରିବାର ସିଦ୍ଧାନ୍ତ କରିଅଛନ୍ତି । କି କାରଣ ସେ ଅବିଶ୍ୱାସ କଲେ ତାହା ସେହି ଜାଣନ୍ତି ମାତ୍ର ଯେପରି ଦୁଃସମୟ ଘଟିଅଛି ଓ ଲୋକେ ଅନ୍ନକଷ୍ଟରେ ଅସ୍ଥିଚର୍ମବିଶିଷ୍ଟ ହୋଇ ଅଛନ୍ତି ଏଥିରେ ଅନାହାରରେ କାହାରି ମୃତ୍ୟୁ ଘଟିବା କିଛି ନୁହଇ । ଯଦିଚ ଏହା ନୁହେ ଓ ସବ୍‌ଡେପୁଟିଙ୍କ ସିଦ୍ଧାନ୍ତମତେ ଯଥେଷ୍ଟ ଖାଦ୍ୟାଭାବେ କିମ୍ବା ଅଖାଦ୍ୟ ଭୋଜନରେ ରୋଗ ଜାତ ହୋଇ ମୃତ୍ୟୁ ଘଟିଲା ତେବେ କି ଏହା ଶୋଚନୀୟ ନୁହଇ ? ଏଥିର ପ୍ରତୀକାର ସରକାରରୁ କିମ୍ବା ଜିଲ୍ଲା ବୋର୍ଡରୁ ହେବାର କି ଆବଶ୍ୟକ ନ ରଖେ ? ଆମ୍ଭେ ଶୁଣିଲୁଁ ଯେ ଆମ୍ଭମାନଙ୍କ କଲେକ୍ଟରସାହେବ ମାହାଙ୍ଗା କାନୁନଗୋର କଏଫିୟତ ଓ ସବ୍‌ଡେପୁଟିଙ୍କ ରିପୋର୍ଟ ପାଇକରି କାନୁନଗୋକୁ କେବଳ ତିରସ୍କାର କରି ଅଯଥାର୍ଥ ରିପୋର୍ଟ ଦାୟରୁ ମୁକ୍ତ ଦେଇ ଜିଲ୍ଲା ବୋର୍ଡକୁ ମାହାଙ୍ଗା ଅଞ୍ଚଳରେ ସାହାଯ୍ୟ କାର୍ଯ୍ୟର କିଛି ବନ୍ଦୋବସ୍ତ କରିବା କାରଣ ଚିଠି ଲେଖିଅଛନ୍ତି ଏଥିରେ କେତେକ ଉପକାର ହୋଇ ପାରିବ କିନ୍ତୁ ଶୀଘ୍ର ଏଥିର ବନ୍ଦୋବସ୍ତ ହେଲେ ହୁଏ ନଚେତ କି ଫଳ ହେବ ? ପୁଣି ଏକା ମାହାଙ୍ଗାତଲ୍ଲାନ କାହିଁକି ସମୁଦାୟ ଜିଲ୍ଲାରେ ଊଣା ଅଧିକରେ ଏହିପ୍ରକାର ଦୁରବସ୍ଥା ଓ ସକଳ ସ୍ଥାନରେ ସାହାଯ୍ୟ କାର୍ଯ୍ୟ କିଛି କିଛି ଆବଶ୍ୟକ । ରବି ଫସଲ ହସ୍ତଗତ ହେବା ପର୍ଯ୍ୟନ୍ତ ଏପରି କଷ୍ଟ ରହିବ ତେଣିକି ଏକଷ୍ଟ ନିବାରଣ ହେବାର ସମ୍ଭବ ଯଦି କିଛି ସାହାଯ୍ୟ କରିବାର ହୁଏ ତେବେ ତ୍ୱରିତ କରିବାର ଉଚିତ ଏହା ଜିଲ୍ଲା ବୋର୍ଡଙ୍କର କର୍ତ୍ତବ୍ୟକର୍ମ ହେଉଅଛି । କିନ୍ତୁ ଜିଲ୍ଲାବୋର୍ଡ ଏଥିର କିଛି ଉପାୟ କରିବା ତେଣିକି ଥାଉ ଅଦ୍ୟାପି ଏଥିର ଚର୍ଚ୍ଚା ନାହିଁ । ବର୍ତ୍ତମାନ ଏ ନଗରରେ ଭିକ୍ଷୁକଙ୍କ ସଂଖ୍ୟା ଅନେକ ଦେଖାଯାଏ ଓ ସେମାନଙ୍କର ଅବସ୍ଥାରୁ ମୋଫସଲରେ ଅନ୍ନକଷ୍ଟର ପରିଚୟ ମିଳୁଅଛି । ମାହାଙ୍ଗା ତଲ୍ଲାରେ ଯେପରି ତଦନ୍ତ ହେଲା ଜିଲାର ସକଳ ସ୍ଥାନରେ ତଦନ୍ତ ହେଲେ ଅନ୍ନକଷ୍ଟର କଥା ପ୍ରମାଣ ହେବ । ମୋଫସଲରେ ଧାନ ଅପ୍ରାପ୍ତ ହୋଇ ଅଛି ଓ ପ୍ରାୟେ ସକଳ ସ୍ଥାନରେ ଟଙ୍କାକୁ ଚାଉଳ ଆଠସେରରୁ ଊର୍ଦ୍ଧ୍ୱ ନାହିଁ କୌଣସି ସ୍ଥଳେ ସାତସେର ହୋଇଥିବାର ଶୁଣାଯାଏ । ଦୁଃଖି ମୂଲିଆମାନଙ୍କୁ ଅନ୍ନକଷ୍ଟ ହୋଇଥିବାର ଆଉ କି ପ୍ରମାଣ ଆବଶ୍ୟକ ? ଦୁଃଖୀ ମୂଲିଆର ପରିବାର ସଂଖ୍ୟା ଜ ୫ ଣ ଧରିଲେ ତାହାର କୁଟୁମ୍ବ ପାଇଁ ପ୍ରତିଦିନ ଚାଉଳ ନ୍ୟୁନାଧିକପକ୍ଷରେ ସେ ୧୲ ର ଆବଶ୍ୟକ ଏଥିର ମୂଲ୍ୟ ଟ ୦।/ ହେଉଅଛି ମାତ୍ର ଆଜିକାଲି କୃଷି କର୍ମ ବିଶେଷ ଲାଗି ନ ଥିବାରୁ ଓ ମଧ୍ୟବର୍ତ୍ତିଲୋକେ ମଧ୍ୟ ପେଟଚଳନ୍ତାରେ ଅନ୍ୟ କିଛି କାର୍ଯ୍ୟ କରି ପାରୁ ନ ଥିବାରୁ ଦୁଃଖି ମୂଲିଆମାନେ ଦିନାକ ଦୁଇଅଣା କମାଇ ପାରୁ ନାହାନ୍ତି ଗୃହିଣୀ ପାଇଁ ପାଞ୍ଚଅଣା କେଉଁଆଡ଼ୁ ପାଇବେ ସୁତରାଂ ଓଳିଏ ଖାଇଲେ ଓଳିଏ ଉପବାସ ଏବଂ କାହାରି ଦିନେ ଦୁଇଓଳି ଉପବାସ । ଏହାକୁ କି ଅନ୍ନ କଷ୍ଟ ବୋଲି ନ ଯିବ ? ଏପରି ଅବସ୍ଥାରେ ଜିଲା ବୋର୍ଡଙ୍କର ସାହାଯ୍ୟକାର୍ଯ୍ୟ କରିବାର ଉଚିତ ଓ ଆବଶ୍ୟକ ହେଉଅଛି । ଦୁଃଖର ବିଷୟ ଏହି କି ଲୋକେ ଚାରିମାସ ଅନ୍ନକଷ୍ଟ ଭୋଗ କଲେ ମାତ୍ର ଜିଲାମାଜିଷ୍ଟ୍ରେଟ କିମ୍ବା ଜିଲାବୋର୍ଡ ଦେଶର ଅବସ୍ଥା ପ୍ରତି ଟିକିଏ ଦୃଷ୍ଟି କଲେ ନାହିଁ ଏହାକୁ କପାଳ ଦୋଷ ବିନା ଆଉ କି ବୋଲ ଯିବ !

---

## ସ୍ୱତ୍ୱ ନିଲାମ ଆଇନର ପାଣ୍ଡୁଲିପି ।

୨

ଏ ପାଣ୍ଡୁଲିପିର ଅର୍ଥାତ୍ ପ୍ରସ୍ତାବିତ ଆଇନର କେତେକ ପ୍ରଧାନ ବିଧାନମାନ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ପ୍ରଚଳିତ ଆଇନର କେତେକ ଦୋଷ ଏ ପାଣ୍ଡୁଲିପିଦ୍ୱାରା ସୁଧୁରିଅଛି ଓ ଅନେକ ଉତ୍ତମ ଓ ସୁବିଧାଜନକ ବିଧିମାନ ହୋଇଅଛି । ତଥାପି ସମ୍ପୂର୍ଣ୍ଣ ସୁବିଧା ହୋଇ ନାହିଁ ଓ ତହିଁରେ କେତେକ ଦୋଷ ଲକ୍ଷିତ ହୁଅଇ । କୌଣସି ମହାଲ ନିଲାମରେ ଅଟିଲେ ତହିଁର ଇସ୍ତାହାର ବର୍ତ୍ତମାନ ଜମିଦାରୀରେ ଜାରି ହୁଏ, ଜମିଦାରଙ୍କୁ ନୋଟିସ ଦେବାର ବିଧି ନାହିଁ ଏହିହେତୁ ପ୍ରକୃତରେ ଅନେକ ଅନିଷ୍ଟ ଘଟିଅଛି । ଇଜମାଲିମହାଲର କୌଣସି ସରିକଦାର ବାକିଦାର ହେଲେ ସମୁଦାୟ ଜମିଦାରୀ ନିଲାମରେ ଅଟେ ଇସ୍ତାହାର ଜମିଦାରୀରେ ଜାରି ହେଉଥିବାରୁ ଦୂରରେ ବାସ କରୁଥିବା ଅନ୍ୟ ସରିକଦାର ଜାଣି ନ ପାରି ମହାଲକୁ ନିଲାମରୁ ରକ୍ଷାକରି ନ ପାରେ । ଏକ ମହାଲର ସ୍ୱତ୍ୱ ମନଅର୍ଡ଼ର ଲାଟବନ୍ଦୀ ଜିଲ୍ଲାରେ ଖଜାଣାଖାନାରେ ପହୁଞ୍ଚିବାରୁ ସେ ମହାଲ ନିଲାମରେ ଅଟେ ଇସ୍ତାହାର ବାହାରିଲା ମାତ୍ର ସେଥିବା ସେହି ନାମର ଅନ୍ୟ ମୌଜାରେ ଇସ୍ତାହାର ଜାରି

Digitized by srujanika@gmail.com

ନଇ ସ୍ୱତନ୍ତ୍ର ସେ ଜମିଦାର ଜାଣି ନ ପାରି ନିଲାମରୁ ଖାରଜ କାରଣ ଅବଶ୍ୟକୀୟ ଦରଖାସ୍ତ ଓ ମିଆଦ ଦାଖଲ କରି ନ ପାରିବାରୁ ମହାଲ ନିଲାମ ହେଲା । ନିଲାମ ଖରିଦଦାର ଦଖଲନାମା ନେଇ ହସ୍ତରେ ଏକଥା ପ୍ରକାଶ ପାଇଲା । ଏଥିର ଅପିଲ ପ୍ରାପ୍ତ କଷ୍ଟି ପାଇ ନାହିଁ । ଏପରି ଅନିଷ୍ଟ ନିବାରଣ ଉଦ୍ଦେଶ୍ୟରେ ନୂତନ ଆଇନରେ ବିଧି ହୋଇଅଛି ଯେ ଜମିଦାରୀ ଛଡ଼ା ରେଜେଷ୍ଟରୀଯୁକ୍ତ ଜମିଦାର ଉପରେ ନିଲାମି ନୋଟିସ ଜାରି ହେବ । ଜମିଦାର କିମ୍ବା ତାହା ଘରର କେହି ଯୁବା ପୁରୁଷ ନୋଟିସ ନ ନେଲେ ତାହାଙ୍କର ଯେଉଁଗ୍ରାମରେ ଥିବ ସେ ଗ୍ରାମର ପ୍ରକାଶ୍ୟସ୍ଥାନରେ ଗ୍ରାମ ପଞ୍ଚାୟତର ଜଣେ ମେମ୍ବରଙ୍କ ସାକ୍ଷାତରେ ତାହା ଲଟକାଇ ଦିଆଯିବ । ଏଥିରେ ଆମ୍ଭମାନଙ୍କର ଆପତ୍ତି ଏହି ଯେ ଓଡ଼ିଶାରେ ଗ୍ରାମ୍ୟପଞ୍ଚାୟତ ନିଯୁକ୍ତ ନାହାନ୍ତି କିମ୍ବା କୌଣସିସ୍ଥଳେ ପଞ୍ଚାୟତର ମେମ୍ବର ସେ ସମୟରେ ଉପସ୍ଥିତ ନ ଥାଇ ପାରନ୍ତି ଏହେତୁ ଗ୍ରାମର ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ସାକ୍ଷାତରେ ଜାରି କରିବାର ବିଧି ହେବା ଆବଶ୍ୟକ ।—ଏ ସଂକ୍ରାନ୍ତ ଆଉ ଗୋଟିଏ ନୂତନ ବିଧି ୧୦।୧୨ ଧାରାରେ ହୋଇଅଛି କି କୌଣସି ଜମିଦାର କିମ୍ବା କୌଣସି ସ୍ୱତ୍ୱବାନ୍ ବ୍ୟକ୍ତି ଆବେଦନ କଲେ ତାହାର ନାମ ଓ ଠିକଣା ରେଜେଷ୍ଟରୀ ହେବ ଓ ସେହି ଠିକଣାରେ ନିଲାମି ନୋଟିସ ତାହାଠାକୁ ଡାକରେ ରେଜେଷ୍ଟରୀ ହୋଇ ପଠାଯିବ ମାତ୍ର ଏଥିପାଇଁ ପ୍ରତିବର୍ଷ ଦୁଇଟଙ୍କା ଫିସ ଦେବାକୁ ହେବ । ଆମ୍ଭମାନଙ୍କ ବିବେଚନାରେ ଏ ବିଧିଟି ଅତି ଉତ୍ତମ ଅଟେ ମାତ୍ର ପ୍ରତିବର୍ଷ ଏତେ ଫିସ ଦେବା ବଡ଼ କଠିନ ବିଧି ଓ ଅନେକଙ୍କେ ଦେଇ ନ ପାରିବାରୁ କାର୍ଯ୍ୟତଃ ବିଫଳ ହେବ । କେବଳ ପ୍ରଥମ ରେଜେଷ୍ଟରୀ ସମୟରେ ଫିସ ଦେବାର ନିୟମ ହେବା ଉଚିତ ।

କୌଣସି ମହାଲ ଲାଟବନ୍ଦୀରେ ଆସିଲେ ବାକି ରାଜସ୍ୱ ସୁଧ ଅର୍ଥଦଣ୍ଡ ଇତ୍ୟାଦି ଦେଲେ ନିଲାମରୁ ମୁକ୍ତ ହେବାର ବିଧି ୧୪ ଓ ୧୫ ଧାରାରେ ହୋଇଅଛି ଏଥିର ବିବରଣ ଏଥିପୂର୍ବେ ଉଲ୍ଲେଖ କରିଅଛୁଁ । ପ୍ରଚଳିତଆଇନରେ ନିଲାମରୁ ମୁକ୍ତ ହେବାର କଲେକ୍ଟରଙ୍କର ସ୍ୱେଚ୍ଛାଧୀନ ଅଟଇ ଭବିଷ୍ୟତରୁ ଅର୍ଥଦଣ୍ଡ ଇତ୍ୟାଦି ଦେଲେ କଲେକ୍ଟର ମହାଲକୁ ନିଲାମରୁ ମୁକ୍ତ ଦେବାକୁ ବାଧ୍ୟ ହେବେ । ଏ ବିଧି ମନ୍ଦ ନୁହେ ଓ ନିରୂପିତ ଦିବସରେ ରାଜସ୍ୱ ନ ଦେଲେ ସୁଧ ଓ ଅର୍ଥଦଣ୍ଡ ସରକାର ନେଇପାରନ୍ତି । କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ସ୍ଥଳବିଶେଷ ଏଥିରୁ ମୁକ୍ତ ହେବାର ଆବଶ୍ୟକ । ଯେଉଁସ୍ଥଳେ ଦୈବଦୁର୍ଘଟନା ବଶତଃ ରାଜସ୍ୱ ବାକି ରହେ ଅର୍ଥାତ୍ କୌଣସି ମହାଲର ଖଜଣା ମୋଫସଲରୁ ଆଦାୟ ବାଟରେ ଲୁଣ୍ଠ ହୋଇଗଲା ଅବା ଲାଟବନ୍ଦୀ ପୂର୍ବେ କୌଣସି ଅଞ୍ଚଳରେ ତୋଫାନ କିମ୍ବା ଲୋଣା ମାଡ଼ିଯିବାର ଘଟନାରେ ପ୍ରଜାଏ କ୍ଷତବିକ୍ଷତ ହୋଇ ଖଜଣା ଦେଇ ନ ପାରିଲେ ସ୍ୱତନ୍ତ୍ର ରାଜସ୍ୱ ପୈଠ ହୋଇ ନ ପାରିଲା ଏପରି ସ୍ଥଳେ ଅର୍ଥଦଣ୍ଡାଦି ନେବାର ଅନୁଚିତ ଅତଏବ ଉଚିତସ୍ଥଳେ ସେ ସବୁ କ୍ଷମା ଦେବାର ଅଧିକାର କଲେକ୍ଟରଙ୍କୁ ଦେବାର ଆବଶ୍ୟକ ।

ଏ ସଂକ୍ରାନ୍ତରେ ଆଉ ଗୋଟିଏ ଗୁରୁତର ଆପତ୍ତି ଏହି ଯେ ଧା ୧୪ ଓ ୧୫ ସବୁ ବିଧି ହୋଇଅଛି କି କୌଣସି ରେଜେଷ୍ଟରୀଯୁକ୍ତ ଜମିଦାର ଅର୍ଥାତ୍ ଯେଉଁ ଜମିଦାରର ନାମ ଦାଖଲଖାରଜ ଆଇନାନୁସାରେ ରେଜେଷ୍ଟରରେ ଚଢ଼ିଥିବ ସେହି ଜମିଦାର ବାକି ରାଜସ୍ୱ, ସୁଧ, ଅର୍ଥଦଣ୍ଡ ଇତ୍ୟାଦି ଦେଇ ମହାଲକୁ ନିଲାମରୁ ମୁକ୍ତ କରିବା କାରଣ ଆବେଦନ କରିପାରିବ । ଏଣୁକରି ଯେଉଁ ଜମିଦାରର ନାମ ରେଜେଷ୍ଟରୀ ହୋଇ ନ ଥିବ ସେ ଆଉ ଏପରି ଆବେଦନ କରି ନ ପାରିବ । ଏଥିରେ ଅନେକସ୍ଥଳେ ବଡ଼ ଅନିଷ୍ଟ ଘଟିବ ଯଥା—କୌଣସି ରେଜେଷ୍ଟରୀଯୁକ୍ତ ଜମିଦାର ଲାଟବନ୍ଦୀର ୮।୧୦ ଦିନପୂର୍ବେ ମରିଗଲା ତାହାର ପୁତ୍ର ଶ୍ରାଦ୍ଧ କ୍ରିୟା ଇତ୍ୟାଦି କାରଣରୁ ରାଜସ୍ୱ ପଠାଇ ନ ପାରିଲା । ସେ ମହାଲ ନିଲାମରେ ଆସିଲେ ତାହାର ନାମ ରେଜେଷ୍ଟରୀ ହୋଇ ନ ଥିବାରୁ ସେ ଉପଯୁକ୍ତ ଆବେଦନ କରିବାକୁ ଅକ୍ଷମ ହେବ କିମ୍ବା କୌଣସି ଜମିଦାର ବାକିଦାର ହୋଇ ମରିଗଲେ ତାହାର ପୁତ୍ର ଅବା ଉତ୍ତରାଧିକାରୀ ନାମ ରେଜେଷ୍ଟରୀ ହୋଇ ନ ଥିବା ଦୋଷରେ ମହାଲକୁ ନିଲାମରୁ ରକ୍ଷାକରି ନ ପାରିବ । କୌଣସି ବ୍ୟକ୍ତି ଅନ୍ୟାୟ ପୂର୍ବକ କୌଣସି ମହାଲ ହସ୍ତଗତ କରି ଆପଣା ନାମ ଦାଖଲଖାରଜ କରାଇ ନେଲା । ଯଥାର୍ଥ ସ୍ୱତ୍ୱାଧିକାରୀ ଦାଖଲଖାରଜରେ ହାରି ଯାଇ ନମ୍ବର ମାମଲା ଅଦାଲତରେ ଦାୟର କଲା । ରେଜେଷ୍ଟରୀଭୁକ୍ତ ଜମିଦାର ଦେଖିଲା ସେ ସେ ଅଦାଲତରେ ହାରିଯିବ ତେଣୁ ସେ ଜମିଦାରକୁ ଲାଟରେ ଆଣିଲା ଯଥାର୍ଥ ସ୍ୱତ୍ୱାଧିକାରୀ ନାମ ରେଜେଷ୍ଟରୀ ନ ହୋଇ ଥିବା ଦୋଷରୁ ମହାଲକୁ ନିଲାମରୁ ରକ୍ଷା କରି ନ ପାରିବ । କୌଣସି ଦେଣଦାର ଜମିଦାର ଋଣଦାରଙ୍କୁ ଫାଙ୍କି ଦେବା ମାନସରେ ଋଣ ଥିବା ମହାଲକୁ ଲାଟବନ୍ଦୀରେ ଇଚ୍ଛା ପୂର୍ବକ ଆଣିଲେ ଋଣଦାର ଉପଯୁକ୍ତ ଧାରାନୁସାରେ ମହାଲକୁ ନିଲାମରୁ ମୁକ୍ତକାଇ ନ ପାରିବ । ଅତଏବ କୌଣସି ଜମିଦାର କିମ୍ବା କୌଣସି ପ୍ରକାର ସ୍ୱତ୍ୱବାନ୍ ବ୍ୟକ୍ତି ନିଲାମରେ ଆସିଥିବା ମହାଲକୁ ରକ୍ଷା କରିବା କାରଣ ଉପଯୁକ୍ତ ଆବେଦନ କରି ପାରିବ ଏପରି ବିଧି ହେବାର ନିତାନ୍ତ ଆବଶ୍ୟକ ଓ ନ ହେଲେ ଅନେକସ୍ଥଳେ ଲୋକେ ଏ ପ୍ରବନ୍ଧର ଫଳ ଭାଗୀ ହୋଇ ନ ପାରିବେ । ଏ ପାଣ୍ଡୁଲିପି ସଂକ୍ରାନ୍ତରେ ଅଧିକରି କେତେକ କଥା ଆମ୍ଭମାନଙ୍କର କହିବାର ଅଛି । ଅବସରକ୍ରମେ ଉଲ୍ଲେଖ କରିବୁଁ ବର୍ତ୍ତମାନ ଜମିଦାରମାନେ ଏବିଷୟର ଆନ୍ଦୋଳନ ଓ ଚର୍ଚ୍ଚା କରନ୍ତୁ ସେମାନଙ୍କର ଏଥିରେ ବିଶେଷ ସମ୍ପର୍କ ଅଛି । ସେମାନେ ବର୍ତ୍ତମାନ ଅମନୋଯୋଗୀ ପଶ୍ଚାତ୍ ପସ୍ତେଇ ହେବେ ଓ ପଛରେ କନ୍ଦିଲେ କଏ ଅବା ଶୁଣିବ ।

---

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ କଟକେ ବୃଷ୍ଟି ଆଦୌ ନାହିଁ । କ୍ରମାଗତ ଝଡ଼ ଲାଗି ରହିଅଛି ।

ଏଥର ପୁରୀକୁ ଅଳ୍ପ ଯାତ୍ରୀ ଯାଉଅଛନ୍ତି ଏବେ ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ଝଡ଼ ପାଣି ଓ ନଦୀବଢ଼ି ହେତୁ ଆଜି କାଲି କଟକରେ ଅଧିକାଂଶ ଦୂର ସ୍ଥାନର ସମ୍ବାଦ ଆସି ନାହିଁ ।

### କଲିକତା–ଗେଜେଟ୍ ।

କଟକମାଲର ଏକ୍ଷ୍ଟ୍ରା ଡେପୁଟିକଲେକ୍ଟର ଓ ତହସିଲଦାର ଯେ, ସିଂ ସପ୍ତଖଣ୍ଡରେ ଦଶମାସ ଛୁଟି ପାଇଲେ ।

ଗତ ଖାଦ୍ୟୋଦ୍ଦେଶ୍ୟରେ ଓଡ଼ିଶାର ନିମ୍ନଲିଖିତ ଅଫିସିଆଲ ଡେପୁଟି ଓ ସବଡେପୁଟିମାନେ ନିମ୍ନଲିଖିତ ବିଷୟମାନଙ୍କରେ ପାସ କରି ଅଛନ୍ତି ଯଥା; ବାବୁ ନରହରି ଦାସ, ଏମ୍ ଗ୍ରାଣ୍ଟ ସାହେବ, ବାବୁ ହରଚନ୍ଦ୍ର ଦାସ, ବାବୁ ବ୍ରଜନନ୍ଦନ ସରକାର ଓ ବାବୁ ଅଭିମନ୍ୟୁ ଦାସ ଅପରାଧ ବାବୁ ଦୁର୍ଗାପ୍ରସାଦ ଦାସ, ଯେମସ୍ ଟେଲର ସାହେବ ଓ ବାବୁ ବଳରାମ ଦାସ ହେଷ୍ଟାବରେ; ବାବୁ ରାଧାମୋହନ ଦାସ, ବାବୁ ବ୍ରଜସୁନ୍ଦର ଦାସ ଓ ବାବୁ ଚନ୍ଦ୍ରକାନ୍ତ ଭୁଞ୍ଜ ଓ ବାବୁ ଜଗନ୍ନାଥ ଦାସ ଓଡ଼ିଆରେ । ଏମାନେ ସମସ୍ତଙ୍କର ଉଚ୍ଚୋଚ୍ଚାର ପରୀକ୍ଷା ପାସ କରିଅଛନ୍ତି ଦେବାନ ବାଲି ଜହ୍ନ ଏବଂ ଡବଲିଉ ଗ୍ରୀନ ସାହେବଙ୍କ ଓଡ଼ିଆ ଏବଂ ହେସାବରେ ଏବଂ ବାବୁ ଶଶିକାନ୍ତ ଚଟର୍ଜ୍ଜୀ ଓ ବାବୁ କଳ-

Split by PDF Splitter
Digitized by srujanika@gmail.com

ସମ ଦାସଙ୍କ ଅଧୀନରେ ଏବଂ ବାବୁ ରମେଶଚନ୍ଦ୍ର ଦତ୍ତଙ୍କ ଦ୍ୱିତୀୟଶ୍ରେଣୀର ଅଧୀନରେ ପରୀକ୍ଷା ଦେବାକୁ ହେବ ।

ଶ୍ରୀ ଡବଲଉ ମଲ୍ସ ସାହେବ କଟକ ଓ ପୁରୀଜିଲ୍ଲାରେ ଏବଂ ଶ୍ରୀ ଏଚ୍, ଏଲ ମାଡ଼କମ୍ ସାହେବ ବାଲେଶ୍ୱରଜିଲ୍ଲାରେ ସନ ୧୮୬୯ ସାଲର ୫ ଆଇନ ଅନୁସାରେ କଲେକ୍ଟରଙ୍କ କ୍ଷମତା ପାଇଲେ ।

ଓଡ଼ିଶା ଡିଭିଜନ୍ କମିଶନରଙ୍କ ସ୍ୱକୀୟ ଅଫିସର ବାବୁ ଯୋଗେନ୍ଦ୍ରନାଥ ମିତ୍ର କଟକଜିଲ୍ଲାରେ ଅସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ଏବଂ ଡେପୁଟି କଲେକ୍ଟରଙ୍କ କ୍ଷମତା ପାଇଲେ ।

---

ଅଫିମ ବନ୍ଦକରିବା ଆନ୍ଦୋଳନ ଅଦ୍ୟାପି ଶେଷ ପାଇ ନାହିଁ । କୋମ୍ପାନୀଠାରୁ ପ୍ରତି ସପ୍ତାହରେ ଅଫିମ ରପ୍ତାନୀଦଳର ପ୍ରତିନିଧି ହୋଇ ଚୀନ ପଠାଇବାକାରଣ ଟ ୫୦୦୦ ଟଙ୍କା ଖର୍ଚ୍ଚ ହୋଇଅଛି ।

ଚୀନଠାରୁ କଣ୍ଡୁଯଙ୍ଗ ଲୋକେ ଦୁର୍ଭିକ୍ଷ ପୀଡ଼ିତ ହୋଇ କାଶ୍ମୀରଠାରେ ଉପନୀତ ହୋଇଥିବାର ସମ୍ବାଦ ମିଳଇ । ଏମାନଙ୍କୁ କାଶ୍ମୀରମାନଙ୍କ ଜିଲ୍ଲାରେ କାର୍ଯ୍ୟ ଦିଆ ଯାଇଅଛି ।

ଗତ ଜାନୁୟାରି ତା ୨୪ ରିଖ ରାତ୍ରରେ ୱେଲସ ଅନ୍ତର୍ଗତ ପଣ୍ଟିପ୍ରିଡର କୋଇଲା ଖଣିରେ ପୁଣି ଅଗ୍ନି ଉଦ୍ଭବ ହୋଇଥିଲା । ସେ ସମୟରେ ଖଣି ମଧ୍ୟରେ କାର୍ଯ୍ୟ କରୁଥିବା ୨୬୦ ଜଣ ମଧ୍ୟରୁ ୧୫୦ ଜଣ ଉପରକୁ ଅଣାଗଲେ ଅବଶିଷ୍ଟ ୧୧୦ ଜଣ ମରିଯାଇଥିବାର ଅନୁମିତ ହୁଅଇ ।

କଲିଡନ ଭାରତୀୟ ଅନେକ ବାଲୁ ମଧ୍ୟ ପ୍ରଚୁର ସ୍ୱର୍ଣ୍ଣ ଯାଉଥିବାର ସମ୍ବାଦ ମିଳଇ ।—ସବୁ ସୁନା ବିଲାତରେ ରହିବ କି ?

ଅସ୍ମାନଙ୍କ କଲଡେଷ୍ଟରଙ୍କର ଏବେ ଇଂଲଣ୍ଡର ସଙ୍ଗ ଗ୍ରାମରେ ୫୦ ଜଣ ଦାସୀ ଅଛନ୍ତି ।

ଆମେରିକାର ଯୁକ୍ତରାଜ୍ୟରେ ଖଟବାକୁ ପ୍ରଥା ପ୍ରଚଳିତ ହୋଇ ଗତ ଦଶବର୍ଷ ମଧ୍ୟରେ ୩ ହଜାର ଖୁନ ଦାଦ ହୋଇଅଛି ।

ଟାଲିଗଞ୍ଜର ଜଣେ ମୁସଲମାନ ରମଣୀ ଆପଣା ସ୍ୱାମୀ ନାମରେ ଆଲିପୁରର ପୁଲିସ ମେଜିଷ୍ଟ୍ରେଟଙ୍କ ଅଦାଲତରେ ସେ ସ୍ୱାମୀଠାରୁ ପୃଥକ ଥାଇ ଅନୁପସ୍ଥିତ ଥିବା ସମୟରେ ତାହାର ଦୁଇଗୋଟି ସନ୍ତାନକୁ ସ୍ୱାମୀ ବଳପୂର୍ବକ ନେଇଯାଇଥିବା ମର୍ମରେ ମୋକଦ୍ଦମା ଅଗତ କରିଅଛି । ସ୍ୱାମୀ ନାମରେ ଅଦାଲତ ୱାରେଣ୍ଟ ଜାରି କରିଅଛନ୍ତି । ଅଳକାଳ ଏପରି ମାମଲାର ସଂଖ୍ୟା ଅଧିକ ହେବାର ଦେଖାଯାଏ ।

ଷ୍ଟେସନମାନଙ୍କ ସମ୍ବନ୍ଧରେ ଲର୍ଡ ଜଜସାହେବଙ୍କ ହୁକୁମକୁ ଅନୁସରଣ ଓଭରସିୟାରମାନେ ଯେଉଁ ରିପୋର୍ଟ ଅର୍ପିଥିଲେ ଓଭରସିୟରମାନଙ୍କ ସଙ୍ଗ କରି ଷ୍ଟେଶନଗୁଡ଼ିକୁ ବିଶେଷ ତଦାରକରତଃ ତାହା ଦୂର କରିବା କାରଣ କିରୂପ ଉପାୟ ଅବଲମ୍ବିତ ହୋଇ ପାରେ ସେଥିର ରିପୋର୍ଟ କରିବା ଉଦ୍ଦେଶ୍ୟରେ ଏକ ସବକମେଟି ନିଯୁକ୍ତ କରିଅଛନ୍ତି ।

ଲଣ୍ଡନଠାରୁ ସମ୍ବାଦ ମିଳଇ ଯେ ସେଠାରେ ସଲ ଝିଂଡ ନାମକ ଜଣେ ସୈନିକ କନଷ୍ଟେବଲ ପାଗଲ ହୋଇ ଇନସ୍ପେକ୍ଟରଲ ଲଡସାହେବଙ୍କୁ ଗୋଳରେ ଆଘାତ କରିଥିଲା । ପୁଲିସ ତାହାକୁ ଗୋଡ଼ାଇ ଧରି ପାଇଲେ ନାହିଁ । କି ସେ କେଉଁଆଡ଼େ ଲୁଚି ରହିଲା ତାହାର ଠିକଣା ପାଇଲେ ନାହିଁ । ତହିଁ ଅର ଦିନ ସେ ପୁଣି ଗୋଳିଦ୍ୱାରା ଜଣେ ମୁସଲମାନକୁ ମାରିପକାଇଲା । ପୁଲିସ ତାହାକୁ ଗୋଡ଼ାଇଯାଇ ଗୋଳିଦ୍ୱାରା ତାହାର ଊରୁଦ୍ୱାର କ୍ଷତ କରି ପରେ ତାହାକୁ ଧରିଅଛନ୍ତି ।

ଗତ ମାର୍ଚ୍ଚମାସରେ ଶେଷ ହୋଇଥିବା ସେମାହରେ କଲିକତା ମିଉନିସିପାଲିଟି ଦ୍ୱାରା ମାନଙ୍କଠାରୁ ଟ ୩୨୬୨୧୩୩ ଅଦାୟ ହୋଇଥିବାର ସମ୍ବାଦ ମିଳଇ । ତହିଁ ପୂର୍ବ ବର୍ଷ ଏହି ସମୟରେ ଟ ୩୧୯୨୦୩।/୫ ଅଦାୟ ହୋଇଥିଲା । କଲିକତା ମିଉନିସିପାଲିଟିର ଆୟ ପାଠକମାନେ ଏଥିରୁ ଅନୁମାନ କରନ୍ତୁ ।

କଲିକତାରୁ ଜଣେ କଏଦୀ ମୁକ୍ତିଲାଭ କରିବା ସମୟରେ ଆପଣାର ଜୀବିକା ନିର୍ବାହାର୍ଥ ପୁଲିସ କମିଶ୍ନର-ସାହେବଙ୍କଠାରୁ କିଛି ସାହାଯ୍ୟ ପାଇଥିଲା ଏବଂ ସେଥିରେ ପିଜା ବାଦାମ ଇତ୍ୟାଦି ନାନା ପ୍ରକାର ଦ୍ରବ୍ୟ କିଣି ବିକ୍ରୟ କରିବାର ଆୟୋଜନ କଲେହେଁ ବୃଷ୍ଟି ହେତୁ ତାହା ବିକିବାର ଅସୁବିଧା ଦେଖି ପ୍ରେସିଡେନ୍ସି ମେଜିଷ୍ଟ୍ରେଟ-ସାହେବଙ୍କ ଅଦାଲତରେ ଉପସ୍ଥିତ ହୋଇ ଖଣ୍ଡିଏ ଛତା ପ୍ରାର୍ଥନା କଲା । ମାଜିଷ୍ଟ୍ରେଟସାହେବ ତାହାର ଗୁହାରି ଶ୍ରବଣ କରି ତାହାକୁ ପୁଲିସ କମିଶ୍ନରଙ୍କ ନିକଟ ପଠାଇଦେଲେ ।

ରୋମର ପୋପ ବର୍ତ୍ତମାନ ଏକ ଆଦେଶପତ୍ର ଏହି ମର୍ମରେ ଜାହାର କରିଅଛନ୍ତି ଯେ ତାଙ୍କର ଜୀବନର ଶେଷ କାଳରେ ଖ୍ରୀଷ୍ଟୀୟଧର୍ମର ଭିନ୍ନ ମତାବଲମ୍ବୀ ଏକ ହୋଇଯିବାର ଦେଖିବାକୁ ସେ ଆକାଙ୍କ୍ଷିତ ଅଛନ୍ତି । ସେ ବିଶେଷରୂପେ ପ୍ରାଚ୍ୟ ପ୍ରୋଟେଷ୍ଟାଣ୍ଟ ମତାବଲମ୍ବୀମାନଙ୍କୁ ପୁରାତନ ଧର୍ମମତରକୁ ଫେରିଆସିବାକୁ ଅନୁରୋଧ କରିଅଛନ୍ତି । ଉଦ୍ଦେଶ୍ୟ ଉତ୍ତମ ମାତ୍ର ସମସ୍ତେ ଏକମତ ହେବାର ଆଶା କିଛି ନାହିଁ ।

ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଅନୁମୋଦନ କ୍ରମେ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଧାନ ଇତ୍ୟାଦି ଅମଳ କରିବାର ବିଷୟ କଳ ଜିଲ୍ଲାମାନଙ୍କରେ ପରୀକ୍ଷା କରିବାକାରଣ ସ୍ଥିରକରିଅଛନ୍ତି । ପରୀକ୍ଷା ସଫଳ ହେବ କି ?

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ମହାଶୟ !

ଏହି କି ଯେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏ ସମ୍ବତ୍ସର ବୃଷ୍ଟି ଅଭାବ ପ୍ରଯୁକ୍ତ ଏ ପ୍ରଗଣା ଲୋକମାନେ ବିଶେଷ କଷ୍ଟରେ ଥିଲେ । ପଟ୍ଟାମୁଣ୍ଡାଇ ଜମିଦାର ଈଶ୍ୱର ରାଜା ଦିଗାମ୍ବର ମିତ୍ରଙ୍କ ନାଏବ ଶ୍ରୀ ଯୋଗେନ୍ଦ୍ରନାଥ ମୁଖୋପାଧ୍ୟାୟ ଜମିଦାରଙ୍କର ଯେ ଧାନ୍ୟ ଥିଲା ସେ ଧାନ୍ୟ ବିକ୍ରୟ ନ କରି ଆପଣାର ପ୍ରଜାମାନଙ୍କୁ ଅନୁଗ୍ରହ କରି ସେମାନଙ୍କ କୁଟୁମ୍ବ ସଂଖ୍ୟାନୁସାରେ ଦୁଇ ମାସକୁ ଧାନ୍ୟ ଦେଲେ ବୃଷ୍ଟି ହେଲେ ତାଙ୍କଠାରୁ ଅଦାୟ କରିବେ । ଏ ବିଷୟଟିରେ ଗରିବ ପ୍ରଜାଙ୍କର ଅନେକ ଉପକାର ଦର୍ଶିଅଛି ପୁନଶ୍ଚ ଗତ ସମ୍ବତ୍ସର ଶ୍ରୀ ଜଗନ୍ନାଥ ଦେବଙ୍କ କଳେବର ଯାତ୍ରା ଉପଲକ୍ଷେ ଅନେକ ଯାତ୍ରୀ ଗମନାଗମନ ସମୟେ ପଟ୍ଟାମୁଣ୍ଡାଇ ଏବଂ ଅଳଙ୍ଗ ଏ ଦୁଇ ସ୍ଥାନରେ ସ୍ଥାନାଭାବ ଏବଂ ଅସ୍ୱାସ୍ଥ୍ୟ ଦ୍ରବ୍ୟାଭାବହେତୁ ଯାତ୍ରିମାନଙ୍କ କଷ୍ଟ ନିବାରଣ ନିମନ୍ତେ ପଟ୍ଟାମୁଣ୍ଡାଇ ପୁଲିସ ସବ ଇନ୍‌ସ୍ପେକ୍ଟର ଶ୍ରୀ କଦେଇଲାଲ ଘୋଷ ବିଶେଷ ପରିଶ୍ରମ କରି ଯାତ୍ରୀମାନଙ୍କ କଷ୍ଟ ନିବାରଣ କରିଥିଲେ । ଏ ସମ୍ବତ୍ସର ମଧ୍ୟ ରଥଯାତ୍ରା ଉପଲକ୍ଷେ ଯାତ୍ରିମାନଙ୍କ ଆଗମନ ଆଶଙ୍କା କରି ପୂର୍ବରୁ ପ୍ରଯତ୍ନ କରୁଅଛନ୍ତି ଏହି ପ୍ରକାର ସମସ୍ତ ସ୍ଥାନମାନଙ୍କରେ ଯତ୍ନ ହେଲେ ବଡ଼ ସୁଖର ବିଷୟ । ଅତଏବ ପ୍ରାର୍ଥନା ଏହି ଯେ ଏ ଦୁଇଟି ବିଷୟ ଆମ୍ଭ ଲେଖା ସଂଶୋଧନ କରି ଉତ୍କଳଦୀପିକାରେ ସ୍ଥାନ ପ୍ରଦାନ କରିବେ ।

ପ୍ରାର୍ଥୀ

ଶ୍ରୀ କୃତ୍ତିବାସ ବିଦ୍ୟାରତ୍ନ ପଣ୍ଡିତ ।

---

ମହାଶୟ !

ମୃତ ମହାତ୍ମା ସ୍ୱର୍ଗୀୟ ନନ୍ଦକିଶୋର ଦାସ ବାହାଦୁରଙ୍କ ଅକାଳମୃତ୍ୟୁରେ ଉତ୍କଳ ପ୍ରଦେଶର ଯେ, କି କ୍ଷତି ହୋଇଅଛି ଉତ୍କଳବାସିମାନେ ସ୍ଥାନେ୨ ସଭା ସମିତି କରିବାଦ୍ୱାରା ଆପଣା୨ ମନର ଭାବ ପ୍ରକାଶ କରି ଉତ୍ତମରୂପେ ତାହା ବ୍ୟକ୍ତ କରି ଅଛନ୍ତି । ଏପରି ମହାତ୍ମାଙ୍କ ନାମ ଚିରସ୍ମରଣୀୟ କରି ଉଚିତ ଥିବାର ସର୍ବବାଦୀ ସମ୍ମତ ହୋଇଅଛି । ଅନୁଗୋଳ ତାଙ୍କ କାର୍ଯ୍ୟକ୍ଷେତ୍ର ଓ ସମାଧି ସ୍ଥାନ ଥିବାରୁ ଏଠାରେ ତାଙ୍କର କୌଣସି ପ୍ରକାର ସ୍ମରଣଚିହ୍ନ ସ୍ଥାପନ ବିଶେଷତଃ ଗୋଟିଏ ସମାଧି ମନ୍ଦିର ନିର୍ମାଣ କରି ଅତ୍ୟାବଶ୍ୟକ । ଏହି ଅଭିପ୍ରାୟରେ ଏଠାରେ ଗତ ଅପ୍ରେଲମାସ ତା ୧୬ ରିଖରେ ଗୋଟିଏ ସଭା ସ୍ଥାପନ ହୋଇ ତାହାର ନାମ “ ସ୍ୱର୍ଗୀୟ ନନ୍ଦକିଶୋର ସ୍ମରଣାର୍ଥ ପାଣ୍ଠି ସଂଗ୍ରହ ସଭା” ରଖାଯାଇ ଅଛି, ଗତମାସ ତା ୧୮ ରିଖ ସନ୍ଧ୍ୟା ସମୟରେ ଏହି ସଭାର ଦ୍ୱିତୀୟ ଅଧିବେଶନ ହୋଇଥିଲା । ତହିଁର କାର୍ଯ୍ୟାବଳୀ ବିବରଣ ଏଥି ସହ ପ୍ରେରଣ କରି ଅନୁରୋଧ କରୁଁ ଯେ, ସର୍ବସାଧାରଣଙ୍କ ଜ୍ଞାତାର୍ଥେ ଆପଣଙ୍କ ସ୍ୱଦେଶହିତୈଷୀ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ଦାନ କରି ବାଧିତ କରିବା ହେବେ । ମୃତ ମହାତ୍ମାଙ୍କ ଅସଂଖ୍ୟ ବନ୍ଧୁବାନ୍ଧବ ଓ ପ୍ରଶଂସକମାନଙ୍କ ମଧ୍ୟରେ ଅନେକ ବ୍ୟକ୍ତି ଉପରୋକ୍ତ କାର୍ଯ୍ୟ ନିମନ୍ତେ ମୁକ୍ତହସ୍ତ ହେବେ ତହିଁରେ ଅଣୁମାତ୍ର ସନ୍ଦେହ ନାହିଁ । ଯଦି କେହି କିଛି ଚାନ୍ଦା ଦେବାକୁ ଇଚ୍ଛାନ୍ତି ହେବେ ପାଣ୍ଠିର କୋଷାଧ୍ୟକ୍ଷଙ୍କ ନିକଟ ପଠାଇଲେ ସାଦରେ ଗ୍ରହଣ କରାଯିବ

## ସଭାର କାର୍ଯ୍ୟବିବରଣ ।

ଅଦ୍ୟ ତା ୯ ରଖ ସନ୍ଧ୍ୟା ଘ ୭ ଣ୍ଟା ସମୟରେ ଶ୍ରୀଯୁକ୍ତ ବାବୁ କେଦାରନାଥ ମଜୁମଦାର ମହାଶୟଙ୍କ ବୈଠକଖାନାରେ "ରାୟ ନନ୍ଦକିଶୋର ସ୍ମରଣାର୍ଥ ପାଣ୍ଠି ସଂଗ୍ରହ ସଭା"ର ଦ୍ୱିତୀୟ ଅଧିବେଶନ ହୋଇଥିଲା । ଶ୍ରୀଯୁକ୍ତ ବାବୁ ନାରାୟଣଚନ୍ଦ୍ର ନାୟକ ଡେପୁଟୀ କମିଶ୍ନର ମହୋଦୟ ସର୍ବବାଦୀ ସମ୍ମତିକ୍ରମେ ସଭାପତିର ଆସନ ଗ୍ରହଣ କଲା ପରେ ନିମ୍ନଲିଖିତ ପ୍ରସ୍ତାବମାନ ଧାର୍ଯ୍ୟ ହେଲା ।

୧ । ଅନୁଗୋଳ ଜିଲ୍ଲା ଇଲାକା ମଧ୍ୟରେ ଚାନ୍ଦା ସଂଗ୍ରହ କରାଯାଉ । ଆବଶ୍ୟକ ହେଲେ ସ୍ଥାନାନ୍ତରରୁ ଚାନ୍ଦା ସଂଗ୍ରହ କରିବାର ଉଦ୍ୟମ କରାଯିବ ।

୨ । ଗତ ଅପ୍ରେଲମାସ ତା ୧୬ ରଖ ସଭାର ପ୍ରଥମ ଅଧିବେଶନରେ ଧାର୍ଯ୍ୟ ହୋଇଥିବା ନିମ୍ନଲିଖିତ ପ୍ରସ୍ତାବମତେ ବର୍ତ୍ତମାନ କାର୍ଯ୍ୟ ଆରମ୍ଭ ହେଉ ।

(କ) ସ୍ୱର୍ଗୀୟ ରାୟ ବାହାଦୂରଙ୍କ ସ୍ଥାୟୀ ସ୍ମରଣଚିହ୍ନ ସ୍ଥାପନ ନିମନ୍ତେ ଏକ ସଭା ସ୍ଥାପନ ହୋଇ "ରାୟ ନନ୍ଦକିଶୋର ସ୍ମରଣାର୍ଥ ପାଣ୍ଠି ସଂଗ୍ରହ ସଭା" ଆଖ୍ୟାୟିକା ପ୍ରଦତ୍ତ ହେଉ ।

(ଖ) ସଭାର ଉଦ୍ଦେଶ୍ୟ ସଫଳାର୍ଥ ଚାନ୍ଦା ସଂଗ୍ରହ କରାଯାଉ ।

(ଗ) ଉପରୋକ୍ତ ଅଭିପ୍ରାୟ ନିମନ୍ତେ ଏକ କାର୍ଯ୍ୟନିର୍ବାହିକା ସମିତି ଗଠିତ ହୋଇ ବାବୁ କେଦାରନାଥ ମଜୁମଦାର, ଗୌରଚନ୍ଦ୍ର ସେନ, ଶଶାଙ୍କମୋହନ ମୁଖୁର୍ଯ୍ୟା, ଶ୍ରୀନିବାସ ସିଂହ ଓ ଭଗବାନଚରଣ ଦାସଙ୍କୁ ସଭ୍ୟ ନିଯୁକ୍ତ କରାଯାଉ ଓ ଆବଶ୍ୟକମତେ ସଭ୍ୟସଂଖ୍ୟା ବୃଦ୍ଧି କରିବା ଅଧିକାର ଏହି ସମିତିକୁ ପ୍ରଦାନ କରାଯାଉ ।

(ଘ) ବାବୁ ଶଶାଙ୍କମୋହନ ମୁଖୁର୍ଯ୍ୟା ସମ୍ପାଦକ ଓ ଗୌରଚନ୍ଦ୍ର ସେନ ସହକାରୀ ସମ୍ପାଦକ ଓ କୋଷାଧ୍ୟକ୍ଷ ନିଯୁକ୍ତ ହେଉନ୍ତୁ ।

(ଙ) ସ୍ୱର୍ଗୀୟ ମହାତ୍ମାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ନିମନ୍ତେ ସହାନୁଭୂତି ସୂଚକ ପତ୍ର ଲେଖାଯାଉ ।

୩ । ଏହି ସଭାର ବିବରଣ ସର୍ବସାଧାରଣଙ୍କ ଜ୍ଞାତାର୍ଥେ ସମ୍ବାଦପତ୍ର ସାହାଯ୍ୟରେ ପ୍ରଚାର କରାଯାଉ ।

୪ । ବାବୁ ଗୋବିନ୍ଦବଲ୍ଲଭ ଦେଙ୍କୁ କାର୍ଯ୍ୟନିର୍ବାହିକା ସଭାର ଏକଜଣ ସଭ୍ୟ ମନୋନୀତ କରାଯାଉ ।

୫ । ଶ୍ରୀଯୁକ୍ତ ବାବୁ ସୁଦାମଚନ୍ଦ୍ର ନାୟକ ମହାଶୟ ଏହି ସଭାର ଉଦ୍ଦେଶ୍ୟପ୍ରତି ସହାନୁଭୂତି ପ୍ରକାଶ କରି ପତ୍ର ଲେଖିଥିବାରୁ ତାଙ୍କୁ ଧନ୍ୟବାଦପତ୍ର ଲେଖାଯାଉ ।

୬ । ଅନୁଗୋଳର ଡେପୁଟୀ କମିଶନର ମହୋଦୟଙ୍କୁ ଏହି ସଭାର ମୁରବି ହେବା ନିମନ୍ତେ ଅନୁରୋଧ କରାଯାଉ ।

ଉପରୋକ୍ତ ପ୍ରସ୍ତାବମାନ ଧାର୍ଯ୍ୟ ହେଲା ପରେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା । ସ୍ମରଣଚିହ୍ନ ସ୍ଥାପନ ସମ୍ବନ୍ଧେ ବୋଲିବା ବାହୁଲ୍ୟ ଯେ, ଚାନ୍ଦା ସଂଗ୍ରହ ହେଲା ପରେ ତାହାର ବିଚାର କରାଯିବ ମାତ୍ର ପ୍ରଧାନତଃ ସର୍ବାଗ୍ରେ ମୃତ ମହାତ୍ମାଙ୍କ ଶ୍ମଶାନ ଭୂମିରେ ଗୋଟିଏ ସମାଧି ମନ୍ଦିର ତୟାର କରିବା କର୍ତ୍ତବ୍ୟ ଥିବାର ସ୍ଥିର କରାଯାଇଅଛି ।

Sasanka Mohun Mukhurji.
Secretary.

---

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଦାଶରଥି ହରିଚନ୍ଦନ ମହାପାତ୍ର | ବେଣ୍ଟପୁର | ଟ ୩ |
| ଜଃ ପଃ ଗୁଇଂ ସାହେବ | କଟକ | ଟ ୩ |
| ବାବୁ ବାସୁଦେବ ମହାନ୍ତି | ପାଟପୁର ଜହାନାବାଦ | ଟ ୩ |
| " ଚକ୍ରଧର ମହାନ୍ତି | ଦେଉଳୀ | ଟ ୧ |
| " ଜୟକୃଷ୍ଣ ମିଶ୍ର | କୋଇଡ଼ | ଟ ୧ |

---

## ବିଜ୍ଞାପନ ।

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

### ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର୨ ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁରୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ ! ହଜାର୨ ରୋଗୀ ବା ଯେଉଁମାନଙ୍କୁ ବଡ଼୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରୋଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଗୁପ୍ତସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟପ୍ରତି ସିସି ଟ ୨ ଙ୍କା ପ୍ୟାକିଂ ଟ ୦/ ଅଣା ଡାକମାସୁଲ ଟ ।୦ ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଜେ, ସି, ରାୟ
ନଂ ୪୫ ନଂ ଲେବୁତଲା ଲେନ
କଲିକତା ।

---

## Advertisement

The following Local Scholarships and Free Studentship are vacant. Candidates are invited to apply to the undersigned within the 15th. July next.

| | | | |
|---|---|---|---|
| 1. | Mayo's Scholarship | Rs. 20 | Tenable for 2 years |
| 2. | Dhenkanal " | Rs. 8 each | |
| 2. | " " | Rs. 4 each | |
| 1. | Mourbhanj " | Rs. 7 | |
| 1. | Free studentship | | |

M. S. Das
*Vice-Chairman*
District Board Cuttack

Split by PDF Splitter
Digitized by srujanika@gmail.com

Split by PDF Splitter



## WANTED

A Head Clerk and Accountant for the Cuttack Municipal Office on a monthly salary of Rs. 40, rising to Rs. 50. Applications from intending candidates will be received by the undersigned up to the 31st July 1894.

None need apply who cannot produce satisfactory testimonials as to experience in office work and good character.

Preference will be given to the candidate who combines a thorough knowledge of account keeping to the above qualifications.

A cash security of Rs. 500 will be furnished.

RAM SANKAR KAY
*Vice-Chairman.*

## WANTED

A qualified fit man to take charge of Murda dispensary. Pay Rs. 15 a month,

Apply to the
Asst. Sergeon—Mohurbhunj.

# NOTICE.

Babu Mohendra Mohun Bosu L. M. S. having decided, at the Special request of his friends, to stay here, begs to offer his professional services to the public. His experience in this line will appear from the fact of his being in charge of different Government Hospitals in the town of Calcutta and its suburbs and having had considerable private practice in the suburbs over a period of 15 years.

2. Advice will be given gratis to poor patients between the hours of 6 and 8 A. M. at the house of Babu Hurry Ballabh Bose, the Government Pleader, where he is staying at present.

3. Having observed the want of a good dispensary in which all sorts of allopathic medicines can be had, and prescriptions accurately made up, he intends to open a dispensary shortly, in which fresh supplies of all medicines including those prepared Homœpathically and all other medical necessaries can be always had.

Gungamandir
The 2nd July 1894.

## ବିଜ୍ଞାପନ ।

ସର୍ବସାଧାରଣଙ୍କ ଗୋଚରାର୍ଥେ ଏତଦ୍ଦ୍ୱାରା ପ୍ରକାଶ କରାଯାଉଅଛି ଯେ ଏଶିଷ୍ଟାଣ୍ଟ ସର୍ଜନ ଶ୍ରୀଯୁକ୍ତ ବାବୁ ମହେନ୍ଦ୍ରମୋହନ ବସୁ ଏଲ୍, ଏମ୍, ଏସ୍ ତଦୀୟ ବନ୍ଧୁମାନଙ୍କ ଅନୁରୋଧରେ ଅତ୍ର ସହରରେ ଅବସ୍ଥିତ କରିବାର ସ୍ଥିର କରି ସର୍ବସାଧାରଣଙ୍କ ଉପକାର ନିମନ୍ତେ ଡାକ୍ତର ଚିକିତ୍ସା କରିବାକୁ ଇଚ୍ଛୁକ ଅଛନ୍ତି । ବାବୁ ମହୋଦୟ କଲିକତା ଓ ତନ୍ନିକଟବର୍ତ୍ତୀ ଗ୍ରାମସ୍ଥିତ ଗବର୍ଣ୍ଣମେଣ୍ଟ ଚିକିତ୍ସାଳୟମାନଙ୍କରେ ପ୍ରାୟ ୧୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଓ ଉକ୍ତ ଗ୍ରାମମାନଙ୍କରେ ଡାକ୍ତର ବ୍ୟବସାୟ ବେସରକାରି ଭାବେ ବହୁତର ପରିମାଣେ କରିଥିବାରେ ଚିକିତ୍ସା କାର୍ଯ୍ୟରେ କିପର୍ଯ୍ୟନ୍ତ ନିପୁଣତା ଲାଭ କରିଅଛନ୍ତି ଏହା ଅନାୟାସେ ଅନୁମାନ କରା ଯାଇପାରେ ।

କଟକ ଜିଲ୍ଲାର ଓକିଲ ସରକାର ଶ୍ରୀଯୁକ୍ତ ବାବୁ ହରିବଲ୍ଲଭ ବସୁ ମହାଶୟଙ୍କ ବାସସ୍ଥାନରେ ଶ୍ରୀଯୁକ୍ତ ଡାକ୍ତର ମହୋଦୟ ଅଧୁନା ଅବସ୍ଥିତ କରିଅଛନ୍ତି । ସେଠାରେ ସେ ଦରିଦ୍ର ଓ ଅନାଥ ରୋଗିବ୍ୟକ୍ତିମାନଙ୍କୁ ପୂର୍ବାହ୍ନ ଘ ୬ ଟିକାଠାରୁ ଘ ୮ ଟିକା ପର୍ଯ୍ୟନ୍ତ ବିନା ପଇସାରେ ଚିକିତ୍ସାର ବ୍ୟବସ୍ଥା ପ୍ରଦାନ କରିବେ ।

ଅତ୍ର ସହରରେ ସର୍ବବିଧ ମହୌଷଧି ପ୍ରାପ୍ତ ହେଉଥିବା ଔଷଧାଳୟର ଅଭାବ ଦେଖି ବାବୁ ମହୋଦୟ ଏକଗୋଟି ନୂତନ ଚିକିତ୍ସାଳୟ ସ୍ଥାପନ କରିବାର ମନସ୍ଥ କରିଅଛନ୍ତି । ସେଠାରେ ଏଲୋପେଥିକ୍ ଓ ହୋମିଓପେଥିକ୍ ସମସ୍ତ ଔଷଧମାନ ଓ ଚିକିତ୍ସାସମ୍ବନ୍ଧୀୟ ତାବତ୍ ଅବଶ୍ୟକୀୟ ଦ୍ରବ୍ୟମାନ ସମୟନିର୍ବିଶେଷେ ପ୍ରାପ୍ତ ହେବ ।

## ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଖ ୧୦ଖଣ୍ଡ ଯାଏ ପୁସ୍ତକ ଡାକରେ ଗଲାକୁ ମାସୁଲ ଏକଅଣା । ଅଳ୍ପ ପୁସ୍ତକ ବାକି ଅଛି ।

କଟକ } ବାମଣ୍ଡା
ଶ୍ରୀଦାଶରଥି ରାଉତ } ସମ୍ବଲପୁର ପୋଃ

## ସାଂଗୀତ ରସଦୀପକଃ ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଂଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅସ୍ମତଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ନୟାସଡ଼କ କଟକ

## କୃଷିପାଠ ।

ଏପର୍ଯ୍ୟନ୍ତ ଓଡ଼ିଆଭାଷାରେ ଯେତେ କୃଷିପାଠ ହୋଇଅଛି ଏ ପୁସ୍ତକ ସାପେକ୍ଷା ବୃହତ୍ ଅର୍ଥାତ୍ ପୃ ୧୬୯ ଖଣ୍ଡରେ ସମ୍ପୂର୍ଣ୍ଣ ଏବଂ ବିଶେଷ ଉପଯୋଗୀ । ଯେଉଁମାନେ କୃଷିକାର୍ଯ୍ୟ କରୁଅଛନ୍ତି ଅଥବା କରିବାକୁ ଇଚ୍ଛା କରନ୍ତି ସେମାନେ ଏହାକୁ ପଢ଼ିଲେ ଅନେକ ସଦୁପଦେଶ ପାଇବେ ସନ୍ଦେହ ନାହିଁ ।

ମୂଲ୍ୟ ଟ ୦।୵
ଡାକମାସୁଲ ଟ ୦ ୯୬

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ଗ୍ରାହକମାନେ ପାଇ ପାରିବେ ।

## FOR SALE.

The under noted Elephants are for sale in the Mourbhanj State. Purchasers requiring further particulars as to their value, may apply direct to His Highness the Maharaja Mourbhanj.

| No. | Names of elephants. | Genders. | Heights |
| --- | --- | --- | --- |
| 1. | Sored Mala | Female | 6 ft. 10 ich |
| 2. | Bhimrothi | Do. | 6 ft. 2 ,, |
| 3. | Jhullen Piari | Do. | 6 ft. 10 ,, |
| 4. | Sohor Koli | Do. | 6 ft. 0 ,, |
| 5. | Chandro Shikor Prosad | Male Tusker | 5 ft. 7 ,, |
| 6. | Moti Gajodont | Do. | 5 ft. 6 ,, |

By order
F. D'ELBOME.
*Accountant.*

Baripada, }
21—6—94. }

## ପ୍ରୟୋଜନୀୟ ପୁସ୍ତକ ।

ବସୂଚିକା ଚିକିତ୍ସା ଓ ପଣକଥାମାଳିକା ଏକ୵ ଅଣାରେ । ବସନ୍ତରୋଗ ଚିକିତ୍ସା ଓ ଧାନମାଳା ତିନି୵ ପଇସା ମୂଲ୍ୟରେ ଶବ୍ଦମାଳାର୍ଥ ଦୁଇପଇସା ମୂଲ୍ୟରେ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ମିଳେ

Digitized by srujanika@gmail.com

Split by PDF Splitter





# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ଶିକ୍ଷା ସହାୟକ ।
ମୂଲ୍ୟ ଟ ୦ ୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାଳକାରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ରାଗିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁଫ୍ୟାକ୍ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ଼
କାଲନା, ବେଙ୍ଗାଲ ।

## ରେଜିଷ୍ଟ୍ରୀକୃତ ମୂଳଧନ ଟ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସଦର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛା କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ ।

ଏଠାରେ ଶିମ୍ବାଲୀ, କାଶ, ଜ୍ୱର, ଇନଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ଜଟିଳ ଓ କଠିନ ପୀଡ଼ାସମୂହରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ଶିରଶୀତଳ ଓ ସୌରଭ ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ଚନ୍ଦ୍ରାଂହେତୁ ମସ୍ତିଷ୍କବିକୃତର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୲ ଖରଚ୍ଚ ଟ୦ ।୵

ଦନ୍ତଫସ୍ଫାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ୦ ୳ ଡାକଖର୍ଚ୍ଚ ଟ୦ ।୵

କୁନ୍ତଳ-କୌମୁଦୀ-ତୈଳ;—ନୂତନ ଶିମ୍ବାଲୀର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୲ ଖର୍ଚ୍ଚ ଟ ୦ ।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜଷ୍ଟ୍ରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୲ କା । ୧।୨ କିସ୍ତିରେ ଟ ୨୫୲ କ ହିସାବରେ ଆଦାୟ ହୋଇଅଛି । ଏମାନେ ଅପସ୍ୱପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକମାନେ ସତ୍ୱର ନାମଧାମ ସହ ଅବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟରୀ ଏବଂ ଟ୍ରେଜରର

---

## NOTICE.

*A COMPLETE KEY*

(Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c.)

To

Lethbridge's Easy Selections
(Minor course 1895)

BY

AKSHOY KUMAR GHOSE
AND
HARA CHAND GHOSH
in the press

Price per copy Re. 1—0—0
Postage one anna extra for muffasal.
To be had of the Secretary Printing Company Cuttack

---

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ଶମ୍ଭୁଶରଣ ମୁଖୋପାଧ୍ୟାୟଙ୍କ ଦୋକାନରେ ପଦ୍ମାପେକ୍ଷା ଊଣା ମୂଲ୍ୟରେ କତିପୟ ଦିବସ ବିକ୍ରୟ କରାଯାଉଅଛି । ଅଧିକ କରୁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

| | |
|---|---|
| ବର୍ଷାକାଳ ବର୍ଣ୍ଣନା (ଶ୍ରୀମତୀ ସୁଲକ୍ଷଣା ଦେବୀ-ବିରଚିତ) | ଟ୦ ୲୯ |
| ରସଲେଖା (ହୃଦାନନ୍ଦ,ରଞ୍ଜ ବିରଚିତ) | ଟ୦।୵ |
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | ଟ ୦ ୵ |
| ଏଇ ଦ୍ୱିତୀୟ ଏଇ | ଟ ୦ ୵ |
| ଏଇ ତୃତୀୟ ଏଇ | ଟ ୦ ୵ |
| ଏଇ ଚତୁର୍ଥ ଏଇ | ଟ ୦ ୵ |
| ଜୀବନତତ୍ତ୍ୱ | ଟ ୦ / |
| ଉଦ୍ଭିଦାଦି କ୍ଷେତ୍ର | ଟ ୦ / |

କଟକ
୨୭।୬।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

---

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.



---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚା ଟ ୦ ୳ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଅର୍ଦ୍ଧେକ ଓ ଚତୁର୍ଥରୁ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସ୍ୱତ୍ତ୍ୱ କଟକ ଉତ୍କଳଦୀପିକାର ଦ୍ୱାରା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୧୯ ଶ } ସଂ ୨୮ ସଂଖ୍ୟା } ତା ୧୪ ଓଣ ମାହେ ଜୁଇଠ ସନ ୧୨୮୯ ସମ୍ବତ । ତା । ୨୭ ଜ ଅଷାଢ଼ ମାହ ୧୮୮୧ ସାଲ ଶନିବାର ।
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬୯

କୋରିଆ ସେନ୍ଦ ଚୀନ ଏବଂ ଜାପାନ ମଧ୍ୟରେ ବିବାଦ ଉପସ୍ଥିତ ହୋଇଅଛି । କଥିତ ହୁଅଇ ଏ ବିବାଦ ଭଞ୍ଜନ ନିମନ୍ତେ ଚୀନ ରୁଷିଆକୁ ମଧ୍ୟସ୍ଥ ହେବାପାଇ ଅନୁରୋଧ କରିଅଛି । ରୁଷିଆଂ ପ୍ରତି ଚୀନର ଏପରି ବିଶ୍ୱାସ ଦେଖି ଅନେକେ ଆଶ୍ଚର୍ଯ୍ୟ ହେଉଅଛନ୍ତି ।

---

କଥିତ ହୁଅଇ ଯେ ରୁଷିଆ ମର୍ଭଠାରୁ ପାଞ୍ଜଦେହ ପର୍ଯ୍ୟନ୍ତ ଗୋଟିଏ ରେଲବାଟ ନିର୍ମାଣର କଳ୍ପନା କରୁଅଛନ୍ତି । ଏହି ରେଲବାଟ ପ୍ରସ୍ତୁତ ହେଲେ ରୁଷଙ୍କୁ ଶୀଘ୍ର ଜାହାଯ୍ୟାତର ବଡ଼ ସୁବିଧା ହେବ । ଭାରତର ଲେଭରେ ତ ରୁଷ ଗବର୍ଣ୍ଣମେଣ୍ଟ ଏହା କରୁଅଛନ୍ତି ।

---

ଗତ ମାସରେ ବମ୍ବେଇ ବନ୍ଦରବାଟେ ଭାରତବର୍ଷରୁ ଏକକୋଟି ୪୦ ଲକ୍ଷ ଟଙ୍କାର ସୁବର୍ଣ୍ଣ ବିଦେଶକୁ ରପ୍ତାନୀ ହୋଇଅଛି । ମାସକୁମାସ ଏତେ ପରିମାଣ ସୁନା ବାହାର ଗଲେ ଭାରତ କଙ୍ଗାଳ ହେବାର ଆଉ ବିଳମ୍ବ ଅଛି କି ? ଆମ୍ଭେମାନେ ମୂର୍ଖତା ବଶତଃ କଳଙ୍କ ଦ୍ରବ୍ୟର ଆଦର କରିବାରୁ ଲକ୍ଷ୍ମୀଦେବୀ ଆମ୍ଭମାନଙ୍କୁ ଛାଡ଼ି ବଳାତକୁ ଯିବା ବିଚିତ୍ର ନୁହେ ।

---

ଗତବର୍ଷ ଏକା କଲିକତାରୁ ୭୦ ଲକ୍ଷ ବିଲାତିଛିଟ ଆମଦାନୀ ହୋଇଥିଲା । କେବ

ନାହିଁ କାହିଁକି ? ଅନ୍ୟ ସ୍ଥାନର କଥା ଯାହା ହେଉ ଓଡ଼ିଶାରୁ ଯେଉଁମାନେ କଲିକତାକୁ ମୂଲ ଲାଗିବାକୁ ଯାନ୍ତି ଲେଉଟି ଆସିବାବେଳେ ଖଣ୍ଡିଏ କପଡ଼ାଛିଟ ହାତରେ ନ ଆଣିଲେ ବଡ଼ ପଣିଆ ଦେଖାଇ ପାରନ୍ତି ନାହିଁ । ଅତ୍ର ପଣ୍ଡିତ ବିବେଚନା ଥିଲେ କି ସେମାନେ ପରିଶ୍ରମ ଉପାର୍ଜ୍ଜିତ ଟଙ୍କା ଶସ୍ତା କପଡ଼ାଛିଟାରେ ଏବଂ କିଆଁ ଖରଚ କରନ୍ତେ ?

---

ଏସପ୍ତାହରେ ଏ ନଗରରେ ବୃଷ୍ଟି ଅତ୍ୟନ୍ତ ଊଣା ଅଛି । ଖସ୍ପାଗସ୍ତଙ୍କ ବେଳେ ଅଳ୍ପ ପରିମାଣ ଯାହା ବୃଷ୍ଟି ହୋଇ ଅଛି ତାହା ତତ୍କ୍ଷଣାତ୍ ଶୁଖିଯାଇ ଅଛି । ମୋହରମ ପର୍ବକୁ ଏ ପାଇ ଭଲ ହୋଇ ଅଛି । ଉକ୍ତପର୍ବ ଗତ ବୁଧବାର ଆରମ୍ଭ ହେଲା । ଆଗାମି କାଲି ରବିବାର ଶେଷ ହେବ ଅନ୍ନକଷ୍ଟହେତୁ ପର୍ବର ସମାରୋହ କିଛିର ଊଣା ପଡ଼ିଅଛି । ନୂତନମଧ୍ୟରେ ଦକ୍ଷିଣିଅଙ୍କ ଦେଖାଦେଖି ଏଠା ଲୋକମାନେ ବାଘ ଓ ଅନ୍ୟାନ୍ୟ ପୁଅଙ୍ଗ ସଜ ବାହାରିବାର ଆରମ୍ଭ କରିଅଛନ୍ତି ।

---

ମୋହରମ ପର୍ବୋପଲକ୍ଷରେ ମୁସଲମାନଙ୍କ ଅଖଡ଼ାରେ ନିମ୍ନଶ୍ରେଣୀର ହିନ୍ଦୁମାନେ ଯୋଗ ଦେବା ପକ୍ଷରେ ବୋମ୍ବାଇଠାରେ ପୁଲିସ କମିଶ୍ନର ନିଷେଧାଜ୍ଞା ବାହାର କରିଅଛନ୍ତି । ଆମୋଦାର୍ଥେ ହିନ୍ଦୁମାନେ ମୁସଲମାନଙ୍କ ଅଖଡ଼ାରେ ଯୋଗ ଦେଲେ ବରଂ ପରସ୍ପରର ସୌହାର୍ଦ୍ଦ୍ୟ ବୃଦ୍ଧି ହେବାର କଥା ମାତ୍ର ପୁଲିସ କମିଶ୍ନରସାହେବ ଓଲଟା ବୁଝିଅଛନ୍ତି । କବୁରି ଦୋଷରୁ ଯେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ବିଦ୍ରୋହ ଜାତ ହୋଇଅଛି ଏଥିରେ ତିଳମାତ୍ର ସନ୍ଦେହ ନାହିଁ ।

---

ସମ୍ବଲପୁର ହିତୈଷିଣୀର ବାମଣ୍ଡା ସମ୍ବାଦରେ ଲେଖାଅଛି ଯେ ସେଠାରେ ରୁକ୍ମିଣୀ ବିବାହ ଉତ୍ସବଟି ବର୍ଷା କାଳରେ ହେବା ହେତୁ ପ୍ରାୟ ପ୍ରତି ବର୍ଷ ବିଘ୍ନ ଘଟେ । ଏ ପର୍ବ ବହୁତ ଦୂର ଶରତ ବା ବସନ୍ତ କାଳରେ କୌଣସି ଉତ୍ସବର ଅନୁଷ୍ଠାନ ହେଲେ ଭଲ ହୁଅନ୍ତା । ଏଥିରୁ ପ୍ରକାଶ ପାଉ ଅଛି ଯେ ଉନ୍ନତିର ସ୍ରୋତ ବର୍ତ୍ତମାନ ବାମଣ୍ଡାରେ କିଛି ପ୍ରବଳବେଗ ଧାରଣ କରିଅଛି ନତୁବା ଯେଉଁ ପର୍ବରେ ଲୌକିକ ଆମୋଦ ପ୍ରମୋଦର ବ୍ୟାଘାତ ଥିବାର ସମ୍ଭାବନା ତାହା ପରିତ୍ୟାଗର ପ୍ରସ୍ତାବ ହୁଅନ୍ତା ନାହିଁ ।

—:—✻—:—

ବାଲେଶ୍ୱର ଜିଲ୍ଲା ନିମନ୍ତେ ମଞ୍ଜୁର ହୋଇଥିବା ଦୁଇଗୋଟି ଜୁନିଅର ଛାତ୍ରବୃତ୍ତି ମଧ୍ୟରୁ ମୟୂରଭଞ୍ଜ ସ୍କୁଲକୁ ଗୋଟିଏ ଦଆଯିବାର ଦେଖି ବାଲେଶ୍ୱର ସମ୍ବାଦ ବାହିକା ଯଥାର୍ଥ ପ୍ରଶ୍ନ କରିଅଛନ୍ତି କି ମୟୂରଭଞ୍ଜ ବ୍ରିଟିସ ସାମିଲ ରାଜ୍ୟରୁ ବାହ-

Digitized by srujanika@gmail.com

Split by PDF Splitter



ର୍ଭି ହେବାସ୍ଥଳେ ବ୍ରିଟିସ ରାଜ୍ୟ ଭିତରେ ସ୍ଥାପିତ ବୃତ୍ତିର ଭାଗ ପାଇବାର ଅଧିକାରୀ ହେବେ କି ? ଶାସନ ବେଳରୁ ଅଲଗା ଗଣନେଲରୁ ନିଷେଧ ଅବଶ୍ୟ ଅନ୍ୟାଯ୍ୟ । ମୟୂରଭଞ୍ଜ ଅଥବା କୌଣସି ଗଡଜାତ ସ୍କୁଲକୁ ବୃତ୍ତି ଦେବାର ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ହେଲେ ତହିଁପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନ୍ତୁ । ମାଇନର ଛାତ୍ର ବୃତ୍ତି ସମ୍ବନ୍ଧରେ ସେପରି ନିୟମ ହୋଇଅଛି ।

———

ଆମେରିକା ମହାଦେଶର ବ୍ରାଜିଲ ରାଜ୍ୟର ସେନାଦଳରେ ବାବୁ ସୁରେଶଚନ୍ଦ୍ର ବିଶ୍ୱାସ ନାମକ ଜଣେ ବଙ୍ଗାଲୀ ଲେଫ୍ଟନାଣ୍ଟ ହୋଇ ଏକ ଯୁଦ୍ଧରେ ଅସାଧାରଣ ସାହସ ପ୍ରକାଶ କରିବାର ସମ୍ବାଦ ଏ ଦେଶରେ ଘୋଷିତ ହେବା ସଙ୍ଗେ ଜନରବ ଉଠିଥିଲା ଯେ ସେ ମରି ପଡିଅଛନ୍ତି । ସମ୍ପ୍ରତି ଅମୃତବଜାରପତ୍ରିକାରେ ତାହାଙ୍କର ଏକ ପତ୍ର ପ୍ରକାଶ ହେବାରୁ ଜଣାଗଲା ଯେ ସେ ବଞ୍ଚିଅଛନ୍ତି । ତାହାଙ୍କର ସାଂଘାତିକ ରୋଗ ହୋଇଥିଲା ମାତ୍ର ଆରୋଗ୍ୟ ହେଉଅଛନ୍ତି । ଏ ସମ୍ବାଦରେ ସର୍ବସାଧାରଣ ଆନନ୍ଦିତ ହେବେ ସନ୍ଦେହ ନାହିଁ । ଯେଉଁମାନେ କହନ୍ତି କି ବଙ୍ଗାଳୀ ବଡ଼ ଦୁର୍ବଳ ସୈନିକକାର୍ଯ୍ୟର ଯୋଗ୍ୟ ନୁହନ୍ତି ସେମାନଙ୍କର ଭ୍ରମ ଘୁଞ୍ଚିବ ।

———

କଲିକତାରେ ସନ ୧୮୯୩।୯୪ ସାଲର ନିଅଁକାଠି ଆମଦାନୀ ତହିଁ ପୂର୍ବବର୍ଷଠାରୁ କିଛି ଉଣା ପଡିଅଛି; ଅର୍ଥାତ୍ ପୂର୍ବବର୍ଷରେ ୮ ଲକ୍ଷ ୨୨ ହଜାର ଟଙ୍କାର ଏବଂ ଏବର୍ଷ ୭ ଲକ୍ଷ ୨ ହଜାର ଟଙ୍କାର ନିଅଁକାଠି ଆମଦାନୀ ହୋଇଅଛି । ନିଅଁକାଠି ଇଂଲଣ୍ଡରାଜ୍ୟରୁ ଆମଦାନୀ ହୁଏ ନା ଅଧିକାଂଶ ବେଲଜିଅମ ଓ ଜର୍ମାନୀରୁ ଆସେ । ଜାପାନରୁ ଗତବର୍ଷ ପ୍ରାୟ ଏକଲକ୍ଷ ଟଙ୍କାର ଆମଦାନୀ ହୋଇ ଥିଲା । ବାର୍ଷିକ ଆଠ ଲକ୍ଷ ଟଙ୍କାର ନିଅଁକାଠି ବିଦେଶରୁ ଆଣି ଆମ୍ଭେମାନେ ଯେତେବେଳେ ଖରଚ କରୁଅଛୁଁ ସେତେବେଳେ ଆମ୍ଭମାନଙ୍କ ଦଶା ଭଲ ହେବ କି ? ପୂର୍ବପରି ଚକମକି ଝାଡିବାର ବଳ ଅଥବା ନିଅଁ ଜଗାଇ ରଖିବାର ଯତ୍ନ ଥିଲେ ବିଦେଶୀୟମାନେ ଏତେ ଟଙ୍କା ନେଇ ପାରନ୍ତେ କି ? ବାସ୍ତବରେ ବ୍ୟବସ୍ଥା ଗୁଣରେ ଅବସ୍ଥା ।

———

ସ୍ୱିଡେନ ଦେଶର ଜଣେ ଖ୍ରୀଷ୍ଟୀୟାନ ସାହେବ ପ୍ରାୟ ଏକବର୍ଷ କଲିକତାରେ ରହି ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ଗତ ପୂର୍ବ ମଙ୍ଗଳବାର ତାହାଙ୍କର ମୃତ୍ୟୁ ହେଲା । ତାହାଙ୍କ ଶବ ଦାହ କରିବା କଥା ସେ ପୂର୍ବରୁ କହି ଯାଇଥିବାରୁ ତାହାଙ୍କ ବ୍ରାହ୍ମସଙ୍ଗୀମାନେ ନିମତଳା ଘାଟରେ ଶବଦାହ କ୍ରିୟା ସମାଧା କଲେ । ଏଥିରୁ ବଙ୍ଗବାସୀ କହନ୍ତି କି ନିମତଳା ଘାଟ ହିନ୍ଦୁ ସତ୍କାରର ସ୍ଥାନ ହୋଇଥିବାରୁ ସେଠାରେ ବ୍ରାହ୍ମଧର୍ମାବଲମ୍ବୀର ଦେହ ଦାହ ହେବା ଅନ୍ୟାଯ୍ୟ ଅଟେ । ସମ୍ଭବତଃ ବ୍ରାହ୍ମମାନଙ୍କର ଶବ ସତ୍କାରର ପୃଥକ୍ ସ୍ଥାନ ନାହିଁ ବୋଲି ଏପରି ହୋଇଅଛି । ବାସ୍ତବରେ ଯେବେ ବ୍ରାହ୍ମମାନେ ଆପଣାଙ୍କୁ ହିନ୍ଦୁ ବୋଲି ପରିଚୟ ଦେବାକୁ ପ୍ରସ୍ତୁତ ନୁହନ୍ତି ତେବେ ହିନ୍ଦୁଶବଦାହ ସ୍ଥାନ ବ୍ୟବହାର କରିବା ସେମାନଙ୍କର ଉଚିତ ନୁହେ ।

———

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଉଅଛନ୍ତି କି ସନ ୧୮୪୨।୪୩ ସାଲର ଗୃହଟିକିଆ ସୁଧର କମ୍ପାନୀ କାଗଜ ଅଥବା ଗବର୍ଣ୍ଣମେଣ୍ଟ ପ୍ରମିସରି ନୋଟମାନ ଆଗାମୀ ନବେମ୍ବରମାସ ତା ୧ ରିଖରେ ପରିଶୋଧ ହେବ । ସେହି ତାରିଖରୁ ଏହି ସମସ୍ତ ନୋଟର ସୁଧ ଦିଆ ଯିବ ନାହିଁ । ଏହି ସବୁ ନୋଟର ଅଧିକାରୀମାନେ ଇଚ୍ଛା କଲେ ଏହି ମାସ ତା ୨୮ ରିଖ ପୂର୍ବେ ଅର୍ଥାତ୍ ନୋଟ ଖଜଣାଖାନାରେ ଦାଖଲ କରି ତହିଁ ବଦଳରେ ବାର୍ଷିକ ସାଢେତିନିଟିକିଆ ସୁଧର ନୋଟ ନେଇ ପାରିବେ ଓ ସେହି ନୋଟମାନ ସନ ୧୯୦୪ ସାଲ ଅଗସ୍ତ ମାସ ତା ୧ ରିଖ ପୂର୍ବେ ପରିଶୋଧିତ ହେବ ନାହିଁ ।

ସନ ୧୮୫୪।୫୫, ସନ ୧୮୬୫ ଏବଂ ସନ ୧୮୭୯ ସାଲମାନଙ୍କର ଚାରିଟିକିଆ ସୁଧର ପ୍ରମିସରି ନୋଟମାନଙ୍କ ସମ୍ବନ୍ଧରେ ମଧ୍ୟ ବିଜ୍ଞାପନ ଦିଆ ଯାଇ ଅଛି କି ସେ ସମସ୍ତର ଅଧିକାରୀମାନେ ଇଚ୍ଛା କଲେ ସେମାନଙ୍କ ନୋଟର ସୁଧର ଦର ଚାରିଟିକାରୁ ସାଢେତିନିଟିକାକୁ ଉଣା କରିବା ସକାଶେ ସେ ସେହି ନୋଟମାନ ଉପରିଲିଖିତ ମତ ଏହି ମାସ ତା ୨୮ ରିଖ ମଧ୍ୟାହ୍ନ ପୂର୍ବେ ଖଜଣାଖାନାରେ ଦାଖଲ କରିବେ ।

ଅତଏବ ଦେଖାଯାଏ ଯେ ଉପରଲିଖିତ କୌଣସି ପ୍ରମିସରି ନୋଟର ସୁଧ ସାଢେତିନିଟିକାରୁ ଗବର୍ଣ୍ଣମେଣ୍ଟ ଅଧିକ ଦେବେ ନାହିଁ । ଅଳ୍ପ ସୁଧରେ ସରକାର ଋଣ ପାଇଲେ କାହିଁକି ଅଧିକ ସୁଧ ଦେବେ ? ମାତ୍ର ଯେଉଁମାନେ ଗୃହଟିକା ସୁଧଉପରେ ନିର୍ଭର କରି ଧର୍ମାର୍ଥକାର୍ଯ୍ୟ କମ୍ପାନୀ କାଗଜରେ ଟଙ୍କା ଜମା ପ୍ରମିସରି ନୋଟରେ ଟଙ୍କା ଗଚ୍ଛିତ କରିଥିଲେ ସେମାନଙ୍କର ଆୟ ଉଣା ହେବ ।

———

ବଙ୍ଗ ଦେଶରେ ଯୋଡଏ ସଂଶୋଧନୀ ବିଦ୍ୟାଳୟ ଅର୍ଥାତ୍ ପିଲା ଚୋରଙ୍କୁ କଏଦ ରଖି ସୁଶିକ୍ଷା ଦ୍ୱାରା ସେମାନଙ୍କ ଚରିତ୍ର ସଂଶୋଧନ କରିବାର ସ୍ଥାନ ଅଛି । ଗୋଟିଏ ଅଲିପୁରରେ ଏବଂ ଗୋଟିଏ ହଜାରିବାଗରେ । ସନ ୧୮୯୩ ସାଲର ରିପୋର୍ଟରୁ ପ୍ରକାଶ ଯେ ଅଲିପୁର ବିଦ୍ୟାଳୟରେ ଉକ୍ତ ବର୍ଷ କଏଦ ଥିବା ପିଲାଙ୍କ ଦୈନିକ ହାରାହାରି ସଂ ୨୧୧ ଏ ପଡିଥିଲା । ଏମାନଙ୍କ ପଛରେ ଟ ୨୧୧୧୩।୭ ଖରଚ ହୋଇ ଥିଲା ଏବଂ ଏମାନେ ଯେଉଁସବୁ କାର୍ଯ୍ୟ କରି ଥିଲେ ତଦ୍ୱାରା ଟ ୧୦୧୧୬।୯ ଲାଭ ହୋଇ ଥିଲା । ଛାପା ଏବଂ ପୁସ୍ତକ ବନ୍ଧାଇ ଏଠାର ପ୍ରଧାନ କାର୍ଯ୍ୟ ଅଟେ । ଏହି ବିଦ୍ୟାଳୟ ସ୍ଥାପିତ ହେବା ସମୟରୁ ସର୍ବସୁଦ୍ଧା ସଂ ୨୮୭ ଏ ଖଲାସ ହୋଇ ଅଛନ୍ତି । ଏମାନଙ୍କ ମଧ୍ୟରୁ ସଂ ୩୯ ଏ ପୁନର୍ବାର କଏଦ ହୋଇ ଅଛନ୍ତି ଏବଂ କେବଳ ସଂ ୨୦୫ ଏର ଚରିତ୍ର ଭଲ ଥିବାର ମାଜିଷ୍ଟ୍ରେଟମାନେ ଲେଖି ଅଛନ୍ତି । ମାତ୍ର କେବଳ ସଂ ୩୧ ଏ ଏଠାରେ ଶିଖିଥିବା ବ୍ୟବସାୟ ଅବଲମ୍ବନ ଦ୍ୱାରା ନିର୍ବାହ ହେଉ ଅଛନ୍ତି ।

ହଜାରିବାଗ ବିଦ୍ୟାଳୟର ଦୈନିକ ହାରାହାରି ସଂ ୩୦୨ ଏ । ଏଠାରେ କଥିତ ବର୍ଷରେ ୨୨ ହଜାର ଟଙ୍କା ବ୍ୟୟ ହୋଇ ଥିଲା ଏବଂ ପିଲାମାନଙ୍କ କାର୍ଯ୍ୟ ଦ୍ୱାରା କେବଳ ୩ ହଜାର ୮ ଶହ ଟଙ୍କା ନିଟ ଲାଭ ହୋଇ ଥିଲା । କୃଷି କାର୍ଯ୍ୟ ଦ୍ୱାରା ମଧ୍ୟ ୫ ଶହ ଟଙ୍କାର ଫସଲ ପ୍ରାପ୍ତ ହୋଇ ଥିଲା । ଲୁହାରୁଣା ଏବଂ ସିଲାଇ ଏ ବିଦ୍ୟାଳୟର ପ୍ରଧାନ କାର୍ଯ୍ୟ ଅଟେ । ଏ ବିଦ୍ୟାଳୟରୁ ଖଲାସ ପାଇଥିବା ସଂ ୧୦୧ ଏ ପିଲା ସମ୍ବନ୍ଧରେ ମାଜିଷ୍ଟ୍ରେଟ ମାନଙ୍କର ରିପୋର୍ଟରୁ ପ୍ରକାଶ ଯେ ସଂ ୭୨ ଏର ଆଚରଣ ଉତ୍ତମ ଅଟେ ମାତ୍ର କେବଳ ସଂ ୨ ଏ ବିଦ୍ୟାଳୟରେ ଶିକ୍ଷିଥିବା ବ୍ୟବସାୟ ଦ୍ୱାରା ନିର୍ବାହ ହେଉ ଅଛନ୍ତି ।

ଉଭୟ ବିଦ୍ୟାଳୟରୁ ଖଲାସ ପାଇଥିବା ଅଧିକାଂଶ ପିଲାଙ୍କ ଆଚରଣ ଭଲ ହେବାରୁ ଅବଶ୍ୟ ବୋଲିବାକୁ ହେବ ଯେ ଏ ବିଦ୍ୟାଳୟମାନଙ୍କର କାର୍ଯ୍ୟ ବହୁ ସନ୍ତୋଷଜନକରୂପେ

Digitized by srujanika@gmail.com

Split by PDF Splitter



ସ୍କୁଲ ଅଛି । ମାତ୍ର ଏହିକ ତ୍ରୁଟି ରହୁଅଛି ଯେ ସ୍କୁଲରେ ଯେସବୁ ବ୍ୟବସାୟର ଶିକ୍ଷା ଦିଆ ଯାଉ ଅଛି ତାହା ଅଧିକ ଛାତ୍ରଙ୍କ ଉପକାରରେ ଆସୁ ନାହିଁ ଯାହା ହେଉ ମାନ୍ୟବର ଗୋଟେଲ୍ ଆଶ୍ୱାସ ଦେଇ ଅଛନ୍ତି ଏ ବିଷୟରେ ଉଚିତ ଚେଷ୍ଟା ହେଉ ଅଛି ।

---

### ନଦେବାଠାରୁ ବିଳମ୍ବରେ ଦେବା ଭଲ ।

ବର୍ତ୍ତମାନ ଆମ୍ଭମାନଙ୍କ କଲେକ୍ଟର ସାହେବ ଅନ୍ନକଷ୍ଟ ନିବାରଣର ପ୍ରତୀକାର ପକ୍ଷରେ ଏତେଦିନେ ତତ୍ପର ହେବାର ପ୍ରକାଶ ପାଏ । ମାହାଙ୍ଗା ଅଞ୍ଚଳରେ କିଛି ସାହାଯ୍ୟ କାର୍ଯ୍ୟ କରିବା କାରଣ ସାହେବ ମହୋଦୟ ଜିଲ୍ଲାବୋର୍ଡ଼କୁ ଚିଠି ଲେଖିଥିବା ପ୍ରସଙ୍ଗ ଗତସପ୍ତାହରେ ଉଲ୍ଲେଖ କରିଥିଲୁଁ ବର୍ତ୍ତମାନ ଶୁଣିଲୁଁ ଯେ ସେ ବାରକମାଷ୍ଟରଙ୍କୁ ଚିଠି ଲେଖିବାରୁ ବାରକମାଷ୍ଟର ସାହେବ ଉତ୍ତର ଦେଲେ କି ସେ ଅଞ୍ଚଳର ଖାଣାନାଲ ମରାମତି ଇତ୍ୟାଦି କାର୍ଯ୍ୟରେ ସେ ଏକସହସ୍ର କୁଲିଙ୍କୁ କର୍ମ ଯୋଗାଇ ପାରନ୍ତି । ଏ ବିଷୟ ଲୋକମାନଙ୍କୁ ବୁଝାଇ ଦେବା କାରଣ ମାହାଙ୍ଗା ଓ ବହୁଲୁଦ ତହସିଲ କାନୁନଗୋମାନଙ୍କ ନାମରେ ପରୱାନା ହୋଇଅଛି । ଏ କାର୍ଯ୍ୟ ଆରମ୍ଭ ହୋଇଅଛି କି ନା ଜଣା ଯାଇ ନାହିଁ ତୁରନ୍ତ ହେଲେ ଅବଶ୍ୟ ଉପକାର ହେବ ଓ ଦୁଇମାସ ପୂର୍ବରୁ ହୋଇଥିଲେ ଦୁଃଖିମୂଲିଆଙ୍କର ଏତେ କଷ୍ଟ ହୋଇ ନ ଥାନ୍ତା । ଆମ୍ଭମାନଙ୍କ ବିବେଚନାରେ ବାରକମାଷ୍ଟର ସାହେବଙ୍କର ସହସ୍ରକୁଲିଙ୍କୁ କର୍ମ ଯୋଗାଇପାରିବା ବିଷୟ କେବଳ ଲେଖିଦେବା ଓ କଲେକ୍ଟର ସାହେବ କେବଳ କାନୁନଗୋମାନଙ୍କ ନାମରେ ପରୱାନା କରିବା ଯଥେଷ୍ଟ ନୁହେଁ । ନାଳ ମରାମତି କାର୍ଯ୍ୟମାନ ତୁରନ୍ତ ଆରମ୍ଭ ହେବା ଓ ଅନ୍ନକଷ୍ଟ ହେତୁ ଯେଉଁ ଯେଉଁ ଗ୍ରାମମାନଙ୍କରେ ମୂଲିଆମାନେ ଅସ୍ଥିଚର୍ମ ବିଶିଷ୍ଟ ହୋଇଅଛନ୍ତି ଅବା କଷ୍ଟରେ ଅଛନ୍ତି ସେମାନେ ସମସ୍ତେ ଏହା ଜାଣିପାରି ଉକ୍ତକର୍ମରେ ନିଯୁକ୍ତ ହେଲେ କି ନା ଏହା ଦେଖିବା ଓ ବନ୍ଦୋବସ୍ତ କରିବା କାରଣ କେହି ଜଣେ କର୍ମଚାରୀ ପ୍ରେରିତ ହେବାର ଆବଶ୍ୟକ । କାଣ୍ଟ୍ରାକ୍ଟରମାନେ ଦୁର୍ବଳ ମୂଲିଆଙ୍କୁ କାମରେ ଲଗାଇବାର ଅସମ୍ଭବ ଓ ନଲଗାଇଲେ ସେମାନଙ୍କର କି ଅଯୁକ୍ତ ଏଥିର ବନ୍ଦୋବସ୍ତକର୍ତ୍ତା କେହି ଥିଲେ ସେତ ନିଯୁକ୍ତଙ୍କର ଉପଯୁକ୍ତ ମଜୁରି ନିର୍ଣ୍ଣୟ କରି ସେମାନଙ୍କୁ କର୍ମରେ ଲଗାନ୍ତେ ଏପରି କିଛି ବନ୍ଦୋବସ୍ତ ନ ହେଲେ ଏ ପ୍ରତୀକାର ସମ୍ପୂର୍ଣ୍ଣ ଫଳଦାୟକ ହେବାର ସମ୍ଭବ ନୁହେ । ଜିଲ୍ଲାବୋର୍ଡ଼ କାର୍ଯ୍ୟ ଆରମ୍ଭ କରିବାର କିଛି ଶୁଣାଗଲା ନାହିଁ । ଆମ୍ଭେମାନେ ଶୁଣିଲୁଁ ବଡ଼ଚଣା ଓ ଯାଜପୁର ଓ କେନ୍ଦ୍ରାପଡ଼ାରୁ ମଧ୍ୟ ଅନ୍ନକଷ୍ଟର ଖବର ଏଥିପୂର୍ବେ ଆସିଥିଲା ଓ କେହି କେହି କମିଶନର ସାହେବଙ୍କ ସମ୍ମୁଖରେ ମଧ୍ୟ ଯାଜପୁରର ଖଣ୍ଡେ ଦରଖାସ୍ତ ପଡ଼ିଥିଲା ମାତ୍ର ଫଳଦାୟକ ହେବାର ପ୍ରକାଶ ନାହିଁ ।—ପ୍ରଜା ପାଳନ ରାଜାଙ୍କର ବିଶେଷ କର୍ତ୍ତବ୍ୟକର୍ମ ହେଉଅଛି ଓ ଅନ୍ନକଷ୍ଟ ସମୟ ସାହାଯ୍ୟକାର୍ଯ୍ୟର ନିୟମ ଗବର୍ଣ୍ଣମେଣ୍ଟ କରି ଦେଇଅଛନ୍ତି ଓ ଏଥିର ଭାର ଜିଲ୍ଲାବୋର୍ଡ଼ ଉପରେ ନ୍ୟସ୍ତ ଅଛି । କିନ୍ତୁ ଜିଲ୍ଲାର କର୍ତ୍ତାକର୍ତ୍ତା କଲେକ୍ଟର ମାଜିଷ୍ଟ୍ରେଟ ଜିଲ୍ଲାବୋର୍ଡ଼ର ଚେଅରମାନ ଥାଇ ସୁଦ୍ଧା ଯେବେ କାର୍ଯ୍ୟ କରିବାକୁ ତତ୍ପର ନ ହେବେ ତେବେ ଭୂଷା ନିୟମ ବଳରେ ଫଳ କି ?

— ୦ ※ ୦ —

### ସ୍ନାନ–ରଥଯାତ୍ରା

ଗତବର୍ଷ ନୂଆ କଳେବର ଉପଲକ୍ଷରେ ପ୍ରାୟ ଦୁଇଲକ୍ଷ ଯାତ୍ରୀ ରଥଯାତ୍ରା ଦେଖିବାକୁ ସ୍ଥାନକୁ ଆସି ଥିଲେ । ଏ ବର୍ଷ ତହିଁର ଏକ ଦଶମାଂଶ ସୁଦ୍ଧା ଆସି ନାହାନ୍ତି । ସ୍ନାନୋତ୍ସବ ପର୍ଯ୍ୟନ୍ତ ପ୍ରାୟ ଯାତ୍ରୀ ନ ଥିଲେ । କେବଳ ରଥଯାତ୍ରା ଦୁଇ ତିନି ଦିନ ଆଗୁଁ ପ୍ରାୟ ୧୦।୧୨ ହଜାର ଲୋକ ଏକାବେଳକେ ଉପସ୍ଥିତ ହୋଇ ଗଲେ । ତହିଁଉତ୍ତାରୁ ୨।୩ ହଜାରରୁ ଅଧିକ ଯାତ୍ରୀ ଆସି ନାହାନ୍ତି ଅଧିକାଂଶ ଯାତ୍ରୀ ମୋଫସଲିଆ ବଙ୍ଗାଳ କଲିକତାସହରର ଲୋକ ଅଛନ୍ତି । ବଡ଼ ଦୁଃଖର ବିଷୟ ଯେ ଏଥର ଅଳ୍ପ ଯାତ୍ରୀ ହେଲେ ସୁଦ୍ଧା ଓଲାଉଠା ରୋଗ ଶୀଘ୍ର ବାହାରି ପଡ଼ି ଦୁଇ ତିନି ଦିନ ମଧ୍ୟରେ ୪୦।୫୦ ଲୋକଙ୍କର ପ୍ରାଣ ନେଇ ଗଲା । ଅଦ୍ୟ କେତେକ ଲୋକ ହାସପାତାଲରେ ପଡ଼ି ଅଛନ୍ତି । ରୋଗୀମାନଙ୍କୁ ଗୋଟାଇ ନେବା ପାଇଁ ସର୍ବଦା ଡୋଲି ଗତାୟାତ କରୁଅଛି ।

ବଡ଼ ସୁଖର ବିଷୟ ଯେ ରଥ ନିର୍ମାଣ ସମ୍ବନ୍ଧରେ ସରକାର ଏବଂ ରାଜକର୍ମଚାରୀଙ୍କ ମଧ୍ୟରେ କୌଣସି ମତାନ୍ତର ଘଟି ନାହିଁ । ନିର୍ବିଘ୍ନରେ ସକଳ କାର୍ଯ୍ୟ ନିର୍ବାହ ହେଉ ଅଛି । ପର୍ବର କାର୍ଯ୍ୟମାନ ଯେଉଁ ଦିନ ଯେପରି ନିର୍ବାହିତ ହେଲା ତନ୍ନେ ଲେଖାଗଲା, ଯଥା—

ତା ୩ ରଖ ମଙ୍ଗଳବାର ପ୍ରାତଃକାଳରେ ଶ୍ରୀ ଜିଉଙ୍କର ଅନବସର ଛାଡ଼ି ଫୁଟି ନବଯୌବନ ଦର୍ଶନ ଆରମ୍ଭ ହେଲା । ପୁଲିସଦଳ ରହି ଯାତ୍ରିମାନଙ୍କର ଦର୍ଶନର ସୁବିଧା କରାଇ ଦେଇଥିଲେ । କିନ୍ତୁ ଅବିଚ୍ଛିନ୍ନ ବୃଷ୍ଟିପାତ ହେତୁ ଯାତ୍ରିମାନଙ୍କର ଦର୍ଶନରେ ସାମାନ୍ୟ ଅସୁବିଧା ହୋଇଥିଲା । ଏ ଦିନ ଦର୍ଶନ ସମୟରେ କେହି ଯାତ୍ରୀ ଚମଡ଼ା ବେଗ୍ ନେଇ ମନ୍ଦିରକୁ ଯାଇ ଥିବାର ଦେଖା ଯିବାରୁ ମହାପ୍ରଭୁଙ୍କର ମହାସ୍ନାନ ହେଲା ଏବଂ ନିୟମିତ ବିଧିମାନ ହେବା ପରେ ସକାଳ ଧୂପ ଶେଷ ହେବା ସମୟକୁ ଅପରାହ୍ନ ପ୍ରାୟ ଘ ୬ ଘ ହୋଇ ଥିଲା । କିନ୍ତୁ ଭୋଗ ହେବାର ବିଳମ୍ବ ହେବାରୁ ଯାତ୍ରିମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମହା ସନ୍ତୋଷରେ ଦର୍ଶନ କରି ଥିଲେ । ଘ ୫।୦ ଘ ସମୟରେ ଅଜ୍ଞାମାଳ ରଥକୁ ଆସିବାରୁ ଇଞ୍ଜିନିୟର ସାହେବଙ୍କ ଇନ୍‌ସ୍ପେକ୍ଟର ପର ମାଜିଷ୍ଟ୍ରେଟ ପୁଲିସସାହେବ ଏବଂ ମେନେଜରର ପ୍ରଭୃତି କର୍ମଚାରୀମାନେ ଥାଇ ବଡ଼ ରଥରେ ଦଉଡ଼ି ଲାଗିଲା । ସନ୍ଧ୍ୟା ଘ ୭ ଘ ସମୟରେ ଉକ୍ତ ରଥ ସିଂହଦ୍ୱାରଠାରେ ଲାଗିଲା । ଦେବୀ ରଥ ଚଳାଇବା ପାଇଁ ପାଣ୍ଡା ହୁଡ଼ୁଡ଼ିମାନ ଆଣି ବିଶେଷ ଯତ୍ନ କଲେ ହେଁ ରଥ ଅଟେ ସ୍ଥାନରୁ ଚଳିଲା ନାହିଁ । ଏ ଦିନ ସନ୍ଧ୍ୟାଧୂପ ଶେଷ ହେବା ସମୟକୁ ରାତ୍ର ଶେଷ ହୋଇ ଯିବାରୁ ଚନ୍ଦନଲାଗି ବଡ଼ ସିଂହାର ଭୋଗ ହୋଇ ପାରିଲା ନାହିଁ ।

ତା ୪ ରଖ ବୁଧବାର ଶ୍ରୀଗୁଣ୍ଡିଚା । ଏଦିନ ପ୍ରାତଃକାଳରୁ ବର୍ଷା ହେବାରୁ ଘ ୮।୦ ଘ ପର୍ଯ୍ୟନ୍ତ ରଥ ଚଳି ପାରିଲା ନାହିଁ ପ୍ରାୟ ଘ ୯ ଘ ସମୟରେ ବର୍ଷା ଛାଡ଼ି ଯିବାରୁ ଦେବୀ ରଥ ଓ ବଳଭଦ୍ରଙ୍କ ରଥ ଟଣା ହୋଇ ଘ ୧୨ ଘଠାରେ ସିଂହଦ୍ୱାରରେ ଲାଗିଲା ।

ମେନେଜର ମହୋଦୟ ବିପଦ୍‌ଗ୍ରସ୍ତ ଥିବାରୁ ରଥ ଟଣାର ବିଷୟରେ ପୂର୍ବରୁ ତତ୍ତ୍ୱାବଧାରଣ ନ ହେବା ହେତୁ ଏ ଦିନକୁ ରଥର ଅନେକ କର୍ମ ବାକି ଥିଲା । ଯଥା କଥାଣ୍ଟି ସାହିରୁ କର୍ମ ଶେଷ ହେବାରୁ ରଥ ପ୍ରତିଷ୍ଠା ରଥ ମଣ୍ଡନ ହୋଇ ପ୍ରଭୁମାନେ ରଥକୁ ବିଜେକଲେ ସମୟକୁ ରାତ୍ର ପ୍ରାୟ ଘ ୧୨ ଘ ହୋଇଥିଲା । ବିଶେଷ ରାତ୍ର ହେବାରୁ ପହଣ୍ଡି ଦର୍ଶନ ସୁଖରେ ହେଲା

Digitized by srujanika@gmail.com

Split by PDF Splitter

244



ନାହିଁ ଏବଂ ସେବକମାନେ ସମସ୍ତ ଯାଇ ଅପଣା ଅପଣା କର୍ମରେ ଲିପ୍ତ ହେଲେ । ବଡ଼ ସୁଖର ବିଷୟ ଯେ ଏ ସମୟରୁ ବର୍ଷା ସମ୍ପୂର୍ଣ୍ଣରୂପେ ଛାଡ଼ ଯାଇଥିଲା ।

ତା ୬ ରିଖ ଗୁରୁବାର ସକାଳେ ପୁଲିସ ଓ ମାଜିଷ୍ଟ୍ରେଟ ସାହେବ ମେନେଜର ଏବଂ ଦେଓ୍ୱାନ ଆସି ବଳଭଦ୍ର ଜିଉଙ୍କ ରଥ ଟଣା ହେଲା ଏବଂ ଏହି ରଥ ସ ୧୫ ଘଣ୍ଟା ସମୟରେ ଜଗନ୍ନାଥବଲ୍ଲଭ ସମ୍ମୁଖରେ ଅବସ୍ଥାପିତ ହେଲା । କ୍ରମଶଃ—

—※—

# ସାପ୍ତାହିକ ସମ୍ବାଦ ।

ଏ ନଗରରେ ଓଲାଉଠା ରୋଗ ସାମାନ୍ୟରେ ପ୍ରବେଶ ହୋଇଅଛି ।

ଗତ ସପ୍ତାହର ଅଧିକ ବୃଷ୍ଟି ହେତୁ ଏ ସପ୍ତାହରେ ନଦୀମାନ ବିଶେଷ ବୃଦ୍ଧି ହୋଇଅଛି ।

## କଲିକତା-ଗେଜେଟ ।

ସବ୍‌ଡେପୁଟି କଲେକ୍ଟର ବାବୁ ଛତ୍ରଧର ସରକାର ସ୍ଥାୟୀରୂପେ ତହସିଲଦାର ନମ୍ବର ଚତୁର୍ଥଶ୍ରେଣୀଙ୍କ ଉନ୍ନତ ପାଇଲେ ।

ନିମ୍ନଲିଖିତ ମହାଶୟମାନେ କେନ୍ଦ୍ରାପଡ଼ା ମିଉନିସିପାଲିଟୀର କମିଶନର ହେଲେ—ବାବୁ ଜ୍ଞାନଚନ୍ଦ୍ର ଦାସ, ମୁନସି ହଅରସ ଅଲି, ମୁନସି ଜମିରୁଦ୍ଦୀନ ମହମ୍ମଦ, ଓ ଏସ, ସ୍ମିଥ ସାହେବ, ଏସ୍ ସିଃ ଗ୍ରଣ୍ଟ ସାହେବ, ବାବୁ କୃଷ୍ଣ ଚାଟାର୍ଜୀ, ବାବୁ ବଂଶୀଧର ଦାସ, ବାବୁ ଦାମୋଦର ମହାନ୍ତି, ବାବୁ ହରିଶ୍ଚନ୍ଦ୍ର ଦାସ, ବାବୁ ଯଦୁନାଥ ଦାସ, ବାବୁ ଚଇତନ୍ୟ ଭ୍ରମରବର, ବାବୁ ଯୋଗେନ୍ଦ୍ରନାଥ ମୁଖାର୍ଜୀ ।

ପୁରୀ ମିଉନିସିପାଲିଟୀର କମିଶନରମାନେ ଡାକ୍ତର ଝିଃ ବାଙ୍କ ସାହେବଙ୍କୁ ସେମାନଙ୍କ ସଭାପତି ମନୋନୀତ କରିବାରୁ ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ତାହା ଅନୁମୋଦନ କଲେ ।

———

ଦାର୍ଜିଲିଙ୍ଗରେ ବୃଷ୍ଟି ଅଭାବରୁ କୃଷିକାର୍ଯ୍ୟର ବିଶେଷ କ୍ଷତି ହେଉଥିବାର ସମ୍ବାଦ ମିଳଇ ।—ଅସ୍ମାକଂ ଅନାବୃଷ୍ଟି ଓ ଅତିବୃଷ୍ଟି ବାଧୁଅଛି ।

ଫ୍ରାନ୍ସର ସଭାପତିଙ୍କ ସାକ୍ଷୋନାମର ଯେଉଁ ଚୀଠି ଛପା ହୋଇଅଛି ସେ କହେ ଯେ ତାହାର କେହି ସଙ୍ଗୀ ନ ଥିଲା । ମାତ୍ର ବର୍ତ୍ତମାନ ପ୍ରକାଶ ପାଇଅଛି ଯେ ଅସଚ୍ଚର ଦଳ ଏକାଣ୍ଡ ସଭାରେ ପାଇଥିଲେ ଏବଂ ସେମାନେ ମୂର୍ତ୍ତିକର ସାକ୍ଷୋକୁ ଏ କାର୍ଯ୍ୟରେ ନିଯୁକ୍ତ କରିଥିଲେ ।

ଭଗେ ଅଲଲାଭ ବର୍ତ୍ତାକାଷ ଏକ ଦଳୀୟ ସମ୍ପାଦକର ସମ୍ପାଦକର ପ୍ରାଣ ଯେତେ ଥିବାର ସମ୍ବାଦ ମିଳଇ । ହତ୍ୟାକାରୀ ପଳାୟନ କରିଅଛି ।

କୋମ୍ପାନୀଠାରୁ ବଙ୍ଗଅର୍ଥର ନାମକ ଜାହାଜ ନକ୍ସା ଯାତ୍ରୀ ଘେନି ଫେରିବା କାଳରେ ବାଟରେ ମାଲ ଦେବା ସଂକାଶେ ଅନେକାରୁ ଯାତ୍ରୀମାନେ ହତ ହେବା ସମସ୍ତ ଅତୀତ ହୋଇ ଯିବା ଅପରରେ ଜାହାଜ ନ ଅଟକାଇ ଉଲ୍ଟାଇଲା-

କାରଣ କର୍ମଗୃହର ବହୁଦୂରୁ ଯେ ତହିଁରେ ଶାନ୍ତି ଦେଲେ ଯାତ୍ରୀମାନେ ମାତ୍ରକଟି କର୍ମଗୃହର ଜାହାଜକୁ ସମୁଦ୍ରକୁ ଗୋପାଇ ଦେଲେ ଏବଂ ଯେଉଁ ମାଲମାନ ଦେବାର କଥା ଥିଲା ସେମାନ ଜଳରେ ଜାହାଜ ଉତ୍ତରୁ ଅଗ୍ରେ ତହିଁରେ ଅଗ୍ନିଲଗାଇ ପୋଡ଼ି ଦେଲେ । କର୍ମଗୃହ ତନ୍ତ୍ର ଜାହାଜର ପଛ ଧରି କୌଣସି ମତେ ପ୍ରାଣ ରକ୍ଷାକରି ଏକାବେଳକେ ଜାହାଜ ଉଠାଇଲେ ଏବଂ ଯାତ୍ରୀମାନେ ଅଣ ବହୁ ଲୋକମାନ ନ କରି ରହନ୍ତି କଲେ ।—ଏଣେ ଯାତ୍ରୀ ତହିଁରେ ପୁଣି ମୁସଲମାନ !

ଜଣେ ନୂତନ ମୁସଲମାନ ବାରିଷ୍ଟର କଲିକତା ହାଇକୋର୍ଟରେ ନେଜିଷ୍ଟ୍ରି ହୋଇଥିବାର ସମ୍ବାଦ ମିଳଇ । ଏହାଙ୍କ ନାମ ସୟୁଦଜହିମୁଦ୍ଦିନ ଅଟେ ।

ଅଲପୁରର ଅବୈତନିକ ମେଜେଷ୍ଟ୍ରେଟ ବାବୁ ତ୍ରିପୁରାନାଥ ମଲ୍ଲିକଙ୍କ ନର୍ତ୍ତିକ ସଜ୍ଜାରତନ୍ତ୍ର ବନ୍ଧୁର ନାମକ ଜଣେ ଶିକ୍ଷକ ଏକ ଶ୍ରୀଶ୍ରୀଗୃହ ବଳାତ୍କାର ସ୍ତ୍ରୀରୁ ପଶାଇ ଘେନ ଯାଇଥିବା ଅପରାଧରେ ମା. ୪ ସ ବଠିନ ପରିଶ୍ରମ ସହିତ କାରଦଣ୍ଡ ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ ।—ଏ ଶିକ୍ଷକ ଉପଯୁକ୍ତ ଥିଲେ ?

ରଙ୍ଗପୁରର ଜଣେ ପ୍ରଧାନ ଜମିଦାର ବାବୁ ଶରତ୍‌ଚନ୍ଦ୍ର ଲାଲ ଚୌଧୁରୀ ଅପଣା ସ୍ତ୍ରୀର ନାମରେ ୫ ୭୦୦୦ ଟଙ୍କାର ଅଲଙ୍କାରର ମୂଲ୍ୟ ପାଇବା ଆଶାରେ ଅଲିପୁରର ପ୍ରଥମ ସବଜଜଙ୍କ ଅଦାଲତରେ ମୋକଦ୍ଦମା ଦାଏର କରିଅଛନ୍ତି । ପ୍ରତିବାଦୀ ଏହି ଜବାବ ଦେଇଅଛି କି ସେ ଅଲଙ୍କାରମାନ ବାଦୀ ଅପଣାର ସ୍ତ୍ରୀର ଅର୍ଥାତ୍ ପ୍ରତିବାଦୀର ଝିଅକୁ ପ୍ରଦାନ କରିଥିଲା ଏବଂ ତାହା ବାଦୀ ପାଇ ନ ପାରେ ଜଣାଉଥିବାରୁ ଓକାଲ ବାରିଷ୍ଟର ନିଯୁକ୍ତ ହୋଇ ମାମଲା ଚଳୁଅଛି ମୁଦ୍ଦଇ ଶେଷକୁ କେତେ ଫଳ ପାଇ ନ ପାରେ ।

ଗୁଜରାଟ ଠାରେ ବସନ୍ତରୋଗର ବଳ ଜତ୍ରୁକ ହୋଇଅଛି । ଅନେକ ଲୋକ ଏ ରୋଗରେ ମରୁ ଅଛନ୍ତି ।

କଲିକତାର ରଙ୍ଗାଳୟର ଏକ ଦେଶୀୟନୌକାର ବାଗବଲରେ ଏକ ମାଝି ବସିଥିଲା । ନୌକା ଚଳିବା ସମୟରେ ମାଝି ଓଲଟିପଡ଼ି ବୁଡ଼ି ମରିଅଛି । ମାଝିମାନଙ୍କ ମଧ୍ୟରେ ଅସାବଧାନ ଅତି ଅଧିକ ଦେଖାଯାଏ ମାତ୍ର ମୃତ୍ୟୁକୁ ଭୟ ନାହିଁ ?

କଲିକତାର ଘୋଡ଼ାସାଙ୍କୋ ଠାରେ ମୋହେସର ସେଖ ନାମକ ଜଣେ ଲୋକ ଅପଣାର ବଡ଼ ଭାଇର ମାଇପେକାନ ପ୍ରହାର ସମ୍ବାଦ ମିଳଇ । କେଦାର ହୁଏ କେତେକ ଦିନ ତଳେ ବଡ଼ଭାଇର ପୈତ୍ରିକ ସମ୍ପତ୍ତି ଦଖଲ ପ୍ରଭୃତି ଅଂଶ ଏବଂ ସମ୍ପତ୍ତି ଅପଣା ଭାର୍ଯ୍ୟା ନାମରେ କରିଥିଲା । ସ୍ୱାମୀର ହତ୍ୟାକରିବାରୁ କଚରାର ତାହାକୁ ଦଣ୍ଡ ଦଣ୍ଡ ଦେଲା । ତହିଁରେ ସେ ବେଳେ ବଡ଼ଭାଇର ବାଟରେ ବେଶ ଦୁଃଖବାଦର ସ୍ତ୍ରୀ ଓ ପୁତ୍ରଦେହରେ ଏମନ୍ତ ବଳରେ ଅସାଡ଼ ପ୍ରହାର କଲା ଯେ ସେ ଏକାବେଳେକେ ତଳେ ପଡ଼ିଯାଇ ପ୍ରାଣ ତ୍ୟାଗ କଲା । ଅସାମୀ ଧରା ହୋଇ ହାଜତରେ ରହିଅଛି ।—ଲୋଭରୁ ପାପ, ପାପରୁ ମୃତ୍ୟୁ !

ଫ୍ରାନ୍ସର ସମ୍ବାଦପତ୍ରରେ ଜାର୍ମାନୀର ସେନାପ୍ରବାଦୀକ ଜାତୀୟ ସମିତ କର୍ତ୍ତୃକ କଟୁ ହୋଇଅଛନ୍ତି । ନୂତନ ସମ୍ପାଦକ ବର୍ତ୍ତମାନ ନକ୍ସି ସଭାକୁ ବାର୍ତ୍ତାକରିବା ଖାଉଣ ଅନୁଗ୍ରେହ କରିଅଛନ୍ତି ମାତ୍ର ସେମାନେ ତହିଁରେ ସମ୍ମତ ହେବା ସନ୍ଦେହ ଜନକ ।

କଟକର ନ୍ୟୁ ଇଉରୋପିଅନ ଦମ୍ଭଲପତ୍ର ଓଡ଼ିଶାରେ ସା-

ହେବଙ୍କ ପତ୍ନୀ ବଙ୍ଗଦେଶରେ ହିମଳାଠାରେ ମରିଯିବା ସମ୍ବାଦ ମିଳଇ ।

ପାର୍ଲିଆମେଣ୍ଟର ବର୍ତ୍ତମାନ ଅଧିବେଶନ ଶେଷ ହେବା ପରେ ଅସ୍ମାକଂ ଭାରତ ମନ୍ତ୍ରୀ ଗ୍ଲାଡ଼ଷ୍ଟୋନ ମହୋଦୟ ପାର୍ଲିଆମେଣ୍ଟର ମେମ୍ବର ପଦରୁ ଅବସର ଗ୍ରହଣ କରିବାର ସ୍ଥିର ହୋଇଅଛି ।

କଲିକତା ଏବଂ ଉଚ୍ଚ ନଗରର ଜଣେ ପ୍ରଧାନ ଯୌବାଗଣ ବାବୁ ଦୁର୍ଗାଚରଣ ଲଛିତକୁ ପ୍ରେସିଡେନ୍ସିର ଗବର୍ଣ୍ଣର ହୁଇଜଣ ବିଗାଙ୍ଗ ପଦର ସମ୍ମାନାର୍ଥ ଦେଇ ଅଛନ୍ତି । ଏପରି ସମ୍ମାନ ସହ ପ୍ରଥମ ଦେଶଜକାଷ ସେବକୁ ବର୍ତ୍ତମାନ ମିଳଇ । ଏହା ଅବଶ୍ୟ ଆନନ୍ଦର ବିଷୟ ।

ମାଉଣ୍ଟଲସଠାରେ ମଧ୍ୟ ଫସ୍ତିନ୍ ଓ ଉଠାଗସ୍ତଙ୍କ ମଧ୍ୟରେ କେବଳ ବନ୍ଦୋବସ୍ତ ଲାଗି ଯାଇଥିବାର ସମ୍ବାଦ ମିଳଇ ।

ଦୁଇଷ୍ଟର ସୁଲେତାନଙ୍କ ଅନୁରୋଧ ମତେ ମିସରଦେଶର ରେଲବ ଗ୍ରୀଷ୍ମକାଳ କନ୍‌ଷ୍ଟାଣ୍ଟିନୋପଲ ଠାରେ ଯାପନ କରିବାର ସ୍ଥିର କରିଅଛନ୍ତି ।

ବମ୍ବଇ ଉତ୍ତରପଶ୍ଚିମାଞ୍ଚଳରେ ଅସ୍ମାକଂ ଭାରତବାସୀର ମହାରାଜା ଗତ ଜୁଲାଇ ତା ୩୦ ରେ ଶ୍ରୀମଦ୍‌ଭାଗବତ ଯେଉଁ ସହରରେ ସେତ କରିଥିଲେ ।—ବଡ଼ ସୁଖର କଥା ।

ଗତ ଜୁନମାସ ତା ୨୫ ତାରିଖର ସମ୍ବାଦରୁ ପ୍ରକାଶ ଯେ ଅଗ୍ରାଠାରୁ ଅନ୍ୟ ଦୁଇଟି ଏକ ସ୍ଥାନରେ ଏକତ୍ର କରି ଯାତ୍ରୀଙ୍କ ଉତ୍ପାତମାନେ ଆକ୍ରମଣ ଓ ଅପାତ କରି ଗଣା ଶନ୍ୟ ଲୁଟି ନେଇ ଅଛନ୍ତି ।—ଅଡ଼ବାଲ ଘଟଣାର ପ୍ରକାଶ ଏଠାରୁ ଅଧିକ ହୋଇଅଛି ।

ଜାପାନ ସେନା କୋରିଆଠାରେ ଉପସ୍ଥିତ ଥିବାରୁ ଚୀନ ଓ ଜାପାନ ମଧ୍ୟରେ ମନୋମାଳିନ୍ୟ ଜାତ ହୋଇଅଛି ।

କଲିକତାର ବଙ୍ଗବାସୀ ସମ୍ବାଦପତ୍ର ନାମରେ ଯେଉଁ ମାନହାନି ସମ୍ବନ୍ଧୀୟ ମୋକଦ୍ଦମା ଫୌଜଦାରୀ ଅଦାଲତରେ ଚଳୁଥିଲା ତହିଁରେ ଅସାମୀ ପକ୍ଷରୁ କ୍ଷମା ପ୍ରାର୍ଥନା କରିବାରୁ ମଧ୍ୟରେ ମୋକଦ୍ଦମା ଉଠାଇ ନେଇଥିବାର ସମ୍ବାଦ ମିଳଇ । ବଙ୍ଗବାସୀ ସମ୍ବାଦପତ୍ରରେ ଉକ୍ତ କ୍ଷମା ପ୍ରାର୍ଥନା ଛପା ହେବ ଏବଂ ମୁଦ୍ଦଇ ପକ୍ଷ ଅର୍ଥ ଫୌଜଦାରୀ ଅଥବା ଦେଓ୍ୱାନୀ ଅଦାଲତରେ ଅସ୍ମାକଂ ନାମରେ ମୋକଦ୍ଦମା ନ କରିବା କାରଣ ପ୍ରସ୍ତୁତ ହୋଇଅଛନ୍ତି ।

ଜାପାନର ଦକ୍ଷିଣ ଭୂମିକମ୍ପଦ୍ୱାରା ତୋକିଓ ଏବଂ ୟୋକୋହାମାଠାରେ ବିଶେଷ କ୍ଷତି ହୋଇଥିବାର ସମ୍ବାଦ ମିଳଇ । ଏହାଦ୍ୱାରା ଅନେକ ଲୋକେ ଘରଦ୍ୱାରକୁ ଅନ୍ତର୍ହିତ ଏବଂ ଅନେକେ ପୀଡ଼ା ପ୍ରାପ୍ତ ହୋଇଅଛନ୍ତି ।

ସମ୍ପ୍ରତି ସ୍ଥିର ହୋଇଅଛି ଯେ ବେଙ୍ଗାଲ କଣ୍ଟେନଗରୀ ଯୁଦ୍ଧ ଦାଗ ସାହେବ କାଳର ଯେଉଁ ଦାନ ପ୍ରଥମ ପ୍ରକାଶରେ ବଳଞ୍ଚ ଉପରେ ଘାତ କଲେ ତଦପେକ୍ଷା ଅଧିକ ହୋଇଅଛି ।

ଏକ ବଲାଡିନବିଦ୍ୟାଳୟ ପ୍ରକାଶ କରି ଅଛନ୍ତି ଯେ ମୃତଦାରମାନଙ୍କର ଦ୍ୱିତୀୟ ବିବାହର ହାରହାରି ବୟସ ୪୫ ଓ ଏବଂ ଦାରଗ୍ରାହୀମାନଙ୍କର ଦ୍ୱିତୀୟ ବିବାହର ହାରହାରି ବୟସ ୪୫ ଓ ଅଟଇ ।।

Digitized by srujanika@gmail.com

Split by PDF Splitter



ବାଳପୁରଠାରେ ଜଣେ ସାଧୁ ଗଛରେ ଫାଶ ଦେଇଥିବା କାର୍ଯ୍ୟରେ ଧରାପଡ଼ି ଥିବାର ସମ୍ବାଦ ମିଳଇ । ସାଧୁ କହେ ସେ ତାହାର ଗୁରୁଙ୍କ ଆଦେଶରେ ସେ ଏପରି କରିଅଛି । ଏ ଅପରାଧ ପିନାଲ କୋଡ଼ର ଦଫାମଧ୍ୟରେ ନ ଆସିବାରୁ ସାଧୁ ବାବାଙ୍କ ମୁକ୍ତି ଲାଭ ହେଲା ।

ଇଂରାଜମାନଙ୍କ ମଧ୍ୟରେ ଶତକଡ଼ା କେବଳ ୭ ଜଣ ଲୋକ ଆପଣାର ନାମ ଦସ୍ତଖତ କରି ପାରନ୍ତି ନାହିଁ । ଯେତେବେଳେ ମହାରାଣୀ ସିଂହାସନାରୂଢ଼ ହେଲେ ସେତେବେଳେ ଶତକଡ଼ା ୪୧ ଜଣ ଲୋକ ଲେଖି ପାରୁ ନ ଥିଲେ ।

ନରଓଏଠାରେ ଏକ ନୂତନ ଆଇନ ଜାରି ହୋଇଅଛି । ଏ ତଦ୍ବାରା ଯେଉଁ ବାଳିକା ସୂଚିକର୍ମ ସେଲାଇ ଏବଂ ସୂତାକାଟି ଜାଣନ୍ତି ନାହିଁ ସେ ବିବାହ ହେବାକୁ ଅସମର୍ଥ ଅଟନ୍ତି ।—ଭଲ ।

ଆଟଲାଣ୍ଟିକମହାସାଗରରେ ଆମୋଦାର୍ଥ ଏକ ନଗର ନିର୍ମାଣ କରିବା କାରଣ ଜଣେ ଆମେରିକାବାସୀ ବ୍ୟସ୍ତ ହୋଇ ଅଛନ୍ତି । ଲୌହଖଣ୍ଡରେ ନଗର ନିର୍ମିତ ହୋଇ ତହିଁରେ ହାଟ, ଥିଏଟର ସଙ୍ଗୀତଶାଳା, ଉଦ୍ୟାନ, ଇତ୍ୟାଦି ନିର୍ମିତ ହେବ । ନଗରଟି ଏମନ୍ତ ଦୃଢ଼ ହେବ ଯେ ଆଟଲାଣ୍ଟିକ-ମହାସାଗରର ନିତାନ୍ତ ପ୍ରବଳ ତୋଫାନ ସୁଦ୍ଧା ତାହାର କିଛି କରି ପାରିବ ନାହିଁ ।—ଏହାକୁ ଧନ୍ୟ ? ସେ ସମୁଦ୍ରେ ଅନେକ ଗୁଡ଼ାଏ ଲୋକର ଏକକାଳୀନ ମରଣର ଉପାୟ ଯାନ୍ତି କାହାନ୍ତି ?

## ଯାଜପୁର-ସମ୍ବାଦ ।

ଏ ଅଞ୍ଚଳର ମୁନସଫ ଶ୍ରୀଯୁକ୍ତ ବିପିନଚନ୍ଦ୍ର ଚଟ୍ଟୋପାଧ୍ୟାୟ, ଏଲ ଏଠାକାର କାର୍ଯ୍ୟ ଶେଷ କରି ବାଲେଶ୍ବର ପ୍ରସ୍ଥାନ କରି ଅଛନ୍ତି ଏଥର ମକଦ୍ଦମା ସଂଖ୍ୟା ଏତେ ଅଧିକ ହୋଇ ଥିଲା ଯେ ଅନେକାଂଶରେ ତାଙ୍କର ଏଠାରେ ଦୁଇମାସ ରହିବାର ନିୟମ ଥିବାସ୍ଥଳେ କାର୍ଯ୍ୟାଧିକ ହେତୁରୁ ଏଥର ଅଠମାସରୁ ଊର୍ଦ୍ଧ୍ୱ ରହି ଥିଲେ ।

ଯାଜପୁର ଥାନାର ଯେଉଁ ବଧାବସ୍ଥିତ ନଦୀ ସମୀପରେ କନେଷ୍ଟବଳ ଟ ୧।୵୨ ତହବିଲ ତୋଷରଫ କରି ଫୌଜଦାରୀ ସୋପର୍ଦ୍ଦ ହୋଇଥିଲା ଶ୍ରୀଯୁକ୍ତ ସବଡ଼ିଭିଜନ ମାଜିଷ୍ଟ୍ରେଟଙ୍କ ବିଚାରରେ ତାହାର ଦେଢ଼ବର୍ଷ କାରାବାସ ଓ ଟ ୨୦୧ ଙ୍କା ଅର୍ଥଦଣ୍ଡର ଆଦେଶ ହୋଇଅଛି ।

କେତେକ ଦିନ ହେଲା ବିରଜାଠାକୁରାଣୀଙ୍କ ଶ୍ରୀମନ୍ଦିର ଉପରେ ଶାଗୁଣା ବସିବାରୁ ଦେବୀଙ୍କ ଏପରି ଘଟଣା ହୋଇ ଯାଇଥିବାର ସମସ୍ତେ ମନରେ କରି ସାମାନ୍ୟରେ ହୋମ ଓ ବ୍ରାହ୍ମଣଭୋଜନାଦି କରାଇବାର ଆୟୋଜନରେ ଥିଲେ ମାତ୍ର ଏଥିମଧ୍ୟରେ ପୁଣି ଏଠାକାର ବିଖ୍ୟାତ ମହାଦେବ ତ୍ରିଲୋଚନଙ୍କ ମନ୍ଦିର ଉପରେ କ୍ରମାଗତ ଶାଗୁଣା ବସୁଥିବାରୁ ଲୋକମାନେ ଭବିଷ୍ୟତ ଅନିଷ୍ଟ ହେବାର ମନରେ କରି ନିତାନ୍ତ ଭୟପ୍ରାପ୍ତ ହୋଇଅଛନ୍ତି ।

ବାଲିଚନ୍ଦ୍ରପୁରର ପାଠଶାଳାର ଶିକ୍ଷକଙ୍କ ହସ୍ତରେ ସେଠାକାର ସବ୍ପୋଷ୍ଟଅଫିସର ଭାର ଥିବାରୁ ସେ କେତେକ ସରକାରୀ ଟଙ୍କା କିଛି କାଳ ନିମନ୍ତେ ଆତ୍ମସାତ କରି ଥିବା ଅପରାଧରେ ଫୌଜଦାରୀ ସୋପର୍ଦ୍ଦ ହୋଇ ଅଛନ୍ତି ବିଚାରର ଫଳ ପରେ ପ୍ରକାଶ କରିବୁଁ ।

ଏ ଅଞ୍ଚଳରେ ପ୍ରାୟ ୫ ।୬ ଦିନ ଅନ୍ତର ମେଘ ବର୍ଷା ହେଉଅଛି ମାତ୍ର ତଦ୍ଦ୍ୱାରା କୃଷି କାର୍ଯ୍ୟର କୌଣସି ବିଶେଷ ଉପକାର ହୋଇ ପାରୁ ନାହିଁ କାରଣ ଉପଯୁକ୍ତ ଜଳ ଅଭାବରୁ ଅଦ୍ୟାପର୍ଯ୍ୟନ୍ତ ସମସ୍ତ ବିଲ ବେହୁଡ଼ା ହୋଇ ପାରୁ ନାହିଁ ଯେଉଁ ବର୍ଷା ହେଉଅଛି ତହିଁରେ ଶସ୍ୟ ହେବାକୁ ତାହା ଶୁଖି ଯାଉ ଅଛି ।

ଏଠା ସବରେଜିଷ୍ଟ୍ରରଙ୍କ ଅଫିସରେ ରେଜିଷ୍ଟ୍ରି ଦଲିଲର ସଂଖ୍ୟା ଏତେଦୂର ବୃଦ୍ଧି ହୋଇଅଛି ଯେ ନ ୪।୫ ଜଣ ଲୋକ କ୍ରମାଗତ ନକଲ ଓ ମୁହାବିରା କରି ସୁଦ୍ଧା ନିର୍ଦ୍ଦିଷ୍ଟ ସମୟମଧ୍ୟରେ ଦଲିଲ ଫେରସ୍ତ ଦେଇ ପାରୁ ନାହାନ୍ତି ଅଧିକ ସଂଖ୍ୟକ ଦଲିଲ ରେଜିଷ୍ଟ୍ରି ହେବା ଦେଶପକ୍ଷରେ ଅମଙ୍ଗଳର ଚିହ୍ନ ଭିନ୍ନ ଅନ୍ୟ କିଛି ନୁହେ କେବଳ ଅନ୍ନକଷ୍ଟ ଏହାର ପ୍ରଧାନ କାରଣ ଅଟେ ।

## ଢେଙ୍କାନାଳ-ସମ୍ବାଦ ।

ବୃଷ୍ଟି ବହୁପରିମାଣରେ ହେଉଥିବାରୁ ଧାନ୍ୟଫସଲ ଉତ୍ତମ ବର୍ଷ ଭଲ ହେବାର ବୋଧ ହେଉ ନାହିଁ । ବ୍ରାହ୍ମଣୀ ନଦୀ ବୃଦ୍ଧି ହୋଇ ବନ୍ୟାର ହୋଇଥିଲା ।

ଶ୍ରୀଗୁଣ୍ଡିଚାଦିନ ସକାଳ ଓ ପରଦିନ ବଡ଼ ବୃଷ୍ଟି ହୋଇଥିବାରୁ ଯାତ୍ରୀ ସଂଖ୍ୟା ସେତେ ବେଶୀ ହୋଇ ନ ଥିଲେ ନ୍ୟୁନକଳ୍ପେ ଚଉଦହଜାରରୁ ଊଣା ନୁହନ୍ତି ।

ଆମ୍ଭମାନଙ୍କ ଶ୍ରଦ୍ଧେୟ ମେନେଜର ବାବୁ ଶ୍ରୀକୃଷ୍ଣଚନ୍ଦ୍ର ମହାନ୍ତି ମହାଶୟ ଓ ଓଭରସିୟର ଇଞ୍ଜିନିୟର ବାବୁ ଶ୍ରୀ ବଳିମଦନ୍ ମଜୁମଦାର ମହାଶୟଙ୍କ ଚେଷ୍ଟା ଓ ଯତ୍ନଦ୍ୱାରା ପ୍ରାଚୀନ ମୂର୍ତ୍ତିକାନିର୍ମିତ ଗୁଣ୍ଡିଚାମନ୍ଦିର ଭଗ୍ନ ହୋଇ ପକ୍କାରେ ନିର୍ମିତ ହୋଇ ମନ ହରଣ କରୁଅଛି । ଶ୍ରୀ ଶ୍ରୀଜଗନ୍ନାଥମହାପ୍ରଭୁ ଗୁଣ୍ଡିଚାଯାତ୍ରା ଶେଷକରି ରତ୍ନମନ୍ଦିରରେ ବିରାଜମାନ କଲେ ସମସ୍ତ ଭଦ୍ରଲୋକମାନେ ଉପସ୍ଥିତ ହୋଇଥିଲେ । ତୁଇବଲ ସଙ୍ଗୀତ ନାଚ ହୋଇଥିଲା । ସାଧାରଣଲୋକମାନେ ନାଚ ଦେଖି ଅତୀବ ପ୍ରୀତ ହୋଇ ବାବୁମାନଙ୍କୁ ଶତ ଶତ ଧନ୍ୟବାଦ ଦେଇ ଗୃହାଭିମୁଖ ହେଲେ ।

ନଳଭଡ଼ଙ୍ଗ ଭଗୀରଥସାଗର ସୁନ୍ଦରଣୀ ମସ୍ତ ହୋଇ ଏକପାଦ୍ୟବଳୀରେ ଶୋଭିତ ହୋଇଅଛି ।

ବନ୍ଧାଣ କୋରଣ୍ଡଶଙ୍ଖ ଏପରି ଲୌହଦ୍ୱାର ନିର୍ମିତହୋଇ ଅଛି ଯେ, ହାତୀଆଦି ଅନେକ ଜନରେ ଗଳିଲେ କୌଣସି କ୍ଷତ ହେଉ ନାହିଁ ।

ଉକ୍ତ ମହୋଦୟମାନଙ୍କଦ୍ୱାରା ଏ କାର୍ଯ୍ୟମାନ ସାଧିତ ହେଉଥିବାରୁ ଶତ ଶତ ଧନ୍ୟବାଦ ଦେଉଅଛୁଁ ।

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ତତ୍ତ୍ୱାନୁସନ୍ଧାନୀ—ଆପଣଙ୍କର ପତ୍ର କୁତ୍ସାଘଟିତ ଥିବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ଆପଣଙ୍କର ଉପଯୁକ୍ତ ବିଚାରାଳୟରେ ନାଲିସ କରିବାର ଉଚିତ । ନାଲିସ ହେଲେ ତହିଁର ବୃତ୍ତାନ୍ତ ସ୍ଥାନୀୟପତ୍ରିକାରେ ପ୍ରକାଶ ହୋଇ ପାରେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ  
ସମୀପେଷୁ ।

ମହାଶୟ !

ସ୍ୱର୍ଗୀୟ ବନ୍ଧୁ ନନ୍ଦକିଶୋର ଦାସ ବାହାଦୁରଙ୍କ ଚିରସ୍ମରଣୀୟ କୀର୍ତ୍ତି ନିମନ୍ତେ ଅସ୍ମମାନଙ୍କ ମହାଫିଜ ବାବୁ ଶ୍ରୀ ବନମାଳୀ ସିଂହ ମହାଶୟଙ୍କ ବୈଠକଖାନାରେ ଏକ ବୃହତ୍ ସଭା ହୋଇଥିଲା ।

ସଭାରେ ଏହି କଥା ଧାର୍ଯ୍ୟ ହେଲା ଯେ ଚାନ୍ଦା ସଂଗ୍ରହ ଅସ୍ତୁ ଦୃଷ୍ଟିରେ ତାଙ୍କ କୀର୍ତ୍ତି ରକ୍ଷିବ ମଧ୍ୟ ସଭାସ୍ଥ ସମସ୍ତ ଉପସ୍ଥିତ ବ୍ୟକ୍ତିମାନଙ୍କଠାରୁ ଟ ୧୭୬୯ ଙ୍କା ଚାନ୍ଦା ସ୍ୱାକ୍ଷର ହେଲା । ବିଶେଷ ଚାନ୍ଦା ଅଧିକ ହେବାନିମନ୍ତେ କେତେକ ଭଦ୍ରଲୋକଙ୍କଠାରେ ମଫସଲର ଓ ସହରର ଭାରାର୍ପିତ ହୋଇ ସଭା ଭଙ୍ଗ ହେଲା । ନିମ୍ନ ଲିଖିତ ରଚନାଟି ଶୋକଚିହ୍ନ ସ୍ୱରୂପ ଗୌରାଙ୍ଗ ଗ୍ରନ୍ଥପଟ୍ଟନାୟକ ଓ ଚନ୍ଦ୍ରଶେଖର ପାଣିଙ୍କଦ୍ୱାରା ପଠିତ ହେଲା ।

ଆହା ଧନୁର୍ଦ୍ଧର ସାଇବର ବୃତ୍ତରେ ।

ନନ୍ଦକିଶୋର ମଙ୍ଗଳ ଧାମ୍ନି  
ମନ୍ଦବୃଦ୍ଧି କାଳେ ଖେଦ ପାଇ  
କନ୍ଦର୍ପ ରୂପକୁ ପାସୋର ନ ପାର ହୃଦ ନେଷ୍ଟୁ-  
ଙ୍ଗାର ନଗଡ଼ାଇ ଦେ । ବାନ୍ଧବ ।

ବଧି ! ଏ କି ଦାରୁଣ ସମ୍ବାଦ  
ବୁଦ୍ଧି ନ ଦିଶେ ନ ଚଳେ ପାଦ  
ଅଧୀର ଉତ୍କଳ-କୋଳ-ସଙ୍ଗାଳ ଏ ହୃଦେ କହ  
ବିଷମ ଉନ୍ମାଦରେ । ବିଧାତା ।

ଭୂଷିଦେଲୁ ଥରେ ହୃଦେ ଭୁଲ  
କୀର୍ତ୍ତିଚନ୍ଦ୍ର ଭଗୀରଥ-ସ୍ତୁତ  
ପତିତ ହୋଇଲେ କାଳକବଳରେ କହ ଏହି  
ଦାରୁଣ ଜଡ଼ଦନ୍ତ ରେ । ବିଧାତା ।

ଶୁଝି ନାହିଁ ମୋ ହୃଦୁଁ ସେ କ୍ଷତ  
ମଝି ସହୁପାରେ କି ପର୍ବତ ?  
ସୃଷ୍ଟି ହେଲୁ କିମ୍ପା ଅସହ୍ୟ ଯନ୍ତ୍ରଣା, ଦେଇ  
ଦାରୁଣ ବଧି କନ୍ଦଳରେ । ବିଧାତା ।

କେତେଭଅର ପୁଣି ଏହିପରି  
ଶତ କ୍ଷତରେ ହୃଦ ଅବରି  
ସହେ ଖଣ୍ଡ ଖଣ୍ଡ କରି ଭେଦିବାକୁ କିମ୍ପା  
ବଳଲ ମନ ତୋହର ରେ । ବିଧାତା ।

ଶୁଣି ନନ୍ଦକିଶୋର ନିଧନ  
ଗୁଣି ଗୁଣ ବିଳପନ୍ତି ଜନ  
ପ୍ରାଣି- ଅର୍ତ୍ତିନାଦେ ନ ଦ୍ରବେ ତୋ ହୃଦ—  
କିମ୍ପା କହନ୍ତୁ ତୁ ବଡ଼ପଣ ରେ । ବିଧାତା ।

ଶୁଣୁଥିବୁ ତୁ ସର୍ବଥା ଆଲି  
ଶୁଣୁଛନ୍ତି ଯାହା ଭକ୍ତ ଭାଇ

Digitized by srujanika@gmail.com

ତାଙ୍କୁ ଛନ୍ତି ରଣେ ଯୋଗ୍ୟ ସରଦାର ହସ
ଯେତେ ନଗ୍ଣ ସିପାହୀଙ୍କର । କଥାଟା ।
ନାହିଁ ମରିବାକୁ ଦେଖିକଣ
କାହିଁପାଇଁ ଏ ଆଚରଣ
ମୁହିଁ କହ୍ମା ତାଙ୍କ ମରଣ ଶୁଣିଲି ଏକଥିସେ
ନ ହେଲୁ ନିଧନରେ । କଥାଟା ।
କଣାପରି ତୃତ୍ରି ଆକାଶର
ମିଶାଣିଅପଣଷ୍ଟ ଭୂମିର
ତଷା ଧାଣ ହାଡ଼ୀଠାରୁ କଡ଼ିଲେକ ବାନ୍ଧିଥିଲ
ପ୍ରଣୟ ପାଶର ହେ । ବାବୁ ହେ ।
ସ୍ୱାଧୀବାହାଦୁର ଅଳଙ୍କାର
ହାୟ ଶୋଭୁଥିଲ କନ୍ଧର
ସ୍ୱର୍ଗ୍ଗାନ କଥି ସୁନ୍ଦର-କସେଧି ହରିନେଲ
ରହିଁ ଜଲ ଜଳ ହେ । ବାବୁ ହେ ।
ଅମ୍ଭେ ଭୂମି ଅନୁଗତ ସଙ୍ଗେ
ଦମ୍ଭେ ହୃଦୟ ନ ରହେ ଲବେ
ସବେଷ୍ଟିତ ହୋଇ ସର୍ବେ ବସିଥିଲୁଁ ହରିନେଇ
ଗଲ କୂର ଯେବେ ହେ । ବାବୁ ହେ ।
ଧର ଢାଲଣ ଦନ୍ତେ ବକଲେ
ମାରିଥାନ୍ତି ମୃଣ୍ଡିଅ ସକଲେ
ଯନ୍ତ୍ରଣା ଯାହା ଲୋଡ଼ା କରୁଥାନ୍ତି ଦେଖି
ନ ପାରିଲୁଁ ବେନ୍ତୋଳେ ହେ । ବାବୁହେ ।
ପାଢ଼ଗନ୍ଧୁ ଦେଖି ନ ପାରିଲୁଁ
ତାପ ଭିର ସାଇ ମାଟି ହେଲ
ଅପ ଛେଡ ବାୟୁ ଦକାକାଶମୟ ଦେହ ଗଡ଼ି
ପ୍ରାଣ ଉଡ଼ିଗଲ ହେ । ବାବୁହେ ।
ଧନ୍ୟ ଯୋଦ୍ଧାମୟ ବୁଦ୍ଧି ତବ !
ଅକ୍ୟଲେକଙ୍କର ସେ ଅସମ୍ଭବ
ସୈନ୍ୟ ଦଳ ପର ଭଜଇ ସମରେ ଯାହା
ହୋଇଥିଲ ସେ ଦରବ ହେ । ବାବୁ ହେ ।
କାରବେଶେ ପଶିଲ ସମର
ତରବାରି-କଲମ ଶାଣିର
ଉଦ୍ଧତ ଅସ୍ତ୍ର ସୁନାଶିରଠାରେ ହୁଏ ନାହିଁ
ଏତେ ବୋଲକର ହେ । ବାବୁହେ ।
ଶତ୍ରୁ ପବନ ଅହୃତ କର
ଛୟ ଅଙ୍ଗେ ସାଧେ ଅଜଗୁଲ
ରିପୁ ପସ୍ତଏ ମାଷ୍ଟ କାଟିଲ—ଛଡ଼ି
ଜନ୍ମଭୂମି ଜୟ ପୁର ହେ । ବାବୁ ହେ ।
କେନ୍ଦୁଝର ଝରମାର ଥାଗ
ବନ୍ଦ ମାଡ଼େ ନ ରଖି ତେବେସ
ଜାନୁଥିଲୁଁ ସର୍ବେ ହେଲ ଦେଖି ବଳା-ବାଠ
ଜମ୍ଭକଦ ଗୋଗ ହେ । ବାବୁହେ ।

ଏଥିଅନନ୍ତରେ ଏକଧନ
ହେଉ ଦର୍ଶାଇ ତକ୍ଷକୁ କର୍ଣ୍ଣ
ଅଭୁରେ କହିଲ "ଜନତାବୁଙ୍କର କନ୍ୟା
ଭବେ ଶେଷ କଲେ ଦଳ ହେ" ସ୍ୱଜନେ ।
ଶୁଣି ନୟନ ଶୋକେ ଅଭୁର
ଭଣିଦେଲ ଅନୁଭବ ଗୀର
ଶୁଣି ଅଗ୍ରଗଣ୍ୟ ଗୋପାଳବାବୁଙ୍କ କଭ୍—
ବେଳରେ ଦେଖିଥିବାର ହେ । ସ୍ୱଜନେ ।
ମନ ସବୁ ଇନ୍ଦ୍ରିୟ ପରଶ
କ୍ଷଣ ମାଣ୍ଟକେ ଦଳ ଫରଗ୍
ଅଣଅଯୁତ ହୋଇଗଲ ଅନ୍ତର—ଅଙ୍ଗେ
ପନ୍ଥହିଲ ବେଗେ ମୂର୍ଚ୍ଛା ହେ । ସ୍ୱଜନେ ।
ମୋହ ତେଜ ନୟନ ଫେଡ଼ିଲି
ହୋହ ଉତ୍କଳୟରେ ଦେଖିଲି—
ଅହୁଃ ବନ୍ଧୁ ଯେତେ ଅଦୃଶ୍ୟ ହୋଇଲେ—
କାନେ ବକଲେ ହୃଦ୍‌କଳବୀ ହେ । ସ୍ୱଜନେ ।
ବୋଲେ ଏକଲୁ ଥରେକ ସ୍ୱଳ
ହଲେ ସେ ରୂପ ମୂର୍ତ୍ତି ନୂଦଳ
ମଲେ ବିନା ଏହ ତର୍ ତାଷପନ୍ଥୁ—
କାଥ ଦେବ କବାଟେ ଲଗିଲ ହେ । ବାନ୍ଧବ ।
ତାର ଏ ବାଣୀ ଶୁଣି ଶ୍ରବଣେ
ଅଭ ଭାଇ ଏ ଦୁଃଖରେ କଣେ
ମରଣ କାରଣ କେବଳ ବାବୁଙ୍କ ପ୍ରିୟ-
ତମା ଭଗ୍ନୀ ବହୁତେ ହେ । ବାନ୍ଧବ ।
ଘାଟେ ଯାଉଛନ୍ତି ଯେତେ ତାଙ୍କ
ଘଟ ଅଣ୍ଟାରେ ଅଶ୍ରୁରେ ଧର
ରଟନା ହାତ୍ରୁ ଶୁଣି ସଉସ୍ୱରେ—
ସ୍ୱଚ୍ଛା ପୁଚ୍ଛ ଦୁଃଖ ମନସ୍ତ ହେ । ସ୍ୱଜନେ ।
"ଅହା ଦେଦେ ବୃଥାଗ ହାତମ
ଯାହା ପ୍ରତି କଥି ଏତେ ଦାନ
ତାହା କହୁଥିଲେ ନିଃସହାୟୀ—ସାହା
ଥିଲ ତାଙ୍କ ଅଟଳ କଲମ ଗୋ । ସୁମୁଖି ।
ତାଙ୍କ ଦେଖିଲ ପରା ନୟନେ
ବାବୁଙ୍କର ପଡ଼ିଗଲ ମନେ
"ଦୁଃଖ ପାଉଛନ୍ତି ଭଦ୍ରବନ୍ଧୀ କଥି" *ଏହିକଥା
ଖୋଦିଲେ କେତେ ଯେ ଗୋ । ସୁମୁଖି !
ଯାହା ପଢ଼ିବାର ମୂଲ ଶୁହି
ବାହାହେଲ ପଣ୍ଡିତ ତାତ୍ରା
ଛୀହା ପାଇଁ ସିନା—ଚୁରୁଟ ପ୍ରଶଂଷା—
ପାଞ୍ଚ ମୋହର ଦେଲେ କହ ଗୋ । ସୁମୁଖି ।
ବଡ଼ି ହୁଠୁଛ ଯୋଜ ଲୁହାସ
ରଡ଼ି ଗଡ଼ିଲେ ହୋଇଲ ବସ
ଓଡ଼ିଶା ଅଗ୍ରଜ—ବନ୍ଧୁ ଶତ୍ରୁଭବ—
ଯେତେ ଜର ସମ୍ମୁଖେ ବିନାଶ ହେ । ଶ୍ରୀପତି
ସଦା ଭଗତ-ମଙ୍ଗଳକାରୀ
ଭୂଦାହରଣ ମଧ୍ୟରେ ପୂର
କଦାନ୍ୟ ଲବକୁ କହୁବନ୍ତ ସନ୍ତେ—
ଆମ୍ବ ବାବୁଙ୍କ ଆତ୍ମା ଭୂପନ୍ ହେ । ମହେଶ ।

* ଜାହ୍ନାଷ୍ଟ ପର ପାରୁଣ କଥନ ସ୍ଥା ।

ଶ୍ରୀ ଗୌରଙ୍ଗ ଗ୍ରନ୍ଥସ୍ଥାପକ ଓ
ଚନ୍ଦ୍ରଶେଖର ପାଣି ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବୈକୁଣ୍ଠନାଥ ଦତ୍ତ | କଟକ | ଟ ୧ ୧ |
| ଶ୍ରୀ ରକ୍ଷପୁରୁ ବାସୁଦେବ ମହାପାତ୍ର କରକମଳପୁର | | ଟ ୩ ୧ |
| ବାବୁ ଘନଶ୍ୟାମ ଦାସ | କଟକ | ଟ ୩ ୧ |
| ମୁନସୀ ଏକରାମ ଅଲି | " | ଟ ୩ ୧ |
| ବାବୁ ରାମଚନ୍ଦ୍ର ମିଶ୍ର | " | ଟ ୧ ୧ |
| " ମଙ୍ଗଳୁ ମିଶ୍ର ମୌଲୁଭ଼ୀ | | ଟ ୩ ୧ |
| " ରଘୁନାଥ ମିଶ୍ର | | ଟ ୩ ୧ |
| ଶ୍ରୀ ସ୍ୱାମୀ ଭକ୍ତ ନରସିଂହପୁର | | ଟ ୩ ୧ |


## ବିଜ୍ଞାପନ ।

**WANTED**

A Third master for the Cuttack Town M. E. School. Salary Rs. 15 a month. Applications will be received by the Secretary upto the 20th inst.

11—7—94 } Visvanath Kar.
Cuttack, } *Head master C. T School.*

## ବିଜ୍ଞାପନ ।

# ଜାଦୁର ଅବ୍ୟର୍ଥ ମହୌଷଧ

(ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ।୷ ମାସୁଲ ଟ ୦। ଅଣା

ଏହି ଔଷଧ ବ୍ୟବହାରରେ ସର୍ବ ପ୍ରକାରର ଜାଦୁରୋଗ ଏକାବେଳକେ ଅରୋଗ୍ୟ ହୋଇ ଯାଏ । ଅଳ୍ପର ଅରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ ଏହାକୁ ବ୍ୟବହାର କଲେ କେଉଁ ସ୍ଥାନ ଲାଗି ଘଷିଣ ହୁଏ ନାହିଁ ଏବ ଏହା ଦର୍ଶେନ ଅଟେ । ଏଥିରେ ନାନାପ୍ରକାର ଚର୍ମ୍ମରୋଗ ନାଶ ହୁଏ । ଏହି ଔଷଧରେ ପ୍ରତ୍ୟେକ ଅନୁଭ କେତେକ ଯୋଗ ଅଧ୍ୟ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଦ୍ଭୁତ ଅତ୍ୟନ୍ତ ପ୍ରତ ହୋଇ ଅଛି । ଲୋକମାନେ ଏହି ବ୍ରତିତ ଲୋକରେ କ୍ରୟ ପାଇ ଅନେକ ଉପକୃତ ଅତଏବ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାର ବ୍ୟବହାର


Split by PDF Splitter
Digitized by srujanika@gmail.com

Split by PDF Splitter



କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ମୁଦ୍ରା ଦେଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମଚାରଣ ସେନ ।

ଦେଶ ହିତୈଷୀ ପ୍ରେସ; ବାଲେଶ୍ୱର ।

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, କଳୁଷ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଅରେ ଏହି ମହୌଷଧ ସେବନରେ ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ରୋଗୀ ବା ଯେଉଁମାନଙ୍କ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଅନ୍ୟ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ; ଶୁକ୍ରମେହ, ପୁରୁଷତ୍ୱହାନୀ, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ଇତ୍ୟାଦି

ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟପ୍ରତି ସିସି ଟ ୨ ଙ୍କା ପ୍ୟାକିଂ ଟ ୦/ ଅଣା ଡାକମାସୁଲ ଟ ।। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।

ଜେ, ପି, ରାୟ

ନଂ ୪୫ ମିର୍ ଜେଫ୍ରିଲା ଲେନ

କଲିକତା ।

## Advertisement

The following Lceal Scholarships and Free Studentship are vacant. Candidates are invited to apply to the undersigned within the 15th. July next.

| | | | |
|---|---|---|---|
| 1. | Mayo's Scholarship | Rs. 20 | Tenable for 2 years |
| 2. | Dhenkanal ,, | Rs. 8 each | |
| 2. | ,, ,, | Rs. 4 each | |
| 1. | Mourbhanj ,, | Rs. 7 | |
| 1. | Free studentship | | |

M. S. Das

Vice-Chairman

District Board Cuttack

## WANTED

A Head Clerk and Accountant for the Cuttack Municipal Office on a monthly salary of Rs. 40, rising to Rs. 50. Applications from intending candidates will be received by the undersigned up to the 31st July 1894.

None need apply who cannot produce satisfactory testimonials as to experience in office work and good character.

Preference will be given to the candidate who combines a thorough knowledge of account keeping to the above qualifications.

A cash security of Rs. 500 will be furnished.

RAM SANKAR KAY

*Vice-Chairman.*

## ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ୧୦ଖଣ୍ଡ ଯାଏ ପୁସ୍ତକ ଡାକରେ ଯିବାକୁ ମାସୁଲ ଏକ ଅଣା । ଅଳ୍ପ ପୁସ୍ତକ ବାକି ଅଛି ।

ବଟକେଳା } ବାମଣ୍ଡା
ଶ୍ରୀଦାଶରଥି ବାଜପେୟୀ } ସମ୍ବଲପୁର ପୋଃ

## ରାଗ-ରତ୍ନଦୀପକ ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ

ନୟାସଡ଼କ କଟକ

## କୃଷିପାଠ ।

ଏପର୍ଯ୍ୟନ୍ତ ଓଡ଼ିଆଭାଷାରେ ଯେତେ କୃଷିପାଠ ହୋଇଅଛି ଏ ପୁସ୍ତକ ସାପେକ୍ଷା ବୃହତ୍ ଅର୍ଥାତ୍ ପୃ ୧୬୯ ସ୍ଥାରେ ସମ୍ପୂର୍ଣ୍ଣ ଏବଂ ବିଶେଷ ଉପଯୋଗୀ । ଯେଉଁମାନେ କୃଷିକାର୍ଯ୍ୟ କରୁଅଛନ୍ତି ଅଥବା କରିବାକୁ ଇଚ୍ଛା କରନ୍ତି ସେମାନେ ଏହାକୁ ପଢ଼ିଲେ ଅନେକ ସଦୁପଦେଶ ପାଇବେ ସନ୍ଦେହ ନାହିଁ ।

ମୂଲ୍ୟ ଟ ୦ ।/
ଡାକମାସୁଲ ଟ ୦ ୯୬

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଉତ୍ତ କଲେ ଗ୍ରାହକମାନେ ପାଇ ପାରିବେ ।

## FOR SALE.

The under noted Elephants are for sale in the Mourbhanj State. Purchasers requiring further particulars as to their value, may apply direct to His Highness the Maharaja Mourbhanj.

| No. | Names of elephants. | Genders. | Heights |
|---|---|---|---|
| 1. | Sorod Mala | Female | 6 ft. 10 ich, |
| 2. | Bhimrothi | Do. | 6 ft. 2 ,, |
| 3. | Jhullon Piari | Do. | 6 ft. 10 ,, |
| 4. | Sohor Koli | Do. | 6 ft. 0 ,, |
| 5. | Chandro Shikor Prosad | Male Tusker | 5 ft. 7 ,, |
| 6. | Moti Gajodont | Do. | 5 ft. 6 ,, |

Baripada, } 21—6—94. }

By order

F. D'ELBOME

*Accountant.*

## ପ୍ରୟୋଜନୀୟ ପୁସ୍ତକ ।

ବସୁରିକା ଚିକିତ୍ସା ଓ ପଣକିଆମାଳିକା ଏକ ଅଣାରେ । ବସନ୍ତରୋଗ ଚିକିତ୍ସା ଓ ଧାନମାଳା ଛଅ ପଇସା ମୂଲ୍ୟରେ ଶବ୍ଦମାଳାର୍ଥ ଦୁଇପଇସା ମୂଲ୍ୟରେ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ମିଳେ

Digitized by srujanika@gmail.com

Split by PDF Splitter



## ସଂଗୀତସାର

### ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାଳିକାରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରବ ଦକ୍ଷିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଭାରତରେ ନୂତନ

### ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁଫ୍ୟାକ୍ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ଼
କାଲନା, ବେଙ୍ଗାଲ ।

ରେଜିଷ୍ଟ୍ରୀକୃତ ମୂଳଧନ ଟ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ଅବିଶୁଦ୍ଧପ୍ରକାରରେ ପ୍ରସ୍ତୁତ ହୋଇ ସର୍ବଦା ସହର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛା କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ଠାରୁ ଔଷଧ ଗ୍ରହଣ କରିବେ ।

ଏଠାରେ ଶିମ୍ବାଲୀ, କାଶ, ଜ୍ୱର, ଇନ୍ଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅବନୂତ ଉଭଟ ଓ ଜଟିଳ ପୀଡ଼ାସମୂହରେ ବିଶେଷ ଉପକାରୀ ଔଷଧ ସର୍ବଦା ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ କୁନ୍ତଳ-ତୈଳ;—ଶିରଶୀତଳ ଓ ସୌରଭ ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ଚନ୍ଦ୍ରାହେତୁ ମସ୍ତିଷ୍କବିକୃତର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧ ୯ ଖରଚ୍ଚ ଟ ୦।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ୦ ୫ ୯ ଡାକଖର୍ଚ୍ଚ ଟ୦ ।୵

କୁନ୍ତଳକୌମୁଦୀ-ତୈଳ;—ନୂତନ ଔଷଧ-
ନାଶିଅର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧ ୯ ଖର୍ଚ୍ଚ ଟ ୦।୵

ଏହି କମ୍ପାନୀ ୧୮୮୨ ସାଲର ୬ ଅଇନ ଅନୁସାରେ ରେଜଷ୍ଟ୍ରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୯ ଟା । ୧।୨ କିସ୍ତିରେ ଟ ୨୫୯ କ ହିସାବରେ ଅଦାୟ ହେଉଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲଭ ଦେଖାଇବାକୁ ସାହସ କରନ୍ତି । ଏଉତବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକମାନେ ସତ୍ୱର ନାମଧାମ ସହ ଅବେଦନ କରିବେ ।

ଶ୍ରୀ ଷଷ୍ଠିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟରୀ ଏବଂ ଟ୍ରେଜରର

---

## NOTICE.

*A COMPLETE KEY*

( Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c. )

To

Lethbridge's Easy Selections
( Minor course 1895 )

BY

AKSHOY KUMAR GHOSE
AND
HARA CHAND GHOSH
in the press

Price per copy Re. 1—0—0
Postage one anna extra for muffasal.
To be had of the Secretary Printing Company Cuttack

---

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ଦୋକାନରେ ପଦ୍ୟପେରା ଉଣା ମୂଲ୍ୟରେ କେତେଦିନ ସକାଶେ ବିକ୍ରୟ ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେଈ-ବିରଚିତ ) ଟ୦ ୯୧

ବସଲେଖା ( ଉପେନ୍ଦ୍ର,ଭଞ୍ଜ ବିରଚିତ ) ଟ୦।୵

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ଟ ୦ ୵ |
| ଏକତ | ଦ୍ୱିତୀୟ ଏକତ | ଟ ୦ ୵ |
| ଏକତ | ତୃତୀୟ ଏକତ | ଟ ୦ ୵ |
| ଏକତ | ଚତୁର୍ଥ ଏକତ | ଟ ୦ ୵ |
| ଗୀତଲତିକା | | ଟ ୦ / |
| କବିଲାସ ସେତୁ | | ୧ ୦ / |

କଟକ
୨୭।୬।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

---

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary.
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India
Buckley's History of England
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଶର୍ତ୍ତା ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତା ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୯ ଗ } ତା ୨୮ ତମ ମାହେ ଜୁଲଇ ସନ ୧୮୯୪ ମସିହା । ଦୁ । ଉ ୭ ଜ ଶ୍ରାବଣ ମାହ ୧୩୦୧ ସାଲ ଶନିବାର । { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ସଂ ୨୯ ଖ୍ୟା } { ପଶ୍ଚାଦ୍ଦେୟ ଟ ୩।୰

ସଞ୍ଜୀବନୀରେ ପାଠକଙ୍କ ଦ ଡାକ୍ତର ନଶିକାନ୍ତ ଗୃହଁର୍ଯ୍ୟା ହାଇଦରାବାଦର ଏକ ନବାବ କନ୍ୟାକୁ ବିବାହ କରି ମୁସଲମାନଧର୍ମାବଲମ୍ବନ କ ... ନ୍ତି । ନବାବ କନ୍ୟା ବାର୍ଷିକ କୋଡ଼ିଏହଜାର ଟଙ୍କା ଆୟ ହେବା ସମ୍ପତ୍ତିର ଉତ୍ତରାଧିକାରିଣୀ ଅଟନ୍ତି । ନଶିକାନ୍ତ ବାବୁଙ୍କର ପୂର୍ବ ବିବାହିତା ଭାର୍ଯ୍ୟା ଜୀବିତ ଥିବାରୁ ଏହି ପରିବର୍ତ୍ତନ ଅଧିକତର ଶୋକାବହ ଅଟେ ।

---

ପାରଲାଖିମୁଣ୍ଡିରୁ ବାବୁ ବଳଭଦ୍ର ନନ୍ଦ ଲେଖିଅଛନ୍ତି ଯେ ସେଠାର ଉତ୍କଳ ଛାତ୍ରବୃନ୍ଦ ଉତ୍କଳ ବିଦ୍ୟାବର୍ଦ୍ଧନୀ ନାମକ ଗୋଟିଏ ସମାଜ ସ୍ଥାପନ କରିଅଛନ୍ତି । ଗତମାସ ତା ୧୯ ରିଖରେ ସେଠା ବାଳକାବିଦ୍ୟାଳୟ ଗୃହରେ ଏହି ସମାଜର ଗୋଟିଏ ଅଧିବେଶନ ହୋଇଥିଲା ଏବଂ ସ୍ୱୟଂ ମହାରାଜା ଶ୍ରୀ ଶ୍ରୀ ପଦ୍ମନାଭ ଦେବ ସଭାପତିର ଆସନ ଗ୍ରହଣ ପୂର୍ବକ ବାଳକମାନଙ୍କର ରଚନା ଶ୍ରବଣ ଏବଂ ଗୁରୁଶୁଶ୍ରୂଷା ବିଷୟର ଏକ ଅଭିନୟ ଦର୍ଶନ କରି ଗୋଟିଏ ସଦୁପଦେଶପୂର୍ଣ୍ଣ ଦୀର୍ଘବକ୍ତୃତା ପ୍ରଦାନଦ୍ୱାରା ସଭାର ଉତ୍ସାହ ବୃଦ୍ଧି କରିଥିଲେ । ବାଳକମାନଙ୍କର ଉତ୍କର୍ଷ ସାଧନାର୍ଥେ ମହାରାଜାଙ୍କର ଏପରି ସହାନୁଭୂତି ଅବଶ୍ୟ ପ୍ରଶଂସନୀୟ ଅଟେ ।

---

କଲିକତା ମୂକ ବଧିର ବିଦ୍ୟାଳୟର ସମ୍ପାଦକ ବାବୁ ଉମେଶଚନ୍ଦ୍ର ଦତ୍ତଙ୍କ ଅନୁରୋଧ ମତେ ଜଣାଉଅଛୁଁ କି ଏହି ବିଦ୍ୟାଳୟ ନିମନ୍ତେ କଲିକତା କଲେଜ ସ୍କୋୟାର ନ ୪ ନମ୍ବର ଭବନ ଭଡ଼ା ନିଆ ଯାଇଅଛି ଏବଂ ବର୍ତ୍ତମାନ ୧୫ ଜଣ ଛାତ୍ର ଶିକ୍ଷାଲାଭ କରୁଅଛନ୍ତି । ସେହି ଭବନରେ ଛାତ୍ରମାନଙ୍କର ବସା ଓ ଅହାରାଦିର ବନ୍ଦୋବସ୍ତ ହୋଇ ପାରେ । ୬ ଜଣ ବାସିନ୍ଦା ଛାତ୍ର ପ୍ରାପ୍ତ ହେଲେ ସେଥିର ବନ୍ଦୋବସ୍ତ ହେବ ଓ ଜଣେ ଶିକ୍ଷକ ତତ୍ତ୍ୱାବଧାରକ ସ୍ୱରୂପ ନିଯୁକ୍ତ ହେବେ । ମୋଫସଲରୁ ଯେଉଁମାନେ ଛାତ୍ର ପଠାଇବାକୁ ଇଚ୍ଛା କରନ୍ତି ସମ୍ପାଦକଙ୍କ ନାମରେ ଉପରଲିଖିତ ଠିକଣାରେ ପତ୍ର ଲେଖିଲେ ସମସ୍ତ ବିବରଣ ଜାଣି ପାରିବେ ।

---

ଛୋଟନାଗପୁର ଅନ୍ତର୍ଗତ ହଜାରିବାଗ ଜିଲାର ଗୋଟିଏ ସବଡିଭିଜନର ନାମ ଗିରିଧି । ସେଠାରେ ଜୁବଲିପିଟ୍ ନାମରେ ଗୋଟିଏ ପଥର କୋଇଲା ଖଣି ଅଛି । ଏ ଖଣି ୬୫୦ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳା ହେଲାଣି । ବଙ୍ଗପ୍ରଦେଶର କୌଣସି ଖଣି ଏତେ ଗଭୀର ଖୋଳା ହୋଇ ନାହିଁ । ପରୀକ୍ଷାଦ୍ୱାରା ଜଣା ଯାଇଅଛି ଯେ ଏହି ଖଣିରୁ ପ୍ରତିବର୍ଷ ଦେଢ଼କୋଟି ମହଣ କୋଇଲା ଖୋଳା ହେଲେ ସୁଦ୍ଧା ଅନ୍ୟୂନ ୧୩୮ ବର୍ଷରେ ସମସ୍ତ କୋଇଲା ଶେଷ ହେବ ନାହିଁ । ଭାରତରେ ଏତେ କୋଇଲା ଥାଉଁ ଥାଉଁ ଅଦ୍ୟାପି ଏହି ଦ୍ରବ୍ୟ ବିଦେଶରୁ ଆମଦାନୀ ହେଉଅଛି ଆଶ୍ଚର୍ଯ୍ୟର ବିଷୟ ଅଟେ ।

---

ଏ ନଗରସ୍ଥ ଡିଷ୍ଟ୍ରିକ୍ଟ ସ୍କୁଲର ହିସାବସଂକ୍ରାନ୍ତ ସବ୍ କମିଟୀଙ୍କ ରିପୋର୍ଟରୁ ଗତ ଶନିବାରର କମିଟୀରେ ଜଣାଗଲା ଯେ ସବ୍ କମିଟୀ କେବଳ ଆୟର ତଦନ୍ତକରି କେତେକ ପ୍ରାପ୍ୟଟଙ୍କା ଆଦାୟ ହୋଇଥିବା ପ୍ରତ୍ୟେକ ହିସାବ ବହିରେ ଲେଖା ହୋଇ ନାହିଁ ଓ ବହୁ କେତେସ୍ଥଳେ କାଟକୁଟ ହୋଇଅଛି । ଏ ବିଷୟର ବରଫିୟତ ଶିକ୍ଷକମାନଙ୍କଠାରୁ ନେଇ କମିଟୀରେ ଉପସ୍ଥିତ କରିବା କାରଣ ସମ୍ପାଦକଙ୍କୁ କମିଟୀ ଅନୁରୋଧ କରିଅଛନ୍ତି । ସବକମିଟୀର ତଦନ୍ତ ବଡ଼ ସନ୍ତୋଷଜନକ ହେବା ଓ ବାବୁ ଅକ୍ଷୟକୁମାର ଘୋଷଙ୍କର ବିଶେଷ ପରିଶ୍ରମ ଓ ସାବଧାନ ସହିତ କାର୍ଯ୍ୟ କରିବାର ପ୍ରକାଶ ପାଇବାରୁ କମିଟୀ ତାହାଙ୍କ ନିମନ୍ତେ ଧନ୍ୟବାଦ ଦେଇଅଛନ୍ତି ।

—୦•※•୦—

ଟାଙ୍ଗି ନିକଟବର୍ତ୍ତୀ ବୁଁଗେ ଗ୍ରାମରେ ଯେଉଁମାନେ ଡକାଇତି କରିଥିଲେ ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ପୁଲିସ ଧରିବାରେ ଦୋଷ ସପ୍ରମାଣ ହୋଇ ଦୁଇଜଣ ଦଶବର୍ଷ, ଏକଜଣ ଆଠବର୍ଷ, ପାଞ୍ଚଜଣ ଛବର୍ଷ, ଓ ତିନିଜଣ ଚାରିବର୍ଷ ଲେଖାଏଁ ଶ୍ରମଯୁକ୍ତ କାରାଦଣ୍ଡ ପାଇଅଛନ୍ତି । ବାକି ୬ ଜଣ ଖଲାସ ପାଇଲେ । ଏ ଡକାଇତି ସମ୍ବନ୍ଧରେ ପୁଲିସର ବାହାଦୁରି ଏତିକି ଯେ ବହୁଦୂର ଡକାଇତି ପରି ସମସ୍ତ

Digitized by srujanika@gmail.com

Split by PDF Splitter



ଡକାଏତ ନେଷ୍ଟିକୁ ନ ଉଠି କେତେଜଣ ଦଣ୍ଡ ପାଇଲେ । କିନ୍ତୁ ପୁଲିସ ବିଶେଷ ଚେଷ୍ଟା କରି ମାଲ ବାହାର କରି ପାରି ନାହାନ୍ତି ଏବଂ ଘରବାଲ ଓ ଜଣେ ଗ୍ରାମବାସୀ ସାହସପୂର୍ବକ ଏକଜଣ ଡକାଇତକୁ ଧରି ନ ଥିଲେ କିମ୍ବା ଅନ୍ୟ କେତେଜଣ ଦେହରେ ଅସ୍ତ୍ରାଘାତ କରାଇ ଦେଇ ନ ଥିଲେ ଜଣେ ସୁଦ୍ଧା ପୁଲିସହାତ ଗତ ହୋଇ ନ ଥାନ୍ତା ।

---

ଉତ୍ତରପଶ୍ଚିମ ସାବୁନ କମ୍ପାନି ନାମରେ ଉତ୍ତରପଶ୍ଚିମ ପ୍ରଦେଶର କେତେକ ଲୋକ ଯୌଥ ବ୍ୟବସାୟ ପ୍ରଣାଳୀରେ ସାବୁନ ପ୍ରସ୍ତୁତ କରିବାର କାରଖାନା ଖୋଲି ଅଛନ୍ତି । ଏହି କମ୍ପାନିର ଗୋଟିଏ କାରଖାନା ମିରଟନଗର ଏବଂ ଆଉ ଗୋଟିଏ କଲିକତାରେ ସ୍ଥାପିତ । ଏହି କାରଖାନାମାନଙ୍କରେ ଯେ ସମସ୍ତ ସାବୁନ ଓ ଅନ୍ୟାନ୍ୟ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତ ହେଉଅଛି ତାହା ବିଲାତିଦ୍ରବ୍ୟ ଠାରୁ କୌଣସି ଅଂଶରେ ଊଣା ନୁହେ ଏବଂ ମୂଲ୍ୟ ସୁଲଭ । କମ୍ପାନି ଯେ ସବୁ ସାବୁନ ପ୍ରସ୍ତୁତ କରିଅଛନ୍ତି ତହିଁର ନମୁନା ମହାମାନ୍ୟ ଗବର୍ଣ୍ଣରଜେନେରଲ ଓ ମାନ୍ଦ୍ରାଜର ଗବର୍ଣ୍ଣର ମହାମାନ୍ୟ ଲର୍ଡ ୱେନଲକଙ୍କ ନିକଟକୁ ପଠାଇ ଥିଲେ । ସେମାନେ ଅତ୍ୟନ୍ତ ପ୍ରୀତ ହୋଇ ଆପଣା୨ ରାଜପ୍ରାସାଦରେ ଏହି ସାବୁନ ବ୍ୟବହାର ହେବାର ଆଦେଶ ଦେଇ ଅଛନ୍ତି । ଆମ୍ଭେମାନେ ଏହି କାରଖାନାର ଉନ୍ନତି କାମନା କରୁଁ ଏବଂ ଆଶାକରୁଁ ଯେଉଁ ଦେଶୀୟ ଲୋକମାନେ ଅନ୍ୟାନ୍ୟ ବ୍ୟବସାୟ ଆରମ୍ଭ କରିଅଛନ୍ତି ସେମାନେ ଏହିପରି କାର୍ଯ୍ୟଦକ୍ଷତା ଦେଖାଇବାର ଚେଷ୍ଟା କରିବେ ।

---

ଶ୍ରୀ କାଶୀକ୍ଷେତ୍ରର ପ୍ରସିଦ୍ଧ ବେଦାନ୍ତିକ ପରମହଂସ ସ୍ୱାମୀ ଶ୍ରୀ ରାମପ୍ରକାଶନ୍ଦ ୭।୮ ଜଣ ଶିଷ୍ୟ ସଙ୍ଗେ ନେଇ ଶ୍ରୀକ୍ଷେତ୍ର ଦର୍ଶନକୁ ଆସିଥିଲେ । ସେଠାରୁ ପ୍ରତ୍ୟାଗମନ ପୂର୍ବକ ଚଳିତମାସ ତା ୧୦ ରିଖରେ ଏ ନଗରରେ ଉପସ୍ଥିତ ହେବାରୁ କେତେକ ଭଦ୍ରଲୋକଙ୍କର ଅନୁରୋଧ ମତେ ଗତ ତା ୧୩ ଓ ୧୪ ରିଖ ଅପରାହ୍ନ ଘ ୫ ଘା ସମୟରେ କଟକ ପ୍ରିଣ୍ଟିଂକମ୍ପାନିଙ୍କ କୋଠାରେ ହିନ୍ଦୀଭାଷାରେ ସନାତନଧର୍ମ ସମ୍ବନ୍ଧୀୟ "ସାକାର ଓ ନିରାକାର ଉପାସନା" ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ଉଭୟ ଦିନ ଶ୍ରୋତାଙ୍କ ସଂଖ୍ୟା ଏତେ ଅଧିକ ହୋଇଥିଲା ଯେ ସଭାଗୃହରେ ସ୍ଥାନ ଅଭାବ ହେଲା । ସ୍ୱାମୀଜି ପ୍ରଥମଦିନ ନିରାକାର ଓ ସାକାରର ମର୍ମ ପ୍ରକାଶ କରି କହିଥିଲେ ଯେ ନିରାକାର ଅର୍ଥ ସ୍ଥୂଳରେ ଆକାରରହିତ ଏବଂ ସାକାରର ଅର୍ଥ ମାୟାସଂଯୁକ୍ତ । ନିରାକାର ଈଶ୍ୱରଜ୍ଞେୟ ଏବଂ ସାକାର ଈଶ୍ୱରଧ୍ୟେୟ ଅଟନ୍ତି । ୨ୟ ଦିନ ସାକାର ଉପାସନା ବେଦବିହିତ ଥିବାର ପ୍ରତିପନ୍ନ କରି ଅବତାରମାନଙ୍କର ପ୍ରମାଣ ବେଦରୁ ଦେଖାଇଥିଲେ । ସ୍ୱାମୀଜି ଆପଣା ବ୍ୟାଖ୍ୟାର ପୋଷକଭାବେ ନାନା ଧର୍ମଶାସ୍ତ୍ରରୁ ବହୁତ ଉଦାହରଣ ଦର୍ଶାଇ ପ୍ରଗାଢ ପାଣ୍ଡିତ୍ୟର ପରିଚୟ ଦେଇଥିଲେ ଏବଂ ଶ୍ରୋତାମାନଙ୍କ ଭକ୍ତି ଓ ଶ୍ରଦ୍ଧା ଆକର୍ଷଣ କରିଥିଲେ । କେବଳ ଅଧୁନାତନ ବକ୍ତୃତା ରୀତିରେ ଅଭ୍ୟସ୍ତ ନ ଥିବାରୁ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଆବଦ୍ଧ ରହି ନ ପାରି ନାନା ଦିଗକୁ ମାଡ଼ି ଯାଇ ଥିଲେ । କିନ୍ତୁ ସେ ପ୍ରକୃତରେ ଜଣେ ଜ୍ଞାନୀ ଓ ସାଧୁପୁରୁଷ ଅଟନ୍ତି । ଗତ ମଙ୍ଗଳବାର ବିଜନୀ ରାଜବାଟିରେ ପ୍ରତିମାପୂଜା ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ ମାତ୍ର ସେଦିନ ବର୍ଷା ଝଡ଼ି ହେବାରୁ ଶ୍ରୋତାଙ୍କ ସଂଖ୍ୟା ନିତାନ୍ତ ଊଣା ଥିଲା ।

---

### ମହରମପର୍ବ ।

କଲିକତା ପ୍ରଭୃତି ସହରରେ ମହରମ ପର୍ବ ମଙ୍ଗଳବାର ଦିନ ଆରମ୍ଭ ହୋଇ ଶନିବାର ଶେଷ ହେଲା । ମାତ୍ର ଏ ନଗରରେ ଯଥା ସମୟରେ ଚନ୍ଦ୍ରଦର୍ଶନ ନ ହେବାରୁ ବୁଧବାର ଠାରୁ ରବିବାର ପର୍ଯ୍ୟନ୍ତ ପର୍ବ ରକ୍ଷା ହୋଇଥିଲା । ଶେଷ ଦୁଇଦିନ ଏ ପର୍ବର ପ୍ରଧାନ ସମାରୋହ । ଏହି ଦୁଇଦିନ ଏବଂ ତହିଁ ପୂର୍ବରୁ ଖରାପାଗ ହେବାରୁ ଏବଂ ତାଜିଆ ସବୁ ସଦଳବଳରେ ବାହାରିବା ବେଳେ ଆଦୌ ବର୍ଷା ନ ହେବାରୁ ଅନୁଷ୍ଠାନକାରୀ ଏବଂ ଦର୍ଶକମାନଙ୍କର ବଡ଼ ସୁଖ ହୋଇଥିଲା ଏବଂ ଦୋକାନଦାର ଓ ବୁଲାବିକାମାନେ ଆପଣା୨ ଦ୍ରବ୍ୟ ବିକି ଦୁଇ ପଇସା ଲାଭ କରିବାକୁ ସମର୍ଥ ହୋଇଥିଲେ । ଶନିବାର ଦିବସ ରାତ୍ରି ଘ ୮ ଘା ସମୟରୁ ରବିବାର ଦିବା ଘ ୯ ଘା ପର୍ଯ୍ୟନ୍ତ ପୁଣି ସେହିଦିନ ଅପରାହ୍ଣ ଘ ୫ ଘା ଠାରୁ ରାତ୍ରି ଘ ୧୦ ଘା ପର୍ଯ୍ୟନ୍ତ ନିର୍ବିଘ୍ନରେ ଯାତ୍ରା ହୋଇଥିଲା ଏବଂ ଲୋକେ ତାହା ଦେଖି ଯଥୋଚିତ ଆନନ୍ଦ ହୋଇଥିଲେ । ତଥାପି ମହରମ ଏକସରର ଗୋଟିଏ ପ୍ରଧାନ ଉତ୍ସବ ହେଲେହେଁ ବର୍ତ୍ତମାନର ଅବସ୍ଥାକୁ ଲକ୍ଷ୍ୟଉପାୟ ନ ଥିଲା । ପ୍ରକୃତରେ ଯାତ୍ରୀ ସଂଖ୍ୟା ଏବଂ ତାଜିଆମାନଙ୍କର ସଂଖ୍ୟା ଅଳ୍ପ ଓ କାରୁକାର୍ଯ୍ୟ ପ୍ରତ୍ୟକ୍ଷ ଦେଖାଇ ଦେଉଥିଲା ଯେ ଅଧ୍ୟାକ୍ଷଙ୍କ ବିଶେଷ ବାଧିବାରୁ ଆମୋଦ ପ୍ରମୋଦରେ ଲୋକେ ପୂର୍ବପରି ବ୍ୟୟ କରି ପାରୁ ନାହାନ୍ତି । କେହି୨ ମନେ କରି ପାରନ୍ତି ଯେ ମହରମ ମୁସଲମାନଙ୍କର ପର୍ବ ଓ ତହିଁର ଅବନତି କେବଳ ମୁସଲମାନଙ୍କ ଦୁରବସ୍ଥାର ପରିଚାୟକ । ମାତ୍ର ଏକଥା ଠିକ ନୁହେ । ମହରମ ଏ ନଗରବାସୀ ହିନ୍ଦୁ ମୁସଲମାନମାନଙ୍କର ସାଧାରଣ ପର୍ବ । ହିନ୍ଦୁମାନେ ଏଥିରେ ବିଶେଷ ସାହାଯ୍ୟ ଓ ଯୋଗଦାନ ପୂର୍ବରୁ କରି ଆସୁଅଛନ୍ତି । ଏବର୍ଷ ତହିଁର କିଛିମାତ୍ର ବ୍ୟତିକ୍ରମ ଘଟି ନାହିଁ । କେବଳ ଲୋକଙ୍କ ଅବସ୍ଥା ମନ୍ଦ ଥିବାରୁ ହେବା ସଂଗ୍ରହ ଅଳ୍ପ ହୋଇଅଛି ସୁତରାଂ ତାଜିଆର ଆକାର ଓ ବେଶଭୂଷା ଖର୍ବ ହୋଇଅଛି । ପୂର୍ବେ ୧୬।୧୮ ତାଜିଆ ହେଉଥିଲା । ଏଥର ୧୪ ରୁ ଅଧିକ ହୋଇ ନାହିଁ । ଏଥି ମଧ୍ୟରେ କେବଳ ପଲଟନ ମୁହାଡ଼ି ଓ କାଜି ବଜାରର ତାଜିଆମାନ ପୂର୍ବର ଅଦ୍ଭୁତ ଏବଂ ଶୋଭା ରକ୍ଷା କରି ସମସ୍ତଙ୍କର ପ୍ରଶଂସାଭାଜନ ହୋଇ ଥିଲା । ଅନ୍ୟାନ୍ୟ ସବୁ ତାଜିଆରେ ଅବନତିର ଚିହ୍ନ ଦେଖା ଯାଇଥିଲା । ମାତ୍ର ତହିଁମଧ୍ୟରେ ଓଡ଼ିଆବଜାର ଏବଂ ତେଲଙ୍ଗାବଜାରର ତାଜିଆମାନ ସୁନ୍ଦର ହୋଇଥିଲା ।

ଅନାବୃଷ୍ଟି ଓ ଅସୁସ୍ଥତା ହେତୁ ଦର୍ଶକମାନଙ୍କ ସଂଖ୍ୟା ଅଳ୍ପ ହୋଇ ଥିଲେହେଁ ବଙ୍ଗଳା ଓ ବିହାର ପ୍ରଭୃତିର କେତେକ ସ୍ଥାନରେ ଗତବର୍ଷ ଦଙ୍ଗାହେଙ୍ଗାମା ହୋଇ ଥିବାରୁ ଏଠାରେ ମଧ୍ୟ ସମ୍ଭବତଃ ଗବର୍ଣ୍ମେଣ୍ଟଙ୍କ ଆଦେଶାନୁସାରେ ଶାନ୍ତି ରକ୍ଷାର ବନ୍ଦୋବସ୍ତ ପ୍ରୟୋଜନରୁ ବଳି ପଡ଼ିଥିଲା । ସୁଖର ବିଷୟ ଯେ ସାମାନ୍ୟ୨ କଳହ ବ୍ୟତୀତ କୌଣସି ଦୁର୍ଘଟନା ଘଟି ନ ଥିଲା । ଜହିମନ୍ଦ୍ରୁଲ ଦର୍ଗା ନିକଟରେ ଗୋଟିଏ ସଂକୀର୍ଣ୍ଣ ଗଳିମଧ୍ୟରେ ଯିବା ନିମନ୍ତେ ହୋଲ୍ଦସାହି ଓ ଦିଉମସ୍ତଲ ପଞ୍ଜାବାଲାମାନଙ୍କର କଳହ ହେବାରୁ ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଆସି ଦ୍ୱନ୍ଦ୍ୱ ନିବାରଣ କରିଦେଲେ । ସମ୍ଭବତଃ ଉପସ୍ଥିତ ପୋଲିସ କର୍ମଚାରୀମାନେ ଦାୟିତ୍ୱ ବିଷୟରେ ହସ୍ତକ୍ଷେପ କରିବାକୁ ଅସମ୍ମତ

Digitized by srujanika@gmail.com

Split by PDF Splitter



ହେବାରୁ ପୋଲିସ ସାହେବଙ୍କୁ ଅଟିକାଇ ପଡ଼ିଥିଲା । ଫଳତଃ ନିର୍ଦ୍ଦ୍ୱନ୍ଦ୍ୱରେ ପର୍ବ ନିର୍ବାହ ହୋଇଗଲା ବଡ଼ ସୁଖର ବିଷୟ ଅଟେ ।

---

## ଓଡ଼ିଶାରେ ବନ୍ଧର ଆବଶ୍ୟକତା ।

ନଦୀବୃଦ୍ଧିର ଆକ୍ରମଣରୁ ଦେଶକୁ ରକ୍ଷା କରିବାର ଉପଯୁକ୍ତ ଉଚ୍ଚବନ୍ଧମାନ ନିର୍ମାଣ କରିବା ଏବଂ ପ୍ରତିବର୍ଷ ତହିଁର ମରାମତି କରିବା ବ୍ୟୟ ଅତ୍ୟନ୍ତ ଅଧିକ ହେବା ବିବେଚନାରେ ଗବର୍ଣ୍ଣମେଣ୍ଟ ଓଡ଼ିଶାର ଅଧିକାଂଶ ବନ୍ଧ ଉଠାଇ ଦେବାର ବ୍ୟବସ୍ଥା କରିଥିବାର ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ଯେ ସମସ୍ତବନ୍ଧ ପରିତ୍ୟକ୍ତ ହୋଇଅଛି ତହିଁରେ ଏଣିକି ଖାଇ ହେଲେ ସରକାର ମରାମତି କରିବେ ନାହିଁ ଏବଂ ଯେଉଁ ନଦୀର ଏକପାର୍ଶ୍ୱରେ ସରକାରୀ ବନ୍ଧ ଅଛି ଏବଂ ତାହା ରକ୍ଷାସକାଶେ ଆବଶ୍ୟକ ତହିଁର ଅପର କୂଳରେ ଜମିଦାର ପ୍ରଭୃତିଦ୍ୱାରା ଆପଣା ସମ୍ପତ୍ତି ରକ୍ଷାନିମନ୍ତେ ବନ୍ଧ ଦେଇ ପାରିବେ ନାହିଁ । ଏଥିରେ ବନ୍ଧସମ୍ପର୍କୀୟ ସରକାରୀ ଖରଚ୍ଚ ଅନେକ କମିଯିବ ସତ୍ୟ ମାତ୍ର ବନ୍ଧ ଅଭାବରେ ଯେସବୁ ଭୂମି ଧୋଇରେ ନଷ୍ଟ ହେବ ତଦ୍ୱାରା ସରକାରଙ୍କର କ୍ଷତି ହେବ ନାହିଁ କି ? ଏ ପ୍ରଦେଶରେ ବନ୍ଧର ବ୍ୟବସ୍ଥା ଅଳ୍ପକାଳର ନୁହଇ । ହିନ୍ଦୁ ଓ ମୋଗଲଙ୍କ ଅମଳରୁ ଚଳି ଆସୁଅଛି । କୃଷିରକ୍ଷା ନିମନ୍ତେ ନିତାନ୍ତ ଆବଶ୍ୟକ ହୋଇ ନ ଥିଲେ ପୂର୍ବ ଅମଳଦାରରେ ବନ୍ଧର ଅନୁଷ୍ଠାନ ହୋଇ ନ ଥାନ୍ତା । ସମ୍ଭବତଃ ଆମ୍ଭମାନଙ୍କର ବର୍ତ୍ତମାନ ସରକାର ବାହାଦୁର ସ୍ଥିର କରିଅଛନ୍ତି କି ବନ୍ଧ ଛୁଟିଗଲେ ଧୋଇଦ୍ୱାରା ଯେତେ କ୍ଷତି ହେବ ତହିଁର ମୂଲ୍ୟ ବନ୍ଧ ନିର୍ମାଣ ଓ ତାହା ରକ୍ଷାକରିବାର ବାର୍ଷିକ ବ୍ୟୟଠାରୁ ଊଣା ହେବ । କେଉଁ ଯୁକ୍ତିଦ୍ୱାରା ଗବର୍ଣ୍ଣମେଣ୍ଟ ଏପରି ସିଦ୍ଧାନ୍ତରେ ଉପସ୍ଥିତ ହୋଇଅଛନ୍ତି ଆମ୍ଭେମାନେ ଅବଗତ ନୋହୁଁ ମାତ୍ର ସ୍ଥାନୀୟଲୋକଙ୍କ ମତ ତହିଁର ବିପରୀତ ଅଟଇ ଏବଂ ଯେଉଁମାନେ ଦୀର୍ଘକାଳ ସରକାରୀକାର୍ଯ୍ୟୋପଲକ୍ଷରେ ଓଡ଼ିଶାର ନାନାସ୍ଥାନ ଭ୍ରମଣକରି ସକଳ ଅବସ୍ଥା ମନୋଯୋଗପୂର୍ବକ ପର୍ଯ୍ୟବେକ୍ଷଣ କରିଅଛନ୍ତି ସେମାନଙ୍କମଧ୍ୟରେ ସୁଦ୍ଧା ସ୍ଥାନୀୟମତର ପକ୍ଷପାତୀ ବିରଳ ନୁହନ୍ତି । ବଙ୍ଗୀୟ କୃଷିବିଭାଗର ଜଣେ ସହକାରୀ କର୍ମଚାରୀ ବାବୁ ଏନ, ଏନ, ବାନର୍ଜ୍ଜୀ ଅନ୍ୟାନ୍ୟକାର୍ଯ୍ୟ ମଧ୍ୟରେ କଟକଜିଲ୍ଲାର କୃଷିସମ୍ବନ୍ଧୀୟ ସମ୍ବାଦମାନ ସଂଗ୍ରହ କରିବାରେ ଅନେକଦିନ ନିଯୁକ୍ତ ଥିଲେ ଏବଂ ଏ ଜିଲ୍ଲାର ନାନାସ୍ଥାନ ଭ୍ରମଣକରି ଦେଖିଅଛନ୍ତି । ସମ୍ପ୍ରତି ସେ ଏ ଜିଲ୍ଲାସମ୍ବନ୍ଧରେ ଖଣ୍ଡିଏ ଉତ୍ତମ ରିପୋର୍ଟ ଲେଖିଅଛନ୍ତି । ତହିଁରେ ଲେଖାଅଛି କି ନଦୀବୃଦ୍ଧି ଏ ଜିଲ୍ଲାର ଉନ୍ନତିର ପ୍ରଧାନ ପ୍ରତିବନ୍ଧକ ଅଟଇ। ସରକାର ଦେଶରକ୍ଷା ସକାଶେ ୨୧୩ ମାଇଲ ବନ୍ଧ ପ୍ରସ୍ତୁତ କରିଅଛନ୍ତି । ମାତ୍ର ନଦୀମାନଙ୍କରେ ବୃଷ୍ଟିକାଳରେ ଏତେ ଜଳ ଆସେ ଓ ନଦୀଗର୍ଭ କ୍ରମେ ପୋତିପଡ଼ିବାରୁ ବଢ଼ିପାଣି ଏତେ ଉଚ୍ଚକୁ ଉଠେ ଯେ ବନ୍ଧସବୁ ଭାଙ୍ଗିଯାଏ । ସନ ୧୮୬୬ ସାଲରେ ୪୧୩ ଖାଇ ହୋଇଥିଲା । କେହି କେହି କହନ୍ତି କି ବନ୍ଧହେତୁ ନଦୀଗର୍ଭ କ୍ରମଶଃ ଉଚ୍ଚ ହୋଇ ଜଳ ଉଛୁଳି ପଡ଼ିବାରୁ ବନ୍ଧଦ୍ୱାରା ଯେତିକି କ୍ଷତି ନିବାରଣ ହୁଏ ତଦପେକ୍ଷା ଅଧିକ କ୍ଷତି ହୁଅଇ । ଅନ୍ୟାନ୍ୟ ନଦୀଠାରୁ ଓଡ଼ିଶାନଦୀମାନଙ୍କର ପ୍ରଭେଦ ଏହି କି ଏ ସବୁନଦୀରେ ବାଲି ବିଶେଷ ଅଛି ବନ୍ଧ ଉଠିଗଲେ ସମସ୍ତ ଦେଶ ବାଲି ଚଢ଼ିଯାଇ ସମ୍ପୂର୍ଣ୍ଣରୂପେ କୃଷିର ଅଯୋଗ୍ୟ ହେବ । ଅତଏବ ବନ୍ଧମାନ ଉଚ୍ଚକରି ଅଧିକ ଦୃଢ଼ରୂପେ ରକ୍ଷାକରିବା ଏକାନ୍ତ ଆବଶ୍ୟକ । ସେତେବେ ନଦୀର ଜଳ ନଦୀରେ ଆବଦ୍ଧ ରହିବ ଏବଂ ବନ୍ଧ ଡେଇଁ ଯାଇ ପାରିବ ନାହିଁ ତେବେ ବଢ଼ିପାଣି କ୍ରମେ ନଦୀକୁ ଖୋଳିପକାଇ ନଦୀଭିତରେ ବାହାରି ଯିବାର ବାଟ କରିବ ଏବଂ କେତେକବର୍ଷ ପରୁ ବନ୍ଧ ମରାମତି ଖରଚ୍ଚ ଅଧିକ ଆବଶ୍ୟକ ହେବ ନାହିଁ । କଟକଜିଲ୍ଲାର ସମସ୍ତ ନଦୀ, ନାଳ ଏବଂ ଜଳସେଚନ ନାଳ ପ୍ରଣାଳୀସମ୍ବନ୍ଧୀୟ ବ୍ୟବସ୍ଥା ଉପଯୁକ୍ତ ଇଞ୍ଜିନିୟରମାନଙ୍କଦ୍ୱାରା ଆମୂଳ ସଂଶୋଧନ ହେବା ଆବଶ୍ୟକ । ଅତି ପ୍ରାଚୀନ କାଳରୁ କଟକଜିଲ୍ଲାରେ ବନ୍ଧ ରହିଥିବାସ୍ଥଳେ ସେସବୁ ବନ୍ଧ ଦୃଢ଼ରୂପେ ନିର୍ମାଣ ଓ ରକ୍ଷାକରିବା ସୁବୁଦ୍ଧିର କାର୍ଯ୍ୟ ଅଟଇ ।

---

## ସ୍ୱତ୍ୱନିଲାମ ଆଇନର ପାଣ୍ଡୁଲିପି ।

୩

ବର୍ତ୍ତମାନର ଆଇନରେ ଜମି ରଦର ଅପିଲ କମିଶନରସାହେବଙ୍କ ଠାରେ ହେବାର ବିଧି ଅଛି । ପ୍ରସ୍ତାବିତ ଆଇନରେ ବିଧି ହୋଇ ଅଛି କି ପ୍ରଥମେ ନିଲାମର ରଦର ଆବେଦନ କଲେକ୍ଟରସାହେବଙ୍କଠାରେ ହେବ । ସେ ଗ୍ରାହ୍ୟ ନ କଲେ କମିଶନରଙ୍କରେ ଅପିଲ ହେବ ଓ କମିଶନରଙ୍କ ଆଜ୍ଞା ଚୂଡ଼ାନ୍ତ ହେବ ଆଉ ତହିଁ ଉପରେ ଅପିଲ ନାହିଁ । ମାତ୍ର ଧା ୬୨ ସୂରେ ବିଧି ହୋଇଅଛି କି ଦେହି ଉପଯୁକ୍ତ ଆବେଦନ ଓ ଅପିଲ ନ କରି ନିଲାମ ତାରିଖର କି ୩୦ ଦିନ ମଧ୍ୟରେ ପରବାହାରେ ମହାମାନ୍ୟ ବୋର୍ଡରେ ଜମି ରଦ ସକାଶେ ଆବେଦନ କରି ପାରିବ ଓ ବୋର୍ଡ ଉପଯୁକ୍ତ ଓ ଯଥେଷ୍ଟ କାରଣ ଦେଖିଲେ ନିଲାମ ରଦ କରିବେ । ଏ ବିଧିଟି କଲିକତା ଓ ତନ୍ନିକଟସ୍ଥ ବାସିନ୍ଦାଙ୍କ ପକ୍ଷରେ ସହଜ ମାତ୍ର ଅନ୍ୟମାନଙ୍କ ପକ୍ଷରେ ଘର ପାଖରେ ଥିବା କଲେକ୍ଟର ଓ କମିଶନରଙ୍କଠାରେ ଆବେଦନ ଓ ଅପିଲ କରିବାର ବିଧିର ଆଶ୍ରୟ ନ ନେଇ ଦୂରଦୂର ଯିବା ଓ ବହୁବ୍ୟୟ କରିବା ବଡ଼ କଠିନ ବ୍ୟାପାର । ଅତଏବ ଆମ୍ଭମାନଙ୍କ ବିବେଚନାରେ ଏପରି ବିଧି ଅପେକ୍ଷା କମିଶନରଙ୍କ ଆଜ୍ଞା ବିରୁଦ୍ଧେ ବୋର୍ଡରେ ଅପିଲର ବିଧି ହେବା ଶ୍ରେୟସ୍କର ଓ ମଧ୍ୟ କମିଶନରଙ୍କ ଆଜ୍ଞା ଚୂଡ଼ାନ୍ତ ହେବା ଉଚିତ ନୁହେ ।

ଏଥିପୂର୍ବେ ଲେଖିଅଛୁଁ ଯେ ନିଲାମରଦ ନିମନ୍ତେ ଦେୱାନୀ ମକଦ୍ଦମା କରିବାର ଅଧିକାର ରହିତ ହୋଇ ତହିଁ ପରିବର୍ତ୍ତେ ନୂତନ ନିୟମ ହୋଇଅଛି ଧା ୫୪ ସୂରେ ବିଧି ହୋଇଅଛି କି ଜମିଟି ନିଲାମର କି ୩୦ ଦିନ ମଧ୍ୟରେ ଜମା ଅଦିଲ ହେଲେ ତାହା ଇସ୍ତାହାରର କି ୩୦ ଦିନ ମଧ୍ୟରେ ରେଜେଷ୍ଟର ଭୁକ୍ତ ଭୂମ୍ୟଧିକାର ବାକି ଖଜଣା ଓ ଅନ୍ୟ ସକଳପ୍ରକାର ସରକାରୀ ପାଉଣା, ସୁଧ ଓ ଅର୍ଥଦଣ୍ଡ ଧା ୧୫ ସୂତ୍ରାନୁସାରେ ସରକାରଙ୍କ ପାଇଁ ଓ ଜମି ନିଲାମଦରର ଦଶମାଂଶ ଓ ତହିଁ ଉପରେ ସୁଧ ନିଲାମ ଖରିଦଦାର ପାଇଁ ଡିପୋଜିଟ କରି କଲେକ୍ଟରଙ୍କଠାରେ ଜମିବାସ୍ତ ପୁନରୁଦ୍ଧାର ସକାଶେ ଆବେଦନ କଲେ କଲେକ୍ଟରସାହେବ ନିଲାମ ରଦ କରିବେ ଓ ନିଲାମ ଖରିଦଦାରକୁ କ୍ଷତିପୂରଣ ସ୍ୱରୂପ ଉପଯୁକ୍ତ ଦଶମାଂଶ ଓ ସୁଧ ଦେବେ ଏପରି ଆବେଦନ ଓ ଡିପୋଜିଟ ହେଲେ କଲେକ୍ଟର ନିଲାମ ରଦ କରିବାକୁ ବାଧ୍ୟ ଅଟନ୍ତି । ଟଙ୍କା ଡିପୋଜିଟ ନ କଲେ ଆବେଦନ ଅଗ୍ରାହ୍ୟର ଓ ତହିଁର ଅପିଲ ନାହିଁ ।—ଦେୱାନୀଅଦାଲତରେ ମାମଲା ହେଲେ ଉଭୟପକ୍ଷ ଭାରି ଖରଚାନ୍ତ ଓ କେତେକ ସ୍ଥଳେ ଉଚ୍ଛନ୍ନ ହୁଅନ୍ତି ଏବଂ ନିଲାମ ରଦ ନିଶ୍ଚୟ ନୁହେ ଓ ରଦ ହେଲେ ନିଲାମ ଖରିଦାର

Digitized by srujanika@gmail.com

Split by PDF Splitter



ଆପଣାର ଖର୍ଚ୍ଚ ଛଡ଼ା ଅପର ପକ୍ଷର ଖରଚ୍ଚ ଦେଇ ଏଣୁକରି ତାଙ୍କୁ ବଡ଼ ବାଧେ ଏହା ରହିତ ହୋଇ ନାହିଁ ସେବର୍ଷେ ଉତ୍କ୍ଷେପିତ ନୂତନ ବିଧି ବଡ଼ ଉତ୍ତମ ହୋଇ ଅଛି ଓ ତହିଁରେ ପ୍ରସ୍ତାବିତ ଜମିଦାରମାନଙ୍କ ପ୍ରତି ବ୍ୟବସ୍ଥାପକ ସଭାର ଦୟାବୁଦ୍ଧିର ପ୍ରକାଶ ପାଉଅଛି । କେହି କେହି ଆପତ୍ତି କରନ୍ତି ଯେ ନିଲାମ ରଦର ନିଷ୍ପତ୍ତି ବିଧି ହେବାରୁ ଜମିଦାରୀର ମୂଲ୍ୟ କମିଯିବ ଓ ନିଲାମରେ ଡାକିବାକୁ କାହାରି ଅଧିକ ଆଗ୍ରହ ହେବ ନାହିଁ । ଆମ୍ଭେମାନେ ଏପରି ଆଶଙ୍କାର କିଛି କାରଣ ଦେଖୁ ନାହୁଁ । ନିଲାମ ଖରିଦଦାର ଅଧିକ ଡାକିଲେ ତାହାର ପ୍ରାପ୍ୟ ଦଶମାଂଶ ଓ ସୁଧ ଅଧିକ ହେବ ଓ ଏହା ଅତି ଅଧିକ ହେଲେ ପୂର୍ବ ଅଧିକାରୀ ଦେଇ ନ ପାରିବ ଏପରି ବିବେଚନାରେ ସେ ଅଧିକ ଡାକ ପାରେ ନିଲାମ ରଦ ହେଲେ ମଧ୍ୟ ସେ ଯେତେ ସୁଧ ଓ କ୍ଷତିପୂରଣ ପାଇବ ଅନ୍ୟ ପ୍ରକାରରେ ତାହା ପାଇବା ସମ୍ଭବ ନୁହେ । ସୁତରାଂ ତାହାର ଲାଭ ଅଛି ।

ଏ ବିଧିଟି ଅତି ଉତ୍ତମ ହେଲେହେଁ ଆମ୍ଭମାନଙ୍କର ତିନିଗୋଟି ଆପତ୍ତି ଅଛି । ପ୍ରଥମ ଏହି ଯେ କେବଳ ରେଜଷ୍ଟରଭୁକ୍ତ ଜମିଦାର ଭିନ୍ନ ଅନ୍ୟ କେହି ସ୍ୱତ୍ୱବାନ ବ୍ୟକ୍ତି ଏପରି ଆବେଦନ କରି ନ ପାରିବାର ଅନୁଚିତ । କୌଣସି କାଳବାର ଜମିଦାର ନିଲାମର ୮।୧୦ ଦିନେ ମରିଗଲେ ତାହାର ପୁତ୍ର ନାମ ରେଜଷ୍ଟର ହୋଇ ନ ଥିବା ଦୋଷରେ ଏପରି ଆବେଦନ କରି ନ ପାରିବା ବଡ଼ କଷ୍ଟ ଓ ଅନିଷ୍ଟକର । ଧା ୧୪ ଓ ୧୫ ଧା ସଂକ୍ରାନ୍ତରେ ଯେଯେ ଯୁକ୍ତି ଏଥିପୂର୍ବେ ଦେଖାଇ ଅଛୁଁ ସେସବୁ ଏଥି ପ୍ରତି ଖଟେ । ଏ ଦୋଷଟି ସଂଶୋଧିତ ନ ହେଲେ ଏ ପ୍ରବନ୍ଧ ଅନେକ ସ୍ଥଳେ ଅକର୍ମଣ୍ୟ ହୋଇ ପଡ଼ିବ । ଦ୍ୱିତୀୟ ଏହି ଯେ ବୋର୍ଡରେ ଆବେଦନ ଅଗ୍ରାହ୍ୟ ହେଲେ ତହିଁର କେତେଦିନ ମଧ୍ୟରେ ଏପରି ଆବେଦନ କରି ପାରିବାର ବିଧି ହୋଇ ନାହିଁ ଓ ଏହା ହେବା ଅତି ଉଚିତ ଓ ଆବଶ୍ୟକ ।—ତୃତୀୟ କ୍ଷତିପୂରଣର ଦର ବଡ଼ ଅଧିକ ହୋଇ ଅଛି । କୌଣସି ମହାଲ ଶୁକୃତ ହେବାରୁହେଁ ନିଲାମ ହେଲେ ଏଥିର ଦଶମାଂଶ [illegible] ଅନେକ ସ୍ଥଳେ ଏତେ କ୍ଷତିପୂରଣ କାଟଦାର ଦେଇ ପାରିବ ନାହିଁ । ଏକବାର ଅଦାଲତର ନିଲାମରଦ ସଂକ୍ରାନ୍ତରେ ସନ ୧୮୯୪ ସାଲର ଅ ୫ ଆଇନରେ ନିଲାମ ଖରିଦଦାରର କ୍ଷତିପୂରଣ ଶତକଡ଼ା ପାଞ୍ଚଟଙ୍କା ଦିଆ ଯିବାର ବିଧି ହୋଇ ଅଛି । ଏହା ଅତି ଉତ୍ତମ ଅଟେ ଓ କୌଣସି ପକ୍ଷକୁ ବାଧକ ନ ହେବ । ସ୍ୱତ୍ୱ ନିଲାମରେ ଏତେ କଠିନ କ୍ଷତିପୂରଣ ହେବା ଉଚିତ ନୁହେ । ଅତଏବ ସର୍ବସ୍ଥଳେ ଶତକଡ଼ା ପାଞ୍ଚଟଙ୍କା ବରଂ ଅଧିକ ଜରିମାନାସ୍ଥଳେ ତହିଁରୁ ଊଣା ହେବା ଉଚିତ ।—

ସ୍ୱତ୍ୱ ମନିଅର୍ଡରର ସମ୍ପର୍କେ ପାଣ୍ଡୁଲିପିରେ କିଛି ବିଧି ହୋଇ ନାହିଁ । ପ୍ରଚଳିତ ନିୟମ ଏହି ଯେ କିସ୍ତବନ୍ଦିର ୩।୪ ଦିନ ପୂର୍ବେ ମନିଅର୍ଡର ହୋଇ ଥିଲେ ସୁଦ୍ଧା ଡାକର ବିଳମ୍ବ ହେତୁ କିସ୍ତବନ୍ଦି ଉତ୍ତାରେ ଖଜଣାଖାନାରେ ନ ପହୁଞ୍ଚିଲେ ସେ ମହାଲ ନିଲାମରେ ଉଠେ ଓ ଜମିଦାର ଅଠଅଣିଆ କୋର୍ଟଫିସ ସହିତ ଦରଖାସ୍ତ କରି ମିଆଦ ଟ ୩ ଙ୍କା ଦାଖଲ କଲେ ମହାଲ ନିଲାମରୁ ଖଲାସ ପାଏ । ଏ ଉତ୍କଟର ଛଡ଼ା ଅନିଷ୍ଟ ମଧ୍ୟ ଘଟିଥାଏ ଯଥା—ଜଗତସିଂହପୁର ଅଞ୍ଚଳର ଏକ ମହାଲର ସ୍ୱତ୍ୱ ନବମ୍ବର ମାସ ତା ୫ ରିଖରେ ମୋଫସଲ ଡାକଘରେ ମନିଅର୍ଡର ହୋଇ ଥିଲା ସେହିଦିନ ଗ୍ରାମ ତୋଫାନ ହୋଇ ଡାକଘର ଭାଙ୍ଗି ଯିବାରେ ମନିଅର୍ଡର ପଠାଇବାରେ ବିଳମ୍ବ ଘଟିବାରୁ ତାହା ଖଜଣାଖାନାରେ ତା ୧୬ ରିଖରେ ପହୁଞ୍ଚିଲା ସୁତରାଂ ମହାଲ ନିଲାମରେ ଉଠିଲା ଜମିଦାରର ଘର ଅନ୍ୟରେ ଥିବାରୁ ସେ ନିଲାମି ଇସ୍ତାହାର ଜାରି ହେବାର ଜାଣି ନ ପାରି ମହାଲ ଖଲାସି ପତ୍ରରେ ଦରଖାସ୍ତ କରି ନ ପାରିଲା ଫଳତଃ ମହାଲ ନିଲାମ ହେଲା । ତହିଁ ଉତ୍ତାରେ ସେ ଏହା ଜାଣି ଅପିଲ କରି ତୋଫାନଯୋଗୁଁ ଡାକଘର ଭାଙ୍ଗିବାର ପ୍ରମାଣ କଲା ତଥାପି କମିଶନର ବୋର୍ଡ ତାହାର ଅପିଲ ଅଗ୍ରାହ୍ୟ କଲେ । ଦେଖନ୍ତୁ ଏ ନିୟମରେ କେତେ ଯନ୍ତ୍ରଣା ଘଟିଲା ଏପରି ଅନିଷ୍ଟକର ନିୟମ ପରିବର୍ତ୍ତନ କରିବାର ନିତାନ୍ତ ଆବଶ୍ୟକ—ଡାକଘର ସରକାରୀ କଚେରି ଅଟେ ସେଠାରେ କିସ୍ତବନ୍ଦି ପୂର୍ବେ ଟଙ୍କା ଦାଖଲ ହେଲେ ସରକାରରେ ପେଠ ହେବା ତୁଲ୍ୟ ଅଟେ । ଡାକଘର ଦୋଷରେ ବିଳମ୍ବ ଘଟିବ କେବେ ତହିଁର ଦାୟୀ ହେବେ ଏ କଡ଼ା ଅର୍ଡର କିଆଁ ଅତଏବ ଏ ସଂକ୍ରାନ୍ତରେ ନୂତନ ଆଇନରେ ସୁନିୟମ ହେବାର ଆବଶ୍ୟକ । ଏହା ଭିନ୍ନ ଅନ୍ୟ କେତେକ ସାମାନ୍ୟ ବିଷୟରେ ଆପତ୍ତିମାନ ଅଛି ଜମିଦାରମାନଙ୍କର ସେସବୁ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାର ଉଚିତ ।

———

## ପୁରୀ-ରଥଯାତ୍ରା ।

( ପୂର୍ବ ପ୍ରକାଶିତ ଉତ୍ତାରୁ )

ଗତ ତା ୫ ରିଖ ଗୁରୁବାରଠାରୁ ତା ୭ ରିଖ ଶନିବାର ପର୍ଯ୍ୟନ୍ତ ଯାତ୍ରି ଅଧିକ ଥିବାରୁ ଉତ୍ତମ ଦିନ ରଥ ଦୁଇବେଳା ଚଳିଥିଲା । ଯାତ୍ରିମାନେ ବାହାର ଯିବାରୁ ରଥ ଟାଣିବାକୁ ସକାଳଓଲ ଲୋକେ ନ ଜମିବାରୁ ତା ୭ ରିଖଠାରୁ ରଥ କେବଳ ଅପରାହ୍ଣ ଘ ୪ ଖା ଠାରେ ଚଳିଲା । ମଧ୍ୟେ ମଧ୍ୟେ ବର୍ଷା ପ୍ରଚୁର ରୂପେ ହେବାରୁ କୌଣସି କୌଣସି ଦିନ ଅପରାହ୍ଣରେ ମଧ୍ୟ ରଥ ଚଳି ପାରିଲା ନାହିଁ । ଉପରୋକ୍ତ କାରଣମାନଙ୍କରୁ ତା ୯ ରିଖ ସୋମବାର ସୁଦ୍ଧା ରଥମାନ ଗୁଣ୍ଡିଚାମନ୍ଦିରରେ ନ ଲାଗି ବଳଭଦ୍ରଙ୍କ ରଥ ପ୍ରାୟ ଦୁଇରଥ ଅନ୍ତରରେ ଦେବୀରଥ ନୂତନ ନିର୍ମିତ ପୋଲ ଉପରେ ଏବଂ ବଡ଼ ରଥ ବଳଗଣ୍ଡି ଠାରେ ଥିଲେ । ତା ୧୦ ରିଖରେ ତିନି ରଥ ଗୁଣ୍ଡିଚାମନ୍ଦିରରେ ଲାଗି ତା ୧୧ ରିଖରେ ସେ ପ୍ରଭୁମାନେ ସିଂହାସନାରୂଢ଼ ହେବେ ଏ ବିଷୟରେ ଲୋକଙ୍କର ଗଭୀର ସନ୍ଦେହ ଉପସ୍ଥିତ ହେଲା । ତାହା ନ ହେଲେ ତା ୧୧ ରିଖ ଦଶ-ସପ୍ତାହ ପୂର୍ଣ୍ଣ ହେବାରୁ ଗୁଣ୍ଡିଚାମନ୍ଦିରରେ ଅନ୍ନ ଭୋଗ ହେବାର ଅଭି ସମୟ ନ ଥିଲା । କିନ୍ତୁ ମାନନୀୟା ଶ୍ରୀମତୀ ରାଣୀ ମହୋଦୟା ଏ ବିଷୟ ଯେଣ୍ଡ ରହାସ୍ତ ସହରବାସିମାନଙ୍କୁ ଜଣାଇ ଦେବାରୁ ତା ୧୦ ରିଖ ମଙ୍ଗଳବାର ପ୍ରଭାତରେ ସନ୍ନ୍ୟାସୀ, ବୈଷ୍ଣବ ଓ ସାହିଜାଏକ ଏବଂ ସାହିବେଣ୍ଟିଆ ଅଖଡ଼ା ଓଆଲମାନେ ଏକ ଯୋଗ ହୋଇ ରଥ ଟାଣିବାରୁ ପ୍ରାୟ ସଂଧ୍ୟା ଠାରେ ଦୁଇରଥ ଗୁଣ୍ଡିଚାମନ୍ଦିରରେ ସ୍ଥାପିତ ହେଲା ଏବଂ ଅପରାହ୍ଣରେ ଜଗନ୍ନାଥ ଜିଉଙ୍କ ରଥ ଲାଗିଲା ।

ପୂର୍ବରୁ ଚେଠିଆମାନେ ମଫସଲରୁ ଆସି ରଥ ଟାଣିବାର ବିଧି ଅଛି ଏବଂ ଚେଠିଆ ଯୋଗାଇବା ପାଇଁ ଲୋକମାନଙ୍କୁ ଜମି ଖଞ୍ଜି ଦିଆ ଯାଇଅଛି । ସେମାନେ ଜମି ଭୋଗ କରନ୍ତି । ଏଣେ କାହାର ସେ ପ୍ରତି ଦୃଷ୍ଟି ନାହିଁ । ଏ ହେତୁ ପ୍ରାୟ ପ୍ରତିବର୍ଷ ଏପରି ବିଳମ୍ବ ହେଉଅଛି । ରାଜକର୍ମଚାରୀମାନେ ଶୁଣିଣ ପୂର୍ବରୁ

Digitized by srujanika@gmail.com

Split by PDF Splitter



ବେଠିଆର ଯୋଗାଡ଼ କରୁଥିଲେ ଠାକୁରଙ୍କ ଗୁଣ୍ଡିଚାମନ୍ଦିରରେ ପୂର୍ଣ୍ଣ ଛତ୍ରିଶ ଭୋଗ ହେଉଥାନ୍ତା । ପୂର୍ବରୁ ସେ ପ୍ରତି ଟିକିଏ ବୃଷ୍ଟି ବର୍ଷିଲେ ଏପରି ଅସୁବିଧା ହେବାର ସମ୍ଭାବନା ନାହିଁ ।

ତା ୧୦ ରିଖ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ରଥ ଲାଗି ଯିବାରୁ ସନ୍ଧ୍ୟାରୁ ପହଣ୍ଡି ବିଜେ ହୋଇ ତା ୧୧ ରିଖ ବୁଧବାର ପ୍ରାତଃ ସୁଦ୍ଧା ପ୍ରଭୁମାନେ ଗୁଣ୍ଡିଚାମନ୍ଦିର ସିଂହାସନରେ ଆରୂଢ଼ ହେଲେ ।

ଏ ଦିନ ପୂର୍ବାହ୍ନ ଘ ୧୦ ଘଟିକାରୁ ଏପରି ବର୍ଷା ହେଲା ଯେ ଲୋକେ ଆଦୌ ଘରୁ ବାହାର ପାରିଲେ ନାହିଁ । ଏଦିନ ଅଡ଼ପ ଯାତ୍ରା । ପ୍ରଭୁଙ୍କର ସେଠାରେ ଏକଦିନ ମାତ୍ର ଅନ୍ନଭୋଗ ହେଲା । ବର୍ଷା ରାତିକୁ ଛାଡ଼ି ଯିବାରୁ ଲୋକେ ସନ୍ଧ୍ୟା ଦର୍ଶନ ଏବଂ ସୁଖରେ ଅନ୍ନ ମହାପ୍ରସାଦ ଭୋଜନ କରି ସ୍ୱଗୃହକୁ ପ୍ରତ୍ୟାଗମନ କଲେ । ତା ୧୨ ରିଖ ପ୍ରଭାତ ପୂର୍ବରୁ ଖେଚଡ଼ି ଭୋଗ ହୋଇ ପ୍ରଭୁଙ୍କର ବାହୁଡ଼ା ବିଜୟ ହେଲା ଏବଂ ଏଦିନ ରାତିକୁ ଠାକୁରମାନେ ସିଂହାସନ ଛାଡ଼ି ଜଗମୋହନରେ ବିଜେ କଲେ ।

ତା ୧୩ ରିଖ ଶୁକ୍ରବାର ବଡ଼ଏକାଦଶୀ । ଏ ଦିନ ପଞ୍ଚକ୍ରୋଶୀ ଅନେକ ଦର୍ଶନାର୍ଥୀ ନୂଆ ଭୁଖୁଡ଼ା ପ୍ରଭୃତି ଦେଇ ଆସନ୍ତି । କିନ୍ତୁ ଏ ବର୍ଷ ପ୍ରଚୁର ବର୍ଷା, ନଦୀବୃଦ୍ଧି ଏବଂ ଦାମୋଦର ନିକଟସ୍ଥ କାଠପୋଲ ଭାଗି ଯାଇଥିବାରୁ ସମସ୍ତ ପଞ୍ଚକ୍ରୋଶୀ ଆସିପାରି ନ ଥିଲେ । ଏ ଦିନ ଅପରାହ୍ଣ ଘ ୪ ଘଟିକାରେ ରଥ ଦକ୍ଷିଣମୁଖ କରିବାପାଇଁ ପୁଲିସ ଓ ରାଜକର୍ମଚାରୀମାନେ ଉପସ୍ଥିତ ହୋଇ ଦେବୀରଥରେ ଦଉଡ଼ି ଲଗାଇଲେ ଏବଂ ସାର୍ଦ୍ଧ ପ୍ରାୟ ଘଣ୍ଟା ପର୍ଯ୍ୟନ୍ତ ଉଦ୍‌ଯୋଗ କଲେ ସୁଦ୍ଧା ରଥ ସ୍ଥାନରୁ ବିଚଳିତ ହେଲା ନାହିଁ ।

ସେହି ଦିନଠାରୁ ଆଜିପର୍ଯ୍ୟନ୍ତ ଅବିରତ ବର୍ଷା ହେବାରୁ କୌଣସି ରଥ ଦକ୍ଷିଣମୁଖ ହୋଇ ପାରି ନାହିଁ । କେବଳ ଦେବୀରଥ ଦୁଇ ଏକ ଚକ ଆସି ସ୍ଥିତ ଅଛି । ଅଦ୍ୟ ତା ୧୮ ରିଖ ବର୍ଷା ଛାଡ଼ିଅଛି । ବୋଧହୁଏ ଆଜି ରଥରେ ଦଉଡ଼ି ଲାଗିବ ।

କ୍ରମଶଃ—

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ କେବଳ ସୋମବାର ଓ ମଙ୍ଗଳବାର ବୃଷ୍ଟି ନ ହୋଇଥିଲା । ବୃଷ୍ଟିହେତୁ ମହାନଦୀ ଓ ତଦ୍ଭିନ୍ନ ଶାଖାମାନ ବନ୍ୟାର ବଢ଼ି ଅଛି ।

ଗତ ସୋମବାର ଓ ମଙ୍ଗଳବାର ଏଠାରେ ପୁଲିସ ସବ୍ ଇନ୍‌ସ୍ପେକ୍ଟରଙ୍କ ପରୀକ୍ଷା ହୋଇଥିଲା । ବାରଜଣ ପରୀକ୍ଷା ଦେଇଅଛନ୍ତି ।

ଗତ ଜାଗର ଅମାବାସ୍ୟା ରାତ୍ରରେ ପାଇଗଲେ ଗ୍ରାମରେ ଜଣେ ଲୋକ ଅଳଙ୍କାର ନିମନ୍ତେ ଗୋଟିଏ ବାଳକକୁ ହତ୍ୟା କରିଥିବାରୁ ଦୌର ଦଣ୍ଡରେ ତାହାର ଫାଶି ହୁକୁମ ହୋଇଥିଲା —ହାଇକୋର୍ଟରେ ଆସାମୀ ଅପିଲ କରି ସମ୍ପୂର୍ଣ୍ଣ ଅବ୍ୟାହତି ପାଇଅଛି ।

ଅନ୍ନ କାଳ ଗୁଡ଼ାକ ଅତି ମହଙ୍ଗା ହୋଇ ଥିବାରୁ ଭତ୍ତା ପାଇବା ନିମନ୍ତେ ଏଠାର କନେଷ୍ଟବଲମାନେ ଦରଖାସ୍ତ କରି ଅଛନ୍ତି । ଅଲବତ୍ତ ସମୟରେ ଅଳ୍ପ ବେତନଭୋଗୀ ଚାକରମାନଙ୍କୁ ଭତ୍ତା ଦେବାର ନିୟମ ଅଛି । ଆଶା କରୁ କର୍ତ୍ତୃପକ୍ଷୀୟମାନେ ଏ ଆବେଦନର ସୁବିଚାର କରିବେ ।

ଆମ୍ଭମାନଙ୍କର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଗତ ବୁଧବାର କେନ୍ଦ୍ରାପଡ଼ା ଅଞ୍ଚଳକୁ ଗସ୍ତରେ ଯାଇଅଛନ୍ତି ।

କେନ୍ଦ୍ରାପଡ଼ା ନିକଟବର୍ତ୍ତୀ ଅଙ୍ଗାଳୀ ମୌଜାରେ ଗତମାସରେ ଗୋଟିଏ ଡକାଇତି ହୋଇଥିଲା । ନଅଜଣ ଡକାଏତ ଦୁଇବର୍ଷଠାରୁ ଆଠବର୍ଷ ପର୍ଯ୍ୟନ୍ତ ମିଆଦ ପାଇଅଛନ୍ତି ।

ଶୁଣାଯାଏ କଲିକତାରେ ଖଣ୍ଡିଏ ଓଡ଼ିଆ ସମ୍ବାଦପତ୍ର ବାହାରିବ ।

## କଲିକତା—ଗଜେଟ ।

କଟକର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ଜେ, ଏଫ, ଗ୍ରୁନିଂ ସାହେବ ଡେପୁଟୀ କଲେକ୍ଟର କ୍ଷମତା ପାଇଲେ ।

ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ଶ୍ରୀ ଅମ୍ବିକାଚରଣ ସେନ ସାହେବ ଛୁଟିକାଳ ନିମନ୍ତେ ରଙ୍ଗପୁରର ଜଜ ଓ ସେସନ ଜଜ ନିଯୁକ୍ତ ହେଲେ ।

କଟକର ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଗ୍ରୁନିଂ ସାହେବ ଓ ବାଲେଶ୍ୱରର ଏକ୍‌ଟିଂ ଡେପୁଟୀ କଲେକ୍ଟର ବାବୁ ମଗସଲ ରାୟ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପାଇଲେ ।

ଅନୁଗୁଳ ଓ କନ୍ଧମାଳର ଅସିଷ୍ଟାଣ୍ଟ ଇଞ୍ଜିନିୟର ରାୟ ସାହେବ କାଳୀପଦ ମେନ ଏକମାସ ୨୮ ଦିନ ଛୁଟୀ ପାଇଲେ ।

---

ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ ଯେ ଗତ ଆଷାଢ଼ମାସରେ ଅନେକଗୁଡ଼ିଏ ବିବାହ ସେ ନଗରରେ ହୋଇଅଛି । ସେଥିମଧ୍ୟରେ ବାବୁ ଗୋବିନ୍ଦପ୍ରସାଦ ଦାସଙ୍କ ସୁଖ୍ୟାତ ପୁତ୍ର ବାବୁ ଅଭୟପ୍ରସାଦ ଦାସ ଏବଂ ସ୍ୱର୍ଗୀୟ ଗଙ୍ଗାମୋହନ ଦାସଙ୍କ ପୁତ୍ର ବାବୁ ରାଧାଚରଣ ଦାସଙ୍କ ବିବାହ ପ୍ରଧାନ । ଶେଷୋକ୍ତ ବିବାହର ଉତ୍ସବଟା କିଛି ଅଧିକ ହୋଇଅଛି, ଏହି କଲିକତାରୁ ଗୋଟିଏ ଥିଏଟର ଦଳ ଆସିଥିଲା ।

ସୁବୃଷ୍ଟିହେତୁ ଏ ବର୍ଷ ବାଲେଶ୍ୱର ଜିଲ୍ଲାରେ କୃଷିକାର୍ଯ୍ୟ ଉତ୍ତମରୂପେ ଚାଲୁଅଛି ।

ଏଫ, ଏ, ପାଠ ପଢ଼ିବାକୁ ନ ୨ ଜଣ ଏବଂ ବି, ଏ, ପାଠ ପଢ଼ିବାକୁ ଏକଜଣ ଛାତ୍ର ସମ୍ବଲପୁରରୁ କଲିକତାକୁ ଯିବାର ସମ୍ବଲପୁର ହିତୈଷିଣୀରୁ ଅବଗତ ହେଲୁଁ ।

ପଞ୍ଜାବର ପ୍ରଧାନ ବିଚାରାଳୟରେ ବର୍ତ୍ତମାନ ନିୟମ ହୋଇଅଛି ଯେ ନିମ୍ନ ଆଦାଲତମାନଙ୍କରେ ମା ୭ ସ ବର୍ଷ ନ କଲେ କୌଣସି ଓକୀଲ ପ୍ରଧାନ ବିଚାରାଳୟରେ ଉପସ୍ଥିତ ହୋଇ କାର୍ଯ୍ୟ କରି ପାରିବେ ନାହିଁ । ଏ ନିୟମ ଅନ୍ୟ କୌଣସିଠାରେ ନାହିଁ ।

ରୁଷୀୟ ସମ୍ବାଦପତ୍ର ନବଦ୍ରୁଷ୍ଟି ଲେଖିଅଛନ୍ତି ଯେ କୋରିଆଠାରେ ସ୍ୱାଧୀନ ଶାସନ ରହିବା କାରଣ ରୁଷିଆ ଚେଷ୍ଟା କରିବେ । ମାତ୍ର ଜାପାନ ସେଠାରେ ଆପଣାର ଅଧିକାର ସ୍ଥାପନ କରିବାକୁ ଚେଷ୍ଟା କଲେ ରୁଷିଆ ସେଠାରେ ତାହାର ଅଧିକାର ସ୍ଥାପନ କରିବେ । ଗତମାସ ତା '୩ ରିଖରେ ଜାପାନ କୋରିଆର ବେତନ ଋଣ ସଂଶୋଧନ କରିବା କାରଣ ଆବେଦନ କରିଥିଲେ । ଇତିମଧ୍ୟରେ ଅନ୍ୟ ପ୍ରଜାମାନେ ଜଣସ୍ତ ଜାପାନ ଗାର୍ଡ ଭୀନପ୍ରତି ହୋଇଥିବା ସେନା ଉଠାଇନେବା କାରଣ ଅନୁରୋଧ କରିଅଛନ୍ତି ।

ବୋମ୍ବାଇଠାରେ ୫ ଜଣ ରୁଷୀୟ ଓ ଜର୍ମାନୀୟ ସ୍ତ୍ରୀଲୋକ ରହି ବେଶ୍ୟାବ୍ୟବସାୟ ଚଳାଉଥିବାରୁ ପୁଲିସ କର୍ତ୍ତୃକ ଧୃତ ହୋଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବାହାରିଯିବା ଆଦେଶ ପାଇଅଛନ୍ତି । ସେମାନେ ଏହି ଆଦେଶ ବିରୁଦ୍ଧରେ ଅପିଲ କରିଥିଲେ ମାତ୍ର କିଛି ଫଳ ହେଲା ନାହିଁ । ମିଆଦ ମଧ୍ୟରେ ସେମାନେ ଦେଶଛାଡ଼ି ନ ଗଲେ ଜେଲଖାନାରେ ପଡ଼ିବେ ।—ଏହିପରି ବ୍ୟବସାୟ ଚଳାଉଥିବା ଅନ୍ୟ ଜାତୀୟ ଲୋକଙ୍କୁ ମଧ୍ୟ ଏହିପରି ଦଣ୍ଡ ଦେବା ଉଚିତ ।

## ଯାଜପୁର-ସମ୍ବାଦ ।

ଗତ ରବିବାରଠାରୁ ଉଠାଣ ମେଘ ଥିରି ଲଗାଣ ବର୍ଷା ଆରମ୍ଭ ହୋଇଅଛି ଏ ବର୍ଷା ବନ୍ଦ ହୋଇଥିବାର ଜଣାଯାଏ ।

ଅଦ୍ୟ ପର୍ଯ୍ୟନ୍ତ ଏଠାରୁ ଓଲଉଠା ଅନ୍ତର୍ହିତ ହୋଇ ନାହିଁ ପ୍ରତିଦିନ ନ ୨୫ ଜଣ ଲୋକ ରୋଗରେ ମରି ପଡ଼ୁଅଛନ୍ତି ।

କୋଠାଭର ବଂଶଧର ଜମିଦାର ଓ କଟକ ଜିଲ୍ଲା ସଦରବାସ ଓକୀଲ ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ବସୁଙ୍କର ଅନନ୍ୟ ପ୍ରାୟ ୫ ବର୍ଷ ହେବ ଏ ଗ୍ରାମ ମଧ୍ୟରେ ଏକ ବୃହତ୍ କୋଠା ପ୍ରସ୍ତୁତ ହେଉଥିଲା ତାହାର କାର୍ଯ୍ୟ ଶେଷ ହେବାରୁ ତାଙ୍କର କାରବାରୀ ଶ୍ରୀ ଘନଶ୍ୟାମ ମହାପାତ୍ରଙ୍କଦ୍ୱାରା ସେଥିରେ ନୂତନ ସ୍ଥାପିତ ୰ ଦାମୋଦର ଠାକୁରଙ୍କ ହସ୍ତରେ ଗତ ଜୁଲାଇ ମାସ ତା ୧୨ ରିଖରେ ମହା ସମାରୋହରେ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇ ଯାଇ ଅଛି । ପ୍ରାୟ ଦୁଇହଜାରରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ଓ କଙ୍ଗାଳୀ ପେଟ ପୂରାଇ ଭୋଜନ କରିଥିଲେ ଓ ଏଠାକାର ତାବତୀୟ ଭଦ୍ରଲୋକ ଆମନ୍ତ୍ରିତ ହୋଇ ମହାପ୍ରସାଦ ସେବା କରିଥିଲେ ।

କଟକ ଜଗନ୍ନାଥ ସଡ଼କର ପାଲଟା ବଜାର ଅର୍ଥାତ୍ ୫୩ ଓ ୫୪ ମାଇଲ ମଧ୍ୟଠାରୁ ଯାଜପୁର ପର୍ଯ୍ୟନ୍ତ ପ୍ରାୟ ମା ୧୦ ମାଇଲ କୌଣସି ସଡ଼କ ନ ଥିବାରୁ ସାଧାରଣ ଲୋକ ଓ ଯାତ୍ରିମାନଙ୍କର ଗମନାଗମନର ବିଶେଷ କଷ୍ଟ ହେଉଥିବା ବିଷୟ ଏଥିପୂର୍ବେ ଅନେକଥର ସମ୍ବାଦପତ୍ରମାନଙ୍କରେ ପ୍ରକାଶ ହୋଇଥିଲା ମାତ୍ର ଭଦ୍ରକ ସବଡିଭିଜନର ବଡ଼ ସେକେଲ ସ୍ଥାନପତି ଏକ ବିରାଟ ଦଳଣ୍ଡ ମହାମାନ୍ୟ କମିଶନର ସାହେବ ବାହାଦୂରଙ୍କ ହଜୁରକୁ ପଠାଇବାରୁ ବାଲେଶ୍ୱରର ଡିଷ୍ଟ୍ରିକ୍ଟବୋର୍ଡକୁ ଇନ୍‌ସ୍ପେକ୍ଟ କରିବା ହେଲା । ଡିଷ୍ଟ୍ରିକ୍ଟବୋର୍ଡ ଉପରେ ଲୋକାଲବୋର୍ଡର ପତ୍ରଦ୍ୱାରା ଶେଷୋକ୍ତ ବୋର୍ଡ ଉକ୍ତ ସଡ଼କ ହେବାର ନିତାନ୍ତ ଆବଶ୍ୟକ ଥିବାର ରିପୋର୍ଟ ଡିଷ୍ଟ୍ରିକ୍ଟବୋର୍ଡଙ୍କ ନାମ ମାନ୍ୟବର ଶ୍ରୀଯୁକ୍ତ କମିଶନର ସାହେବ ବାହାଦୂରଙ୍କ ହଜୁରକୁ ପଠାଇ ଅଛନ୍ତି; ସାହେବ ବାହାଦୂରଙ୍କଠାରେ ପ୍ରାର୍ଥନା କରୁଁ ସେ ଉକ୍ତ ସଡ଼କ

Digitized by srujanika@gmail.com

ମଣ୍ଡଳ ଓ ପ୍ରସ୍ତୁତ କରାଇ ଇତର ଓ ଯାତ୍ରୀମାନଙ୍କର ଦୁଃଖ ଦୂର କରି ଚିରକାଳ ନିମନ୍ତେ ଓଡ଼ିଶାରେ ସୁକୀର୍ତ୍ତି ରଖନ୍ତୁ ।

ପବଲିକଓ୍ୱାର୍କସ ଡିପାର୍ଟମେଣ୍ଟରଅଫିସରଙ୍କ ଭିତରର କେତେକଜଣ କର୍ମଚାରୀ କର୍ତ୍ତବ୍ୟକର୍ମରେ ତ୍ରୁଟି କରିଥିବା ଅପରାଧରେ ଅଭିଯୁକ୍ତ ଏକଜିକ୍ୟୁଟିଭ ଇଞ୍ଜିନିୟର ସାହେବଙ୍କ କର୍ତ୍ତୃକ ଧୃତ ହୋଇ ତହୁଁ ମଧ୍ୟରୁ କେତେଜଣଙ୍କ ସବ ଓଭରସିୟର ବାବୁ ଶ୍ରୀପତି ମୂର୍ତ୍ତି କଲିଯାଏ ଓ ଭଣ୍ଡାର ସୁପରିଣ୍ଟେଣ୍ଡେଣ୍ଟର ସବ ଓଭରସିୟର ବାବୁ ଯଦୁନାଥ ମିତ୍ର ଉପ୍ରେଣ୍ଡ ହୋଇ ଅନ୍ତରିତ ହୋଇଅଛନ୍ତି । ଏତଦ୍ଭିନ୍ନ ଅଣ୍ଟଅପଥର ଗୋଦାମ ସରକାର ଏକ୍ଷୋଲା ନାମକ କେଜେ ଜଣ ଗୋଦାମରୁ ସରକାରୀ ଚୂନାର ଖଣ୍ଡ ଓଜନର ପ୍ରାୟ ୨ ୫୦୯ ଟଙ୍କାର ଉର୍ଦ୍ଧ୍ୱ ମାଲ ଅପହରଣ କରିଥିବା ଅପରାଧରେ ଅଭିଯୁକ୍ତ ହୋଇ ବର୍ତ୍ତମାନ ଉକ୍ତ ମୋକଦମା କାଲେକ୍ଟରରେ ଶ୍ରୀଯୁକ୍ତ ବଙ୍କବିହାରୀ ଘୋଷ ଡେପୁଟୀ ମାଜିଷ୍ଟ୍ରେଟଙ୍କ ଅଦାଲତରେ ବିଚାର ହେଉଅଛି । ସ୍ୱୟଂ ଏକଜିକ୍ୟୁଟିଭ ଇଞ୍ଜିନିୟର ସାହେବ ଫରିୟାଦି ହୋଇ ମକଦମା ଚଳାଉ ଅଛନ୍ତି; ଏଠାରେ ଆମ୍ଭେ ପଚାରୁଁ କି ଉକ୍ତ ମକଦମାର ସାକ୍ଷୀ ଏବଂ ମହେନ୍ଦ୍ର ମହାରଣା ଓ ସାକ୍ଷୀମାନଙ୍କର ବର୍ତ୍ତମାନ ବାସସ୍ଥାନ ସେଠାରୁ ମା ୧୮ ମାଇଲ ଅନ୍ତର ଉତ୍କଳ ସବଡିଭିଜନ ଅଧିକାରୀର ଥିବାରୁ ସେଠାରେ ବିଚାର ନ ହୋଇ କି ନିମନ୍ତେ ସେ ମା ୫୦ ମାଇଲ ଦୂରର କାଲେକ୍ଟରରେ ବିଚାର ହେଉଅଛି ଏବଂ ଏଥିରେ ମହେନ୍ଦ୍ର ଓ ସାକ୍ଷୀମାନଙ୍କର ନିମନ୍ତେ ଯେ ଅଧିକ କଷ୍ଟ ପଡୁଛି ତାହାର ଦାୟୀ କିଏ ?

ଏଠାକାର ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥ ଓ ବାହୁଡ଼ା ଯାତ୍ରା ଯଥାବିଧି ଅନୁଷ୍ଠାନରେ ସମ୍ପନ୍ନ ହୋଇ ଯାଇ ଅଛି ପୂର୍ବବର୍ଷ ପରି ଏଥର ଅଧିକ ଯାତ୍ରୀ ଶୁଭାଗମନ ଲକ୍ଷ୍ୟ ନ ହୋଇ ଅନ୍ୟାନ୍ୟ ରଥମାନଙ୍କ ସନ୍ଧ୍ୟା ସମୟରେ ବଡ଼ ଜଗନ୍ନାଥଙ୍କ ରଥ ଟାଣି ଅଧିକ ଏକଦିନରେ ନେଇଲେ ହୋଇ ଆଖଣ୍ଡ ଏବର୍ଷ ମଧ୍ୟ ସେହିରୂପ ସ୍ୱଳ୍ପ ସୁବିଧା ଦେଖି ଗୋ ୧୧ ଟା ଲକ୍ଷ୍ମୀ ରଥ କି ହରାଇ ନାହିଁ ଏକତ୍ର ହୋଇଥିବା ବେଳେ ସେ ସମୟର ଶୋଭା ନୟନ ମନୋହର ହୋଇଥିଲା, ଉକ୍ତ ରଥମାନ ସନ୍ଧ୍ୟା ପର୍ଯ୍ୟନ୍ତ ବାଦ୍ୟ ବାଜଣା କରାଇ ଅପଣା ସୁବିଧା ପେଇ ସିବା ନିମନ୍ତେ ନିଜନିଜ ରଥଙ୍କୁ ଅବେଶ ପାଇଥିବାରୁ ନବଜାଗୃକ୍ତ ଟାଣ ଭୋଇମାନେ ମନ୍ଦିର ପଥେ କାଳଣ କରାଇ ରଥ ନେଲେ ଅନ୍ୟ ଦିନରେ ଲୁଣ ଦେବାର କଷ୍ଟ ଦେଖାଇବାରୁ ସେମାନେ ରଜ୍ଜୁ ରଥକୁ ରଥ ନେଇ ଅପଣା ସ୍ଥାନକୁ ଫେରି ଯାଇଥିଲେ; ସ୍ଥାନୀୟ ଭୋଇମାନେ ଅପଣା ଦୃଢ଼ତା ଦେଖାଇବା ନିମନ୍ତେ ସାଧାରଣ ମନରେ ବଡ଼ ଦେବା କଡ଼ ଦୁଃଖର ବିଷୟ ଅଟେ, ଏ ବିଷୟରେ ଉପଯୁକ୍ତ କର୍ତ୍ତୃପକ୍ଷମାନେ ଉତ୍ତର ଦେଇ ବଡ଼ବେ ।

## କେନ୍ଦ୍ରାପଡ଼ାସମ୍ବାଦ ।

ଗତ ମ ୩୧ ତେଣା ଯାଉଥିଲେହେଁ ବର୍ଷାପାତ ପ୍ରଭୃତ ହେଉ ନାହିଁ ପ୍ରାୟ ଦ ୨୦ ଦିନ ଅନ୍ତରରେ ସାମାନ୍ୟ ବୃଷ୍ଟି ହେଉଅଛି । ଗତ ଦୋଳିବାଠାରୁ ଲଗାଣ ବୃଷ୍ଟି ଲଗାଇ ଥିବାରୁ ନେସବୁଡ଼ିଆ ଅଶଙ୍କା ହେଉଅଛି । ମୋଟରେ ଧାନ୍ୟ ସେର ୮ ର ଦରରେ ବିକ୍ରୟ ହେଉଅଛି ଓ ସମୟରେ ତାହା ମଧ୍ୟ ମିଳିବାର କଷ୍ଟ ।

ରଥଯାତ୍ରା ସମାପ୍ତ ହୋଇଅଛି ଖାଲୁଟିଏ ପଥ ଦର୍ଶନାର୍ଥୀଙ୍କ ସଂଖ୍ୟା ପ୍ରାୟ ପୂର୍ବବର୍ଷର ଓ ବାହୁଡ଼ାରେ ପ୍ରାୟ ପାଞ୍ଚ-

ନାର ହୋଇ ଥିଲ ।—ଅନୁକଣ୍ଟକରୁ ଏଥର ମୋଫସଲ ମାନଙ୍କରୁ ଅନେକ ଲୋକ ଆସି ନାହାନ୍ତି ।

ଗତ ରବିବାର ମୋହରମ ଶେଷ ହେଲା ଏଠାରେ ତ-କଲୋକ ତାଜିଆ ହୋଇ ଥିଲା । କିନ୍ତୁ ଅପଣାର ମଧ୍ୟରେ କୌଣସି ବିବାଦ ବଶତଃ ଏଥର ଅନେକ ଲୋକ ଉକ୍ତ ପର୍ବରେ ଯୋଗ ଦେଇ ନାହାନ୍ତି —ଉତ୍କଳ ।

ସମ୍ପ୍ରତି ଓଲାଓଠା ଆରମ୍ଭ ଦେଖା ଦେଇ ଅଛି ଓ ଏହି ରୋଗରେ ପ୍ରାୟ ଜ ୨୦ ଣ ଲୋକ ମୃତ୍ୟୁ ମୁଖରେ ପତିତ ହେଲେଣି ।

ଅତିବୃଷ୍ଟିକାର ଫଳ ଅନାବୃଷ୍ଟି ଲକ୍ଷଣ ଓ ମଧ୍ୟ ନଗରର ଓଲୋଡ଼ ହୋଇଥିବାରୁ ଭାଳ ଓ ଶ୍ରୀମାଲମାନ ପତ୍ରୁକାରେ ବିଶେଷ ବିଳମ୍ବ ହେଉଅଛି ।

ସେ ଦିନ ଏଠାରେ ମୋଟିଏ ଅତି ଭୟାନକ ଘଟଣା ଦେଖାଯାଇଥିଲା—ସ୍ତ୍ରୀର ତାହା ପିତାଙ୍କୁ ଅଶିକାର ସ୍ୱାମୀର ଦଣ୍ଡରେ ଇଚ୍ଛା କେବଳ ଅନେକ ଚେଷ୍ଟାକରି ଶେଷରୁ ବିଫଳ ହେଲା । ଗତ ରବିବାର ତାହାର ସ୍ତ୍ରୀ ପ୍ରେଥିବାର ଅଧିକାର ଶୁଣି କାଛରେ ଲୁଚିରହି ସ୍ତ୍ରୀଠାରୁ ଉଦ୍ଧାରକୁ ଫେରି ଅସୁବିଧା ସମୟରେ ତାହାକୁ ଧରି ଅପଣା ଘରକୁ ନେଇ ଯିବାର ପ୍ରସ୍ତୁତ ହେବାରେ ସ୍ତ୍ରୀଲୋକର ଚିତ୍କାର ଶୁଣି ଆଖାଖ ଧରି ହୋଇ ଅସିଲେ ଡଦୁପରେ କଥାର ଜଣା ହେବାରୁ ସେମାନଙ୍କ ଉଦ୍ଧ ଯତ୍ନରେ ସ୍ୱାମୀ ମହା ଆନନ୍ଦରେ ସ୍ତ୍ରୀକୁ ସଙ୍ଗେ ନେଇ ଗଲା ।

ଏଠାକାର ଦେଓ୍ୱାନିଅଦାଲତର ପିଅନମାନେ ସେମାନଙ୍କର ଦରମାହା ବୃଦ୍ଧି କରିବା ସକାଶେ ଶ୍ରୀଯୁକ୍ତ ଜଜସାହେବଙ୍କ ନିକଟକୁ ଅବେଦନ କରି ଅଛନ୍ତି ।

## ପାରଲାକେମଣ୍ଡି-ସମ୍ବାଦ ।

ଶ୍ରୀ ଶ୍ରୀ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ମହାରାଜା ଏ ଶ୍ରୀ ଅଙ୍ଗରେ ଅସୁସ୍ଥ ହୋଇଥିବା ହେତୁ ଏଠାର ଗୁଣ୍ଡିଚାଯାତ୍ରା ଯଥା ଯୋଗ୍ୟରୂପେ ନ ହେଲା ଏଥିପାଇଁ ସମସ୍ତ ପାରଲାବାସୀମାନେ ଦୁଃଖ ପ୍ରକାଶ କରୁ ଅଛନ୍ତି ।

ଏଠା ହାଇସ୍କୁଲର କେତେଜଣ ଛାତ୍ର ଓ ଅଧ୍ୟାପକ କେତେଜଣ ବ୍ୟକ୍ତି ଏକତ୍ରିତ ହୋଇ ଜନ ସ୍ମିଥ୍ ଲଞ୍ଜିସ ନାମକ ଗୋଟିଏ ସମାଜ ସ୍ଥାପନ କରି ଇଂରାଜୀରେ ଓ ଗୀତକ ନାଟ ଏହି କାଟକ ଦ୍ୱାରା ଅନ୍ୟ ଉଦ୍ୟମରେ ମନ ଲଗାଇ ଅଛନ୍ତି ।—ଠତ

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶୀଲଶ୍ରୀଯୁକ୍ତ ପରମମାନ୍ୟବର ଶ୍ରୀ ଉତ୍କଳ ଦୀପିକା

ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ

ଖଲିକୋଟ ରାଜାଙ୍କର ଉଡ଼ିଙ୍କରୁ ବାହୁଡ଼ିବାର ବିବରଣ ।

ତା ୨୫ ରଖ ଦିନ ସନ୍ଧ୍ୟା ଘ ୭ ଘା ସମୟରେ ରାଜା, ଯୁବରାଜ, ପାତ୍ର ଓ ସୈନ୍ୟବର୍ଗ ସହ ମଧୁବନଗ୍ରାମରେ ଉପସ୍ଥିତ ହେଲେ, ସେଠାକାର ଜମିଦାର ମୁନ୍ସି ଅବଦୁଲ ସମଦ କାଠରୁ ବରଣ କରି ନେଲେ । ରାତିଭିତରୁ ଗୋ ୧୨ ଟା ବମ୍ ଫୁଟାଇ ଥିଲେ । ତାହାଙ୍କ ବଙ୍ଗଳା ଗୃହରେ ରାଜା, ଯୁବରାଜ, ଓ ଅମଲାମାନଙ୍କୁ ଉପଯୁକ୍ତ ରୂପରେ ନେଇ ଏକ ସଭା କରାଇଥିଲେ ସେହି ସଭାରେ ତାମ୍ବୁଳ ଓ ସୁବାସିତ ଅତର ମାଲ୍ୟ ବିତରିତ ହେଲା । ନୃତ୍ୟ ସଙ୍ଗୀତାଦିରେ ରାଜା ଓ ଯୁବରାଜଙ୍କୁ ସନ୍ତୋଷ କରାଇଲେ ରାତ୍ରି ଘ ୭ ଘା ସମୟରେ ଅପଣା ରାଉଟିକୁ ବିଜେ କଲେ । ତହୁଁରେ ଜମିଦାର ମହାଶୟ ନାନାବିଧ ଉତ୍ତମ ଖାଦ୍ୟ ସାମଗ୍ରୀରେ ପରିପୂରଣ କଲେ । ତା ୨୬ ରଖ ଦିନ ମଧ୍ୟ ସେଠାରେ ଅବସ୍ଥାନ କଲେ । ସନ୍ଧ୍ୟା ଘ ୭ ଘା ସମୟରେ ରାଜାଙ୍କ ରାଉଟିରେ ଏକ ସଭା ହୋଇ ଥିଲା ସେଥିରେ ମାଲ୍ୟ ସୁବାସିତ ଅତର ତାମ୍ବୁଳ ବିତରଣ ହୋଇଥିଲା ଓ ନୃତ୍ୟ ସଙ୍ଗୀତାଦି ହୋଇଥିଲା । ସେହି ସମୟରେ ଗୋ ୪ ଟା ବମ ଫୁଟାଇ ଥିଲେ ଜମିଦାର ମହାଶୟ ବଜାଇସି ଯୋଡ଼ ସବୁ ଦେଇ ବିଦାୟ କଲେ ରାତ୍ରି ଘ ୧ ଘା ସମୟରେ ସେଠାରୁ ବାହୁଡ଼ିବା ସମୟରେ ଅଠଗୋଟି ବମ୍ ଫୁଟାଇ ଥିଲେ ରାଜା ଓ ଯୁବରାଜ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଜମିଦାରଙ୍କୁ ଧନ୍ୟବାଦ ଦେଇ ଗମନ କଲେ । ତା ୨୭ ରଖ ଦିନ ଆସି ଭୁବନେଶ୍ୱର ମୁକାମରେ ଉପସ୍ଥିତ ହେଲେ ସେସ୍ଥାନରେ ଦ ୪ ନ ରହିଲେ ରାଜା ଓ ଯୁବରାଜ ପ୍ରାୟ ପ୍ରତ୍ୟେକ ମନ୍ଦିର ଦର୍ଶନ କରି ପ୍ରଣାମି ଦେଇଥିଲେ ଏଥିରେ ପ୍ରାୟ ଟ ୩୦୦ ଙ୍କା ଖର୍ଚ୍ଚ ହୋଇ ଥିଲା ଓ ମନ୍ଦିରରେ ଗୋ ୨ ଟା ସୁନ୍ଦର ଘୋ ୮ ଡ଼ା ପାଟ ଦେଇ ଥିଲେ ତା ୨୯ ରଖ ଦିନ ଅପରାହ୍ଣ ଘ ୪ ଘା ସମୟରେ ଖଣ୍ଡଗିରି ଯାଇ ସେଠାରେ ଦେବ ମନ୍ଦିର ପ୍ରଭୃତି ଦର୍ଶନ କରି ବାହୁଡ଼ି ଅସିଲେ । ତା ୩୦ ରଖ ଦିନ ସନ୍ଧ୍ୟା ସମୟରେ ଭୁବନେଶ୍ୱର ମୁକାମରୁ ବାହାର ହୋଇ ତା ୧ ରଖ ଦିନ ଘ ୭ ଘା ସମୟରୁ ଗୁଡ଼ଗଡ଼ର ବଙ୍ଗଳାରେ ଉପସ୍ଥିତ ହେଲେ ତହିଁରେ ଦିନମାନ ରହି ସନ୍ଧ୍ୟା ସମୟରୁ ବାହୁଡ଼ିଲେ ତା ୨ ରଖ ଦିନ ଟାଙ୍ଗି ମୁକାମରେ ବିଶ୍ରାମ କରି ତା ୩ ରଖ ଦିନ ଅପଣା ସ୍ୱରାଜ୍ୟ ପାତ୍ର ଓ ସୈନ୍ୟବର୍ଗ ସହ ଉପସ୍ଥିତ ହେଲେ ଅମ୍ଭେମାନେ ରାଜା ଓ ଯୁବରାଜଙ୍କ ସଦାଚାରୀତ୍ୱ ଓ ସଦ୍ବ୍ୟବହାର ଦେଖି ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଈଶ୍ୱରଙ୍କଠାରେ ଏହି ପ୍ରାର୍ଥନା କରୁଁ ଯେ ଈଶ୍ୱର କୁଶଳରେ ରଖନ୍ତୁ ।

ଶ୍ରୀ ଦାମୋଦର ସ୍ୱାଇଁ ।

ଦେଓ୍ୱାନ ।

ଖଲିକୋଟ ।

Split by PDF Splitter

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଜ୍ୱାଦୁର ଅବ୍ୟର୍ଥ ମହୌଷଧ

(ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦।୵ ମାସୁଲ ଟ ୦। ଅଣା

ଏହି ଔଷଧ ବ୍ୟବହାରରେ ସବୁ ପ୍ରକାରର ଜାଦୁରୋଗ ଏହା କଲକେ ଆରୋଗ୍ୟ ହୋଇ ଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ ଏହାକୁ ବ୍ୟବହାର କଲେ କଣ୍ଡୁ ମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ଉର୍ବେଶ ଅଟେ । ଏଥିରେ ନାନାପ୍ରକାର ଚର୍ମ୍ମ-ରୋଗ ମଧ୍ୟ ଭଲ ହୁଏ । ଏହି ଔଷଧରେ ପୂର୍ବଠାରୁ ଅଧିକ କେତେକ ଗୋଟି ଅଣ୍ୟ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା ଗୁଣ ଅଧିକ ଆଶ୍ଚର୍ଯ୍ୟ ପ୍ରଦ ହୋଇ ଅଛି । ଯେଉଁମାନେ ଏହି କୁତ୍ସିତ ରୋଗରେ କଷ୍ଟ ପାଉ ଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ମଧ୍ୟ ଦେଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମତାରକ ସେନ ।
ଦେବ ଉତ୍କଳ ପ୍ରେସ; ବାଲେଶ୍ୱର ।

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## "ଗନରୋ ଭାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଭାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ୨ ରୋଗୀ ବ ଯେଉଁମାନଙ୍କୁ ବଡ଼ ୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରେଭାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗା ର ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟପ୍ରତି ସିସି ଟ ୨ ଙ୍କା ପ୍ୟାକିଂ ଟ ୦୵ ଅଣା
ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଜେ, ପି, ରାୟ
ନ ୪୫ ମଦ୍ ଜେବୁଭଲ୍ଲ ଲେନ
କଲିକତା ।

## WANTED

A Head Clerk and Accountant for the Cuttack Municipal Office on a monthly salary of Rs. 40, rising to Rs. 50. Applications from intending candidates will be received by the undersigned up to the 31st July 1894.

None need apply who cannot produce satisfactory testimonials as to experience in office work and good character.

Preference will be given to the candidate who combines a thorough knowledge of account keeping to the above qualifications.

A cash security of Rs. 500 will be furnished.

RAM SANKAR RAY
*Vice-Chairman.*

## ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଷ ୧୦ ଶ୍ରୀ ଯାଏ ପୁସ୍ତକ ଡାକରେ ଦିବାକୁ ମାସୁଲ ଏକଅଣା । ଅଳ୍ପ ପୁସ୍ତକ ବାକି ଅଛି ।

ବିକ୍ରେତା } ବାମଣ୍ଡା
ଶ୍ରୀଦାଶରଥି ରାଉତ } ସମ୍ବଲପୁର ପୋଃ

## ରାଗ-ରସଦୀପକ ।

ଅର୍ଥାତ୍
ବିବିଧ ରାଗ ରାଗିଣୀ ସମ୍ବଳିତ ନୂତନ ହରି ସଙ୍ଗୀତ ।
ମୂଲ୍ୟ ଦୁଇଅଣା ମାତ୍ର ।
ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ୍ଲ
ନୟାସଡ଼କ କଟକ

## କୃଷିପାଠ ।

ଏପର୍ଯ୍ୟନ୍ତ ଓଡ଼ିଆଭାଷାରେ ଯେତେ କୃଷିପାଠ ହୋଇଅଛି ଏ ପୁସ୍ତକ ସାପେକ୍ଷା ବୃହତ୍ ଅର୍ଥାତ୍ ପୃ ୧୬୯ ପୃଷ୍ଠାରେ ସମ୍ପୂର୍ଣ୍ଣ ଏବଂ ବିଶେଷ ଉପଯୋଗୀ । ଯେଉଁମାନେ କୃଷିକାର୍ଯ୍ୟ କରୁଅଛନ୍ତି ଅଥବା କରିବାକୁ ଇଚ୍ଛା କରନ୍ତି ସେମାନେ ଏହାକୁ ପଢ଼ିଲେ ଅନେକ ସଦୁପଦେଶ ପାଇବେ ସନ୍ଦେହ ନାହିଁ ।

ମୂଲ୍ୟ ଟ ୦।୵
ଡାକମାସୁଲ ଟ ୦ ।୬

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ଗ୍ରାହକମାନେ ପାଇ ପାରିବେ ।

## FOR SALE.

The under noted Elephants are for sale in the Mourbhanj State. Purchasers requiring further particulars as to their value, may apply direct to His Highness the Maharaja Mourbhanj.

| No. | Names of elephants. | Genders. | Heights |
|---|---|---|---|
| 1. | Sorod Mala | Female | 6 ft. 10 ich, |
| 2. | Bhimrothi | Do. | 6 ft. 2 „ |
| 3. | Jhullon Piari | Do. | 6 ft. 10 „ |
| 4. | Sohor Koli | Do. | 6 ft. 0 „ |
| 5. | Chandro Shikor Prosad | Male Tusker | 5 ft. 7 „ |
| 6. | Moti Gajodont | Do. | 5 ft. 6 „ |

Baripada, }
21—6—94. }

By order
F. D'ELBOME
*Accountant.*

Digitized by srujanika@gmail.com

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ ।୰ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାଳାରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରତରଙ୍ଗିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦୀକ ମେଡ଼ିକେଲ ମ୍ୟାନୁଫ୍ୟାକ୍‌ଚୁରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ୍ କାଲନା, ବେଙ୍ଗଲ ।

## ରେଜିଷ୍ଟ୍ରୀକୃତ ମୂଳଧନ ଟ ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସଦର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛାକରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ ।

ଏଠାରେ ଶିଆଳୀ, କାଶ, ଜ୍ୱର, ଇନ୍ଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅବଲୁପ୍ତ ଜଟିଳ ଓ କଠିନ ପୀଡ଼ାସକଳରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ବିଳାସୀଜନ ଓ ସୌଖିନର ଅତୁଲ୍ୟ ସାମଗ୍ରୀ । ଏହାଦ୍ୱାରା ଚକ୍ଷୁ ହେତୁ ମସ୍ତିଷ୍କବିକୃତର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୲ ଖରଚ୍ଚ ଟ ୦।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ ୦।୲ ଡାକଖର୍ଚ୍ଚ ଟ ୦।୵

କୁନ୍ତଳ-କୌମୁଦୀ-ତୈଳ;—ନୂତନ କେଶ-ଜନ୍ମିଥିବାର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୲ ଖର୍ଚ୍ଚ ଟ ୦।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜିଷ୍ଟ୍ରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୲ କା । ୧।୨ କିସ୍ତିରେ ଟ ୨।୲ କ ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାରୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟରୀ ଏବଂ ଟ୍ରେଜରର୍

---

## NOTICE.

*A COMPLETE KEY*

( Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c. )

To

Lethbridge's Easy Selections
( Minor course 1895 )

BY

AKSHOY KUMAR GHOSE
AND
HARA CHAND GHOSH
in the press

Price per copy Re. 1—0—0
Postage one anna extra for muffasal.
To be had of the Secretary Printing Company Cuttack

---

## ଶୀଘ୍ର ନିଅ ! ନିଅ ! ନିଅ !!

ଅମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପର୍ବାପେକ୍ଷା ଊଣା ମୂଲ୍ୟରେ କେତେକ ସମୟ ବିକ୍ରୟ ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେବୀ-ବିରଚିତ ) ଟ ୦ ୲୯

ରସଲେଖା ( ଉପେନ୍ଦ୍ର,ଭଞ୍ଜ ବିରଚିତ ) ଟ ୦।୰

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ଟ ୦ ୵ |
| ଏତନ | ଦ୍ୱିତୀୟ ଏତନ | ଟ ୦ ୵ |
| ଏତନ | ତୃତୀୟ ଏତନ | ଟ ୦ ୵ |
| ଏତନ | ଚତୁର୍ଥ ଏତନ | ଟ ୦ ୵ |
| ଶାବକତତ୍ତ୍ୱ | | ଟ ୦ ୵ |
| ରତିଲୀଳା ରେଣୁ | | ଟ ୦ ୵ |

କଟକ } ଶ୍ରୀ ଦାମୋଦର ପଟ୍ଟନାୟକ
୨୭।୩।୯୪ }

---

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦ ୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଦଗରାବଜାର ମଧ୍ୟ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୯ ଗ | ସଂ ୩୦ ସଂଖ୍ୟା | ତା ୨୮ ତଙ୍କ ମାହେ ଜୁଲାଇ ସନ ୧୮୯୪ ମସିହା । ମୁ । ତା ୧୪ ଇ ଶ୍ରାବଣ ସନ ୧୩୦୧ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ | ପଶ୍ଚାଦେୟ ଟ ୩॥


ବମ୍ବେଇର ସୁପ୍ରସିଦ୍ଧ ଶ୍ରୀଯୁକ୍ତ ବାଇରାମଜି ମାଲବାରୀ ବିଲାତ ଯାତ୍ରା କରି ଅଛନ୍ତି । ସମାଜ ସଂସ୍କାର ପକ୍ଷରେ ଏ ମହାଶୟ ସର୍ବଦା ଯତ୍ନବାନ । ଏ ଦେଶରେ କିଛି କରି ନ ପାରିବାରୁ ସମ୍ପ୍ରତିଃ ବିଲାତରେ ଚେଷ୍ଟା କରିବା ଉଦ୍ଦେଶରେ ସେଠାକୁ ଯାଇ ଅଛନ୍ତି । ବିଲାତ ଇଚ୍ଛାରେ ଭାରତ-ସମାଜ ସଂସ୍କାର ହେଲେ ବିଚିତ୍ର ହେବ ।

———

ଏଥର ଗସ୍ତରେ କଙ୍ଗ୍ରିଷ୍ଟଲେଟନାଣ୍ଟ ଗଭର୍ଣ୍ଣର ଛାତ୍ରା- ଠାରେ ଏହି ସୁସମ୍ବାଦ ପ୍ରକାଶ କରି ଅଛନ୍ତି ଯେ ଶସ୍ୟର ମୂଲ୍ୟ ବୃଦ୍ଧି ହେବାରୁ କୃଷିମାନଙ୍କର ସମ୍ପଦ ବଢ଼ିଅଛି, କୌଣସିଠାରେ ଦରିଦ୍ରତା ଦେଖା ଯାଉ ନାହିଁ ଆଉ ଦରିଦ୍ରତା ଅଥବା ରେଲକାଣ୍ଟ ସଂକ୍ରାମକଜ୍ୱରର କାରଣ ନୁହେ । ଲାଟ ମହୋଦୟ ଏହିକ କହିବାକୁ ପାସୋର ଗଲେ ଯେ ଲୋକମାନେ କେବଳ ଟିକସ ଦେବାକୁ ପଡ଼ିବ ବୋଲି ଗରିବ ଥିବାର ଦାଣ୍ଡରେ କହିବୁଲୁଅଛନ୍ତି !

—※—

ଅରମଷ୍ଟ୍ରଙ୍ଗ୍ ନାମ ର ଜଣେ ଗୋରାସି- ପାହୀ ଜଣ୍ଟ୍ରିପଷ୍ଟିମ ମିଅନମିର ନଗରର ଜଣେ ଦୋକାନଦାରକୁ କୁଇତ୍ୱାସ୍ପାତ କରି ମାରି- ପକାଇବାରୁ ବିଗୁରରେ ତାହାର କୋଡ଼ିଏ ଟଙ୍କା ଅର୍ଥଦଣ୍ଡ ହୋଇଅଛି । ଜଜସାହେବ ରାଏ-ରେ ଲେଖିଅଛନ୍ତି ଯେ ଆସାମି ମୃତବ୍ୟକ୍ତିର କୁଟୁମ୍ବଙ୍କୁ ଦୁଇଶତ ଟଙ୍କା କ୍ଷତି ପୂରଣ ଦେଇଥି- ବାରୁ ୨୦ ଟଙ୍କା ଅର୍ଥଦଣ୍ଡ ଯଥେଷ୍ଟ ଅଟେ । କ୍ଷତିପୂରଣ ଦେଇ ନରହତ୍ୟା ଅପରାଧରୁ ଅ- ବ୍ୟାହତି ପାଇବାର ଇଂରାଜଙ୍କ ବିଗୁରାଳୟରେ କେବେ ଶୁଣା ନ ଥିଲା ।

—※—

ଭାରତବର୍ଷରୁ ନାନା ଟାପୁକୁ ଯେଉଁମାନେ ମୂଲଲାଗିବାକୁ କୁଲିସ୍ୱରୂପ ପ୍ରେରିତ ହୁଅନ୍ତି ସେମାନଙ୍କ ଅର୍ଜନ ମନ୍ଦ ନୁହେ । ସନ ୧୮୯୩ ସାଲର କୁଲି ରିପୋର୍ଟରୁ ପ୍ରକାଶ ଯେ ସର୍ବା- ପେକ୍ଷା ନେଟାଲର ରୋଜଗାର ଅଧିକ ଅଟେ । ସେଠାରୁ ଫେରି ଅସିବା କୁଲିମାନେ ହାରାହାରି ଜଣପ୍ରତି ଟ ୨୯୬ କା ଆଣିଥିଲେ । ମରିଚ ଦ୍ୱୀପର ରୋଜଗାର ସର୍ବାପେକ୍ଷା ଊଣା ଅଟେ ଏବଂ ଏହିହେତୁ ବୋଧ ହୁଏଇ ସେଠାକୁ ଯେତେ କୁଲି ଯାଉଥିଲେ ବର୍ତ୍ତମାନ ତହିଁରୁ ଊଣା ଯାଉ ଅଛନ୍ତି ।

———

ସାଲେପୁର ଥାନା ଅନ୍ତର୍ଗତ କେତେକ ଗ୍ରାମର ଅନ୍ନକଷ୍ଟ ସମ୍ବନ୍ଧରେ ଇନ୍‌ସ୍ପେକ୍ଟର ପଣ୍ଡି- ତ ବାବୁ ରଘୁନାଥ ମିଶ୍ରଙ୍କର ପତ୍ର ସ୍ଥାନାନ୍ତରେ ପ୍ରକାଶ କରି ତହିଁ ପ୍ରତି ଆମ୍ଭମାନଙ୍କ କଲେକ୍ଟର ସାହେବଙ୍କର ଦୃଷ୍ଟି ପ୍ରାର୍ଥନା କରୁଅଛୁଁ । ଆମ୍ଭ- ମାନଙ୍କର ବିଶ୍ୱାସ ଯେ ଉକ୍ତ ପତ୍ରରେ ପ୍ରକୃତ ଅବସ୍ଥା ବର୍ଣ୍ଣିତ ହୋଇ ଅଛି ଏବଂ ମୋଫସଲର ଅନେକ ସ୍ଥାନର ଅବସ୍ଥା ଏହି ପରି ଅଟେ । ସାହାଯ୍ୟ ଦାନର ବ୍ୟବସ୍ଥା କରିବାକୁ ଏଥିପୂର୍ବରୁ ସାହେବ ମହୋଦୟ ପ୍ରବୃତ୍ତ ହୋଇ ଥିବା ପ୍ର- ତ୍ୟକ୍ଷେ କାର୍ଯ୍ୟାରମ୍ଭରେ ବିଲମ୍ବ କରିବା ଉଚିତ ନୁହେ ।

—※—

ଏତେକାଳ ହିନ୍ଦୁ ଓ ମୁସଲମାନମାନେ ସଦ୍ଭା- ବରେ ରହି ଅସୁଥିଲେ । ଏଣିକି ତହିଁର ବିପ- ରୀତ ସମ୍ବାଦ ଶୁଣିବାକୁ ଅସୁଅଛି । ଗତ ମୋହ- ରମ ପର୍ବ ସମୟରେ ବଙ୍ଗଳା ଓ ଉତ୍ତର ପଶ୍ଚିମର କେତେ ସ୍ଥାନରେ ହିନ୍ଦୁ ବିବାଦର ଲଗ୍ନ ପଡ଼ି- ଥିଲା । ମୁସଲମାନମାନେ ମସଜିଦ ସମ୍ମୁଖରେ ହିନ୍ଦୁମାନଙ୍କୁ ବାଜା ବଜାଇ ଯିବାକୁ ଦେଇ ନାହାନ୍ତି । ବାସ୍ତବରେ ମସଜିଦ ଚଢ଼ିଲେ ତହିଁ ସମ୍ମୁଖରେ ହିନ୍ଦୁମାନେ ଅଥବା ଦେବାଳୟ ପାଖରେ ମୁସଲମାନମାନେ ଏତେକାଳ ବିନା ଅପତ୍ତିରେ ବାଜା ବଜାଇ ଯାଉଥିଲେ । ବର୍ତ୍ତ- ମାନ କି ମୁସଲମାନଙ୍କର ଧର୍ମଜ୍ଞାନ ଅଧିକ ହେଲା? ତାହା ହେଲେ ହିନ୍ଦୁର ରାଜ୍ୟରେ ବାସ କରିବା ଉଚିତ କି ? ଏ ବିବାଦର ଶୀଘ୍ର ମୀମାଂସା ନ ହେଲେ ରକ୍ଷା ନାହିଁ । ଆତ୍ମବିଚ୍ଛେଦ ସମସ୍ତ ଅମଙ୍ଗଳର ମୂଳ ଅଟେ ।

—※※※—

ସନ ୧୮୯୩।୯୪ ସାଲର ସରକାରୀ ମୋକ- ଦ୍ଦମା ସମ୍ବନ୍ଧୀୟ ରିପୋର୍ଟରୁ ପ୍ରକାଶ ଯେ ତହିଁ ପୂର୍ବ ବର୍ଷ ଠାରୁ ଏ ବର୍ଷ ମୋକଦ୍ଦମାର ସଂଖ୍ୟା ଊଣା ଅଥଚ ବିଗୁରର ଫଳ ଅଧିକ ଅନୁକୂଳ ଅଟେ । ଶତକଡ଼ା ୭୭ ମୋକଦ୍ଦମା ସରକାରଙ୍କ

Split by PDF Splitter

Digitized by srujanika@gmail.com

ସପକ୍ଷରେ ଫଏସଲ ହୋଇ ଅଛୁ । ଏପର ନାବାଳଗି ମାହାଲ ଏଲକାର ମୋକଦମା ତହକର ୯୦ ଗୋଟା ସରକାର କଣି ଅଛନ୍ତି । ଏଫଲ ଅବଶ୍ୟ ସନ୍ତୋଷଜନକ ଅଟେ । ମାତ୍ର ତହସିଲର ଫଲ ସେପର ନୁହେ । ଗତବର୍ଷ ୪୨ ହଜାର ଟଙ୍କା ପାଉଣା ମଧ୍ୟରୁ ୧୬ ହଜାର ଟଙ୍କା ଅଦାୟ ହୋଇଥିଲ । ଏ ବର୍ଷ ୪୨ ହଜାର ଟଙ୍କା ପାଉଣା ମଧ୍ୟରୁ ୯ ହଜାର ଟଙ୍କାରୁ ଅଧିକ ଅଦାୟ ହୋଇ ନାହିଁ ଦେଣଦାରଙ୍କ ସମ୍ପତ୍ତି ଖୋଜ ବାହାର କରିବା କଷ୍ଟ ହେତୁ ଏପର ଘଟିବାର ଲେଖାଅଛୁ । ସରକାରଙ୍କର ମୋଫସଲରେ ପୁଲସ ଥାନ ଗୋଇ ପ୍ରଭୃତି ଥାଇ ଯେତେବେଳେ ଏତେ କଷ୍ଟ ହେଉଛି ସେତେବେଳେ ଅପର ଉକିଲମାନଙ୍କ କଥା କ ବୋଲଯିବ । ବାସ୍ତବରେ ଉକିଲ ଖାତକ ଠାରୁ ଟଙ୍କା ଅଦାୟ କରିବାବଡ଼ ବିରକ୍ତିଜନକ ବ୍ୟାପାର । ସରକାର ଏଥିର କିଛି ସୁବିଧା କର ପାରବେ ନାହ କ ?

---

ଉତ୍ତର ପଶ୍ଚିମ ପ୍ରଦେଶ ଅନ୍ତର୍ଗତ ବରେଲିସହରର ପାଞ୍ଚସହସ୍ର ହିନ୍ଦୁ ସ୍ୱାକ୍ଷର କର ଏହି ମର୍ମରେ ଉତ୍ତର ପଶ୍ଚିମର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କୁ ଏକ ଆବେଦନ ପତ୍ର ପଠାଇ ଥିଲେ କ ସେହି ନଗରର ଯେ ସମସ୍ତ ସ୍ଥାନରେ ପୂର୍ବେ ଗୋହତ୍ୟା ହେଉ ନ ଥିଲା ସେ ସମସ୍ତ ସ୍ଥାନରେ ଏଣିକ ଯେମନ୍ତ ଗୋ ହତ୍ୟାର ଅନୁମତି ଦିଆ ନ ଯିବ । ଲେଫ୍ଟେନାଣ୍ଟ ମହୋଦୟଙ୍କର କ କାରଣରୁ ବୋଲଯାଇ ନ ପାରେ ପ୍ରଥମରୁ ଏ ଦରଖାସ୍ତ ପ୍ରତି ସନ୍ଦେହ ହେବାରେ ସ୍ୱାକ୍ଷର ସମସ୍ତ ତଦନ୍ତ ନିମନ୍ତେ ବିଭାଗୀୟ କମିସନର ସାହେବଙ୍କ ନିକଟକୁ ସେହି ଦରଖାସ୍ତ ପଠାଇ ଦେଲେ । ସମ୍ପ୍ରତି ତାରସମ୍ବାଦରୁ ଜଣାଯାଏ ଯେ ସାହେବ ମହୋଦୟ ତଦନ୍ତ କର ସ୍ୱାକ୍ଷରମାନ ଯଥାର୍ଥ ଥିବାର ପ୍ରମାଣ ପାଇଅଛନ୍ତି । ଅତଃପର କ ବିଚାର ହେବ ଦେଖା ଯିବ । ମାତ୍ର ଏଥି ମଧ୍ୟରେ ଆଉ ଏକ ତାରସମ୍ବାଦରୁ ଜଣାଯାଏ ଯେ ହିନ୍ଦୁ ଓ ମୁସଲମାନମାନେ ଏକଥା ଆପଣା ମଧ୍ୟରେ ଭାଙ୍ଗି ଦେବାର ଉଦ୍ୟମ କରୁଅଛନ୍ତି ଏବଂ କମିସନର ସାହେବଙ୍କର ଅଭିପ୍ରାୟ ଏହି ଯେ ମୁସଲମାନମାନେ ଆପଣା ଘର ମଧ୍ୟରେ ଗୋବଧ କର ପାରବେ । ସେ ଯାହା ହେଉ ହିନ୍ଦୁମାନଙ୍କ ଏତେ ଅବିଶ୍ୱାସ କରିବାର କାରଣ କ ?

---

ଗତ ତା ୨୨ ରଖ ରାତ୍ରରେ ପୁରୀ ଶ୍ରୀମନ୍ଦିରମଧ୍ୟରେ ଜଣେ ପଶ୍ଚିମା ଯାତ୍ରୀର ଗଳା କଟାଯାଇ ଏବଂ ଗଳାରେ ଫାନ୍ସଯାଇ ପଶ୍ଚାତ ହୋଡ଼ି ଛଡ଼ି ପଡଥିଲା । ବା କଟା ହୋଇଥିବାରୁ ସେ ଲୋକ ମୁମୂର୍ଷୁ ଅବସ୍ଥାରେ ତଳେ ପଡ଼ିଥିବା ତା ୨୩ ରଖ ଦନ ସକାଳେ ଦେଖା ଗଲା । ବର୍ତ୍ତମାନ ସେ ବ୍ୟକ୍ତି ହସପିଟାଲରେ ଚକିତ୍ସିତ ହେଉଅଛୁ ଏବଂ ସେ ଯାତ୍ରୀ ଅଙ୍ଗୁଳ ସଙ୍କେତରେ ଜଣାଇ ଅଛୁ ଯେ ତାହାକୁ ତନିଜଣ ଲୋକ ଟଙ୍କା ଲୋଭରେ ମାର ଅଛନ୍ତି । ସେ ମଧ୍ୟ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ହଜୁରରେ ଲେଖିତ ଜମାନବନ୍ଦି ଦେଇଥିବାର ଶୁଣାଯାଏ । ଉକ୍ତ ଗଳାକଟା ଏପର ଭବରେ ହୋଇଅଛୁ ଯେ ତହିଁରେ ତାହାର ଚେତନା ଅଛୁ କନ୍ତୁ କଥା କହି ପାରୁ ନାହିଁ । ଅନ୍ନ, ଜଳ ଯିବାର ରାସ୍ତା କେବଳ କଟା ଯାଇଅଛୁ । ବର୍ତ୍ତମାନ ପୁଲସ ତଦନ୍ତ କରୁଅଛନ୍ତି । ଏ ମୋକଦମାଟି ବଡ଼ ସନ୍ଦେହ ଜନକ ଓ ବସ୍ମୟକର ହୋଇଅଛୁ । କାରଣ ସେଦନ ଶ୍ରୀଜଉଙ୍କର ସନ୍ଧ୍ୟାଧୂପ ରାତ୍ର ୨ ଘଣ୍ଟା ପରେ ହୋଇଥିଲା । ବର୍ଷା ଯୋଗୁଁ ଯଦତ ବଶେଷ ଲୋକ ନ ଥିଲେ ତେବେ ସୁଦ୍ଧା ଶ୍ରୀମନ୍ଦିରର ବେଢ଼ା ମଧ୍ୟରେ ଥିବା ଦୋକାନଦାର ଏବଂ ଭତରେ ଥିବା ପାଳଗାସେବକମାନେ ବଶେଷ ରାତ୍ର ପର୍ଯ୍ୟନ୍ତ ଜାଗ୍ରତ ଥିବାର ବଶେଷ ସମ୍ଭବ । ଘଟଣା ମଧ୍ୟ ତାହାର ବେଢ଼ା ଦୋକାନ ସନ୍ନିକଟ । ଅତଏ ବ୍ୟକ୍ତି ତନିମ୍ପୁ ହାବ ବଞ୍ଚିବାର ସମ୍ଭବ ।

—°୦°—

ଅଜମଗଡ଼ ଜଲା ଅନ୍ତର୍ଗତ ସୁଲ୍ତାନପୁର ଗ୍ରାମର ଲୋକମାନେ ଏକ ସଙ୍ଗ କର ଗୋଟିଏ କାଷ୍ଠିହାଉସ ସ୍ଥାପନ କଲେ । କଛୁଦନ ପରେ ଏକ କଟେଗ୍ ଫିଟିଲା । ଜଜ, ମାଜିଷ୍ଟ୍ରେଟ, ଡେପୁଟିମାଜିଷ୍ଟ୍ରେଟମାନେ ନଯୁକ୍ତ ହେଲେ ଏବଂ ଗୋଟିଏ ପୁଲିସ ମହକୁମା ହୋଇ ଜଣେ ପୁଲସ ସୁପ୍ରେଣ୍ଟେଣ୍ଡ ଓ ତାହାଙ୍କ ଅଧୀନରେ ହାବେଲା ଜମାଦାର ଓ ଜ ୬ ଣ ସିପାହି ରହିଲେ । ଫଳତଃ ଲୋକମାନେ ଅପେ ଏକ ଚଳ କଟେଗ ଗଢ଼ି ନେଲେ ଓ ତହିଁର କାର୍ଯ୍ୟ ଦୃଢ଼ରୂପେ ଚଳଲା । ହାକମମାନେ ମୋକଦମା ବିଚାର କର ଅର୍ଥଦଣ୍ଡର ବଧାନ କଲେ ଓ ପ୍ରଥମେ ଗ୍ରାମବାସିମାନେ ଅବାଧରୂପେ ତାହା ଦେଲେ । କମେ ହାକମମାନଙ୍କ ଅତ୍ୟାଚାର ଏତେ ବଢ଼ିଲା ଯେ ଗ୍ରାମବାସିମାନେ ଅସହ୍ୟ ବୋଧ କଲେ । ତନ୍ତୁ ଏହି କଟେଗର କଥା ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣଗୋଚରରେ ଆସିବାରୁ ସମୁଚିତ ଉପାୟ ଅବଲମ୍ବିତ ହେଲା ଏବଂ କଟେଗ ଉଠିଗଲା । ଆଶ୍ଚର୍ଯ୍ୟର ବିଷୟ ଏହି କ ଏହି କଟେଗ ପ୍ରାୟ ୨ ୪ ର୍ଥ କାଳ ଚାଲି ଥିଲା ଅଥଚ ପୁଲିସର ଦୃଷ୍ଟି ତହିଁପ୍ରତି ପଡ଼ିଲା ନାହିଁ । ବାସ୍ତବରେ ଗବର୍ଣ୍ଣମେଣ୍ଟଙ୍କର ହାଏକା କଟକଣା ଚଳିତ ମାତ୍ର ନମ୍ନ କର୍ମଚାରଙ୍କ ଯୋଗେ ସେ ସମସ୍ତ ବିଫଲ ହୁଅଇ । ଗ୍ରାମ୍ୟ ପ୍ରଧାନ ହାକମମାନେ ମୋଫସଲ ଗସ୍ତ କରନ୍ତି ସତ୍ୟ ମାତ୍ର ଲୋକଙ୍କ ଗୁହାର ଶୁଣିବା ଦେଖିବ ଆଉ ପାଖେ ପୂରଲ ଦଅନ୍ତି ନାହିଁ । ପୁଲସ ଚାଳରୋଗ ପ୍ରଭୃତି ମୋଫସଲର ନମ୍ନ କର୍ମଚାରଙ୍କ ସିରସ୍ତା ଦେଖି ସବୁ ଖବର ବୁଝି ନଅନ୍ତି । ସୁତରାଂ ଚତୁର ଦୁଷ୍ଟଲୋକମାନେ ମୂର୍ଖ ପ୍ରଜାମାନଙ୍କୁ ଜର୍ଦ୍ଦିସୁରେ ନାନା କଷ୍ଟ ଦେଇ ଅର୍ଥଲାଭ କରନ୍ତି । ବାସ୍ତବରେ ଏଣିକ ଉଂସନ ଶାସନ କଥାରେ ଯେତେ କାର୍ଯ୍ୟରେ ସେତେ ହେଉ ନାହିଁ ।

---

ଏ ନଗରସ୍ଥ ଦିଲ୍ଲୀ ମଧ୍ୟରେ ସାହେବମାନଙ୍କର ଆମୋଦ ପ୍ରମୋଦ ନିମନ୍ତେ ଯେଉଁ କ୍ଲବ୍ ଅଛି ତହିଁର ଜଣେ ଖାନସମା ବ୍ରେଣ୍ଡ ବରଫ ଓ ଦୁଇବୋତଲ ହଲଗା ପାଣି ଚୋର କରଥିବା ଅପରାଧରେ ଅଭିଯୁକ୍ତ ହୋଇ ଡେପୁଟୀ ମାଜିଷ୍ଟ୍ରେଟ ମଣ୍ଡି ଓ ସାହେବଙ୍କ କଚରରେ ଦଣ୍ଡବିଧି ଆଇନର ଦ ୩୮୧ ଧା ଅନୁସାରେ ଛ ମାସ ଶ୍ରମଯୁକ୍ତ କଏଦଦଣ୍ଡ ପାଇଥିଲା । ଡେପୁଟୀ ମାଜିଷ୍ଟ୍ରେଟଙ୍କର ଏହି ଦଣ୍ଡାଜ୍ଞା ବରୁଦ୍ଧରେ ଆସାମୀ ଜଜସାହେବଙ୍କ ନିକଟରେ ଅପିଲ କରବାରୁ ଜଜସାହେବ ସ୍ଥିର କଲେ ଯେ କ୍ଲବର କାର୍ଯ୍ୟରେ ମଣ୍ଡି ଓ ସାହେବଙ୍କର ସମ୍ବନ୍ଧ ଥିବାସ୍ଥଲେ ତହିଁରେ ଜଣେ ଖାନସମା ବରୁଦ୍ଧରେ ମୋକଦମାର ବିଚାର କରବା ମଣ୍ଡି ଓ ସାହେବଙ୍କ ପକ୍ଷରେ ଅନୁଚିତ ହୋଇଅଛୁ । ଏହି କାରଣରୁ ଜଜମହୋଦୟ ଦଣ୍ଡାଜ୍ଞା ରଦ କର ମୋକଦମାର ସାକ୍ଷୀ ବିଚାର ଅନ୍ୟ କୌଣସି ହାକମଙ୍କ ଦ୍ୱାରା ହେବା ନିମନ୍ତେ ଆଦେଶ ଦେଲେ କନ୍ତୁ ସେ ସ୍ୱୟଂ କ୍ଲବର ମେମ୍ବର ଥିବାସ୍ଥଲେ ଏ ମୋକଦମାର ଅପିଲ ବିଚାର କରବା ଉଚତ କ ନା ତାହା ଜାଣିବା ନିମନ୍ତେ ହାଇକୋର୍ଟର ଉପଦେଶ ପ୍ରାର୍ଥନା କରଥିଲେ । ହାଇକୋର୍ଟ

Split by PDF Splitter
Digitized by srujanika@gmail.com

Split by PDF Splitter



ସିଦ୍ଧାନ୍ତ କରିଅଛନ୍ତି ଯେ ନଷ୍ଟେ ଓ ସାହେବଙ୍କଦ୍ୱାରା ମୋକଦ୍ଦମାର ବିଚାର ଅନ୍ୟାୟସଙ୍ଗତ ହୋଇ ନାହିଁ ଏଥିଯୋଗୁଁ ତାହାଁର ସାଙ୍ଗ ବିଚାର ହେବ ଓ ଅପିଲ ଆବଶ୍ୟକ ହେଲେ ଜଜସାହେବ ଲ୍କକର ମେମର ଥିବାଯୋଗୁଁ ତାଙ୍କ ନିକଟରେ ଅପିଲ ନ ହୋଇ ଏକାବେଳକେ ହାଇକୋର୍ଟକୁ ଅପିଲ ପଠାଯିବ । ହାଇକୋର୍ଟଙ୍କ ନିଷ୍ପତ୍ତି ଯଥାର୍ଥ ହୋଇଅଛି— ତେବେ ବର୍ତ୍ତମାନ ହାଇକୋର୍ଟ ଯେଉଁ ନିଷ୍ପତ୍ତି କଲେ ହାକିମମାନେ ବୁଝିସୁଝି ମୂଳରୁ ସେ ନୀତିର ଅନୁସରଣ କରୁଥିଲେ, ଭଲ ହୋଇଥାନ୍ତା ।

---

ଅନ୍ନକଷ୍ଟ ସମ୍ବନ୍ଧରେ ଆମ୍ଭମାନଙ୍କର କଲେକ୍ଟର ଷ୍ଟିଭେନସନ ସାହେବଙ୍କର ଗୋଟିଏ ଭ୍ରମାତ୍ମକ ସଂସ୍କାର ଜନ୍ମି ଥିବାର ଦେଖି ଆମ୍ଭେମାନେ ବଡ଼ ଦୁଃଖିତ ହୋଇଅଛୁଁ । ସେ ବୁଝି ଅଛନ୍ତି କି ଗ୍ରାମ୍ୟ ଲୋକମାନେ ସରକାରରୁ ସାହାଯ୍ୟ ପାଇବା ଆଶାରେ ବୃଥାରେ ଅନ୍ନକଷ୍ଟର ଜନରବ ଉଠାଇ ଦେଅନ୍ତି ଅତଏବ ତହିଁପ୍ରତି ଆସ୍ଥା ନ କରିବା ମୋଫସଲର କାନଗୋଇମାନଙ୍କର ଉଚିତ । ସାହେବଙ୍କର ଏହି ଭ୍ରମପୂର୍ଣ୍ଣ ବିଶ୍ୱାସ କାହୁଁ ଜନ୍ମିଲା ଆମ୍ଭେମାନେ କହି ନ ପାରୁଁ ମାତ୍ର ଏହା ଯେ ଘୋର ଅନର୍ଥର ମୂଳ ଏଥିରେ ସନ୍ଦେହ ନାହିଁ । ଅନ୍ନକଷ୍ଟରେ ସାହାଯ୍ୟ ଦେବାକୁ ତତ୍ପର ଥିବାର ଗବର୍ଣ୍ଣମେଣ୍ଟ ଯେତେ ପ୍ରକାରେ ଘୋଷଣା କଲେହେଁ ଲୋକେ ପୁନଃ୨ ବହୁଦର୍ଶିତାଦ୍ୱାରା ବୁଝି ଅଛନ୍ତି ଯେ କାର୍ଯ୍ୟତଃ ସାହାଯ୍ୟ ମିଳଇ ନାହିଁ । ସାହାଯ୍ୟ ପାଇବାର ଦୃଢ଼ ବିଶ୍ୱାସ ହୋଇଥିଲେ କଲେକ୍ଟର ସାହେବଙ୍କ ଠାରେ ଅନେକ ଦରଖାସ୍ତ ପଡ଼ିଥାନ୍ତା । ମାତ୍ର ତାହା କଣ ହୋଇଅଛି କି ? ତେବେ ସାହାଯ୍ୟ ପାଇବା ଆଶାରେ ଲୋକେ ବୃଥା ଅନ୍ନକଷ୍ଟର ଘୋଷଣା ଦେବା କଥା କପର ର ହେଲା ? ଦୁଃଖ ପଡ଼ିଲେ ଲୋକେ ଅପ- . ଭିତରେ ସେଥିର ଚର୍ଚ୍ଚା କରିବା ସ୍ୱାଭାବିକ ଂ ତଦ୍ଦ୍ୱାରା କମ୍ପୃତିନାଣି ଶାନ୍ତିନା ଲଭ [illegible] ଲର କାନଗୋଇଁ ଓ ପୁଲିସ [illegible] ଉ ହେ [illegible] ଛି ଯେ କୌଣ- [illegible] ଦୁଃଖର କଥା ଉଠିଲେ ତହିଁର [illegible] ଛୁ ଅଛି କି ନାହିଁ ଅନୁସନ୍ଧାନ କରି ସ୍ତ୍ରୀ- କର୍ତ୍ତୃପକ୍ଷମାନଙ୍କୁ ଜଣାଇବେ ଓ କର୍ତ୍ତୃପକ୍ଷମାନେ ତତ୍କାଳ ପ୍ରତୀକାରର ବ୍ୟବସ୍ଥା କରିବେ । ମାତ୍ର ଆମ୍ଭମାନଙ୍କ କଲେକ୍ଟର ସାହେବଙ୍କ ପରାମର୍ଶାନୁସାରେ ସେମାନେ ଗ୍ରାମ୍ୟ ଜନରବରେ ଆସ୍ଥା ନ କଲେ କୌଣସି ତଦନ୍ତ କରିବେ ନାହିଁ । ସୁତରାଂ ମୋଫସଲର ପ୍ରକୃତ ଅବସ୍ଥା ଉପରସ୍ଥ ହାକିମମାନଙ୍କୁ ଜଣାଇ ପାରିବେ ନାହିଁ । ଏଥିର ଫଳ ଏହି ହେବ ଯେ ମୋଫସଲ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣଗୋଚର ହେବ ନାହିଁ । ବାସ୍ତବରେ ଲୋକଙ୍କ କଥାରେ ଆସ୍ଥା ନ କରିବାରୁ କେତେ୨ ଗୁରୁତର ବ୍ୟାପାର ଗୋପନ ରହି ଯାଉଅଛି ଏବଂ ତଦ୍ଦ୍ୱାରା ଆମ୍ଭମାନଙ୍କ ଦୟାବାନ ଗବର୍ଣ୍ଣମେଣ୍ଟ ସୁଶାସନ ପ୍ରଣାଳୀର ମହତ ଉଦ୍ଦେଶ୍ୟରେ କଳଙ୍କ ଲାଗୁଅଛି । ଏହି ଅନାସ୍ଥା ହେତୁ ଗତ ୭୭ ଅବ୍ଦର ଦୁର୍ଭିକ୍ଷରେ ଅସଂଖ୍ୟ ଲୋକ ମରିଗଲେ ଏବଂ ଏହି ଅନାସ୍ଥା ହେତୁ ଗତ ଅନଗୁଳ ଅନ୍ନକଷ୍ଟରେ ସାହାଯ୍ୟ ଦାନର ବ୍ୟବସ୍ଥା ଅଯଥା ବିଳମ୍ବରେ ହେଲା । ମୋଫସଲର କମ୍ମକର୍ମସ୍ଥଙ୍କ ପ୍ରତି ସୂକ୍ଷ୍ମ ବିବେଚନାର ଭାର ନ ଦେଇ ବରଂ ଶୁଣାକଥାର ତଦନ୍ତ କରିବା ଏବଂ ତହିଁର ଫଳ ଉପରସ୍ଥ ହାକିମମାନଙ୍କୁ ଜଣାଇବା ସକାଶେ ଉତ୍ସାହ ଦେବା ଉଚିତ । ତାହା ନ ହେଲେ ସେମାନେ ଭୟରେ ସତ୍ୟକଥା ଗୋପନ କରିବାକୁ ପ୍ରବୃତ୍ତ ହେବେ ଏବଂ ତହିଁରେ ଅନିଷ୍ଟ ବିନା ଭଲ କିଛି ହେବ ନାହିଁ ।

---

### ତହବିଲ ଚୋର ।

ଏଠା ଖାଜଣାଖାନାର ତହବିଲ ସିରସ୍ତାରେ ଯେଉଁ ଦୁଃସାହସିକ ଜୁଆଚ୍ଚୋରୀ କାଣ୍ଡ ଘଟିଥିଲା ତହିଁର ଆଲୋଚନା ଶେଷ ନ ହେଉଣୁ ପୁଣି ଆଉ ଗୋଟିଏ ସରକାରୀ ଅଫିସରୁ ଅନେକ ଗୁଡ଼ିଏ ଟଙ୍କା ଆତ୍ମସାତ୍ ହୋଇଥିବାର ପ୍ରକାଶ ପାଇଅଛି । ଗୃହଙ୍କରୌଡ ଡାକଘର ସେଭିଂସ ବ୍ୟାଙ୍କରେ ପଣ୍ଡିତ ଶିବନାରାୟଣ ନ୍ୟାୟରତ୍ନ କେତେ ଗୁଡ଼ିଏ ଟଙ୍କା ଗଚ୍ଛିତ ରଖିଥିଲେ ଏବଂ ଟଙ୍କା ଜମା କରିବା ବହି ସେ ଆଦୌ ଓ୍ୱାପୋସ ନେଇ ନ ଥିଲେ । ଗତମାସ ଶେଷରେ ସେଭିଂସ ବ୍ୟାଙ୍କର ସୁଧ ହିସାବ ନିମନ୍ତେ ତାଙ୍କର ପାସବହି ତଲବ ହେବାରୁ ଦେଖା ଗଲା ଯେ ଉକ୍ତ ବହିରେ ତାଙ୍କର ସମୁଦାୟ ଟଙ୍କା ବାକି ଥିବାର ଲେଖା ଅଛି କିନ୍ତୁ ଡାକଘରର ହିସାବରେ ଗତବର୍ଷର ଜୁଲାଇମାସରେ ସାତଶତ ଷାଠିଏ ଟଙ୍କା ଓ ଚଳିତ ସନର ଅପ୍ରେଲମାସରେ ଗ୍ୟାରସ ଟଙ୍କା ତାଙ୍କ ନାମରେ ଖରଚ ପଡ଼ିଅଛି ଓ ଉକ୍ତ ଟଙ୍କାମାନ ଓ୍ୱାପୋସ ନେବା ନିମନ୍ତେ ଯେଉଁ ଦରଖାସ୍ତ ଦାଖଲ ହୋଇଅଛି ତହିଁରେ ନ୍ୟାୟରତ୍ନଙ୍କର ଦସ୍ତଖତ ପରି ଦସ୍ତଖତ ହୋଇଅଛି । ଡାକଘରର ସ୍ଥାନୀୟ କର୍ତ୍ତୃପକ୍ଷୀୟମାନେ ଘଟଣାର ବୃତ୍ତାନ୍ତ ଅନୁସନ୍ଧାନଦ୍ୱାରା ସିଦ୍ଧାନ୍ତ କରିଅଛନ୍ତି ଯେ ଗୃହକାଟୌକର ସବ୍ ପୋଷ୍ଟମାଷ୍ଟର ଗୋପିନାଥ ମାହାନ୍ତି ଜାଲ୍ ଦରଖାସ୍ତଦ୍ୱାରା ନ୍ୟାୟରତ୍ନଙ୍କ ନାମରେ ସଦର ଅଫିସରୁ ଟଙ୍କା ଅଣାଇ ନିଜେ ଉକ୍ତ ଟଙ୍କାକୁ ଆତ୍ମସାତ୍ କରିଅଛି । ଏଥି ଯୋଗୁଁ ଉକ୍ତ ସବ୍ ପୋଷ୍ଟମାଷ୍ଟର ନାମରେ ଫୌଜଦାରୀ ଅଦାଲତରେ ମୋକଦ୍ଦମା ଦାଏର ହୋଇଅଛି ଓ ଏହି ଘଟଣା ପ୍ରକାଶ ପାଇବାର କେତେଦିନ ପୂର୍ବରୁ ସେ ପୁରୀକୁ ବଦଳି ହୋଇ ଯାଇଥିବାରୁ ଏଠାର ମାଜିଷ୍ଟ୍ରେଟ ଟେଲିଗ୍ରାଫ କରି ପୁରୀରୁ ତାହାଙ୍କୁ ଧରାଇଆଣି ଅଛନ୍ତି ।

ଦେଶୀୟ ଲୋକମାନଙ୍କ ପ୍ରତି ଅନୁଗ୍ରହ କରି ଗବର୍ଣ୍ଣମେଣ୍ଟ ଖଣ୍ଡିଏ୨ [illegible] ଦେଇ ଅଛନ୍ତି କିନ୍ତୁ କେତେ୨ ପ୍ରଲୋଭନରେ ପଡ଼ି ଯେଉଁ ଦୁଷ୍କର୍ମ କରୁଅଛନ୍ତି ତଦ୍ଦ୍ୱାରା ଏଦେଶର କି ଅନିଷ୍ଟ ହେଉଅଛି ତାହା ଅନୁମାନ କରାଯାଇ ପାରେ । ଦେଶୀୟ ଲୋକମାନଙ୍କୁ ଉପେକ୍ଷା କରି ଫିରିଙ୍ଗିମାନଙ୍କୁ ସରକାରୀ କର୍ମ ଗୁଡ଼ିକ ଦେବା ନିମନ୍ତେ ଯେଉଁମାନେ ପ୍ରୟାସୀ ସେମାନେ ଏରୂପ ଘଟଣା ଗୁଡ଼ିକ ଦେଶୀୟମାନଙ୍କ ବିରୁଦ୍ଧରେ ବ୍ୟବହାର କରିବାର ସୁବିଧା ପାଉଅଛନ୍ତି ଏବଂ ହେନେ ସେମାନେ ଏତାଦୃଶ ଘଟଣାମାନ ଉଲ୍ଲେଖ କରି ଦୁର୍ବଳ ପ୍ରକୃତି ଗବର୍ଣ୍ଣମେଣ୍ଟଙ୍କୁ ବୁଝାଇ ଦେଇ ପାରନ୍ତି ଯେ ଦେଶୀୟ ଲୋକମାନେ ସରକାରୀ କର୍ମ ପାଇବାର ଉଚିତ ନୁହନ୍ତି ।

---

### ସାର୍ଟିଫିକେଟ ଅଇନର ପାଣ୍ଡୁଲିପି ।

ଏଥିପୂର୍ବେ ସ୍ୱତନ୍ତ୍ର କମିଟି ଅଇନର ପାଣ୍ଡୁଲିପି ପ୍ରସଙ୍ଗ ପାଠକମାନଙ୍କୁ ଜଣାଇଅଛୁଁ ଅନ୍ୟ ସକଳପ୍ରକାର ସରକାରୀ ପାଉଣା ଓ୍ୱାଲିଫକାନ୍ତ ସାର୍ଟିଫିକେଟ ଅଇନ ଯେ ବର୍ତ୍ତମାନ ପ୍ରଚଳିତ ଅଛି ତହିଁର ସଂଶୋଧନାର୍ଥ ଏକ ପାଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ଅର୍ପିତ ହୋଇଅଛି । ଏଥିରେ ଗୋଟିଏ ଅଦ୍ଭୁତ ନୂତନ ବିଧି ଏହି

Digitized by srujanika@gmail.com

Split by PDF Splitter



ଯେ ଇଜମାଲମହାଲରେ କୌଣସି ସରିକଦାର ଅନ୍ୟ ସରିକଦାର ସକାଶେ ସ୍ୱକୀୟ ପୈଠ କଲେ ତାହା ଆଦାୟ ସକାଶେ କାଲେକ୍ଟରରେ ମାମଲା ନ ହୋଇ କଲେକ୍ଟର ସାହେବଙ୍କ-ଠାରେ ଆବେଦନ କଲେ ସେ ବାକିଦାର ସରିକଦାର ଉପରେ ସାର୍ଟିଫିକେଟ ଜାରିପୂର୍ବକ ଓ୍ୱସୁଲ କରାଇ ଦେବେ । ଏ ଆବେଦନରେ ତାଦାଦ ଅନୁସାରେ କୋର୍ଟଫିସ ଓ ମିଆଦ ଇତ୍ୟାଦ ଦେବାକୁ ପଡ଼ିବ ଓ ତାହା ଦେଣ-ଦାରଠାରୁ ଆଦାୟ ହେବ । ଏଥିରେ କିଛି ଆପତ୍ତି ନାହିଁ ଓ ଏ ବିଧି ବଡ଼ ସୁବିଧାଜନକ ଅଟେ ।

ଏ ପାଣ୍ଡୁଲିପିରେ ଆଉ ଯେ ଗୋଟିଏ ନୂତନ ବିଧି ହୋଇଅଛି ତାହା ଭାରି ଆପତ୍ତିଜନକ ଓ ଅନିଷ୍ଟକର ଅଟେ । ତାହା ଏହି କି ସାର୍ଟି-ଫିକଟ ପ୍ରତି ଦେଣଦାର ଧା ୧୬ ଅନୁସାରେ ଆପତ୍ତି କଲେ ସାର୍ଟିଫିକଟ ଲିଖିତ ସମୁଦାୟ ଟଙ୍କା ଅଗ୍ରେ ଡିପୋଜିଟ କରିବାକୁ ହେବ ଓ ଡିପୋଜିଟ ନ କଲେ ଆପତ୍ତି ଦରଖାସ୍ତ ଗ୍ରହଣ ନ ହେବ । ଏପରି ବିଧି ଆପତ୍ତି ବନ୍ଦ କରିବାର ଉପାୟ ଅଟେ ଓ ବୋଧହୁଏ ବ୍ୟବସ୍ଥାପକ ସଭା ଆପତ୍ତିକୁ ବାଞ୍ଛନୀୟ ମନେ ନ କରି ତାହା ପ୍ରକାରାନ୍ତରେ ରହିତ କରିବାର ଉଚିତ ବୋଧ କରିଅଛନ୍ତି କିନ୍ତୁ ଆମ୍ଭେମାନେ ଏଥିରେ ଐକ୍ୟ ହୋଇ ନ ପାରୁଁ ଓ ଆମ୍ଭମାନଙ୍କ ବିବେଚନାରେ ଆପତ୍ତି ପ୍ରତି କିଛି ବାଧା ନ ରଖି ତହିଁର ବାଟ ପରିଷ୍କାର ରଖିବା ଉଚିତ କାରଣ ଅନର୍ଥକ ଓ ଅକାରଣ ସାର୍ଟିଫିକେଟ ହୋଇଥିବାର ଅନେକସ୍ଥଳେ ଦେଖା ଯାଉଅଛି । ଯଥା (୧) କୌଣସି ଲାଖରାଜ ଜମି ବା ଜମିଦାରୀର ଧାର୍ଯ୍ୟ କର ସମୁଦାୟ ଆଦାୟ ହୋଇଅଛି ମାତ୍ର ଭୁଲ-କ୍ରମେ ହିସାବରେ ଓ୍ୱସୁଲ ନ ପଡ଼ିବାରୁ ସେ ଜମି ଅବା ମହାଲ ବାକିରେ ଅଛି ସାର୍ଟିଫିକେଟ ଜାରି ହୋଇଅଛି (୨) କୌଣସି ମହାଲରେ ପୃଥକ୍ ତଉଜି ହୋଇ ସରିକଦାରମାନେ ପୃଥକ ପୃଥକ କର ଦେଇ ଆସୁଅଛନ୍ତି ଯେଉଁ ଅଂଶର କର ଦାଖଲ ହୋଇଅଛି ସେ ଅଂଶରେ ଓ୍ୱସୁଲ ନ ପଡ଼ି ବାକିଦାର ଅଂଶରେ ଭୁଲକ୍ରମେ ଓ୍ୱସୁଲ ପଡ଼ିବାରୁ ଯେଉଁ ଅଂଶର କର ଦାଖଲ ହୋଇଅଛି ସେ ଅଂଶ ବାକିରେ ଅଛି ତହିଁ ଉପରେ ସାର୍ଟିଫିକେଟ ଜାରି ହୋଇଅଛି (୩) ଦାଖଲଖାରିଜ ମୋକଦ୍ଦମାରେ ଜରିମାନା ଓ୍ୱସୁଲ କମା ମାଫ ହୋଇଥିବା ପ୍ରତ୍ୟକ୍ଷେ ତହିଁସକାଶେ ସାର୍ଟିଫିକେଟ ଜାରି ହୋଇଅଛି (୪) କଲେକ୍ଟର ସମୁଦାୟ ମଉଜାଉପରେ ଅନ୍ୟାୟମତେ ଧାର୍ଯ୍ୟ ହୋଇ ସମସ୍ତ ପ୍ରଜାଙ୍କପ୍ରତି ସାର୍ଟିଫିକେଟ ହୋଇ-ଅଛି ମାତ୍ର ଅପିଲରେ ମଉଜାକୁ ମହଲା ମୁକ୍ତି-ଲଭିଅଛି (୫) କୋର୍ଟ ଅଫ ୱାର୍ଡ଼ସ ଓ ଅନ୍ୟାନ୍ୟ ଇଲାକାର କେତେକ ସାର୍ଟିଫିକେଟ ତାଗାଦ ଆପତ୍ତିରେ ରହିତ ହେବାର ଦେଖା ଯାଉଅଛି । ଆପତ୍ତି ଦରଖାସ୍ତ ଦାଖଲ ହେବାରୁ ସେରସ୍ତା ତଦାରକରେ ଉପର୍ଯ୍ୟୁକ୍ତ ଭୁଲମାନ ପ୍ରକାଶ ପାଏ ଓ ଦୋଷୀ ଅମଲମାନଙ୍କ ଉପରେ ଅର୍ଥଦଣ୍ଡ ହୁଏ । ଏପରି ଘଟଣା ଏ ଜିଲ୍ଲାରେ ଅନେକ ଦୃଷ୍ଟିଗୋଚରରେ ଆସିଅଛି ଓ ଅନ୍ୟା-ନ୍ୟ ଜିଲ୍ଲାରେ ମଧ୍ୟ ଜଣାଥିବରେ ଏପରି ଅନ୍ୟାୟ ସାର୍ଟିଫିକେଟ ହେଉଥିବ । ସରକାରୀ ସେରସ୍ତା ଅଭ୍ରାନ୍ତ ହେବ ଅବା କାଉକଲ ନୁହେ ଓ କର୍ମଚାରୀମାନେ ଦେବତା କମ୍ବା ଫିରସ୍ତା ନୁହନ୍ତି । ଏଣୁକରି ଅନ୍ୟାୟ ସାର୍ଟିଫିକେଟ ହେବା ବଡ଼ ନୁହେ ଓ ତାହା ସଂଶୋଧନ ହେବାର ପ୍ରଧାନ ଉପାୟ ଆପତ୍ତି ଦରଖାସ୍ତ । ଅତଏବ ସେ ଉପାୟକୁ ପ୍ରକାରାନ୍ତରେ ରହିତ କରିବା ଘୋର ଅନ୍ୟାୟ ଓ ଅମୂଷରିତା ଅଟଇ ।

କେହି୨ କହନ୍ତି କି ସାର୍ଟିଫିକେଟ ତାଦାଦ ଅତ୍ୟଳ୍ପ ଥିବାରୁ ଅଗତ୍ୟା ଡିପୋଜିଟ ବାଧକ ହେବ ନାହିଁ କିନ୍ତୁ ଆମ୍ଭେମାନେ ଦେଖୁଁ ଯେ ସକଳ ସାର୍ଟିଫିକେଟର ତାଦାଦ ଅତ୍ୟଳ୍ପ ନୁହେ ଓ ଏପରି ସାମାନ୍ୟ ତାଦାଦରେ ଆପତ୍ତି ମଧ୍ୟ ହୋଇ ନ ଥାଏ । ସଦର ମୁକାମକୁ ଆସି ଆପତ୍ତି ଦାଖଲ କରିବାର ଖର୍ଚ୍ଚ ଓ ଅସୁବିଧା ଦୃଷ୍ଟିରେ ଅନେକଲୋକ ଅତି ସାମାନ୍ୟଦାବିର ସାର୍ଟିଫିକେଟ ଅଯଥାର୍ଥ ଥିଲେହେଁ ଆପତ୍ତି ନ କରି ଟଙ୍କା ମୋଫସଲରେ ଦିଅଦାକୁ ଦେଇ ଦ-ଅନ୍ତି କିନ୍ତୁ ଯେଉଁସ୍ଥଳେ କେତେ ଟଙ୍କାର ଅନ୍ୟାୟ ସାର୍ଟିଫିକେଟ ହୋଇଥାଏ ସେସ୍ଥଳେ ଦୁଃଖୀ ଦେଣଦାର କି ଅଗତ୍ୟା ଡିପୋଜିଟ କରିପାରିବ ? କଲେକ୍ଟର ସାର୍ଟିଫିକେଟ ଏକ ଏକ ମଉଜାର ସମୁଦାୟ ରଇତ ହେବାର ଯେ ଉପ-ରେ ଉଲ୍ଲେଖ କରିଅଛୁଁ ତହିଁର ତାଦାଦ ପ୍ରାୟ ତିନିଶହ ଶତ ଟଙ୍କା ଥିଲା । କୋର୍ଟ ଅଫ୍ ୱାର୍ଡ଼ସ ଇଲାକାରେ ଡିସେମ୍ବର ଦୁଇଙ୍କ ବାହାର ସାର୍ଟିଫିକେଟମାନଙ୍କ ମଧ୍ୟରେ ଗୋଟିଏ୨ ଶତାଧିକ ଓ ଗୋଟିଏ୨ ସହସ୍ରାଧିକ ଟଙ୍କାର ଥାଏ ସାର୍ଟ ଇଜାରା ଓ ଅନ୍ୟାନ୍ୟ ବାବତର ସାର୍ଟିଫିକେଟ ମଧ୍ୟ କେତେ ଟଙ୍କାର ହୁଅଇ ଓ ଏସବୁରେ ନାନା ପ୍ରକାର ଆପତ୍ତି ଆସଇ ହୁଏ ଓ କେତେକରେ ଦାବି ଉତ୍ତମ ମଧ୍ୟ ହୋଇଥାଏ—ଅଗତ୍ୟା ଡିପୋଜିଟର ନିୟମ ହେଲେ ଏପରିସ୍ଥଳେ କେତେ ବାଧକ କମ୍ବା ଅନିଷ୍ଟକର ପାଠକମାନେ ଅନାୟାସେ ଅନୁମାନ କରିପାରିବେ । ଅତଏବ ଡିପୋଜିଟ ବିଧି କଦାପି ଉଚିତ ନୁହେ ।

କେହି୨ କହିବେ କି ଏପରି ବିଧିରେ ଅନର୍ଥକ ଆପତ୍ତି ନିବାରଣ ହେବ । ଏଥିକୁ ସଦର ମୁକାମକୁ ଆସି ବନ୍ଦ ହେବା ଓ ଖର୍ଚ୍ଚ କରିବା ଏହାହିଁ ଅନେକ ସ୍ଥଳେ ଆପତ୍ତି ନିବାରଣ କରୁଥାଏ । ଏଥି ଉପରକୁ ଅନର୍ଥକ ବାକିଖଜଣା ନାଲିସରେ କ୍ଷତିପୂରଣ ହେବାର ଯେ ବିଧି ଅଛି ସେହି ବିଧି ସାର୍ଟିଫିକେଟରେ ପ୍ରବୃତ୍ତ କଲେ ଯଥେଷ୍ଟ ହେବ । ସେ ବିଧି ଏହି ଯେ କୌଣସି ବାକିଖଜଣା ମୋକଦ୍ଦମାରେ ଅନ-ର୍ଥକ ଓ କ୍ଳେଶଦାୟକ ନାଲିସ ହୋଇଥିବାର ଜଣାଗଲେ ତାହା ଡିସ୍‌ମିସ୍ ହୋଇ ଖର୍ଚ୍ଚ ଓ ବାକି ଟଙ୍କା ଉପରେ ଶତକଡ଼ା ୨୫ ଟା ଦରରେ କ୍ଷତିପୂରଣ ଇତ୍ୟାଦି ପ୍ରତିବାଦୀ ଜମିଦାର ବାଦୀ-ଠାରୁ ପାଇବାର ଉଚିତ ହୁଏ । ଏହା ଏକ ପ୍ରକାର ଅର୍ଥଦଣ୍ଡ ଅଟଇ ଓ ଏହା ବାକି-ଖଜଣା ମୋକଦ୍ଦମାରେ ଯେପରି ଫଳଦାୟକ ହୋଇଅଛି ସାର୍ଟିଫିକେଟରେ ମଧ୍ୟ ସେହିପରି ଫଳଦାୟକ ହେବ । ଅତଏବ ଆଗାମୀ ଡିପୋ-ଜିଟର ପରିବର୍ତ୍ତେ ଉପର୍ଯ୍ୟୁକ୍ତ କ୍ଷତିପୂରଣ ବିଧି କରିବାର ଉଚିତ ଓ ଶ୍ରେୟସ୍କର । ଏ ପାଣ୍ଡୁଲିପି ସଂକ୍ରାନ୍ତ ଅବଶିଷ୍ଟ ବିଷୟ ଆଗାମୀ ସପ୍ତାହରେ ଉଲ୍ଲେଖ କରିବୁଁ ।

## ସାପ୍ତାହିକ ସମ୍ବାଦ ।

ଗତ ସପ୍ତାହର [illegible] ପ୍ରବଳ ହୋଇଥିବାରୁ ଶୀଘ୍ର [illegible] ଗଠନ ହୋଇ [illegible] ବୃଷ୍ଟି [illegible] କରୁଅଛି ।

ଗତ ସୋମବାର ଓ ମଙ୍ଗଳବାର [illegible] ହୋଇଥିଲା । [illegible] ବର୍ଷା ହେବୁ [illegible] ହୋଇଥିବା ମାତ୍ର [illegible] ସାମାନ୍ୟ [illegible]

ଏ ନଗରରେ ଓଲାଉଠା [illegible] ଶାନ୍ତ ହୋଇ [illegible] ଏବଂ [illegible] ମଧ୍ୟ [illegible] କମ୍ତି ହେଉଅଛି ।

Digitized by srujanika@gmail.com

Split by PDF Splitter



ଅସ୍ମାନଙ୍କର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଗତ ଶନିବାର କେନ୍ଦ୍ରାପଡ଼ାରୁ ଫେରି ଆସି ଅଛନ୍ତି ।

ବକ୍ସୀବଜାର ନିବାସୀ ଗୋଟିଏ ବାଳକ ଗୋଟିଏ ବାଳିକାସହିତ ଅସ୍ୱାଭାବିକ ଅଭିଗମନ ଅପରାଧରେ ଧୃତ ହୋଇ ବିଚାରାଧୀନରେ ଅଛି । ବାଳକଟି ଜଣେ ମୁସଲମାନର ପୁତ୍ର କିନ୍ତୁ ଖ୍ରୀଷ୍ଟାନ ଧର୍ମ ଅବଲମ୍ବନ କରିଥିଲା ।—ଖ୍ରୀଷ୍ଟିଆନ ଅନା- କଣ୍ଟକ ।

ପିପିଲିଥାନା ଇଲାକାରେ ଗୋଟିଏ ବାଳକ ୬-୭ ବର୍ଷ ବୟସର ଗୋଟିଏ ବାଳିକାସହିତ ବଲାତ୍କାର ଅଭିଗମନ କରିବା ଅପରାଧରେ ଛବର୍ଷ ଶ୍ରମଯୁକ୍ତ କାରାଦଣ୍ଡ ପାଇଅଛି ବାଳକଟି ସଂଶୋଧକ ବିଦ୍ୟାଳୟକୁ ପ୍ରେରିତ ହେବ ।

## କଲିକତା—ଗେଜେଟ ।

ବାଲେଶ୍ୱରର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ବଙ୍କବିହାରି ସିଂହ ବର୍ଦ୍ଧମାନ ଜିଲ୍ଲାର ସଦର ମହକୁମାକୁ ବଦଳି ହେଲେ ।

ବର୍ତ୍ତମାନ ଛୁଟୀରେ ଥିବା ଦରଭଙ୍ଗାର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ କୃଷ୍ଣବିହାରି ଗୋସ୍ୱାମୀ ବାଲେଶ୍ୱରର ସଦର ମହକୁମାକୁ ବଦଳି ହେଲେ ।

ଖଣ୍ଡମାହାଲ ସନ୍ତାଲ ପରଗଣାର ଏକଟିଂ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ଶ୍ରୀ ଏଚ, ଏ, ଲେନ ସାହେବ ଅନୁଗୁଳ ଜିଲ୍ଲାକୁ ବଦଳି ହୋଇ କନ୍ଧମାଳ ସବ-ଡିଭିଜନର ଭାରପ୍ରାପ୍ତ ହେଲେ ।

ମଇମନ ସିଂହ ଜିଲ୍ଲା କିଶୋର ଗଞ୍ଜର ସବ ଡେପୁଟୀ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ଦାସ ଏକଟିଂ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ହେଲେ ।

---

ହାବଡା ମିଉନିସିପାଲିଟିରେ ଟିକାଦାତା କମିଶନ ଖର୍ଚ୍ଚ ବେଇ ଅନୁର କରିବାର ପ୍ରସ୍ତାବ ହେଉଅଛି । ଯେଉଁ କମ୍ପାନୀ ଏ ବାର୍ଷିକ ଦେଇଥିବ ତାହାକୁ ଟ ୧୦୦୦୦ ଙ୍କାର ଜାମିନ ଦେବାକୁ ପଡ଼ିବ । କେଉଁ ରେଟରେ କମିଶନ ଦିଆ ଯିବ ତାହା ଏବେ ସ୍ଥିର ହୋଇ ନାହିଁ ।

ଅନେକଦିନେ ମୁଁ ଆମ୍ଭମାନେ ମେଡିକଲ ଥିବାର ସମ୍ବାଦ ପାଠକମାନଙ୍କୁ ଜଣାଇ ଅଛୁଁ । ସେମାନଙ୍କର ସଉଦାର ଦେବନ୍ ଗତମାସ ତା ୧୧ ଦିନରେ ଷଡ଼ଯନ୍ତ୍ର କରୁଥିବା ଅପରାଧରେ ଧରା ପଡ଼ି ଅଛି ।

କନେଷ୍ଟାଣ୍ଟିନୋପଲଠାରୁ ଆସିଥିବା ଗତମାସ ତା ୧୧ ଦିନର ତାର ବାର୍ତ୍ତାରୁ ପ୍ରକାଶ ଯେ ଭୂମିକମ୍ପ ଯୋଗେ ନ୍ୟୁନ ୧୫୦ ଜଣ ମୃତ୍ୟୁ ମୁଖରେ ପତିତ ହୋଇ ଅଛନ୍ତି ।

କାବୁଲର ଅମୀର ବିଲାତ ଯିବାର ଉଦ୍ୟୋଗ କରିଲେ ତାଙ୍କ ସଙ୍ଗେ ତାଙ୍କର ଗୋଟିଏ ପୁତ୍ର ଏବଂ ସରଦାରଙ୍କର ଶାଳକ [illegible] ତ କରିବେ । ସେଠାର ସମସ୍ତ ବଡ଼ ବଡ଼ କର୍ମ [illegible] କରେ ରହିବେ ।

[illegible] ଲମାନଙ୍କ ମଧ୍ୟରେ ଗୋଳମାଳ [illegible] ମିଳିଲା । ଏକ ହିନ୍ଦୁ ଦଳାଦଳି [illegible] ମାର ଯାଉଥିବାବାଲୀଙ୍କ ଗ୍ରାମ [illegible] ଙ୍କ ଆକ୍ରମଣ କରିବାରୁ ଉଭୟ ପକ୍ଷ ମଧ୍ୟରେ ବହୁ ଅଗ୍ନି ହେଲା । ଡେପୁଟୀ କଲେକ୍ଟର ଓ ଜଏଣ୍ଟମାଜିଷ୍ଟ୍ରେଟ ସାହେବମାନେ ପୁଲିସ ସହିତ ସେଠାରେ ଉପସ୍ଥିତ ହୋଇ ଗୋଳମାଲ ନିବାରଣ କରି ୧୫ ଜଣ ସରଦାର ଆସାମୀଙ୍କି ଧରି ନେଇ ଅଛନ୍ତି ।

ଗତମାସ ତା ୭ ଘଣ୍ଟ ସନ୍ଧ୍ୟା ୧୧ ଘଣ୍ଟା ସମୟରୁ ଅନେକ ପ୍ରାତଃକାଳ ୭ ଘଣ୍ଟା ମଧ୍ୟରେ ମସୁରିଠାରେ ୮ ଇଞ୍ଚରୁ ଅଧିକ ଜଳ ବୃଷ୍ଟି ହୋଇ ଥିବାର ସମ୍ବାଦ ମିଳିଲା ।

କଲିକତାଠାରେ ଅଳ୍ପ ଦିନ ତଳେ ଏକ ରାତ୍ରି ଓ ଏକ କଷାଇ ମଧ୍ୟରେ ଦେଣା ପାଉଣା ସମ୍ବନ୍ଧରେ ଭଳଭଳ ଉପସ୍ଥିତ ହେବାରୁ କଷାଇ ଶେଷେ ଛକ ଛକ ଦର୍ଜି ଅପଣା ଘରେ ଶୋଇ ଥିବାର ସମୟରେ ତାହା ଉପରେ କିରାସିନ ତେଲ ଢାଳି ଦେଇ ଏକ ଦିଆସିଲ କାଠି ଘସି ତାହା ଉପରକୁ ଫୋପାଡ଼ି ଦେଲା । କିରାସିନ ତେଲ ଗାଦରେ ଦର୍ଜିର ବସ୍ତ୍ରାଦିରେ ହୋଇ ଉଠିବା ସମୟରୁ ଅଥବା ସେ ତାହା ଉପରକୁ କସାଇ ଫୋପାଡ଼ି ଦେବାରୁ ଲୁଗାପଟା ଜଳି ଉଠିଲା ଏବଂ ତାହାକୁ ଉଦ୍ଧାର ଅନେକ ପୋଡ଼ିଗଲା । ଦର୍ଜି କାମ୍ବେଲ ହସପାତାଲରେ ଅତିଦୁଃଖ ଅବସ୍ଥାରେ ପଡ଼ି ଅଛି । କସାଇ ଧରା ହୋଇ ବିଚାରାଧୀନ ଅଛି ।

ମକ୍କାଠାରୁ ଗତ ହଜସମ୍ବନ୍ଧରେ ଯେଉଁ ସମ୍ବାଦ ମିଳିଅଛି ତହିଁରୁ ପ୍ରକାଶ ଯେ ଗତବର୍ଷ ଓଲାଉଠା ରୋଗରେ ଅନେକ ଯାତ୍ରୀ ମରି ଯିବାରୁ ଏବର୍ଷ ଯାତ୍ରୀସଂଖ୍ୟା ଅନେକ ଊଣା ହୋଇଥିଲା । ଯାତ୍ରୀମାନଙ୍କୁ ଦେଖିବା ଏବଂ ମକ୍କାନଗରର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରଖିବା କାରଣ ତୁରଷ୍କର ସୁଲତାନ ୧୫ ଜଣ ଡାକ୍ତର ନିଯୁକ୍ତ କରିଥିଲେ । ଘର ଏବଂ ସ୍ଥାନମାନ ପ୍ରତି ଦିନ ପରିଷ୍କାର ହେଉଥିଲା ଏବଂ ପ୍ରତ୍ୟେକ ଘରେ ଅଳ୍ପ ସଂଖ୍ୟକ ଯାତ୍ରୀ ରଖା ଯାଉଥିଲା । ଗତବର୍ଷଠାରୁ ଏବର୍ଷ ମୃତ୍ୟୁ ସଂଖ୍ୟା ନିତାନ୍ତ ଊଣା ଥିଲା ଏବଂ ମୋହରମ ଶେଷ ପର୍ଯ୍ୟନ୍ତ ଡାକ୍ତରମାନଙ୍କ ପ୍ରତି ମକ୍କାରେ ରହିବାର ଆଦେଶ ହୋଇଥିଲା । ମକ୍କାଠାରେ ଜିନ୍ଦ୍‌ଏଣ୍ଟା ନଗର ପ୍ରାଦୁର୍ଭାବ ହୋଇ ଥିଲା ମାତ୍ର ସେ ରୋଗରେ କେହି ମରି ନାହାନ୍ତି । ମକ୍କାଠାରେ ସ୍ୱାସ୍ଥ୍ୟରକ୍ଷାର ଏ ପ୍ରକାର ସୁବନ୍ଦୋବସ୍ତ କରିଥିବା ହେତୁ ତୁରଷ୍କର ସୁଲତାନ ଅଶେଷ ଧନ୍ୟବାଦର ପାତ୍ର ଅଟନ୍ତି ।

ରୁସିଆ ସେଣ୍ଟପିଟର୍ସବର୍ଗଠାରେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇ ଥିବାର ସମ୍ବାଦ ମିଳିଲା । ଏକ ସପ୍ତାହ ମଧ୍ୟରେ ୬୦୦ ଜଣ ଲୋକ ଏ ରୋଗରେ ଇହଲୀଳା ସମ୍ବରଣ କରି ଅଛନ୍ତି ।

କୋରିଆ ଉପଦ୍ୱୀପର ଗୋଳମାଳ ନିଷ୍ପତ୍ତି କରିବା କାରଣ ଇଂଲଣ୍ଡ ମଧ୍ୟସ୍ଥ ହେବାକୁ ସମ୍ମତ ହେବାରୁ ସେ ପ୍ରସ୍ତାବରେ ଉଭୟ ଚୀନ ଓ ଜାପାନ ସମ୍ମତ ହୋଇଥିବାର ସମ୍ବାଦ ମିଳିଲା । ଯେବେ ଇଂଲଣ୍ଡର ମଧ୍ୟସ୍ଥତାରେ ବିବାଦ ମୀମାଂସିତ ହେଲେ ରୁସିଆର ସ୍ୱାର୍ଥ ପ୍ରତି ବ୍ୟାଘାତ ହେବ ବୋଲି ରୁସିଆର ସମ୍ବାଦପତ୍ରମାନେ ପ୍ରକାଶ କରିଅଛନ୍ତି ।

ବଙ୍ଗଳାଦେଶ ଘୋଷପାଡ଼ାଠାରେ ଜଣେ ଷୋଡ଼ଶୀ ବ୍ରାହ୍ମଣୀରମଣୀ ହଜିଯିବାରୁ ଖୋଜାଖୋଜି କରି ଶେଷକୁ ତାହାର ଶବ ପୋଖରୀ ଜଳରେ ଭାସୁଥିବାର ଦେଖାଗଲା । ରମଣୀର ମୁଣ୍ଡଟା କଟାହୋଇ ଅଲଗା ଥିଲା ଏବଂ ଶରୀରରେ ନାନା ପ୍ରକାର କଷ୍ଟଚିହ୍ନମାନ ଦେଖାଗଲା । ପୁଲିସ ଅନୁସନ୍ଧାନ ରିପୋର୍ଟ ଦେଇଅଛି ମାତ୍ର କଣ ହେଲା କେହି ହେଁ ଜଣାଯାଇ ନାହିଁ । ଅବଶ୍ୟ କିଛି ସ୍ଥିର ଜଣାଯାଇ ନାହିଁ ।

ଅନେକଦିନର ନୌକାଗୁଡ଼ିକ ବର୍ତ୍ତମାନ ଆଟଲାଣ୍ଟିକ ମହାସାଗର ସ୍ରୋତରେ ଗତ ବର୍ଷସ୍ୱର ଧୂମ ଲାଗିଅଛି । ବଡ଼ ବଡ଼ ବୋଇତମାନ ଏପରି ସ୍ଥଳରେ ନିର୍ମିତ ହୋଇଅଛି ଯେ ତାହା ସିଧା ହୋଇଁ ପାଣି ଉପରେ ଭାସିବ ଏବଂ ତହିଁରେ ନୂତନ ଉପାୟ ଦେଖାଯାଉଅଛି ଯେ ସେମାନେ ବୋତଲସବୁକୁ ଜଳରେ ଯେତେ ଉପରେ କରି ମେଘରୁ କେଉଁ ଆଡ଼କୁ ଗତି ହେଉଅଛି ବୁଝି ପାରିବେ ।

ଆଲପ୍ପରର ସବଜଜ ମହୋଦୟ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ କଚେରି କରୁଥିବାରୁ ସେଠା ଓକିଲମାନେ ଭାରି ଅସୁବିଧାରେ ପଡ଼ି ତାହା ନିବାରଣ ଉଦ୍ଦେଶ୍ୟରେ ଏକ ସଭା କରିଥିଲେ । ସଭାରେ କ ସ୍ଥିରହେଲା ଜଣାଯାଇ ନାହିଁ । କାର୍ଯ୍ୟନିର୍ବାହ ନିମନ୍ତେ ବିଳମ୍ବ ହେବା ଅନିବାର୍ଯ୍ୟ ମାତ୍ର ପ୍ରତିଦିନ ବିଳମ୍ବ ଅସହ୍ୟ ଅଟେ ଏଥିର ପରିଣାମ କ ହେବ ଦେଖାଯିବ ।

ଆମେରିକାର ଶିକାଗୋ ନଗରର ମୂଲିଆ ଶ୍ରମଜୀବୀମାନେ ବର୍ତ୍ତମାନ ମେଡ଼ଲକଲ ନଗର ଲୁଟିନେଇ ଅନେକ ଘରପୋଡ଼ି ଦେଇଅଛନ୍ତି ଏବଂ ରେଲବାଟର ଅନେକ ଉପକରଣ ନଷ୍ଟ କରି ପକାଇଅଛନ୍ତି । ଗତ ମହାପ୍ରଦର୍ଶନୀ ନିମନ୍ତେ ୫ ବାଷ୍ପଭୂମିରେ ଯେଉଁ ପ୍ରକାଣ୍ଡ ଘରମାନ ନିର୍ମିତ ହୋଇଥିଲା ତାହା ଏମାନଙ୍କ କର୍ତ୍ତୃକ ନଷ୍ଟହୋଇ ଅଛି । ମୂଲିଆଙ୍କ ଉପଦ୍ରବ ଶୁଣିଅଛେ ଲାଗିବାର କାରଣ ଦାରିଦ୍ର୍ୟପଣା ଆଉ କ ହୋଇପାରେ ?

କନଷ୍ଟାଣ୍ଟିନୋପଲଠାରେ ଗତମାସ ତା ୧୦ ଦିନ ଅପରାହ୍ନ କାଳରେ ଭୟାନକ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳିଲା । ଅନେକ ଘରଦ୍ୱାର ଭାଙ୍ଗି ଯାଇଅଛି ଏବଂ ପ୍ରାୟ ନ ୫୦ ଜଣ ଲୋକେ ମୃତ୍ୟୁ ମୁଖରେ ପତିତ ହୋଇଅଛନ୍ତି ।

ବସ୍ତୀ କୁମାନସଙ୍ଗତ ଉପରେ ବଜ୍ରପତନ ହୋଇ ଗୋଟିଏ ସୁନ୍ଦର ସ୍ଥାନ ଯାଇଥିବାର ସମ୍ବାଦ ମିଳିଲା ।

## ସ୍ଥାନୀୟ-ସମ୍ବାଦ ।

ପୁରୀ ସଂସ୍କୃତ ସ୍କୁଲର ହେଃ ପଣ୍ଡିତ କର୍ମରେ ଉକ୍ତ ସ୍କୁଲର ୨ୟ ଶିକ୍ଷକ ପଣ୍ଡିତ ହରିହର ଦାସ, ୨ୟ ଶିକ୍ଷକ କର୍ମରେ ୩ୟ ଶିକ୍ଷକ ଏବଂ ତୃତୀୟ ଶିକ୍ଷକ କର୍ମରେ ସାଇଁ-ବନ୍ଧିବପୁର ସ୍କୁଲର ପ୍ରଧାନ ଶିକ୍ଷକ ପଣ୍ଡିତ ଗୋପୀନାଥ ମିଶ୍ର କାବ୍ୟତୀର୍ଥ ନିଯୁକ୍ତ ହୋଇଅଛନ୍ତି । କାବ୍ୟତୀର୍ଥ ମହାଶୟ ଏଥିପୂର୍ବେ ଏ: ୨ୟ ଶି: କର୍ମ ଯୋଗ୍ୟତାର ସହିତ କରିଥିଲେ । ଏ ଜଣେ ସୁବିଜ୍ଞ କର୍ମଦକ୍ଷ ଏବଂ ଶାନ୍ତିପ୍ରକୃତିର ଲୋକ ଅଟନ୍ତି ।

ଅନାବୃଷ୍ଟି ଓଲାଉଠାର ପ୍ରାବଲ୍ୟ ହୋଇଅଛି । ଏ ରୋଗ ସହରର ସମସ୍ତ ସାହିମାନଙ୍କରେ ରୋଗୀମାନଙ୍କ ଆକ୍ରମଣ କରି ଅଧିକାଂଶ ଲୋକଙ୍କର ପ୍ରାଣ ନେଉଅଛି, ସ୍ୱଳ୍ପ ଯାଉଅଛି ଏବଂ ବାବାଜି ଘଡା ବାସ ଚିକିତ୍ସା ସ୍ଥାନରେ ଔଷଧର ପ୍ରୟୋଗ କରୁଅଛନ୍ତି । କିନ୍ତୁ ପୂର୍ବପରି ଅନାବୃଷ୍ଟି ତାହାଙ୍କର ଚେଷ୍ଟା ବ୍ୟର୍ଥରୁ ଫଳପ୍ରଦ ହେଉଅଛି ।

Digitized by srujanika@gmail.com

Split by PDF Splitter



ଏ ସପ୍ତାହରେ ଦକ୍ଷିଣାର ଠାରୁ ବର୍ଷା ଲଗାଣ ହୋଇ ଅଛି । ଅଦ ତା ୨୪ ଦିନେ କିଛି ଶାନ୍ତ ଅଛି ।

ବୁଧବାର, ଗୁରୁବାର ଦୁଇଦିନ ମଧ୍ୟରେ ସୁଭଦ୍ରା ଦେବୀଙ୍କ ରଥ, ଶୁକ୍ର ଓ ଶନିବାର ବଳଭଦ୍ରଙ୍କର ରଥ ଦକ୍ଷିଣମୂର୍ତ୍ତି ହୋଇଅଛି । ବର୍ଷା ହେତୁ ଜଗନ୍ନାଥ ଦେବଙ୍କ ରଥ ଦକ୍ଷିଣମୂର୍ତ୍ତିହୋଇ ନାହିଁ । ପ୦—

ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ବସ୍ତୁଦର୍ଶୀ— ସମ୍ବଲପୁର ହିତୈଷିଣୀ ନାମକ୍ତା ସମ୍ବାଦରେ ଜଣେ ସ୍କୁଲସବ ଅନେକ-ଅର୍ ଶ୍ରେଷ୍ଠ ବିଷୟ ବର୍ତ୍ତମାନ ଧସ୍ତପଡିବା କଥା ଲେଖିଥିବାପ୍ରତ୍ୟକ୍ଷେ ଅପର ଏକ ସ୍କୁଲଡାକ୍ତରଙ୍କର ଦେବପେକ୍ଷା ଗୁରୁତର ବ ୩୨୨ ଟା ଅସ୍ଥିର ପ୍ରସଙ୍ଗ ଲେଖା ନ ହେବାର କାରଣ ପଚାରୁଅଛନ୍ତି । ଏପ୍ରସ୍ନ ହିତୈଷିଣୀର ସମ୍ପାଦକଙ୍କୁ କରିବା ଉଚିତ ।

ଶ୍ରୀ ବା— ବ୍ୟକ୍ତିବିଶେଷର ଗୁପ୍ତଚରିତ୍ରସମ୍ବନ୍ଧୀୟ ପତ୍ର ପ୍ରକାଶକରିବା ଆଇନ ବିରୁଦ୍ଧ । ଯେବେ ସରକାରଠାରେ ପ୍ରକାଶ୍ୟ ଅଦାଲତରେ ଦରଖାସ୍ତ ହୋଇଥାଏ ତେବେ ତହିଁର ସଂକ୍ଷେପ ବିବରଣ ଓ ସରକାରଙ୍କ ହୁକୁମ ଲେଖିପଠାଇଲେ ପ୍ରକାଶହୋଇ ପାରେ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ବହୁମାନ୍ୟ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବେ ।

ମୁଁ ତିନମାସ ହେଲା ସାଲେପୁର ଓ ମହାଗ୍ରାମ ପୁଲିସ ଆଉଟପୋଷ୍ଟର ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମମାନ ନିଜ କାର୍ଯ୍ୟୋପଲକ୍ଷେ ଭ୍ରମଣ କରି ଦେଖୁଅଛି । ଉକ୍ତ ଗ୍ରାମମାନଙ୍କର ଅଧିକାଂଶ ଲୋକଙ୍କୁ ଅନ୍ନକଷ୍ଟ ଏମନ୍ତ ବାଧିଅଛି ଯେ ସେମାନେ କେବଳ ଅସ୍ଥିଚର୍ମବିଶିଷ୍ଟ ହୋଇ ରହିଅଛନ୍ତି । ଗତବର୍ଷ ଏ ଅଞ୍ଚଳରେ ବୃଷ୍ଟି ହୋଇ ନ ଥିବାରୁ ପୂର୍ବର କରଜ ଧାନ ପରିଶୋଧ କରି ପାରି ନାହାନ୍ତି, ଏହେତୁ ଏବର୍ଷ କରଜ ମିଳୁ ନାହିଁ । କ୍ରମାଗତ ମା ୮ ସ ଅନାବୃଷ୍ଟି ହେତୁ ଲୋକମାନେ ଘରର ବାସନ ଓ ଗହଣା (ଏମନ୍ତ କି ଗୋଷ୍ଠ, ଲେଖନ, ହାତବାଡ଼ି ଟେଲିଗିନା ଓ ଦ୍ୱାର ଖମ୍ବ ପର୍ଯ୍ୟନ୍ତ) ବିକ୍ରୟ କରି ଓ ବନ୍ଧକ ଦେଇ ଚାଉଳ କିଣି ଖାଇଲେ । ଉକ୍ତଠାରୁ ଏଣିକି କ୍ରମଶଃ ବିଶେଷ ବୃଷ୍ଟି ହେବାରୁ ବିଲନ ବୁଣି ପାରିଲେ ନାହିଁ, ଯାହା ବୁଣିଲେ ତାହା ବିହା ମଲ ନ ପାଇବାରୁ ଭଲ ହେଲା ନାହିଁ । ପାରିଦ ଜମି ମଧ୍ୟ ଅନେକ ବୁଣି ନ ପାରି ଅନ ଡାଳି ରୁଅଉ ଅଛନ୍ତି । ପାଟଜମିମାନ ଜଳାଧିକ୍ୟ ହେତୁ ଧୋଇଗଲା ତାହା ଆଉ ହେବ ନାହିଁ । ଏହି ସବୁ କାରଣରୁ ଗ୍ରାମ ଆଶା ଫଳପ୍ରଦ ନ ଦେଖି ଲୋକେ କାତର ହେଉଅଛନ୍ତି । ମହାଜନମାନେ ଧାନ କରଜ ଦେଉ ନାହାନ୍ତି, ଗତବର୍ଷ ଯାହା ଦେଇଥିଲେ ତାହା ସମୂଳେ ଫେରି ନ ଆସିବାରୁ ତାଙ୍କ ଘରେ ଆଉ ଧାନ ନାହିଁ । ଏମନ୍ତ କି ଏ ଅଞ୍ଚଳର ପ୍ରଧାନ୨ ଜମିଦାରମାନେ ନିଜ ଘର ଖରଚ ସକାଶେ ଧାନ କରଜ କରିବାକୁ ଭ୍ରମଣ କରୁଅଛନ୍ତି ।

ଅନ ଡାଳି କୃଷିକାର୍ଯ୍ୟ ଲାଗିଥିବାରୁ ଗରିବମାନଙ୍କୁ କେତେକ ମଜୁରି ମିଳୁଅଛି ସତ୍ୟ ମାତ୍ର ସାଧାରଣ ମୂଲିଆଙ୍କର ଦୈନିକ ମଜୁରି ଦୁଇ ପଇସାରୁ ଅଧିକ ନୁହେ । ଏଥିରେ ଚାଉଳ କିଣିଲେ କଟକ ଅଧସେରକରୁ ଊଣା ମିଳୁଅଛି ତହିଁରେ ୫।୬ ଜଣ ପରିବାର ଚଳିବା କିପରି କଷ୍ଟକର ଏହା ବୁଦ୍ଧିମାନ୍ ମାତ୍ରକେ ବୁଝିବେ । ଲୋକେ ଉଦରଜ୍ୱାଳାରେ ନାନା ପ୍ରକାର ମୂଳ ପତ୍ର ଆଦି ଭକ୍ଷଣ କରି ପୀଡ଼ିତ ଓ ଅକର୍ମଣ୍ୟ ହେଉଅଛନ୍ତି କେହି୨ ଜନ୍ତୁ ପୀଡ଼ାରେ ଉତ୍‌କ୍ଷିଳା ମଧ୍ୟ ସମ୍ବରଣ କରିବାର ଶୁଣାଯାଏ ।

ଆଉ ଚାଉଳ ଏ ଅଞ୍ଚଳରେ ଖରିଦ କରିବାକୁ ମିଳୁ ନାହିଁ । ଫିରିଙ୍ଗିପୁରର ପ୍ରଭୃତି ମହାଜନମାନେ କଟକରୁ ଚାଉଳ ଆଣି ହାଟମାନଙ୍କରେ ୭।୮ ସେରରେ ବିକ୍ରୟ କରୁଅଛନ୍ତି । କେହି୨ ତାଙ୍କଠାରୁ କ୍ରୟ କରି ନିଜର ବଳ ରଖି ଗ୍ରାମମାନଙ୍କରେ ବିକ୍ରୟ କରୁଅଛନ୍ତି । ଏଥିରୁ ସମସ୍ତେ ବୁଝିବେ ଯେ ଚାଉଳ କିପରି ସୁଲଭ ଓ ଶସ୍ତା । ସବ ଡିଭିଜନରେ ପ୍ରତି ସପ୍ତାହରେ ପ୍ରତି ସ୍ଥାନରେ ମୁଦ୍ରାଦାନ ଓ ଶ୍ରେଣୀ ହେଉଥିଲା, ବର୍ତ୍ତମାନ ମଧ୍ୟ ସାମାନ୍ୟ ଶ୍ରେଣୀର ଦୃଶ୍ୟ ନାହିଁ ।

ଏପରି କଷ୍ଟ ସମୟରେ ଏହା ସଦୟ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ବ୍ୟତୀରେକେ ଲୋକଙ୍କର ଅନ୍ୟ ଉପାୟ ନାହିଁ । ମୋହର କ୍ଷୁଦ୍ରବୁଦ୍ଧିରେ ଯେବେ ଏତେବେଳେ ଏ ଅଞ୍ଚଳର ଶାଖାନଳମାନଙ୍କର ମରାମତି କାର୍ଯ୍ୟ ଲଗାନ୍ତା ସାଲେପୁରରୁ ଲୁଥଁଘାଟ ହୋଇ ଛତିଆ ପର୍ଯ୍ୟନ୍ତ ଯେଉଁ ସଡ଼କ ଯାଇଅଛି ତାହା ସ୍ଥାନେ୨ ବର୍ଷାରେ ନଷ୍ଟ ହୋଇ ଯିବାରୁ ଗାଡ଼ି ଯିବାର ଅସୁବିଧା ହେଉଅଛି, ତାହା ଯଦି ମରାମତି ହୁଅନ୍ତା ଏବଂ ପୁଷ୍କରିଣୀ ଗ୍ରାମ୍ୟ ସଡ଼କମାନ ମରାମତି ହୁଅନ୍ତା ଓ ନୂତନ ଗ୍ରାମ୍ୟ ସଡ଼କ ପ୍ରସ୍ତୁତ ହୁଅନ୍ତା ତେବେ ଲୋକେ ପ୍ରଚୁର ମଜୁରି ପାଇ ଅବଶିଷ୍ଟ ଦୁଇମାସର ଅନ୍ନକଷ୍ଟରୁ ରକ୍ଷା ପାଆନ୍ତେ । ତନ୍ତି, ପାଣ, ବଣ୍ଡସ୍ପ ପ୍ରଭୃତି କେତେକ ଲୋକ ହାହାକାର କରି ଅନ୍ନ୨ ବୋଲି ଦ୍ୱାରେ୨ ବୁଲୁଅଛନ୍ତି ବର୍ତ୍ତମାନ ସେମାନଙ୍କୁ ମୂଲ ମିଳିଲେ ସୁଦ୍ଧା ସେମାନେ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । କେତେକ ରୋଗୀ, ସ୍ତ୍ରୀ, ବାଳକ ଓ ବାଳିକା କେବଳ ଖପର ନେଇ ନେଇ ଭୋଡ଼ାଣୀ ମାଗି ବୁଲୁଅଛନ୍ତି, ସେମାନେ କାର୍ଯ୍ୟ କରିବାକୁ ସକ୍ଷମ ନୁହନ୍ତି । ଯଦି ସେମାନଙ୍କ ନିମନ୍ତେ ନୂଆ ଫସଲ ହେବା ପର୍ଯ୍ୟନ୍ତ ଦୁଇମାସ କୌଣସିଠାରେ ଅନ୍ନଛତ୍ର ବସାଯାନ୍ତା ତେବେ ଏମାନେ ବଞ୍ଚାଯାନ୍ତେ ନଚେତ୍ ରକ୍ଷା ନାହିଁ ।

ସାଲେପୁର ୨୧।୭।୯୪ } ବଶମ୍ବଦ ଶ୍ରୀ ରଘୁନାଥ ମିଶ୍ର ଲଃ ପଣ୍ଡିତ

To The Editor of Utkal Dipika,

Dear Sir,

Has the exchange scarce travelled so far home as to have pounced upon our Municipal Board. Why then this farce of a repair of the town roads. Why not [illegible] the old roads alone. This [illegible] capital illustration of the [illegible] worse than the dise[illegible] it were thousand t[illegible] made no repair, [illegible] logy? not perhaps [illegible]

Digitized by srujanika@gmail.com

Split by PDF Splitter



...ce to the gaping mouths. I mean ... other than the coolies. It is a ...ame to our city fathers, shame, I ...y, to the very coolie, who idles on ...e rubbish, as rubbish it is all. This ... economy in the name of local self-...overnment, which, like modern ...harity, has patches all over. It is ...hy we see patch work of repairs on ...ur roads, a superabundance of which ... prominent near Ticonia Bagicha.

Yours

*A Rate payer*

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ...ବୁ ଅର୍ଜୁନ ବେହେରା | ଜଗତପୁର | ଟ ।୯ |
| ... କୃଷ୍ଣଚରଣ ପଧାନ | କେଶାଥପୁର | ଟ ୩୯ |
| ... ଗଜେନ୍ଦ୍ର ଦାସ ଗୁପ୍ତ | ପୁରୀ | ଟ ୪୯ |
| ... ବାଳକୃଷ୍ଣ ମହାପାତ୍ର | | ଟ ୧୩୵ |
| ... ବଳରାମ ସାହୁ | ମଡ଼ିଆଳ | ଟ ୩୯ |
| ... ରାଜା ବଜେନ୍ଦ୍ର ପାଣ୍ଡବ | | ଟ ୩୯ |

# ବିଜ୍ଞାପନ ।

...ରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ...ହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ...ରୋଗର ପ୍ରକୃତ ଔଷଧ ନାହିଁବୋଲି ସ୍ଥିର କରି...ଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତ...ରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ...ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ...ମହୌଷଧ "ଗନରେଡାଇନ" ଆବିଷ୍କାର ହୋ...ଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ...ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ...ହୋଇଥାଅ ଏବଂ ନାନାବିଧ ଔଷଧ ସେବନ...କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ...ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ...ହଜାର ରୋଗୀ ଓ ଯେଉଁମାନଙ୍କ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ...ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନକଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନୀ, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲିଙ୍ଗର ଦାଗଲଗିବା, ପ୍ରସ୍ରାବ ସହିତ ଶୁକ୍ରପତନ,ହାତ ଗୋଡ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟପ୍ରତି ସିସି ଟ ୨ ଙ୍କା ପ୍ୟାକିଂ ଟ ୦୵ ଅଣା । ଡାକମାସୁଲ ଟ ।  ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଯେ, ପି, ରାୟ
ନ ୪୬ ନମ୍ବର ନେବୁତଲା ଲେନ
କଲିକତା ।

# ଜାଦୁର ଅବ୍ୟର୍ଥ ମହୌଷଧ

## (ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦।୵ ମାସୁଲ ଟ ୦। ଅଣା

—o—

ଏହି ଔଷଧ ବ୍ୟବହାରରେ ସର୍ବ ପ୍ରକାରର ଜାଦୁରୋଗ ଏକାଂ ବାଳକେ ଆରୋଗ୍ୟ ହୋଇ ଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ ଏହାକୁ ବ୍ୟବହାର କଲେ କିଛି ମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ନାନାପ୍ରକାର ଚର୍ମ୍ମ-ରୋଗ ମଧ୍ୟ ଭଲ ହୁଏ । ଏହି ଔଷଧରେ ପଞ୍ଚଠାରୁ ଅଧିକ କେତେକ ଗୋଟି ଅଶ୍ୱ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା-ଗୁଣ ଅଧିକ ଆଶ୍ଚର୍ଯ୍ୟ ପ୍ରଦ ହୋଇ ଅଛି । ଯେଉଁମାନେ ଏହି କୁତ୍ସିତ ରୋଗରେ କଷ୍ଟ ପାଉ ଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ମୁଦ୍ରା ଦେଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମତାରକ ସେନ ।
ଦେଶ ହିତକ ପ୍ରେସ୍; ବାଲେଶ୍ୱର ।

## ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଖ ୧୦ଣ୍ଡ ଯାଏ ପୁସ୍ତକ ଡାକରେ ଦିବାକୁ ମାସୁଲ ଏକ-ଅଣା । ଅଳ୍ପ ପୁସ୍ତକ ବାକି ଅଛି ।

| | | |
|---|---|---|
| ବଙ୍କେଡା | } | ବାମଣ୍ଡା |
| ଶ୍ରୀଦାଶରଥି ରାଉତ | } | ସମ୍ବଲପୁର ପୋଃ |

## ରାଗ-ରସଦୀପକ ।

ଅର୍ଥାତ୍
ନବଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ
ହିନ୍ଦୀ ସଙ୍ଗୀତ ।
ମୂଲ୍ୟ ଦୁଇଅଣା ମାତ୍ର ।
ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ
ଆମ୍ଭଠାରେ ପ୍ରାପ୍ତବ୍ୟ ।
ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ନୟାସଡ଼କ କଟକ

# କୃଷିପାଠ ।

ଏପର୍ଯ୍ୟନ୍ତ ଓଡ଼ିଆଭାଷାରେ ଯେତେ କୃଷିପାଠ ହୋଇଅଛି ଏ ପୁସ୍ତକ ସର୍ବାପେକ୍ଷା ବୃହତ୍ ଅର୍ଥାତ୍ ପୃ ୧୬୯ ସ୍ଥାରେ ସମ୍ପୂର୍ଣ୍ଣ ଏବଂ ବିଶେଷ ଉପଯୋଗୀ । ଯେଉଁମାନେ କୃଷିକାର୍ଯ୍ୟ କରୁଅଛନ୍ତି ଅଥବା କରିବାକୁ ଇଚ୍ଛା କରନ୍ତି ସେମାନେ ଏହାକୁ ପଢ଼ିଲେ ଅନେକ ସଦୁପଦେଶ ପାଇବେ ସନ୍ଦେହ ନାହିଁ ।

| | |
|---|---|
| ମୂଲ୍ୟ | ଟ ୦।୵ |
| ଡାକମାସୁଲ | ଟ ୦ ୯୨ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ଗ୍ରାହକମାନେ ପାଇ ପାରିବେ ।

## FOR SALE.

The under noted Elephants are for sale in the Mourbhanj State. Purchasers requiring further particulars as to their value, may apply direct to His Highness the Maharaja Mourbhanj.

| No. | Names of elephants. | Genders. | Heights |
|---|---|---|---|
| 1. | Sored Mala | Female | 6 ft. 10 ich, |
| 2. | Bhimrothi | Do. | 6 ft. 2 „ |
| 3. | Jhullon Piari | Do. | 6 ft. 10 „ |
| 4. | Sohor Koli | Do. | 6 ft. 0 „ |
| 5. | Chandro Shikor Prosad | Male Tusker | 5 ft. 7 „ |
| 6. | Moti Gajodont | Do. | 5 ft. 6 „ |

By order

Baripada, }
21—6—94. }

F. D'ELBOME
*Accountant.*

Digitized by srujanika@gmail.com

Split by PDF Splitter



# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୶ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଝୁଲଣ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦୀକ ମେଡ଼ିସିନ ମ୍ୟାନୁଫ୍ୟାକ୍‌ଚୁରିଂ କୋମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ଼ କାଲନା, ବେଙ୍ଗାଲ ।

### ରେଜିଷ୍ଟ୍ରୀକୃତ ମୂଳଧନ ଟ ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସଦର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଅଭିଳାଷ କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ ।

ଏଠାରେ ଶିଥିଳୀ, କାଶ, ଜ୍ୱର, ଇନ୍‌ଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ଉତ୍କଟ ଓ ଦୁଷ୍ଟ ପୀଡ଼ାସମୂହରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ବିଳାସୀନଙ୍କ ଓ ସୌଖିନ୍‌ଙ୍କ ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ଚିନ୍ତାହେତୁ ମସ୍ତିଷ୍କବିକୃତିର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧ ୧ ଖରଚ୍ଚ ଟ ୦ ।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ ୦ ୵୧ ଡାକଖର୍ଚ୍ଚାଦି ଟ ୦ ।୵

କୁନ୍ତଳ-କୌମୁଦୀ-ତୈଳ;—ନୂତନ ଶିଥିଳୀର ଔଷଧ । ଏହା ବ୍ୟବହାର କଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧ ୧ ଖର୍ଚ୍ଚାଦି ଟ ୦ ।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜିଷ୍ଟ୍ରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୧ କା । ୧।୵ କିସ୍ତିରେ ଟ ୨÷୧ ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟରୀ ଏବଂ ମ୍ୟାନେଜର

---

## NOTICE.

*A COMPLETE KEY*

( Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c. )

To

Lethbridge's Easy Selections

( Minor course 1895 )

BY

AKSHOY KUMAR GHOSE

AND

HARA CHAND GHOSH

in the press

Price per copy Re. 1—0—0

Postage one anna extra for muffasal. To be had of. the Secretary Printing Company Cuttack

---

## ଶୀଘ୍ର ନିଅ ! ନିଅ ! ନିଅ ! !

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ଦୋକାନରେ ପର୍ବାପେକ୍ଷା ଊଣା ମୂଲ୍ୟରେ କେତେଦିନ ସକାଶେ ବିକ୍ରୟ କରା ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେଈ-ବିରଚିତ ) ଟ ୦ ୧୯

ରସଲେଖା ( ଉପେନ୍ଦ୍ର,ଭଞ୍ଜ ବିରଚିତ ) ଟ ୦।୶

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ଲହରୀ | | ଟ ୦ ୶ |
| ଏକତ୍ର | ଦ୍ୱିତୀୟ ଏକତ୍ର | ଟ ୦ ୶ |
| ଏକତ୍ର | ତୃତୀୟ ଏକତ୍ର | ଟ ୦ ୶ |
| ଏକତ୍ର | ଚତୁର୍ଥ ଏକତ୍ର | ଟ ୦ ୶ |
| ଜୀବନଚମ୍ପୂ | | ଟ ୦ ୵ |
| ରତିବିଳାସ ସେତୁ | | ଟ ୦ ୵ |

କଟକ
୨୭।୭।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

---

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary
Webb's Condensed Dictionary.
Webb's International Do.
Whitehall Drawing Copy Books.

R. C. Dutt's History of India.
Catechism of History of India
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅଧସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ତେଲିଙ୍ଗାବଜାର କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୨୯ ସ
ସ ୩୧ ସଂଖ୍ୟା

ତା ୪ ଦଶ ମାହେ ଅଗଷ୍ଟ ସନ ୧୮୯୪ ଇଙ୍ଗ୍ରାଜୀ । ମୂ । ତ ୨୧ ଇ ଶ୍ରାବଣ ସନ ୧୩୦୧ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ଫଷ୍ଟାଦେୟ ଟ ୬୯

ଗତପୂର୍ବ ସପ୍ତାହରେ ଓଡ଼ିଶା ପରି ପଞ୍ଜାବ, ସିନ୍ଧୁ ଓ ବମ୍ବାଇ ପ୍ରଦେଶମାନଙ୍କର ଅନେକ ସ୍ଥାନରେ ଭାରି ବନ୍ୟା ହୋଇଥିଲା । ରେଲ-ସଡ଼କମାନ ଠାବେ୨ ଭାଙ୍ଗି ଯାଇ ରେଲବ୍ୟବସାୟ ବନ୍ଦ ହୋଇଥିଲା । ନର୍ମଦା ଓ ଆପ୍ତୀନଦୀମାନ ଉଚ୍ଛନ୍ନ ହୋଇ ସବୁ ବୁଡ଼ାଇ ଦେଇଥିଲା । ସ୍ରୋତରେ ବହୁଦୂର ପର୍ଯ୍ୟନ୍ତ ଷେତମାନ ଧୋଇ ଯାଇଅଛୁ ଅନେକ ଘର ଭାଙ୍ଗି ପଡ଼ିଅଛୁ ଏବଂ ଗବାଦ ପଶୁ ବୁଡ଼ି ମରି ଅଛନ୍ତି ।

---

ବିଲାତରୁ ଆସିଥିବା ଗତମାସ ତା୨୪ ରିଖର ତାରସମ୍ବାଦରୁ ପ୍ରକାଶ ଯେ କୋରିଆ ରାଜ୍ୟ ହେତୁ ଜାପାନ ଓ ଚୀନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଅଛୁ । ଚୀନ-ରେସିଡେଣ୍ଟଙ୍କ ଉତ୍ତେଜନାରେ କୋରିଆ ସେନା ଜାପାନ ସେନାଙ୍କୁ ଆକ୍ରମଣ କଲେ ମାତ୍ର ପ୍ରଥମ ଯୁଦ୍ଧରେ ପରାସ୍ତ ହେଲେ ଏବଂ ଗୋଟାଏ ଜାପାନ ଜାହାଜ ଚୀନର ଗୋଟିଏ ଜାହାଜକୁ ବୁଡ଼ାଇ ଦେଲା । ଚୀନର ନାନା ସ୍ଥାନରୁ କୋରିଆକୁ ସେନା ପଠାଇବାର ବନ୍ଦୋବସ୍ତ ଲାଗିଅଛୁ ।

---

ଅଲମହମ୍ମଦ ନାମକ ପେଶକାରର ଜଣେ ମୁକ୍ତାର ଏକମକ୍କାଲ ସଙ୍ଗେ ବନ୍ଦୋବସ୍ତ କରିଥିଲା ତ ତାହାକୁ ମୋକଦମା ଜଣାଇଦେଲେ ସମ୍ପତ୍ତିର ଅର୍ଦ୍ଧେକ ପୁରସ୍କାର ସ୍ୱରୂପ ନେବ । ମାଜିଷ୍ଟ୍ରେଟ ସାହେବ ଏକଥା ଜାଣିପାରି ବଣ୍ଡସ୍ୱରୂପ ତାହାର ମୁକ୍ତାରି ସନନ୍ଦ କାଢ଼ି ନେଇ ଅଛନ୍ତି । ଅଲମହମ୍ମଦ ପରି ଅନେକ ଉକିଲ ମୁକ୍ତାର ଦୋଷୀ ଅଟନ୍ତି ଏବଂ ଏହିପରି ଦଣ୍ଡ ପାଇବାର ଯୋଗ୍ୟ ସନ୍ଦେହ ନାହିଁ । ଉକିଲ ମୁକ୍ତାରମାନେ କେବଳ ପାରଶ୍ରମିକ ପାଇବାର ଯୋଗ୍ୟ, ସମ୍ପତ୍ତି ଭାଗ ନେବାର ଅଧିକାରୀ ନୁହନ୍ତି ।

---

ଲାହୋରର ଜଣେ ମୁସଲମାନ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ଯେ ମୁସଲମାନମାନେ କୁମ୍ପାନିକାଗଜ କିଣିବାକୁ ଧର୍ମଶାସ୍ତ୍ରମତେ ଅଧିକାରୀ ନ ଥିବାରୁ ସେମାନେ ଟଙ୍କା ଦାଖଲ କଲେ ଯଦି ସରକାର ବର୍ଷକୁ ଟ ୨ ଙ୍କା ହିସାବ ପେନସନ ଦିଅନ୍ତି ତାହା ହେଲେ ଅନେକ ମୁସଲମାନ ସରକାରଙ୍କରେ ଟଙ୍କା ଗଚ୍ଛିତ ରଖିବେ । ଗବର୍ଣ୍ଣମେଣ୍ଟ ଏଥି ଉତ୍ତରରେ ତାଙ୍କୁ ଜଣାଇ ଅଛନ୍ତି ଅନେକ ମୁସଲମାନ ଏହିପରି ଆବେଦନ କଲେ ସେ ବିଷୟ ଗବର୍ଣ୍ଣମେଣ୍ଟ ବିବେଚନା କରି ତାହା ମଞ୍ଜୁର କରିବାର ଯତ୍ନ କରିବେ । —ମୁସଲମାନମାନଙ୍କ ପାଇଁ ଅଲଗା ନିୟମ କାହିଁକି ହେବ ?

---

ଭୁଜଙ୍ଗନଗର ରମୀତୋ ପରଗନା ଅନ୍ତର୍ଗତ ଚନ୍ଦୋଧୂଲାନଦୀ କୂଳସ୍ଥ ଖାସେଖପଡ଼ା ମଉଜା ନିକଟବର୍ତ୍ତୀବନ୍ଧ ହେତୁହେତୁସ୍ଥାନରେ ଭାଙ୍ଗିଯାଇ ମାର୍ସାପାଇ ଓ ଗାନ୍ଧଦଣ୍ଡା ନେଜାଲ ମଧ୍ୟବର୍ତ୍ତୀ ସ୍ଥାନରେ ବଢ଼ିପାଣି ଫୁ୨୮ ହୋଇଯାଇ ଥିବାରୁ ଲୋକମାନେ କୌଣସି ଅନ୍ୟସ୍ଥାନକୁ ଯାଇ ଆହାରୀୟ ଦ୍ରବ୍ୟ ବ ଧାନ ଚାଉଳ ଆଣି ପାର ନ ଥିବାରୁ ଖାଇବା ବିନା କଷ୍ଟ ପାଉଅଛନ୍ତି ବ୍ରାହ୍ମଣୀନଦୀର ନିକଟବର୍ତ୍ତୀ ଉତ୍ତର ଭାଗର କେତେକସ୍ଥାନରେ ବ୍ରାହ୍ମଣୀନଦୀର ବଢ଼ି ଜଳ ପ୍ରବେଶ ହୋଇ ପ୍ରାୟ ଗ୍ରାମମାନଙ୍କ ମଧ୍ୟରେ ୩।୪ ଫୁଟ ପାଣି ହୋଇ ଶୂଦପାଗ ଗୃହସବୁ ନଷ୍ଟ ହୋଇଯାଇ ଅଛି ବିଶେଷ ଖବର ଏପରେ ଜଣା ଯିବ । ଆଜିର ଅଧିକାଂଶ ବୁଡ଼ିଯାଇ ଭାରି କ୍ଷତି ହୋଇଅଛି ଓ ଲୋକେ ବଡ଼ କଷ୍ଟରେ ଅଛନ୍ତି ।

---

ଗତ ମୋହରମ ପର୍ବରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଦଙ୍ଗା ହଙ୍ଗାମ ଘଟିବାର ବିଶେଷ ଭୟ ଥିଲା ଏବଂ ତହିଁ ନିମନ୍ତେ ପ୍ରାୟ ସକଳ ସ୍ଥାନରେ ଅଧିକା ପୁଲିସ ପହରାର ବନ୍ଦୋବସ୍ତ ହୋଇ ଥିଲା । ସୁଖର ବିଷୟ କୌଣସିଠାରେ କିଛି ଗୋଲମାଲ ଘଟି ନାହିଁ । ମାତ୍ର ବଙ୍ଗଳାର ଏକସ୍ଥାନରେ ପୁଲିସ ସହିତ ହଙ୍ଗାମା ଘଟିବାର ସମ୍ବାଦ ଆସି ଅଛି । ବୋଆଲିଆ ସହରର ଗୋଟିଏ ଉଚ୍ଚ ସ୍ଥାନରେ ମାଜିଷ୍ଟ୍ରେଟ ପ୍ରାଇସ ସାହେବ ଏବଂ ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ମୁରିସାହେବ ପୁଲିସଦଳ ସହିତ ପହରା ଦେଉ ଥିଲେ । ଏଥିମଧ୍ୟରେ ମୁସଲମାନମାନେ ପୁଲିସକୁ ଆକ୍ରମଣ କରି ପ୍ରହାର କରିବାରୁ ଆଦେଶ ପାଇ ପୁଲିସ ଗୋଳ ଫାୟର କରନ୍ତେ ଦଙ୍ଗାକାରୀମାନେ ପଳାୟନ

Digitized by srujanika@gmail.com

କଲେ ଏବଂ ସହରର ଅନ୍ୟାନ୍ୟ ସ୍ଥାନକୁ ଏ ଗୋଲମାଲ ବ୍ୟାପି ପାରିଲା ନାହିଁ । ଖୁରଜଣ ବଙ୍ଗାଳୀ ଗୋଲନ୍ଦାଜ ଆହତ ହୋଇ ହାସ-ପାତାଲରେ ପଡ଼ି ଅଛନ୍ତି । ହିନ୍ଦୁମାନଙ୍କର କ-ପାଳ ଭଲ ଯେ ଏ କ୍ଷେତ୍ରରେ ସେମାନଙ୍କର ଦୁର୍ନାମ ରଟନା ହୋଇ ନାହିଁ ।

---

ଅଲ୍ଲହବାଦ ପୂର୍ବୋ ଫଉଦପୁର ଜିଲ୍ଲାରେ ଗୋଟିଏ ଅଦ୍ଭୁତ ରକମ ମୋକଦ୍ଦମା ଘଟିଅଛି । କେତେକଜଣ ଚୋର ପୋଲିସର ଦାରୋଗା ଓ କନଷ୍ଟେବଲଙ୍କ ପୋଷାକ ପିନ୍ଧି ସେମାନଙ୍କ ମଧ୍ୟରୁ ଏକଜଣଙ୍କୁ ଚୋର ବୋଲି ବାନ୍ଧି ଜଣେ ଭଦ୍ରଲୋକର ଘରେ ପହଞ୍ଚି କହିଲେ "ଏହି ଚୋର କହୁଅଛି, ସେ ତୁମ୍ଭ ଘରେ ସମସ୍ତ ଚୋରି ମାଲ ରଖିଅଛି । ତୁମ୍ଭେ ତୁମ୍ଭର ସମସ୍ତ ମାଲ ଦେଖାଇଦିଅ" । ଏହା ଶୁଣି ଭଦ୍ରଲୋକଟି ଆପଣାର ଦ୍ରବ୍ୟମାନ ବାହାର କରି ଦେଖାଇବା ମାତ୍ରେ ଡକାଏତମାନଙ୍କ ମଧ୍ୟରୁ ଯେଉଁ ଲୋକଟି ଚୋର ହୋଇ ବନ୍ଧା ହୋଇଥିଲା ସେ ସମସ୍ତ ମାଲ ଚୋରିଦ୍ରବ୍ୟ ବୋଲି ସନାକ୍ତ କଲା । ତହୁଁ ପୋଲିସବେଶଧାରୀ ଡକାଏତମାନେ ମାଲ ଗୁଡ଼ିକ ଜବତ୍ କରି ଥାନାକୁ ନେବା ବାହାନାରେ ମାଲ ଗୁଡ଼ିକ ନେଇ ବାହାରିଲେ ଓ ଭଦ୍ରଲୋକଟି କିଛିଦୂର ସେମାନଙ୍କ ସଙ୍ଗେ ସଙ୍ଗେ ଆସିଲା । ପଥମଧ୍ୟରେ ଡକାଏତମାନେ ନିଜରୂପ ଧାରଣ କରି ତାହାକୁ ଅର୍ଦ୍ଧଚନ୍ଦ୍ର ଦେଇ ପଳାୟନ କଲେ । ସୁଖର ବିଷୟ ଯେ ପୋଲିସ ଚାରିଜଣ ଡକାଏତଙ୍କୁ ଧରି ଅଛନ୍ତି ।

---

ବାଲେଶ୍ୱରନିବାସୀ ସୁପରିଚିତ ବାବୁ ଗୟାଚରଣ ଦାସଙ୍କ ବିବାହ ଘେନି ସେଠା ସମ୍ବାଦପତ୍ରମାନଙ୍କରେ ବାଦାନୁବାଦ ଲାଗିଅଛି । କନ୍ୟାକର୍ତ୍ତାର ଆମନ୍ତ୍ରଣ ମତେ ବ୍ରହ୍ମନାଥ ବାଳା ପ୍ରଭୃତି କୌଣସି ସମାଜର ବଡ଼ ପଦସ୍ଥଙ୍କରେ କନ୍ୟାଘରଠାରେ ଉପସ୍ଥିତ ହୋଇ ଶାସ୍ତ୍ର ଓ କୁଳାଚାରମତେ ପାଣି ଗ୍ରହଣ କରି ତହୁଁ ଅର ବର କନ୍ୟା ସହିତ ଆପଣା ଘରକୁ ଆସିଲେ ଏବଂ ସେହି ସମୟରୁ ଏକ ସପ୍ତାହର ଅଧିକକାଳ ବ୍ୟାପି ବରଘରେ ଜଣା ଉତ୍ସବ ହେଲା । କରଣମାନେ ଅନେକ ସମୟରେ ନାନାପ୍ରକାର ବୃଥା ଆଡ଼ମ୍ବରରେ ମାତି ଲଗ୍ନାନୁସାରେ ବିବାହ ଦେଇ ପାରନ୍ତି ନାହିଁ ଏବଂ ସେହି ସମସ୍ତ ବୃଥା ଅନୁଷ୍ଠାନରେ ସର୍ବସ୍ୱାନ୍ତ ହୁଅନ୍ତି । ଏହି କୁପ୍ରଥାରେ ସହାନୁଭୂତି ନ ଥିବାର ଦେଖାଇବା ଉଦ୍ଦେଶ୍ୟରେ ବରକର୍ତ୍ତା ସାମାନ୍ୟ ଭାବରେ ପାଣିଗ୍ରହଣ କାର୍ଯ୍ୟ ନିର୍ବାହ କରାଇ ପଶ୍ଚାତ୍ ଆପଣା ସମ୍ଭବ ଅନୁସାରେ ଉତ୍ସବ କଲେ । ଏବ୍ୟବସ୍ଥାକୁ ମନ୍ଦ ବୋଲିବାର କିଛି କାରଣ ଦେଖାଯାଉ ନାହିଁ । ଏଥିର ଅନୁକରଣ କରିବା ନ କରିବା ଅନ୍ୟ କରଣମାନଙ୍କର ଇଚ୍ଛାଧୀନ ମାତ୍ର ଏଥିପାଇଁ ଏତେ ବାଦ ବିବାଦ କାହିଁକି ?

---

ଓଡ଼ିଶା ସ୍କୁଲସମୂହର ଇନସ୍ପେକ୍ଟରଙ୍କ ଅନୁରୋଧମତେ ପ୍ରକାଶ କରୁଅଛୁଁ କି କାଉସ୍ତରନିବାସୀ ସ୍ୱୟଂ ଗୋବିନ୍ଦଚନ୍ଦ୍ର ସୁଯ ମହାଶୟ ନିମ୍ନଲିଖିତ ପୁରସ୍କାରମାନ ଦେବାକୁ ଅଙ୍ଗୀକାର କରି ଅଛନ୍ତି । ଯଥା ।—

ଭଦ୍ରକ ସବଡ଼ିଭିଜନର ଯେ କୌଣସି ଛାତ୍ର ମାଇନର କମ୍ପା ଭର୍ଣ୍ଣାକ୍ୟୁଲରରେ ଓଡ଼ିଶାରେ ପ୍ରଥମ ହେବ ତାହାକୁ ଆମ୍ଭେ ପଚିଶଟଙ୍କା ପୁରସ୍କାର ଏବଂ ତାହାର ଶିକ୍ଷକଙ୍କୁ କୋଡ଼ିଏଟଙ୍କାମୂଲ୍ୟର ଗୋଟିଏ ଘଡ଼ି ପୁରସ୍କାର ଦେବୁଁ ।

ବାଲେଶ୍ୱର ଜିଲ୍ଲା ମଧ୍ୟରେ କୌଣସି ବାଳିକା ଭଦ୍ରକ ସବଡ଼ିଭିଜନର ଯେ କୌଣସି ବାଳିକା ନିମ୍ନବୃତ୍ତିରେ ବାଲେଶ୍ୱର ଜିଲ୍ଲାମଧ୍ୟରେ ପ୍ରଥମ ହେବ ତାହାକୁ ଦଶଟଙ୍କା ମୂଲ୍ୟର ଖଣ୍ଡେ ଶାଢ଼ୀ ପୁରସ୍କାର ଦିଆଯିବ । ଉକ୍ତ ପୁରସ୍କାର ପାଇବାର ଯୋଗ୍ୟ କେହି ନ ହେଲେ ବାଲେଶ୍ୱରର ଡେପୁଟୀ ଇନସ୍ପେକ୍ଟରଙ୍କ ସଙ୍ଗେ ପରାମର୍ଶ କରି ଉକ୍ତ ପୁରସ୍କାର ବିତରଣର ଅନ୍ୟ ବ୍ୟବସ୍ଥା ହଇବ ।

---

ଗିଲଗିଟ୍‌ର କାଶ୍ମୀରବିଭାଗରେ ଏକ ଅଦ୍ଭୁତ ପ୍ରକାର ମଡ଼କ ଲାଗି ହୋଇ ଛତିଶ ଗ୍ରାମମାନଙ୍କରେ ଗୋଟି ଘଲ ଏବଂ ଦକ୍ଷୋ ନଗରରେ ପ୍ରବେଶ ହୋଇ ଅତ୍ୟନ୍ତ ଭୟଙ୍କର ରୂପ ଧାରଣ କଲା । ଏ ରୋଗର ଉତ୍ପତ୍ତି ଏବଂ ଲକ୍ଷଣ ଅଦ୍ୟାପି ସ୍ଥିର ହୋଇ ପାରି ନାହିଁ । କୌଣସି ପୂର୍ବ ସଙ୍କେତ ବିନା ହଠାତ୍ ଏ ରୋଗ ଆକ୍ରମଣ କଲା ମାତ୍ରକେ ପ୍ରବଳ ଜ୍ୱର ଓ ଶିରଃପୀଡ଼ା ଅନୁଭବ ହୁଏ, ଏପରି ଦୁଇଘଣ୍ଟାର ଭିତରେ ଜ୍ୱରର ତାପ ଫାରେନହିଟର ୧୦୫ ମାତ୍ରା ମାପକୁ ଉଠିଯାଏ ଓ ରୋଗୀ ସନ୍ନିପାତରେ ଅଜ୍ଞାନ ହୋଇ ପଡ଼ିବାର ଅଳ୍ପ କ୍ଷଣରେ ମରିଯାଏ । ରୋଗର ପ୍ରଥମ ଦଶାରେ ଏମନ୍ତ କି ଏକ ଏକ ସ୍ଥଳେ ବାଣ୍ଡରୁ ଘରକୁ ବହି ଆଣୁ ଆଣୁ ମୃତ୍ୟୁ ଘଟେ । ଯେଉଁମାନେ ଏକ ଦିନରୁ ଅଧିକ ବଞ୍ଚନ୍ତି ସେମାନଙ୍କର କର୍ଣ୍ଣମୂଳ କଣ୍ଠ କାଖତଳ ଅଥବା ଜଙ୍ଘ ସନ୍ଧିରେ ଗୋଟା ବାହାରି ଫୁଲିଉଠି ଅତ୍ୟନ୍ତ ବ୍ୟଥା କରେ ମାତ୍ର ପାଚେ ନାହିଁ । ସେହି ପୀଡ଼ାରେ ରୋଗୀ ଦୁଇତିନି ଦିନେ ମରିଯାଏ । ଏ ରୋଗରେ ଏତେ ମୃତ୍ୟୁ ହେଉଅଛି ଯେ ମୁରଦାଫରାସମାନେ ଶବ ବହି ନେଇ ପାରୁ ନାହାନ୍ତି । ଚିକିତ୍ସାର କିଛି ଉପାୟ ନ ଦେଖି ଲୋକେ କାତର ହୋଇ ଦୈବାନୁଷ୍ଠାନ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ଏବଂ ସ୍ଥାନୀୟ ସରକାରି କାର୍ଯ୍ୟକାରକମାନେ ତହିଁରେ ଏକାନ୍ତ ଯୋଗ ଦେଇ ଅଛନ୍ତି ।

---

ପାରଲୁଦ ସମ୍ବାଦଦାତା ଲେଖିଅଛନ୍ତି କି ସେହି ସ୍ଥଳ ରାଜଧାନୀ ବୃତ୍ତପ୍ରସାଦଠାରେ ଥିବା ଫାଣ୍ଡି ଅନ୍ୟାନ୍ୟ ସ୍ଥାନର କେତେକ ଫାଣ୍ଡି ସହିତ ଅଲ୍ପଦିନ ହେଲା ଉଠି ଯିବାରୁ ଜଣା ପୋଷ୍ଟମାଷ୍ଟରଙ୍କ ରିପୋର୍ଟ ଅନୁସାରେ ସେଠାରୁ ଆସୁଥିବା ଚିଠି ପତ୍ର ପାର୍ସଲ ମନିଅର୍ଡର ପ୍ରଭୃତି ରହିତ ହୋଇଅଛି । ଏଥିରେ ଏକପକ୍ଷରେ ଲୋକମାନଙ୍କର ଯେମନ୍ତ ଅସୁବିଧା ହୋଇଅଛି ପକ୍ଷାନ୍ତରେ ସରକାରୀ ଡାକ ବିଭାଗର ଆୟ ଊଣା ହୋଇଅଛି । ବିଶେଷତଃ ସେଠା ସ୍କୁଲର ଗବର୍ଣ୍ଣମେଣ୍ଟ ସାହାଯ୍ୟ ପାଇ ବହୁତ ଅସୁବିଧା ଘଟିଅଛି । ଦୁଃଖର ବିଷୟ ଯେ କେହି ସରକାରୀ କର୍ମଚାରୀ ଏ ସବୁ କଥା ବୁଝୁ ନାହାନ୍ତି ଅତଏବ ତାହାର ସୁବିଧା ନ ହେବା ପର୍ଯ୍ୟନ୍ତ ସରକାରଙ୍କ ନିକଟକୁ ଉତ୍କଳଦୀପିକା ନ ପଠାଇବା ନିମନ୍ତେ ଦେବାନ ମହାଶୟ ଆମ୍ଭମାନଙ୍କୁ ଅନୁରୋଧ କରି ଅଛନ୍ତି । ଯଥା ସମୟରେ ସମ୍ବାଦପତ୍ର ପାଇବାର ସୁବିଧା ନ ହେଲେ ତହିଁପାଇଁ ବ୍ୟୟ ସ୍ୱୀକାର ନ କରିବା ଏବଂ ଡାକ ବନ୍ଦ ହେବା ହେତୁ ସମାଚାର ଅନ୍ତର ରହିବା ସ୍ଥଳେ ନାନା ସ୍ଥାନର ସମ୍ବାଦ ପାଠରେ ବ୍ୟସ୍ତ ନ ହେବା ମନ୍ଦ ବୋଲି ଯାଇ ନ ପାରେ । ମାତ୍ର ଦେବାନଙ୍କ ହାତରେ ଯେତେବେଳେ ଗୋଟିଏ ରାଜ୍ୟର ଭାର ରହିଅଛି ଏବଂ ପ୍ରଜାଙ୍କ ଅଭାବ ମୋଚନ ଓ ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧିର ବ୍ୟବସ୍ଥା କରିବା ତାହାଙ୍କ କର୍ତ୍ତବ୍ୟ ସେତେବେଳେ ତାହାଙ୍କର କେବଳ ସମ୍ବାଦପତ୍ର ବନ୍ଦ କରି ନିଶ୍ଚିନ୍ତ ହେବା ଉଚିତ ନୁହେ ।

---

Split by PDF Splitter
Digitized by srujanika@gmail.com

Split by PDF Splitter



ପୁନାର ଏକ ସମ୍ବାଦପତ୍ରରେ ଲେଖା ଅଛି କି ସେଠାର କେତେ ଜଣ ସ୍ୱଦେଶାନୁରାଗୀ ମହାଶୟ ଭାରତବାସିମାନଙ୍କୁ ବିଲାତି ଲୁଗା ବଦଳରେ ସ୍ୱଦେଶଜାତ ଲୁଗା ବ୍ୟବହାରର ପ୍ରବୃତ୍ତି ଜନ୍ମାଇବା କାରଣ ଉଦ୍ୟୋଗୀ ହୋଇଅଛନ୍ତି । ଏ ଉଦ୍ୟମ ସଫଳ ହେଲେ ଅମ୍ଭମାନଙ୍କର ବିଶେଷ ଉପକାର ହେବ ସନ୍ଦେହ ନାହିଁ । କେବଳ ଲୁଗା ନାହିଁ କି ଚୀନବାସିଙ୍କ ପରି ଭାରତବାସିମାନଙ୍କର ସମସ୍ତ ବିଦେଶୀୟ ଦ୍ରବ୍ୟ ପରିତ୍ୟାଗ ପୂର୍ବକ ସ୍ୱଦେଶୀୟ ଦ୍ରବ୍ୟରେ ଆବଦ୍ଧ ରହିବା ଉଚିତ । ତାହା ନ ହେଲେ ଏ ଦେଶର ଦରିଦ୍ରତା ଘୁଞ୍ଚିବ ନାହିଁ କିମ୍ବା ଶାସନପ୍ରଣାଳୀର ଦୋଷମାନ ସଂଶୋଧିତ ହେବ ନାହିଁ । ଇଂରାଜ ଗବର୍ଣ୍ଣମେଣ୍ଟ ଅମ୍ଭମାନଙ୍କ ପ୍ରତି ନ୍ୟାୟ ବିଚାର କରିବାକୁ ସର୍ବଦା ପ୍ରସ୍ତୁତ । କେବଳ ସ୍ୱାର୍ଥପର ଇଂରାଜ ବଣିକମାନେ ଆପଣା ୨ ଲାଭ କମନ୍ତେ କେତେ ୨ ଶାସନକର୍ତ୍ତାମାନଙ୍କୁ ଅନ୍ୟାୟ ବାଟରେ ଭୁଲାଇ ନେଉଅଛନ୍ତି । ବଣିକମାନେ ସ୍ୱଜାତିର ସ୍ୱଭାବ, ଅମ୍ଭେମାନେ ଦୂରଦେଶସ୍ଥ ପରଜାତି । ପ୍ରଜା ସେମାନଙ୍କୁ ଅସ୍ଥିର କରିବାର ଅନ୍ୟ ଉପାୟ ନାହିଁ । କିନ୍ତୁ ହାତରେ ମାରିବାର ସାମର୍ଥ୍ୟ ଅଛି । ସେମାନଙ୍କର ଦ୍ରବ୍ୟ ନ ବିକିଲେ ସେମାନଙ୍କର ସ୍ୱାର୍ଥପରତା ଛାଡ଼ିଯିବ ଏବଂ ସେତେବେଳେ ସେମାନେ ମଧ୍ୟ ଅମ୍ଭମାନଙ୍କ ପ୍ରତି ନ୍ୟାୟବିଚାର କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ କରିବେ । ବିଲାତି ଦ୍ରବ୍ୟର ବ୍ୟବହାର ପରିତ୍ୟାଗ ବିଷୟରେ ସମସ୍ତଙ୍କର ଦୃଢ଼ପ୍ରତିଜ୍ଞ ହେବା ଏକାନ୍ତ ଉଚିତ । ଏଥିରେ ଯେତେ ଲାଭ ହେବ ସେତେ କ୍ଷତି ।

---

ଗତବର୍ଷ ବୈତରଣୀ ନଦୀର ପ୍ରବଳ ବନ୍ୟାରେ ବସ୍ତାଙ୍ଗ ପ୍ରଗନାର ନଦୀକୂଳବର୍ତ୍ତି ସ୍ଥାନମାନଙ୍କର ଧାନ୍ୟ ଫସଲ ଧୋଇରେ ନଷ୍ଟ ହୋଇ ଯାଇ ଥିଲା ପ୍ରଜାମାନେ ଯେ କିଛି ଧାନ ଅମଲ କରିଥିଲେ ତହିଁରେ ଦୁଇ ତିନ ମାସ ନିର୍ବାହ କରି ଶେଷରେ ଅସହ୍ୟ ଉଦରଜ୍ୱାଳାରେ ବିହନ ପର୍ଯ୍ୟନ୍ତ ଖରଚ କରି ପକାଇ ଥିଲେ ; କାନ୍ତିପୁରର ଅନ୍ୟତର ଜମିଦାର ଶ୍ରୀଯୁକ୍ତ ବାବୁ ଗୋବିନ୍ଦବଲ୍ଲଭ ରାୟ ବାହାଦୁର ମହାଶୟ ତାଙ୍କର ଉକ୍ତ ପ୍ରଗନା କଣ୍ଟିକା ତାଲୁକର ପ୍ରଜାମାନଙ୍କର ଈଦୃଶ ଦୁରବସ୍ଥା ଦେଖି ସେମାନଙ୍କୁ ପ୍ରାୟ ଦୁଇହଜାର ଟଙ୍କା ପର୍ଯ୍ୟନ୍ତ ତକାବି ଏବଂ ଆପଣାର ଅନ୍ୟାନ୍ୟ ଜମିଦାରୀରୁ ଧାନ ନେଇ ଦେଇ ଅଛନ୍ତି; ମଧ୍ୟ ତାଙ୍କର ଉକ୍ତ ତାଲୁକମଧ୍ୟରେ ଅନ୍ୟ ଯେଉଁମାନେ ଧାନର ମହାଜନ ଅଛନ୍ତି ସେମାନଙ୍କୁ ମଧ୍ୟ ଅନୁରୋଧ କରି ଆପଣା ମାତବରରେ ପ୍ରଜାମାନଙ୍କୁ ଧାନ କରଜ ଦିଆଉ ଅଛନ୍ତି ଗୋବିନ୍ଦବାବୁ ଏପରି କାର୍ଯ୍ୟଦ୍ୱାରା ରାୟ ବାହାଦୁର ପଦର ସାର୍ଥକତା ଦେଖାଇ ଅମ୍ଭମାନଙ୍କର କୃତଜ୍ଞତାଭାଜନ ହୋଇ ଅଛନ୍ତି । ଓଡ଼ିଶାରେ ଏବର୍ଷ ଅନେକ ସ୍ଥାନରେ ଅନ୍ନକଷ୍ଟ ଉପସ୍ଥିତ ହୋଇଅଛି ଯଦି ସେ ସବୁସ୍ଥାନର ଜମିଦାରମାନେ ଉପରୋକ୍ତ ରାୟ ବାହାଦୁର ମହାଶୟଙ୍କର ଅନୁକରଣ କରି ଆପଣା ୨ ପ୍ରଜାମାନଙ୍କୁ କିଛି ୨ ଧାନ କିମ୍ବା ଟଙ୍କା ସାହାଯ୍ୟ କରନ୍ତେ ତାହାହେଲେ ଗରିବ ପ୍ରଜାମାନଙ୍କର ବିଶେଷ ଉପକାର ହୁଅନ୍ତା । ଦୁଃଖର ବିଷୟ ଯେ ସମସ୍ତଙ୍କର ମନ ସମାନ ନୁହେ । ପୁଣି ଓଡ଼ିଶାର ଦୁର୍ଭାଗ୍ୟ ଏମନ୍ତ ଯେ ଅନେକ ଜମିଦାର ଆପଣା ୨ ଦୋଷରେ ସ୍ୱୟଂ ଋଣଜାଲରେ ବୁଡ଼ିରହି ଅଛନ୍ତି ପ୍ରଜାଙ୍କୁ ଋଣ ଦେବେ କେଉଁଠାରୁ ଯାହା ହେଉ ରାୟ ବାହାଦୁର ଗୋବିନ୍ଦବାବୁ ଜଣେ ଆଦର୍ଶ ଜମିଦାର ଓ ତାହାଙ୍କର ଉତ୍ସାହର ଶ୍ରୀବୃଦ୍ଧି ବାଞ୍ଛନୀୟ ।

---

କୟଦିବସପୂର୍ବେ ଅମ୍ଭମାନଙ୍କର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟସାହେବଙ୍କ କୋଠୀରୁ ପ୍ରାୟ ଦୁଇଶଟଙ୍କ ମୂଲ୍ୟର ବିଲାତି ମୁରଗୀ ଚୋରି ଯାଇଥିଲା କିନ୍ତୁ ପୋଲିସ ଚୋର ଧରି ନ ପାରିବାରୁ ସମ୍ଭବତଃ ଚୋରମାନଙ୍କର ସାହସ ଏବେ ବୃଦ୍ଧି ହୋଇଅଛି ଯେ ପୁଣି ଚଳିତମାସ ତା ୨୪ ରିଖ ରାତ୍ରିରେ ଏ ଜିଲ୍ଲାର ପୋଲିସ ସାହେବଙ୍କ କୋଠୀରୁ ଟ ୧୪।୧୫ ଙ୍କା ମୂଲ୍ୟର ଅନେକଗୁଡ଼ାଏ ଦେଶୀ କୁକୁଡ଼ା ଚୋରି ଯାଇଅଛି । ଏଥିପୂର୍ବରୁ କ୍ୟାଣ୍ଟନମେଣ୍ଟମଧ୍ୟରୁ ଅହର ଉନଜଣ ସାହେବଙ୍କ କୋଠୀରୁ ମୁରଗୀ ଓ ଅନ୍ୟାନ୍ୟ ଦ୍ରବ୍ୟମାନ ଚୋରି ଯାଇଥିଲା କିନ୍ତୁ ଆଜିପର୍ଯ୍ୟନ୍ତ ଯେତେ ଗୁଡ଼ାଏ ଚୋରି ହେଲାଣି ତହିଁମଧ୍ୟରୁ କୌଣସି ମୋକଦ୍ଦମାରେ ଅପରାଧୀ ଧରାପଡ଼ି ନାହିଁ । ବହୁଲୁଦ ଡକାଇତି ମୋକଦ୍ଦମାରେ ପୋଲିସ ଯେଉଁ ସୁଖ୍ୟାତି ଅର୍ଜନ କରିଥିଲେ ମାଜିଷ୍ଟ୍ରେଟସାହେବ ଓ ପୋଲିସ ସାହେବଙ୍କ କୋଠୀରେ ସିନ୍ଧ ହୋଇ ସୁଦ୍ଧା ତାହା ଧରା ନ ପଡ଼ିବାଦ୍ୱାରା ସେ ସୁଖ୍ୟାତି ଚରମସୀମା ଲାଭ କରିଅଛି । ହାକିମମାନଙ୍କଘରୁ ଚୋରି ହେବା ବିଚିତ୍ର ନୁହେ କାରଣ ଗତବର୍ଷ ସ୍ୱୟଂ ବଡ଼ଲାଟ ସାହେବଙ୍କ ଶୟନାଗାରରୁ ତାଙ୍କର ସହଧର୍ମିଣୀଙ୍କର ଦଶହଜାର ଟଙ୍କାର ସ୍ୱର୍ଣ୍ଣାଳଙ୍କାର ଜଣେ ସିପାହୀଦ୍ୱାରା ଅପହୃତ ହୋଇ ଥିଲା କିନ୍ତୁ ପ୍ରଭେଦ ଏତିକି ଯେ ସେ ଚୋରିଘଟଣାର ପରଦିନ ଧରାପଡ଼ିଥିଲା କିନ୍ତୁ ଏଠାଙ୍କରର ଚୋରମାନ ଧରାପଡ଼ୁ ନାହାନ୍ତି ସମ୍ଭବତଃ ଚୋରମାନେ ମୁରୁଗୀଗୁଡ଼ିକ ଚୋରି କଲାମାତ୍ରେ ଖାଇଯାଉଥିବାରୁ ମାଲ ଧରାପଡ଼ୁ ନାହିଁ କିନ୍ତୁ ମାଲ ଧରା ନ ପଡ଼ି ସୁଦ୍ଧା ଅପରାଧୀ ଧରାପଡ଼ିଲେ ଯଥେଷ୍ଟ ହୁଅନ୍ତା । ଅମ୍ଭମାନଙ୍କ ବିବେଚନାରେ କ୍ୟାଣ୍ଟନମେଣ୍ଟ ମଧ୍ୟରେ ପୋଲିସପହରାର ଯେଉଁ ବନ୍ଦୋବସ୍ତ ହୋଇଅଛି ତାହା ତହିଁର ଅଧିବାସିମାନଙ୍କ ସଂଖ୍ୟା ଓ ଔଦ୍ଧତ୍ୟ ବିବେଚନାରେ ଅତ୍ୟନ୍ତ ଅପ୍ରଚୁର ଅଟେ ଏଥିଯୋଗୁଁ ସେଠାରେ ଯେଉଁ ମାମଲା ମୋକଦ୍ଦମା ଘଟୁଅଛି, ପୋଲିସ ତହିଁରେ କୃତକାର୍ଯ୍ୟ ହୋଇ ପାରୁ ନାହାନ୍ତି

---

ଗୃଦମାଟୋଳି ଡାକଘରୁ ସେଭିଂସବ୍ୟାଙ୍କର ଟଙ୍କା ଅମ୍ଭସାତ୍ ହୋଇଥିବା ବିଷୟ ଗତସପ୍ତାହରେ ପ୍ରକାଶିତ ହୋଇଥିଲା । ଏବିଷୟ ଶୁଣି ଲୋକେ ବିସ୍ମିତ ହେଉ ଅଛନ୍ତି କିନ୍ତୁ ଗତ ଛଅମାସ ମଧ୍ୟରେ କଟକ ଡିଭିଜନର ଅନ୍ୟୂନ ପାଞ୍ଚ ଗୋଟି ଡାକଘରୁ ସରକାରୀ ଟଙ୍କା ଅପହୃତ ହୋଇ ଥିବାର ଜଣା ପଡ଼ିଅଛି । ସମହାଗର ବ୍ରାଞ୍ଚ ପୋଷ୍ଟମାଷ୍ଟର ତହବିଲ ତୋସରପାତ କରିବା ଅପରାଧରେ ତିନିବର୍ଷ ମିଆଦ ପାଇଅଛି ଓ ବାଲିଚନ୍ଦ୍ରପୁର ଓ କାଳିକୁଦାର ବ୍ରାଞ୍ଚ ପୋଷ୍ଟମାଷ୍ଟରମାନେ ଫୌଜଦାରୀ ସୋପର୍ଦ୍ଦ ହୋଇ ବିଚାରାଧୀନରେ ଅଛନ୍ତି । ଗୋବରହାଟର ବ୍ରାଞ୍ଚ ପୋଷ୍ଟମାଷ୍ଟର ଧରା ପଡ଼ିବା ମାତ୍ରେ ଆତ୍ମହତ୍ୟା କରି ତ୍ରାହି ପାଇ ଅଛି ଓ କାକଟପୁରର ବ୍ରାଞ୍ଚ ପୋଷ୍ଟମାଷ୍ଟର ବିଷୟରେ ବିଭାଗୀୟ ତଦନ୍ତ ହେଉ ଅଛି । ଡାକ ବିଭାଗର କର୍ମଚାରୀମାନେ ଦଶାଯାମିକରେ କମ ପାଉ ନ ଥିଲେ ସୁଦ୍ଧା ଅଳ୍ପ ବେତନଭୋଗୀ କର୍ମଚାରୀମାନଙ୍କ ହସ୍ତରେ ବେଶି ଟଙ୍କା ରହୁ ଥିବାରୁ ଦୁଶ୍ଚରିତ୍ର ଲୋକମାନେ ଲୋଭଗ୍ରସ୍ତ ହୋଇ ସରକାରୀ ତହବିଲ ଖରଚ କରି ପକାନ୍ତି । କିନ୍ତୁ ମନିଅର୍ଡ଼ର ଓ ସେଭିଂସ ବ୍ୟାଙ୍କର କାରବାର ଯୋଗୁଁ ଡାକଘରେ ବେଶି ଟଙ୍କା ରହିବା ଅପରିହାର୍ଯ୍ୟ । ପୂର୍ବେ ଯେଉଁ ଡାକଘରେ ପଦର

Digitized by srujanika@gmail.com

Split by PDF Splitter



ତୋଡଏ ଟଙ୍କା ବେତନରେ ଜଣେ ଲେଖାଏଁ କର୍ମଚାରୀ ରହୁଥିଲେ, ଅମ୍ଭମାନଙ୍କର ମିତବ୍ୟୟୀ ଗବର୍ଣ୍ଣମେଣ୍ଟ ବ୍ୟୟ ସଂକ୍ଷେପ ଉଦ୍ଦେଶ୍ୟରେ ସେଠାରେ ପାଞ୍ଚ ସାତ ଟଙ୍କା ବେତନରେ ଜଣେ ଲେଖାଏଁ ଲୋକ ନିଯୁକ୍ତ କରି ଦେଇ ସେହି ଡାକଘର ଗୁଡିକ "ବ୍ରାଞ୍ଚ ଅଫିସ"ରୂପେ ପରିଣତ କରି ଅଛନ୍ତି । ଏହି କର୍ମଚାରୀମାନେ ପ୍ରତ୍ୟହ ଚିଠିବିଲର କାରବାର କରନ୍ତି ପୁଣି ସ୍ଥଳ ବିଶେଷରେ ବ୍ରାଞ୍ଚ ପୋଷ୍ଟମାଷ୍ଟରମାନେ ଅଫିସ କର୍ମ ଓ ମଫସଲରେ ଚିଠି ବାଣ୍ଟିବା କର୍ମ ମଧ୍ୟ କରନ୍ତି । ପଦର ମର୍ଯ୍ୟାଦା ଓ ବେତନର ପରିମାଣରୁ କର୍ମଚାରୀମାନଙ୍କର ସମ୍ମାନ ଓ ଯୋଗ୍ୟତା ଜଣା ପଡୁଅଛି । ଏପରି ସ୍ଥଳେ ଚିଠିବିଲ ଚୋରିପାଇ ଆଶ୍ଚର୍ଯ୍ୟର ବିଷୟ ନୁହେଁ । ତେବେ ପ୍ରଭେଦ ଏତିକ ଯେ ଗବର୍ଣ୍ଣମେଣ୍ଟ ପୋଲିସ କର୍ମଚାରୀମାନଙ୍କୁ ଅଳ୍ପବେତନ ଦେଇ ଲୋକମାନଙ୍କର ରକ୍ତ ଶୋଷଣ କରିବା ନିମନ୍ତେ ପ୍ରକାରାନ୍ତରେ ଇଙ୍ଗିତ କରନ୍ତି କିନ୍ତୁ ଡାକଘରର କର୍ମଚାରୀମାନଙ୍କୁ ଅଳ୍ପ ବେତନ ଦେଇ ସରକାରୀ ଚିଠିବିଲ ଗର୍ଭସାତ୍ କରିବାର ମାର୍ଗ ଦେଖାଇ ଦେଇ ଅଛନ୍ତି ।

---

ପାଞ୍ଚସହସ୍ର ବଙ୍ଗବାସିଙ୍କ ସ୍ୱାକ୍ଷରିତ ଖଣ୍ଡିଏ ଅବେଦନପତ୍ର ବଙ୍ଗୀୟ ଲେଫ୍ଟେନାଣ୍ଟଙ୍କ ସମୀପରେ ଉପସ୍ଥିତ ହୋଇଅଛି । ତହିଁରେ ଲେଖାଅଛି ଯେ ହିନ୍ଦୁ ଦେବୋତ୍ତର ଓ ସଦାବର୍ତ୍ତ ଛଳେ ଯେ ସମସ୍ତ ସମ୍ପତ୍ତି ଦତ୍ତ ହୋଇଅଛି ତହିଁର ଉପସ୍ୱତ୍ୱ ଧର୍ମାର୍ଥ ଓ ସାଧାରଣ ହିତାର୍ଥ ବ୍ୟବହାର ବିଷୟରେ ପ୍ରଭେଦ କରିବା ଅସମ୍ଭବ । ଅତଏବ ଏ ସମସ୍ତ ସମ୍ପତ୍ତିକୁ ଜଜ କୋର୍ଟର ତତ୍ତ୍ୱାବଧାନରେ ରଖିବାର ଯେଉଁ ପ୍ରସ୍ତାବ ହୋଇଅଛି ତାହା ଧାର୍ଯ୍ୟ ହେଲେ ଦାତାମାନେ ଯେଉଁ ଉଦ୍ଦେଶ୍ୟରେ ଉକ୍ତ ସମ୍ପତ୍ତିମାନ ଦାନ କରିଅଛନ୍ତି ତାହା ସ୍ଥିର ରହି ନ ପାରି ତହିଁର ଉପସ୍ୱତ୍ୱ ଅନ୍ୟ ଅପର କାର୍ଯ୍ୟରେ ବ୍ୟୟିତ ହେବ । ସେହି ଅବେଦନପତ୍ରରେ ଅହୁରି ଲେଖାଅଛି ଯେ ପ୍ରକୃତ ପ୍ରସ୍ତାବରେ ଏ ବିଷୟରେ ଆଇନ ହେବା କେହି ଲୋଡୁ ନାହାନ୍ତି ଏବଂ ଯଦ୍ୟପି ଦେବୋତ୍ତର ସମ୍ପର୍କୀୟ ଟଙ୍କାର ଅପବ୍ୟବହାର ହେଉଅଛି ତେବେ ତହିଁର ସଂଶୋଧନ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ନ ହୋଇ ହିନ୍ଦୁମାନଙ୍କ ସାଧାରଣ ମତର ବଳରେ ହେବା ଉଚିତ ।

ଉପରଲିଖିତ ଅବେଦନ ପାଞ୍ଚସହସ୍ର ହିନ୍ଦୁଙ୍କଦ୍ୱାରା ସ୍ୱାକ୍ଷରିତ ହୋଇଥିଲେହେଁ ଅମ୍ଭେମାନେ ତାହାକୁ ଅନୁମୋଦନ କରିପାରୁ ନାହୁଁ । ଧର୍ମାର୍ଥ ସମ୍ପତ୍ତି ଅପବ୍ୟୟର ଉଦାହରଣ ନିତ୍ୟ ଲୋକଙ୍କ ଦୃଷ୍ଟି ଗୋଚରରେ ଆସୁଅଛି ଏବଂ ଅଧିକାଂଶ ଲୋକଙ୍କର ଏହି ବିଶ୍ୱାସ ଯେ ସରକାରଙ୍କ ହସ୍ତକ୍ଷେପ ବିନା ଅନ୍ୟ ପ୍ରତୀକାର ନାହିଁ । ଯେବେ ହିନ୍ଦୁ ସାଧାରଣମତ ବଳରେ ଅପବ୍ୟୟ ନିବାରଣ ହେବାର ଆଶା ତେବେ କେହି ଅନ୍ୟ ଆଇନ ଲୋଡନ୍ତେ ନାହିଁ । ଗବର୍ଣ୍ଣମେଣ୍ଟ ଏ ବିଷୟରେ ସନ ୧୮୬୩ ସାଲର ୨୦ ଆଇନ ଜାରି କରିଅଛନ୍ତି । ମାତ୍ର ତାହା ଅଯଥେଷ୍ଟ ଓ ଦୁର୍ବଳ ହେବାରୁ ଆଶାନୁରୂପ କାର୍ଯ୍ୟ ଦେଉ ନାହିଁ । ଏଣୁ ହିନ୍ଦୁ ଦେବୋତ୍ତର ବା ମୁସଲମାନ ପିରୋତ୍ତର ସମ୍ପତ୍ତିର ମଧ୍ୟ ଅସହ୍ୟ ଅପବ୍ୟୟ ହେଉଅଛି । ଏଥିର ସୁଧାର ସମ୍ବନ୍ଧରେ ଶୁଣାଯାଏ । ଅତଏବ ହିନ୍ଦୁମାନଙ୍କର ହିନ୍ଦୁ ଦେବୋତ୍ତର ସମ୍ପତ୍ତି ସମ୍ବନ୍ଧରେ ଉପଯୁକ୍ତ ଆଇନ ଜାରି କରିବାର ପ୍ରାର୍ଥନା କୌଣସି ମତେ ଅନ୍ୟାୟ ବୋଲାଯାଇ ନ ପାରେ ଏବଂ ଗବର୍ଣ୍ଣମେଣ୍ଟଙ୍କର ତହିଁରେ ମନୋଯୋଗୀ ହେବା ଉଚିତ, କାରଣ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ବିନା ଅନ୍ୟ ସହଜ ପ୍ରତୀକାର କିଛି ନାହିଁ । ଆପତ୍ତିକାରମାନେ ସେଟିକ ମନେ କରନ୍ତି ଯେ ଜଜ କୋର୍ଟଦ୍ୱାରା ଉଚିତ ରୂପେ କାର୍ଯ୍ୟ ହେବ ନାହିଁ ତେବେ ତହିଁ ପରିବର୍ତ୍ତେ ଅନ୍ୟ କିଛି ପ୍ରସ୍ତାବ କରିପାରନ୍ତି । ଫଳତଃ କୌଣସି ଆଇନ ହେଲେ ସଦାବର୍ତ୍ତ ସମ୍ପତ୍ତି ସୁରକ୍ଷିତ ହେବ ସେ କଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାର ଉଚିତ ମାତ୍ର ଆଇନ ପ୍ରୟୋଜନ ନ ଥିବାର ଆପତ୍ତି ଯଥାର୍ଥ ନୁହେ ।

---

## ଫେରିଘାଟ ଓ ଜିଲ୍ଲାବୋର୍ଡ

ଯେ ସମସ୍ତ ନଦୀଘାଟରେ ଯାତ୍ରୀଆଦି ପାରି କରିବା ସକାଶେ ସରକାରୀ ମାସୁଲ ଦେବାକୁ ହୁଏ ସେହି ସବୁର ନାମ ଫେରିଘାଟ । ଏ ସମ୍ବନ୍ଧରେ ପ୍ରାୟ ପ୍ରତିବର୍ଷ ନଜ୍ଞବତି କାଳରେ ଗୁହାରି ଶୁଣାଯାଏ ଏବଂ ଦୁଇ ଚାରି କଥା କହିବାକୁ ଅମ୍ଭେମାନେ ବାଧ୍ୟ ହେଉଁ । ସୁଖର ବିଷୟ ଯେ ଏବର୍ଷ ଜଗନ୍ନାଥଯାତ୍ରୀ ନିତାନ୍ତ ଉଣା ହେବାରୁ ଏପର୍ଯ୍ୟନ୍ତ ବହୁତ କହିବାର ଆବଶ୍ୟକ ହୋଇ ନାହିଁ । ମାତ୍ର ପଶ୍ଚାତ୍ରେ ଜିଲ୍ଲାବୋର୍ଡ ଅନାବଶ୍ୟକ ମତେ ମୋଫସଲର କେତେ ଘାଟରେ ଫେରି ଆଇନ ଜାରି କରି ଲୋକଙ୍କୁ ହଇରାଣ କରୁଥିବାରୁ ସେ ସମ୍ବନ୍ଧରେ ଦୁଇ ଚାରି କଥା କହିବାର ନିତାନ୍ତ ଆବଶ୍ୟକ ହୋଇଅଛି । ଅବଶ୍ୟ ସର୍ବସାଧାରଣଙ୍କ ସୁରକ୍ଷା ଏବଂ ସୁବିଧା ଉଦ୍ଦେଶ୍ୟରେ ସରକାର ଫେରିଆଇନ ଜାରି କରି ଅଛନ୍ତି । କେବଳ ଲୋକଙ୍କୁ କଷ୍ଟ ଦେଇ ଟିକସ ଆଦାୟ କରିବା ସକାଶେ ନୁହେ । ଏଥିପାଇଁ କୌଣସି ନଦୀ ଘାଟକୁ ଫେରିଆଇନର ଅଧୀନରେ ଆଣିବା ପୂର୍ବେ ଦେଖିବାକୁ ହେବ ଯେ ସେଠାରେ ସ୍ଥାନୀୟ ଲୋକ ଛଡ଼ା ଅନ୍ୟାନ୍ୟସ୍ଥାନର ଅନେକ ଲୋକ ଶଗଡ଼ ପାଲିକ ଓ ମହାଜନି ଦ୍ରବ୍ୟାଦି ପାରି ହୁଅନ୍ତି କି ନା । ଯେବେ ଘାଟର କାରବାର ବିସ୍ତର ହୁଏ ଓ ଲୋକଙ୍କର ନଦୀପାରିର ଅସୁବିଧା ହୁଏ ଅଥବା ଲୋକେ କଷ୍ଟ ପାଇବାର ଗୁହାରି ଶୁଣାଯାଏ ତେବେ ତହିଁର ପ୍ରତୀକାରସ୍ୱରୂପ ଫେରିଆଇନ ଜାରି କରିବା ଉଚିତ । ଏଥିରେ କେତେକ ଲୋକଙ୍କର କଷ୍ଟ ହେଲେ ମଧ୍ୟ ଅଧିକାଂଶ ଲୋକଙ୍କ ସୁବିଧାଦୃଷ୍ଟିରେ ତାହା ଉପେକ୍ଷଣୀୟ । ମାତ୍ର ଯେ ଘାଟ ଅଧିକାଂଶ କେବଳ ନିକଟବର୍ତ୍ତୀ ଗ୍ରାମବାସିଙ୍କ ଦ୍ୱାରା ବ୍ୟବହାର ହୁଏ ଏବଂ ବାହାର ଲୋକଙ୍କର ଗମନାଗମନ ଅତି ବିରଳ, ଶଗଡ଼, ପାଲିଙ୍କି ଇତ୍ୟାଦି ପ୍ରାୟ ପାରି ହୁଏ ନାହିଁ ସେଠାରେ ସରକାରୀ ଘାଟ ବସାଇବା ଗ୍ରାମବାସିଙ୍କ ଅସୁବିଧା ଓ କ୍ଷତି କରାଇବା ଭିନ୍ନ ଆଉ କିଛି ବୋଲାଯାଇ ନ ପାରେ । ଲୁଣନଦୀ ଓ ପାଇକାଘାଟ ଗତବର୍ଷ ବସିବାରୁ ଯେତେ ଅନିଷ୍ଟ ଅନ୍ୟାୟ ହୋଇଅଛି ତାହା ଗତବର୍ଷ ଅମ୍ଭେମାନେ ବିସ୍ତାରିତ ରୂପେ ଜଣାଇ ଅଛୁଁ । ଏବର୍ଷ ସେହି କଷ୍ଟ ଅନୁଭବ ହେଉଅଛି ଏବଂ ଲୋକେ ସରକାରୀ ଘାଟ ଛାଡ଼ି ଅନ୍ୟଠାରେ ପାରି ହେବା ପାଇଁ ବାଧ୍ୟ ହୋଇ ଦୁଇ ଏକ କୋଶ ବାଟ ବୁଲୁ ଅଛନ୍ତି । ଯେବେ ସରକାରୀଘାଟ ସୁବିଧାଜନକ ହୋଇଥାନ୍ତା ତେବେ ସେମାନେ ଏପରି ଉତ୍ପାତ କରନ୍ତେ ନାହିଁ କାରଣ ସେଥିବାଟ ଘୁରି ବୁଲି ଯିବାର କଷ୍ଟ ଓ କ୍ଷତି ଅଳ୍ପ ନୁହେ । ଅନ୍ୟପକ୍ଷେ ଲୋକେ ପାରି ହେବାରୁ ଇଜାରଦାରର କ୍ଷତି ହେଉଅଛି ଏବଂ ତହିଁର ପ୍ରତୀକାର ନିମନ୍ତେ ସେ ଗୁହାରି କରୁଅଛି । ଆଇନବଳରେ ସରକାର ଯେଉଁ ବାଟେ ଇଚ୍ଛା ଲୋକଙ୍କୁ ସେ ବାଟେରେ ଚଲାଇ ପାରନ୍ତି ମାତ୍ର ଯେବେ ତଦ୍ଦ୍ୱାରା ଲୋକଙ୍କର

Digitized by srujanika@gmail.com

Split by PDF Splitter



ଅଧିକ ଅସୁବିଧା ଓ ବ୍ୟୟ ହୁଏ ତାହା ହେଲେ ସରକାରଙ୍କର ସେ କାର୍ଯ୍ୟକୁ ନ୍ୟାୟସଙ୍ଗତ ବୋଲିଯାଇ ନ ପାରେ । ସ୍ଥାନବିଶେଷର ଲୋକଙ୍କ ଅବସ୍ଥା ପ୍ରୟୋଜନ ଓ ଅଭାବ ବିବେଚନା କରି କାର୍ଯ୍ୟ କରିବା କାରଣ ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତିତ ହୋଇ ଜିଲ୍ଲା ଓ ସ୍ଥାନୀୟ ସମିତିମାନ ସ୍ଥାନୀୟଲୋକଙ୍କ* ଦ୍ୱାରା ଗଠିତ ହୋଇଅଛି । ଅତଏବ ସକଳଦିଗ ଉତ୍ତମରୂପେ ବିବେଚନା କରି ଯେଉଁଠାରେ ସରକାରୀଘାଟ କରିବାର ଆବଶ୍ୟକ ସେଠାରେ କଲେ କାହାର ଆପତ୍ତି ହେବ ନାହିଁ ଅନ୍ୟାନ୍ୟ ଗ୍ରାମବାସୀମାନଙ୍କର ଅଧିକା ସୁବିଧା ନ କରି କେବଳ ଅଧିକ ଟିକସ ଦେବାକୁ ବାଧ୍ୟ କରିବା ଓ ତାହା ନ ହେଲେ ଘାଟ ବାଟରୁ ସେମାନଙ୍କୁ ବଞ୍ଚିତ କରିବା ଅବିଚାର ଛଡ଼ା ଅନ୍ୟ କିଛି ବୋଲିଯାଇ ନ ପାରେ । ଭରସା କରୁଁ ବୋର୍ଡର ସଭ୍ୟମାନେ ଏ କଥାମାନ ମନୋଯୋଗ ପୂର୍ବକ ବିଚାର କରିବେ ।

---

### ଯାଜପୁର ନଦୀବଢ଼ି ।

ବୈତରଣୀ, ବୁଢ଼ା ଓ ଖରସ୍ରୁଆନଦୀର ପ୍ରବଳ ବନ୍ୟାହେତୁ ଏ ସବ୍‌ଡିଭିଜନ ଇଲାକା ଯେଉଁ ଯେଉଁ ସ୍ଥାନରେ ହୃଦୟବିଦାରକ ଘଟନା ହୋଇ ଲୋକମାନଙ୍କର ସର୍ବନାଶ ହୋଇଅଛି ତହିଁର ସଂକ୍ଷେପ ବିବରଣ ନିମ୍ନରେ ପ୍ରକାଶ କରୁଅଛୁଁ । ବୈତରଣୀ, ବୁଢ଼ା, ଖରସ୍ରୁଅ ଓ ବ୍ରାହ୍ମଣୀ ନଦୀକନାରେ ବିଶେଷ କୌଣସି ବନ୍ଧ ନ ଥିବାରୁ ବଢ଼ିଜଳ କୂଳ ଉଛୁଳି ଉଭୟପାର୍ଶ୍ୱର ବିଲ ଖାଲମାନଙ୍କରେ ପ୍ରବେଶ ହୋଇ ସମୁଦ୍ରଆଡ଼େ ବହିଯାଉଥିଲା ସେଥିରେ କୃଷିଜମିରେ ପଟୁ ପଡି ଉତ୍ତମ ଫସଲ ଉତ୍ପନ୍ନ ହେଉଥିଲା ମାତ୍ର ଆଜକୁ ପ୍ରାୟ ତିନିବର୍ଷ ହେବ ପବ୍ଲିକ୍‌ୱାର୍କ୍‌ଡିପାର୍ଟ୍‌ମେଣ୍ଟରୁ ଯାଜପୁର କେନାଲରୁ କେତେକ ଗୋଟି ଶାଖାନାଳ ହେବାରୁ ବୈତରଣୀନଦୀର ଡାହାଣପାର୍ଶ୍ୱ ଓ ବୁଢ଼ା ଖରସ୍ରୁଅ ନଦୀର ବାମପାର୍ଶ୍ୱରେ ଏକ ଏକ ବୃହତ୍ ବନ୍ଧ ଦିଆଗଲା ଓ ବେଙ୍ଗାପ୍ରଭୃତି ଶାଖାନଦୀର ମୁହଁ ବନ୍ଦ କରି ଦେବାରେ ବଢ଼ିଜଳ ଅପରପାର୍ଶ୍ୱର କୂଳଉଛୁଳି ଏକବାରେ କେତେକ ଗୋଟି ଗ୍ରାମ ଭସାଇ ନେଇଯାଇ ଅଛି ମଧ୍ୟ ସ୍ରୋତର ପ୍ରାବଲ୍ୟହେତୁ କୂଳ ପାର୍ଶ୍ୱରେ ଥିବା କେତେକ ସ୍ଥାନର ଧାନ୍ୟ କ୍ଷେତ୍ରମାନଙ୍କରେ ଧାନଗଛର ନାମ ନ ଥାଇ ବୃହତ୍ ବୃହତ୍ ଗର୍ତ୍ତ କରି ପକାଇଅଛି ।

ବୈତରଣୀ ଓ ବୁଢ଼ାନଦୀର ସଂଯୋଗସ୍ଥଳ ଅର୍ଥାତ୍ ବୁଢ଼ିଆ ମୌଜାର ଯେଉଁଠାରେ ହାଇଲେବଲ କେନାଲର ଲକ ଅଛି ସେହିଠାରୁ ବୁଢ଼ାନଦୀର ବାମପାର୍ଶ୍ୱରେ ମୋକେଇପୁରଠାରୁ ଏକ ବୃହତ୍ ବନ୍ଧ ଉକ୍ତ ନଦୀର କୂଳେ କୂଳେ ଯାଇ କମଳପୁର ନିକଟ ଯେଉଁଠାରେ ବୁଢ଼ା ଖରସ୍ରୁଅ ନଦୀସହିତ ମିଳିତ ହୋଇଅଛି ସେହିଠାରୁ ଖରସ୍ରୁଅବନ୍ଧ ନାମ ଧାରଣ କରି କେସାଣିଆ ପ୍ରଗନାମଧ୍ୟ ଦେଇ ଯାଇଅଛି । ଅପର ବୈତରଣୀ ନଦୀର ମାଳ ଆନନ୍ଦପୁର ନିକଟରୁ ଯାଜପୁରପର୍ଯ୍ୟନ୍ତ ଯେଉଁ କେନାଲ ଆସିଅଛି ଉକ୍ତ କେନାଲବନ୍ଧ ଓ ବୈତରଣୀ ନଦୀମଧ୍ୟରେ ଥିବା ମାଳ ଆନନ୍ଦପୁର ପିତଳପୁର ଲକ୍ଷ୍ମଣପୁର ସୁନ୍ଦରପୁର ଗଣେଶ୍ୱରପୁର ତଏଳପୁର ଗୋପାଳପୁର ବଙ୍କାଣ ଓ ଅକୋଲା ଓ ବୁଢ଼ାନଦୀ ଏବଂ ତାହା ବନ୍ଧମଧ୍ୟରେ ଥିବା ମୋକେଇପୁର ଗୁରୁଦାସପୁର କମାଗଡ଼ ବିଦ୍ୟାଧରପୁର ଗଣେଶ୍ୱରପୁର ଟିପୁରା ପ୍ରଭୃତି ଅନେକ ଗ୍ରାମ ଅଛି ଗତ ସପ୍ତାହରେ ଯେଉଁ ନଦୀବଢ଼ି ହୋଇଯାଇଅଛି ସେଥିରେ ବୈତରଣୀ ଓ ବୁଢ଼ାନଦୀର ଜଳ ଉକ୍ତ ବନ୍ଧପର୍ଯ୍ୟନ୍ତ ଲାଗିବାରୁ ଉପରୋକ୍ତ ଗ୍ରାମମାନଙ୍କ ମଧ୍ୟରେ ଫୁ ୬।୭ ଟ ଉଚ୍ଚରେ ଜଳ ହୋଇ ନଦୀତୁଲ୍ୟ ସ୍ରୋତ ବହିବାରୁ ଗ୍ରାମବାସୀମାନେ କେବଳ ଆପଣା ଆପଣା ପ୍ରାଣ ନେଇ ପଳାଇ ଆସି କେନାଲ ଓ ନଦୀବନ୍ଧରେ ପଡିରହି ପ୍ରାଣ ରକ୍ଷା କରୁଅଛନ୍ତି । ଅଧିକାଂଶ ଲୋକଙ୍କର ଘରର ଚିହ୍ନ ମାତ୍ର ନାହିଁ ଆଉ କେତେକ ଲୋକର କାନ୍ଥ ପଡିଯାଇ କେବଳ ଛପର ମାତ୍ର ଅଛି ଆଉ ଯେଉଁ ଅଳ୍ପ ଲୋକଙ୍କର ଘର ଅଛି ତାହାର ତଳି ଆର୍ଦ୍ର ହୋଇ ଲୋକମାନଙ୍କର ବାସର ଅଯୋଗ୍ୟ ହୋଇଯାଇଅଛି । ବର୍ତ୍ତମାନ ଯେଉଁମାନେ ନଦୀବନ୍ଧ ଉପରେ ପଳମାର ରହିଅଛନ୍ତି ସେମାନଙ୍କର ଯଥାସର୍ବସ୍ୱ ନଦୀସ୍ରୋତରେ ଭାସି ଯାଇଥିବାରୁ କଣ ଖାଇ ଜୀବନଧାରଣ କରିବେ ଏପରି କିଛି ଉପାୟ ନାହିଁ ।

ଖରସ୍ରୁଅ ନଦୀର ବାମପାର୍ଶ୍ୱସ୍ଥ ବନ୍ଧ କମଳପୁର ଓ ସୁଆର ମୌଜା ନିକଟରେ ହଠାତ୍ ଫୁ ୫୦୦ ଟ ଲମ୍ବାରେ ଭାଙ୍ଗିଯିବାରୁ ଉକ୍ତ ବନ୍ଧ ତଳରେ ଥିବା ଘ ୧୪।୧୫ ର ପ୍ରଜା ମାନଙ୍କର ଘର ଗୋରୁ ମନୁଷ୍ୟ ଏବଂ ଜମିନିକଟରେ ହଳ କରୁଥିବା ହଳଆ ଓ ବଳଦସହିତ କେଉଁଆଡ଼େ ଭାସିଯାଇଅଛନ୍ତି ଆଜପର୍ଯ୍ୟନ୍ତ ତାହାର ଠିକଣା ମିଳୁ ନାହିଁ ତେବେ ବନ୍ଧ ଭାଙ୍ଗିବା ବେଳେ କେତେକ ଲୋକ ଛପର ଉପରେ ଚଢ଼ି ଭାସିଯାଉଥିବା ସମୟରେ ଡାକପକାଉଥିବାର ଲୋକେ ଦୂରରୁ ଦେଖିଅଛନ୍ତି ଏହିପରି କେତେ ଅନ୍ତର କେତେ ଗୋରୁ ଛେଳି ମେଣ୍ଢା ଓ ମନୁଷ୍ୟଆଦି ମରି ଭାସିଯାଇଅଛନ୍ତି ତାହାର ସଂଖ୍ୟା ନାହିଁ ।

ଏତଦ୍ ଭିନ୍ନ ବ୍ରାହ୍ମଣୀ ଓ ଖରସ୍ରୁଅ ମଧ୍ୟବର୍ତ୍ତି ଗ୍ରାମମାନ ଆଜପର୍ଯ୍ୟନ୍ତ ଜଳରେ ବୁଡିରହିଥିବାରୁ ସେଠାର କୌଣସି ବିଶେଷ ସମ୍ବାଦ ପାଇ ନାହୁଁ, ଆଗାମୀ ସପ୍ତାହରେ ସେଥିର ସଠିକ ସମ୍ବାଦ ଜଣାଇବୁଁ ।

ବର୍ତ୍ତମାନ ଆମ୍ଭମାନଙ୍କର ଶ୍ରୀଯୁକ୍ତ କଲେକ୍ଟର ସାହେବ ବାହାଦୁରଙ୍କ ଠାରେ ବିନୀତଭାବରେ ପ୍ରାର୍ଥନା ଯେ ସେ ଏସମୟରେ ଏଅଞ୍ଚଳର ଅନ୍ନକଷ୍ଟ ପ୍ରପୀଡିତ ଜଳପ୍ଲାବିତ ବାସଗୃହ ବିବର୍ଜିତ ସ୍ଥାନମାନଙ୍କର ନିଃସହାୟ ଗରିବପ୍ରଜାମାନଙ୍କର ଦୁରବସ୍ଥା ସ୍ୱଚକ୍ଷୁରେ ଦେଖି ସେଥିର ପ୍ରତିକାର କରନ୍ତୁ ।

---

## ସାପ୍ତାହିକ ସମ୍ବାଦ ।

କଟକ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ରାଜକିଶୋର ଦାସ ବନ୍ୟା ହେତୁ ଲୋକଙ୍କ ଦୁରବସ୍ଥା ତଦାରଖ ନିମନ୍ତେ ଯାଜପୁର ଅଞ୍ଚଳକୁ ଗମନ କରିଅଛନ୍ତି ।

କଟକର କଲେକ୍ଟର ମାନ୍ୟବର ଶ୍ରୀଯୁକ୍ତ ସିଡନ୍ହମସାହେବ ତଦନ୍ତ ଗମନ କରିଅଛନ୍ତି ।

### କଲିକତା-ଗେଜେଟ ।

ମିଃ ଏଚ୍, ପି ବାଇଲି ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ଅନୁଗୁଳର ଡେପୁଟିକମିଶନର ପଦରେ ନିଯୁକ୍ତ ହେଲେ ।

ଅନୁଗୋଳର ଅଫିସିଏଟିଂ ପୋଲିଟିକାଲ ସୁପ୍ରିଣ୍ଟେଣ୍ଡେଣ୍ଟ କେନ୍ଦୁଝରର ଗଭର୍ଣ୍ଣମେଣ୍ଟଏଜେଣ୍ଟପଦରେ ନିଯୁକ୍ତ ହେଲେ ।

କଟକର ଶିକ୍ଷା ବିଭାଗସ୍ଥ ଦକ୍ଷିଣ ସବ୍ ଇନ୍‌ସ୍ପେକ୍ଟର ବାବୁ ଯଦୁନାଥ ରାୟ ତିନିମାସର ଛୁଟିପ୍ରାପ୍ତ ହେଲେ ଓ ଇନ୍‌ସ୍ପେକ୍ଟର ଅଫିସର ୨ୟ କିରାଣୀ ବାବୁ ଯୋଗେନ୍ଦ୍ରନାଥ ବାନାର୍ଜୀ ତାଙ୍କସ୍ଥାନରେ ୭ମ ଶ୍ରେଣୀରେ ଅସ୍ଥାୟୀଭାବରେ ନିଯୁକ୍ତ ହେଲେ ।

କଟକର ଅଫିସିଏଟିଂ ଜଜ ମିଃ ଏଫ୍, ଇ, ପାର୍ଗିଟର ୧ମ ଗ୍ରେଡ଼କୁ ଉନ୍ନତିପ୍ରାପ୍ତ ହୋଇଅଛନ୍ତି ।

---

ଭାରତ ମହାସଭାର ଅଧିବେଶନ ହେବାକୁ ଯେଉଁମାନେ ଯାଇଅଛନ୍ତି ସେମାନଙ୍କ ମଧ୍ୟରୁ ଶତକଡ଼ା ନ ୯୬ ଜଣ ହିନ୍ଦୁ ଅଧିବେଶନ ଗଣନାଦ୍ୱାରା ସ୍ଥିର ହୋଇଅଛି ମୁସଲମାନ ଅଧିକ ବୋଲି ସେମାନଙ୍କର ଯାହା ଧାରଣା ଅଛି ତାହା ସତ୍ୟ ନୁହଇ । ତଥାପି ଏହା ଯେ ରାଜଭକ୍ତି ବିପଦସଙ୍କୁଳ ଏବଂ ରାଜଦ୍ରୋହିକ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ସେହି ଦେଶରେ ଅଣ୍ଟୋମାର୍କୀଠାରେ ଯେଉଁ ବନ୍ଧନସ୍ତୂପ ଅଛି ତାହା ସମୁଦ୍ର ପତ୍ତନଠାରୁ ୧୬୦୫୦ ଫୁଟ ଉଚ୍ଚ ଅଟେ ।

ଏକ ବିଲାତ ଖବରକାଗଜରେ ଲେଖାଅଛି ଛାଡପତ୍ର ଦେବା ସମ୍ବନ୍ଧୀୟ ମୋକଦ୍ଦମାମାନ ଅଧିକାଂଶ ବିବାହ ଲଗ୍ନରୁ ଷଷ୍ଠ ଓ ସପ୍ତମ ବର୍ଷରେ ହୁଅଇ ।

ବନ୍ଧକୋବି କୋବ ଖାଇଲେ ନିଶା ଛାଡିଯାଏ । ମିଶରଦେଶବାସିମାନେ ଭୋଜନ କରିବା ଆଗରୁ ମଦର ପାନ କରିବାର ଇଚ୍ଛା କଲେ ସର୍ବାଗ୍ରେ କୋବ ଖାଆନ୍ତି ଏବଂ ନିଶା ଛଡାଇବାର ଯେତେ ଔଷଧ ପ୍ରସ୍ତୁତ ହୁଅଇ ତହିଁ ମଧ୍ୟରୁ ଅନେକ ଔଷଧରେ କୋବମଞ୍ଜିର ରସ ଅଛି ।

ହାବଡାର ସ୍ଥଳପଥଠାରେ ଗତମାସ ତା ୧୮ ରିଖ ଘୂର୍ଣ୍ଣିବାୟୁରେ ପ୍ରବଳ ତୋଫାନ ହୋଇଥିବାର ସମ୍ବାଦ ମିଳଇ ଏମନ୍ତ କି ଅନେକ ଘରର ଖପରଲମାନ ଉଡ଼ିଯାଇ ଦୂର ପଡ଼ି ପଡ଼ିଅଛି । ଅନେକ ବୃକ୍ଷ ମଧ୍ୟ ଉପୁଡ଼ି ପଡ଼ିଥିବାର କଥିତ ହୁଏ । ସେହିଦିନ ସେହି ସମୟରେ ରଙ୍ଗୁନସାରେ ଫି ୫୦ ଟ ଇଞ୍ଚ ଏକ ଜଳସ୍ତମ୍ଭ ପଡ଼ିଥିଲା । ଏହା ଅର୍ଦ୍ଧମିନିଟ କାଳ ସ୍ଥାୟୀ ହୋଇ ଦକ୍ଷିଣପୂର୍ବଠାରୁ ଉତ୍ତରପଶ୍ଚିମକୁ ଗତି କରି ଗୋଟିଏ ବୋଟ ଓଲଟାଇ ପକାଇ ଫାଟକ ଫାଟିଯିବା ସମୟରେ ଏଥିରୁ ପ୍ରଚୁର ଜଳ ବାହାରିଥିଲା ।

ସମ୍ବଲପୁରଠାରୁ ମର୍ଲିଘାଟ ପର୍ଯ୍ୟନ୍ତ ରେଲବାଟ ନିର୍ମାଣ କରିବାର ଭୂମିଷ୍ଠା ପ୍ରସ୍ତାବ କରୁଅଛନ୍ତି । ଏହି ରେଲବାଟରୁ ଢାସକଢ ପର୍ଯ୍ୟନ୍ତ ଅଳ୍ପ ଏକ ଶାଖା ରେଲବାଟ ନିର୍ମିତ ହେବ ।

ବିହାରପ୍ରଦେଶ ବାଙ୍କିପୁର ନିବାସୀ ବାବୁ ଗୌରୀ ସହାୟ ଶିବସହାୟଙ୍କ କନ୍ୟାର ପାଣିଗ୍ରହଣ କରିବାର ସମ୍ବାଦ ମିଳଇ । ଏ ବିବାହ ଘଟୋଇଠାରେ ଗତ ଜୁଲାଇମାସ ତା ୮ ରିଖରେ ସମ୍ପନ୍ନ ହୋଇଅଛି । ବର କନ୍ୟା ଉଭୟେ ପଣ୍ଡିମା କାୟସ୍ଥ ଏବଂ ହିନ୍ଦୁ ବିଧି ଅନୁସାରେ ବିବାହ କର୍ମ ସମ୍ପନ୍ନ ହୋଇଥିବାର ଜଣାଯାଏ ।

ପିଥାଟସ ନାମଧାରୀ ଯେଉଁବ୍ୟକ୍ତି ତିବ୍ବତ ପ୍ରଦେଶରେ ଭ୍ରମଣ କରି ଫେରି ଆସିଅଛନ୍ତି ତାଙ୍କୁ ଭାରତ ଗବର୍ଣ୍ଣମେଣ୍ଟ ଏକସହସ୍ର ମୁଦ୍ରା ଏବଂ ଗୋଟିଏ ପଦକ ପୁରସ୍କାର ସହିତ ରାୟ ବାହାଦୂର ପଦ ପ୍ରଦାନ କରିଅଛନ୍ତି । ଏ ମହାଶୟ ସନ ୧୮୭୧ ମସିହାରୁ ଛଦ୍ମବେଶରେ ତିବ୍ବତ ଦେଶରେ ଭ୍ରମଣ କରି ଭୂଗୋଳର ଅନେକ ବୃତ୍ତାନ୍ତ ଅବଗତ ହୋଇ ଅଛନ୍ତି । ସେ ପ୍ରଥମେ ଦାର୍ଜିଲିଂଠାରୁ ସିକିମକୁ ଯାଇ ସେଠାରୁ ପଶ୍ଚିମ ତିବ୍ବତକୁ ଯାଇ ସେଠାର ଗଭୀର ହ୍ରଦ ଓ ଅଜ୍ଞାନର ନଦୀମାନଙ୍କର ଉତ୍ପତ୍ତି ଆଦି ଅବଗତ ହେଲେ । ସନ ୧୮୮୦ ମସିହାରେ କପ୍ତାନ ଡିମ୍ମଟନ ସାହେବ ଏବଂ ତାଙ୍କର ପରବର୍ତ୍ତୀ ପରିବ୍ରାଜକମାନେ ଯେଉଁ ଅଞ୍ଚଳଗୁ ତତ୍ତ୍ୱମାନ ଅବଗତ ହୋଇଥିଲେ ଏହାଙ୍କ ଭ୍ରମଣରେ ସେମାନ ଅନେକ ସଂଶୋଧିତ ଓ ସଂଲଗ୍ନ ହୋଇ ନୂତନ ନକସା ପ୍ରସ୍ତୁତ ହୋଇଅଛି ।

ଏକ ବିଲାତ କାଗଜରେ ଲେଖାଅଛି ଯେ ଜେବସ୍ପ ବର୍ଷକେ ୧୫୭୭୮୦୦୦୦ ଅର୍ଥ ପାଉଣ୍ଡ ହୁଅନ୍ତି ଏବଂ ତହିଁର ତଳ ୫୫୫୮ଟି ସ୍ଥାନର ପରିଭ୍ରମଣ କରଇ ।

## ସାପ୍ତାହିକ-ସମ୍ବାଦ ।

ଗତ ସପ୍ତାହର ପ୍ରବଳ ବନ୍ୟା ଓ ଜଳ ବୃଷ୍ଟି ହେତୁରୁ ସଦର ଡାକ ବନ୍ଦ ଓ କେନ୍ଦ୍ରାପଡ଼ା, ଜାଜପୁର, ଭଦ୍ରକ, କଟକ ଆଦି ଡାକମାନ ଏଠାରେ ପହଞ୍ଚିବାକୁ ପୂର୍ବଦିନ ବିଳମ୍ବ ହୋଇଅଛି ଅଥବା କେତେକ ଦିନ କେବଳ ଓ ବନ୍ୟା ହେତୁରୁ ଏତେ ଦିନମଧ୍ୟରେ ଡାକ ପହଞ୍ଚିବାର ଦେଖା ନ ଯାଏ ।

ଧର୍ମଶାଳା ଥାନା ଇଲକା ତର୍ପଣ ଗ୍ରାମ ନିବାସୀ ଗୌରୀ ସାବତ୍ରବର୍ଷର ନ୍ୟୂନ ଗୋଟିଏ ପାପିଷ୍ଠ ଉକ୍ତ ଗ୍ରାମର ଗୁଲୁମ ନାମକ ସେବକ ସହୁ ସାମାନ୍ୟ କାରଣ ନେଇ କରିଥିବା ଅପରାଧରେ ଧର୍ମଶାଳାର ପୁଲିସ କର୍ତ୍ତୃକ ଧୃତ ହୋଇ ତାହାର କ ୧୩ ଶ ବୟସ ଥିବାର ଲେଖି ଚାଲାଣ ଦେଇଥିଲେ ମାତ୍ର ଉକ୍ତ ଅସାମୀକୁ କୋର୍ଟରେ ହାଜର କରାଇବା ପରେ ଶ୍ରୀଯୁକ୍ତ ସତ୍ୟବାଦୀ ମାଜିଷ୍ଟ୍ରେଟଙ୍କ ନଜରରେ ତାହାର ବୟସ ପ୍ରଶ୍ନ ବିଶେଷ ସନ୍ଦେହ ହେଲା ପରି ସେ ଆସିଷ୍ଟାଣ୍ଟ ସର୍ଜ୍ଜନଙ୍କଦ୍ୱାରା ଉକ୍ତ ଅସାମୀକୁ ପରୀକ୍ଷା କରାଇବାରେ ପ୍ରକୃତରେ ତାହାର ସାତବର୍ଷ ବୟସର ନ୍ୟୂନ ଥିବାର ପ୍ରମାଣ ହେବାରୁ ଦଣ୍ଡବିଧି ଆଇନର ୪ର୍ଥ ଅଧ୍ୟାୟ ବର୍ଜିତ ଦଫା ମଧ୍ୟରେ ତାହାର କିମ୍ବା ଅପରାଧ ନଥିଲେ ନ ଅଧିକାରୁ ଆଉ ନିକଟ ଦମ ଦସ୍ତୁର ନ କରି ଅସାମୀ ବାଳକକୁ ଖଲାସ ଦେଇ ଅଛନ୍ତି ମାତ୍ର ଯେଉଁ ପୁଲିସ ଅଫିସରଙ୍କ ଅନୁମାନ ଶକ୍ତି ଏତେଦୂର ପ୍ରବଳ ଯେ ସେ ସାତବର୍ଷର ନ୍ୟୂନ ବାଳକର ବୟସ କ ୧୩ ଶ ଅନୁମାନ କରି ମାଜିଷ୍ଟ୍ରେଟଙ୍କଠାରୁ ଉପଯୁକ୍ତ ଦେଇଥିବା ସ୍ଥଳେ ମଫସଲରେ ଯେ କିରୂପ ତଦାରଖ ଆଦି କାର୍ଯ୍ୟ ନିର୍ବାହ କରୁଅଛନ୍ତି ତାହା ପାଠକବର୍ଗ ଅନୁମାନ କରିବେ ।

ଗତ ସୋମବାରଠାରୁ ଝଡ଼ ଅଳ୍ପ ହୋଇ ପୁନ ଉତ ବାହରେ ଘ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ଜଳ ବର୍ଷା ହୋଇ ନ ଥିଲା । ବ୍ରାହ୍ମଣୀ ଓ ବୈତରଣୀ ନଦୀ ପ୍ରବଳ ବେଗରେ ବୃଦ୍ଧି ହେବାରୁ ଗ୍ରାମ ଅଧିବାସୀଙ୍କ ବିଶେଷ ବିଳମ୍ବ ଘଟିଥିଲା ।

ଝଡ଼ ବୃଷ୍ଟି ଓ ବନ୍ୟା ହେତୁରୁ ମଫସଲରୁ ଗାଡ଼ିଗାଡ଼ି ଅମଦାନୀ ହୋଇ ନ ପାରିବାରୁ ବଜାରରେ ଚାଉଳ ଦୁର୍ମୂଲ୍ୟ ହୋଇଅଛି । ଏବେ ଅଳ୍ପଦିନ ସମୟ ସାଧାରଣରେ ଚାଉଳ ଟଙ୍କାକୁ ସେ ୮ ର ହୋଇଥିଲା । ବର୍ତ୍ତମାନ ଦୋକାନମାନେ ଫି ସେର ଟ ୵୬ ଠାରୁ ଟ ୦ ୵ ପର୍ଯ୍ୟନ୍ତ ବିକ୍ରୀ କରିବାକୁ ଦୃଷ୍ଟ କରୁ ନାହାନ୍ତି ।

ବୈତରଣୀନଦୀର ଦକ୍ଷିଣପାର୍ଶ୍ୱସ୍ଥ ଜଙ୍ଗଲରେ ମାଟିଖୋଳାରେ ନିମନ୍ତେ କୁଲିମାନେ ନଦୀପାରି ଜଙ୍ଗଲକୁ ଗ୍ରାମ ୨ ଘଣ୍ଟା ଉର୍ଦ୍ଧ୍ୱ ଗଣ୍ଡାରେ ନୌକା ଯୋଗେ ମାଟି ନେଉଥିଲେ, ନଦୀ ବୃଦ୍ଧି ହେବାରୁ ଉକ୍ତ ନୌକାମାନ ଜଳରେ ବୁଡ଼ିଯାଇ ଥିଲା, ଉ-ମାନଙ୍କର ନିବାସୀ ଜଣେକ ଯୁବକ ସାନ୍ତରେ ଜଳ କରୁଥି-ବା ସମୟରେ ହଠାତ୍ ତାହାର ଗୋଡ ଖସିଯିବା ଓ ସେ ସନ୍ତରଣ ଜାଣି ନ ଥିବାରୁ ଜଳମଗ୍ନ ହୋଇ ପ୍ରାଣ ହରାଇ ଅଛି ; ନଦୀ ପାର ହେବା ପୂର୍ବପାଶରେ ଏପରି ନୌକା ଥିବା ବଡ଼ ବିପୁଳ କାରଣ ଅଟେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅସ୍ମେ-ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ ।

ମହାଶୟ ! ନିମ୍ନଲିଖିତ ହେତେକ ପଂକ୍ତିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକେଇପାର୍ଶ୍ୱରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଗତ ତା ୨୪ ରିଖରେ ଏ ଅଞ୍ଚଳସ୍ଥ ବଡ଼ ବ୍ରାହ୍ମଣୀ ନଦୀ ବନ୍ୟାଜଳ ଦ୍ୱାରା ବୃଦ୍ଧି ପ୍ରାପ୍ତ ହେଲେହେଁ ଲୋକମାନଙ୍କ ମନ ଏତାଦୃଶ ଶଙ୍କା-କୂଳ ହୋଇ ନ ଥିଲା କିନ୍ତୁ ତା ୨୫ ରିଖ ପୂର୍ବାହ୍ନରୁ ଏପରି ଭୀଷଣ ମୂର୍ତ୍ତି ସହିତ ବଢ଼ିବାକୁ ଲାଗିଲା ଯେ ଦେଖି ସମସ୍ତ ଲୋକମାନେ ଭୀତ ଏବଂ କିଂକର୍ତ୍ତବ୍ୟ ବିମୂଢ଼ ହେଲେ । ଉକ୍ତ ଦିନକୁ ପ୍ରବଳ ବାତ୍ୟା ସ୍ରୋତ ଯାନ ବାହନ ସହିତ ଦର୍ଶନ ଦେଇ କ୍ରମାଗତ ବଳ ବୃଦ୍ଧି ଘରୁ ବାହାରି ସ୍ଥିରତା ବାହାର କରି ଦେଇ ନ ଥିଲା ତଦନନ୍ତର ଏ ଭୀଷଣ କାଣ୍ଡ ଉପସ୍ଥିତ । ଅଳ-ଠାରୁ ପଞ୍ଚାନୂଶୀଇ ଆଦି ପର୍ଯ୍ୟନ୍ତ ପ୍ରାୟ ସମସ୍ତ ଗ୍ରାମ ଜଳ ପୂର୍ଣ୍ଣ । ଅଧିକନ୍ତୁ ପଞ୍ଚାନୂଶୀଇ ଅଧି-ହୃତ ଗ୍ରାମ (ବାଲିପଡ଼ା, ନୟାଗାଁ, ବଙ୍ଗାଳଭିଥ, ଏବଂ ହସଣଅଣ୍ଡା ) ବାସିମାନେ ଘର, ଦ୍ୱାର, କଂସା, ବାସନ, ଧାନ ଏବଂ ଚାଉଳ ପ୍ରଭୃତି ଯାବତୀୟ ସର୍ବସ୍ୱ ହରାଇ ସ୍ତ୍ରୀ ବାଳକ ବାଳିକା ଆଦି ଆତ୍ମୀୟମାନଙ୍କ ସଙ୍ଗେ ଯେନ ତେନ ଜଳମଗ୍ନ ଅର୍ଦ୍ଧ କଳେବରରେ କେହି ବା ଗୃହର ଛପର ଉପରେ ଦଣ୍ଡାୟମାନ ପୂର୍ବକ ବିକଳ ଚିତ୍ତ ଓ କରୁଣ ସ୍ୱରରେ ଈଶ୍ୱରସ୍ମରଣରେ ବ୍ୟସ୍ତ ଓ ଚିନ୍ତିତ । ଏ ସମସ୍ତ ଘଟନା ଦର୍ଶନେ ସ୍ଥାନୀୟ ପୁଲିସ ସବଇନସପେକ୍ଟର ଓ ହେଡ଼କନେଷ୍ଟବଲ ଏବଂ ତ କାନୁନଗୋଇ ପ୍ରଭୃତି ଶାନ୍ତିରକ୍ଷକମାନେ ସଙ୍ଗେ ୨ ନୌକା ସହିତରେ ଯେନ ଯଥୋପଯୁକ୍ତ ସାହସ ଓ ପରିଶ୍ରମ ସହିତ ଏପରି ଭାବରେ ଉପ-ରୋକ୍ତ ଲୋକମାନଙ୍କୁ ରକ୍ଷାକରି ଧନ୍ୟବାଦର ପାତ୍ର ହୋଇ ଅଛନ୍ତି ଯେ ତାହା ଅନେକ ଲୋକେ ବିସ୍ମୃତ ହେବେ ନାହିଁ । ଅତ୍ର ମଧ୍ୟ କୌଣସି ବ୍ୟକ୍ତିର ଗୋରୁମାନ ଆଦି ଶୁଣାଯାଇ ନ ଥିଲା । ବିଶେଷତଃ ଥାନାର ହେଡ କନଷ୍ଟେବଲ ଶ୍ରୀ ବାବୁ ଉଦ୍ଧାରଚରଣ ପଟ୍ଟନାୟକ ମହାଶୟ ସାଧାରଣ ଲୋକମାନଙ୍କ ଘର ନିଜର ସମ୍ପତ୍ତି ଓ ପରାକ୍ରମ ଦ୍ୱାରା ନୌକା ସଙ୍ଗେ ଯାଇ ନିର୍-ପେକ୍ଷ ଭାବରେ ଗରିବ ଦୁର୍ଭିକ୍ଷ ପ୍ରଜାମାନଙ୍କୁ ପାରୋପକାର କରାଇ ଅଶେଷ ପ୍ରଶଂସାର ପାତ୍ର ହୋଇ ଅଛନ୍ତି, ଦୁଃଖର ବିଷୟ ଯେ ଏହିଦିବସ ଏ ମହାଶୟଙ୍କର ସ୍ଥାନରେ ନୂତନ ହେଡ କନ ଉପସ୍ଥିତ ହୋଇ ଅଛନ୍ତି । ଯାହା ହେଉ କରୁଣା-ମୟ ଜଗଦୀଶ୍ୱରଙ୍କ ନିକଟରେ ପ୍ରାର୍ଥନା ଏହି ଯେ ତାହାଙ୍କର ଉତ୍ତରୋତ୍ତର ଉନ୍ନତ କରନ୍ତୁ । ଏବଂ ସଦୟ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଅବେଦନ

Split by PDF Splitter
Digitized by srujanika@gmail.com

Split by PDF Splitter



ଏହିଯେ ସ୍ଥାନୀୟ ଦୁଃସ୍ଥ ପ୍ରଜାମାନଙ୍କର ରକ୍ଷଣାବେକ୍ଷଣ ଓ ଭରଣ ପୋଷଣ ପ୍ରତି ଦୃଷ୍ଟି ଅକୃଷ୍ଟ ହେବ । ସଃ ଡଃ ଅଫିସର ମହାଶୟ ବର୍ତ୍ତମାନ ଏହି ସମସ୍ତ ଅଞ୍ଚଳରେ ଗସ୍ତକରି ଓ ଲୋକମାନଙ୍କର ଦୁର୍ଦ୍ଦଶା ଦେଖି ଅଦ୍ୟ କେନ୍ଦ୍ରାପଡ଼ା ଫେରିଲେ । ବୋଧ କରୁଁ ଗରିବମାନଙ୍କ ଅବସ୍ଥା ଆଶୁ ପରିବର୍ତ୍ତିତ ହେବ । ଇତି ।

ବଶମ୍ବଦ ।

ଜଣେ କେହି ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ କୃଷ୍ଣକାନ୍ତ ଦାସ ହୁଣ୍ଡୋଲ | | ଟ ୩ ୧ |
| „ ଗୋଲୋକଚନ୍ଦ୍ର ବୋଷ | କଟକ | ଟ ୩ ୧ |
| „ ନରେନ୍ଦ୍ରନାଥ ବସୁ ଦୈଧିର | „ | ଟ ୩ ୧ |
| „ ସୁଦର୍ଶନ ଦାସ | „ | ଟ ୨ ୧ |
| „ ରଘୁନାଥ ଘୋଷ | „ | ଟ ୨ ୧ |


## ବିଜ୍ଞାପନ ।

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

### ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

### "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ୨ ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନ କରି ପରୀକ୍ଷା କର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ୨ ରୋଗୀ ଯେଉଁମାନଙ୍କୁ ବଡ଼ ୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିର କରି ଅଛନ୍ତି ଯେ, "ଗନରୋଡାଇନ" ପରି ଆଶୁ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହ୍ରାସତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, ବସ୍ତିରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ସିସି ଟ ୨ ଙ୍କା ପ୍ୟାକିଂ ଟ ୦୵ ଅଣା ଡାକମାସୁଲ ଟ । ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଯେ, ପି, ରାୟ
ନ ୪୫ ମିର ଜେବୁତଲ୍ଲ ଲେନ
କଲିକତା ।

## ବିଜ୍ଞାପନ ।

### ଉତ୍କଳହିତୈଷୀ
ଓ
### ଚିକିତ୍ସା-ତତ୍ତ୍ୱବିଧାନ

ନାନାବିଧ ସାହିତ୍ୟ ଓ ଚିକିତ୍ସାସମ୍ବନ୍ଧୀୟ ସର୍ବୋତ୍କୃଷ୍ଟ ସଚିତ୍ର ନୂତନ ମାସିକପତ୍ରିକା— ଯାହା ଆଗାମି ଶାରଦୀୟ ଉତ୍ସବ ସମୟରେ ବିପୁଳ ଆୟୋଜନ ସହିତ ପ୍ରଥମ ପ୍ରକାଶିତ ହେବ, ତାହାର ପ୍ରଥମ ସଂଖ୍ୟାରେ ୰ରାୟ ନନ୍ଦକିଶୋର ଦାସ ବାହାଦୂରଙ୍କର ପ୍ରତିମୂର୍ତ୍ତି ସହିତ ବିସ୍ତୃତ ଜୀବନଚରିତ ପ୍ରକାଶ କରିବାର ବାସନା ଥିବାରୁ ଉକ୍ତ ସ୍ୱର୍ଗୀୟ ମହାତ୍ମାଙ୍କର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ, ଓ ପରିଚିତ ବ୍ୟକ୍ତିମାନଙ୍କ ଠାରେ ଅନୁରୋଧ ଯେ,—ଉକ୍ତ ମହାତ୍ମାଙ୍କର ଜୀବନ ବୃତ୍ତାନ୍ତ ସମ୍ବନ୍ଧେ ଆପଣ ଯାହା ୨ ଜାଣି ଅଛନ୍ତି ତାହାର ବିସ୍ତୃତ ବିବରଣ ଆମ୍ଭ ନିକଟକୁ ଅଥବା କଟକର ରଥୀନାଥ ରାୟ କଟକ ମୋକାମକୁ ଲେଖି ପଠାଇଲେ ଅନୁଗୃହୀତ ହେବୁଁ । ଜୀବନଚରିତର ପ୍ରଧାନ ଉପକରଣ—ଘଟଣା, ବିବରଣ, ଓ ବୃତ୍ତାନ୍ତ । ତଦ୍ଭିନ୍ନ କେଉଁ ସାଲରେ ଜନ୍ମ ଗ୍ରହଣ କଲେ, କେଉଁ ସାଲରେ କି ୨ ଶିକ୍ଷା ପାଇଲେ, କେଉଁ ୨ ସାଲରେ କେତେ ବେତନ ପାଇଲେ;— କେବଳ ଏତ ସମସ୍ତ କଥା ଲେଖିଲେ ଜୀବନଚରିତ ହୁଏ ନାହିଁ ।

ଶ୍ରୀ ନିବାରଣଚନ୍ଦ୍ର ସେନ ବି, ଏ,
ସମ୍ପାଦକ ।
ଉତ୍କଳହିତୈଷି କାର୍ଯ୍ୟାଳୟ—
୪୩ ନଂ ବେନିଆଟୋଲାଲେନ୍,
କଲିକତା ।

## ଜାଦୁର ଅବ୍ୟର୍ଥ ମହୌଷଧ

### (ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡିବା ଟ ୦।୵ ମାସୁଲ ଟ ୦। ଅଣା

———o———

ଏହି ଔଷଧ ବ୍ୟବହାରରେ ସବୁ ପ୍ରକାରର ଜାଦୁରୋଗ ଏକାବେଳକେ ଆରୋଗ୍ୟ ହୋଇ ଯାଏ । ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ ଏହାକୁ ବ୍ୟବହାର କଲେ କିଛି ମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ । ଏଥିରେ ନାନାପ୍ରକାର ଚର୍ମ୍ମ-ରୋଗ ମଧ୍ୟ ଭଲ ହୁଏ । ଏହି ଔଷଧରେ ପାରଠାରୁ ଅଧିକ କେତେକ ଗୋଟି ଅଣ୍ଡ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତାଗୁଣ ଅଧିକ ଆଶ୍ଚର୍ଯ୍ୟ ପ୍ରଦ ହୋଇ ଅଛି । ଯେଉଁମାନେ ଏହି କୁତ୍ସିତ ରୋଗରେ କଷ୍ଟ ପାଉ ଅଛନ୍ତି ଅନ୍ତତଃ ଥରେ ସେମାନଙ୍କର ପରୀକ୍ଷା କରିବା ଉଚିତ; ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ସବୁ ଦେଇ ଅଛନ୍ତି । ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ ।

ଶ୍ରୀ ରାମତାରକ ସେନ ।
ଦେଶୀ ଉତ୍କଳ ଟପ୍ରସ୍ ବାଲେଶ୍ୱର ।

### ଗୋ-ଚିକିତ୍ସା ।

ଗୋ-ଚିକିତ୍ସାର ମୂଲ୍ୟ ଏକଅଣା । ଖ ୧୦ଣ୍ଡ ଯାଏ ପୁସ୍ତକ ଡାକରେ ଦିବାକୁ ମାସୁଲ ଏକ ଅଣା । ଅଳ୍ପ ପୁସ୍ତକ ବାକି ଅଛି ।

ପଟେଲା } ବାମଣ୍ଡା
ଶ୍ରୀଦାଶରଥି ରାଉତ } ସମ୍ବଲପୁର ପୋଃ

### ରାଗ-ରସଦୀପକ ।

ଅର୍ଥାତ୍
ବିବିଧ ରସ ରାଗିଣୀ ସମ୍ବଳିତ ବିଶୁଦ୍ଧ
ହିନ୍ଦୀ ସଙ୍ଗୀତ ।
ମୂଲ୍ୟ ଦୁଇଅଣା ମାତ୍ର ।
ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ
ଆମ୍ଭଠାରେ ପ୍ରାପ୍ତବ୍ୟ ।
ଶ୍ରୀ ଶୁକଦେବ ରାମ ଅଗ୍ରୱାଲ୍ଲ
ନୟାସଡ଼କ କଟକ


Digitized by srujanika@gmail.com

Split by PDF Splitter



# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ ବେଛେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ତରିଣୀ ଓ ଝୁଲଣ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦୀୟ ମେଡ଼ିସିନ ମ୍ୟାନ୍‌ଫ୍ୟାକ୍‌ଚ୍ୟୁରିଂ କୋମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ଼

କାଲନା, ବେଙ୍ଗାଲ ।

## ରେଜିଷ୍ଟ୍ରୀକୃତ ମୂଳଧନ ଟ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସଦର ଓ ମୋଫସଲର ସର୍ବତ୍ରରେ ସମ୍ପ୍ରତିଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛା କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ କ୍ରୟଣ କରିବେ ।

ଏଠାରେ ଶିଶୁଲୀ, କାଶ, ଜ୍ୱର, ଇନ୍‌ଫ୍ଳୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ଦୁଷ୍ଟ ଓ ଜଟିଳ ପୀଡ଼ାପକ୍ଷରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ଶିରଃଶୀତଳ ଓ ସୌକର୍ଯ୍ୟ ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ଚିନ୍ତାହେତୁ ମସ୍ତିଷ୍କବିକୃତିର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୧ ଖରଚ୍ଚ ଟ୦ ।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡିବାର ମୂଲ୍ୟ ଟ୦୵୧ ଡାକଖର୍ଚ୍ଚ ଟ୦ ।୵

ଲୁନ୍ତଳାକେଶୀମୂଷା-ତୈଳ;—ନୂତନ କେଶୋତ୍ପତ୍ତିର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ୧୧ ଖର୍ଚ୍ଚ ଟ ୦ ।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜିଷ୍ଟ୍ରୀ ହୋଇଅଛି । ଏହା ୨୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୧ ଟା । ୧।୨ କିସ୍ତିରେ ଟ ୨୫୧ ଟ ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକଶ୍ରେଣୀମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ

ସେକ୍ରେଟେରୀ ଏବଂ ଟ୍ରେଜରର

---

## NOTICE.

*A COMPLETE KEY*

( Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c. )

To

Lethbridge's Easy Selections

( Minor course 1895 )

BY

AKSHOY KUMAR GHOSE

AND

HARA CHAND GHOSH

in the press

Price per copy Re. 1—0—0

Postage one anna extra for muffasal.

To be had of the Secretary Printing Company Cuttack

---

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପଡ଼ାପେକ୍ଷା ଊଣା ମୂଲ୍ୟରେ କେତେଦିନ ସକାଶେ ବିକ୍ରୟ କରା ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେବୀ-ବିରଚିତ ) ଟ୦ ୧୯

ରସଲେଖା (ଉପେନ୍ଦ୍ର,ଭଞ୍ଜ ବିରଚିତ) ଟ ୦।୵

| | |
|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | ଟ ୦ ୵ |
| ଏହାର ଦ୍ୱିତୀୟ ଏହାର | ଟ ୦ ୵ |
| ଏହାର ତୃତୀୟ ଏହାର | ଟ ୦ ୵ |
| ଏହାର ଚତୁର୍ଥ ଏହାର | ଟ ୦ ୵ |
| ଶାବକରତ୍ନ | ଟ ୦ / |
| କପିଳାସ କ୍ଷେତ୍ର | ଟ ୦ / |

କଟକ ୨୭।୭।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

---

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚା ଟ ୦ ୳ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଅର୍ଦ୍ଧେକ ହେବ ଓ ତ୍ରିଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା.

Digitized by srujanika@gmail.com

Split by PDF Splitter

REGISTERED NO. 8

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


ଖ ୨୯ ଖ | ସ ୩୨ ସଂଖ୍ୟା

ତା ୧୧ ତଖ ମାହେ ଅଗଷ୍ଟ ସନ ୧୮୯୮ ମସିହା । ମୁ । ତା ୨୮ ଖ ଶ୍ରାବଣ ସନ ୧୩୦୫ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ | ପଶ୍ଚାଦେୟ ଟ ୩।୯


ମଧ୍ୟପ୍ରଦେଶର ସ୍ୱାମୀ ସିଦ୍ଧନାଥ ଯେଉଁ ଗତ ବର୍ଷ ଏହି ସମୟରେ ଏ ନଗରରେ ହିନ୍ଦୁଧର୍ମ ସମ୍ବନ୍ଧୀୟ ବକ୍ତୃତାମାନ ପ୍ରଦାନ କରିଥିଲେ ସମ୍ପ୍ରତି କଲିକତାରେ ଆଉ ଆର୍ଯ୍ୟପ୍ରବୃତ୍ତକ ସଭାରେ ବକ୍ତୃତାମାନ ପ୍ରଦାନ କରୁ ଅଛନ୍ତି ।

———

ଗତ ଜୁଲମାସ ଯେପରି ସୁପାଳକ ହୋଇଅଛି ଏଣିକି କୌଣସି ବିପ୍ନ ନ ଘଟିଲେ ସାଧାରଣ ରୂପ ଫସଲ ଲାଭ ହେବାର ଭରସା ହେଉଅଛି । ମାତ୍ର ପୁସ୍ତଫସଲ କୌଣସି ମତେ ହେବ ନାହିଁ କାରଣ ଖରାଦିନରେ ଅଗ୍ରେହୀ ବୃଷ୍ଟି ନ ହେବାରୁ ଯଥା ସମୟରେ ଫସଲ ଲାଗିପାରି ନାହିଁ ଏବଂ ଠାବେ ଠାବେ ଟୋଲ ହୋଇଅଛି । ଅଦ୍ୟାପି ମଧ୍ୟ ରୁଆ ବେହୁଡା କାର୍ଯ୍ୟ ଶେଷ ହୋଇ ନାହିଁ ।

———

ଗତ ଜଗୁଆଡ଼ି ସମୟରେ ଅମ୍ଭମାନଙ୍କର କଲେକ୍ଟର ସାହେବ ଯାଜପୁର ଗସ୍ତକୁ ବାହାରି ଥିଲେ ମାତ୍ର ସେ ଅଞ୍ଚଳରେ ଡୋଇ ହେବୁ ବାଟର ଅସୁବିଧା ଦେଖି ଫେରିବାକୁ ବାହାର ଗଲେ । ସମ୍ପ୍ରତି ଅଭ୍ୟାଧିକ ପ୍ରଜାରକ୍ଷା ବା ଅ-ମୋଦ ଫଳରେ ସେ ଅଞ୍ଚଳରେ ମଧ୍ୟ କଲ୍ୟାପୀଡ଼ିତ ଲୋକର ଅଭାବ ନାହିଁ । ସେମାନଙ୍କର କି ସାହାଯ୍ୟ କରିଅଛନ୍ତି ଫେରି ଆସିଲେ ଜଣା ପଡ଼ିବ ।

ଛାକାବାରସା ନିବାସୀ ବାବୁ ବେହ୍ନଣୀ କାନ୍ତ ନାଗ କଲିକତା ଅଟସ୍କୁଲରେ ଚିତ୍ର ବିଦ୍ୟା ଶିକ୍ଷା କରି ତହିଁରେ ବିଶେଷ ପାରଦର୍ଶିତା ଲାଭ କରିବା ଅଭିପ୍ରାୟରେ ମେମନଗରକୁ ଯାଇଥିଲେ । ସେଠାରେ ସେ ଅନେକ ପୁରସ୍କାର ଲାଭ କଲା ଉତ୍ତାରୁ ବିଶେଷ ପାରଦର୍ଶିତା ସହିତ ସ୍ଥିପତି ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇ ରୌପ୍ୟ ପଦକ ପ୍ରାପ୍ତ ହୋଇ ଅଛନ୍ତି । ବେହ୍ନଣୀବାବୁ ଏ ବିଷୟରେ ବଙ୍ଗୀୟ ଯୁବକମାନଙ୍କର ଗୌରବର ସ୍ଥଳ ସନ୍ଦେହ ନାହିଁ ।

———

ମାନ୍ୟବର ବଙ୍ଗୀୟ ଲେଫ୍‌ଟେଣ୍ଟ ପୂର୍ବବଙ୍ଗ ଭ୍ରମଣକର ଗତ ତା ୪ ରିଖରେ କଲିକତାକୁ ଫେରି ଆସି ଅଛନ୍ତି । ଏଥି ଉତ୍ତାରୁ ସେ ମେଦିନୀପୁର ଅଞ୍ଚଳ ଗସ୍ତ କରିବାକୁ ବାହାରିବେ । ତମଲୁକବାସିମାନେ ତାହାଙ୍କ ଅଭ୍ୟର୍ଥନା ନିମନ୍ତେ ଏକ ସଭା କରି ସେହି ସଭାରେ ୧୧ ଶତ ଟଙ୍କା ଚାନ୍ଦା ଦ୍ୱାରା ସଂଗ୍ରହ କରି ଅଛନ୍ତି । ସଭାର ଉଦ୍ୟମରେ ଅବଶ୍ୟ ଅଧିକ ଟଙ୍କା ସଂଗୃହୀତ ହେବ । ଏତେ ଟଙ୍କା କେବଳ ରୋସନାଇ ଇତ୍ୟାଦି କ୍ଷଣିକ ଆମୋଦରେ ପୋଡି ନ ଗଲେ ରକ୍ଷା ।

———

ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଘୋଷଣା କ୍ରମେ ଭାରତବର୍ଷ ଓ ବିଲାତରେ ଏପର୍ଯ୍ୟନ୍ତ ସର୍ବସୁଦ୍ଧା ୩୪ କୋଟି ଟଙ୍କାର ଗ୍ୟରଣ୍ଟିଆ ସୁଧର କମ୍ପାନୀ କାଗଜ ଶତକରା ସାଢ଼େ ତିନିଟଙ୍କା ସୁଧର କମ୍ପାନି କାଗଜ ବଦଳାଇ ନେବା କାରଣ ଦାଖଲ ହୋଇ ଅଛି । ଗବର୍ଣ୍ଣମେଣ୍ଟଙ୍କଠାରେ ଯେସବୁ ପ୍ରମିସରିନୋଟ ଗଚ୍ଛିତ ଅଛି ସେସବୁର ମୂଲ୍ୟ ଏଥିରେ ଧରାଯାଇ ନାହିଁ । ସେସବୁ ମିଶି ୪୦ କୋଟିରୁ ଊଣା ହେବ ନାହିଁ । ସୁତରାଂ ଶତକରା ଅଠଅଣା ସୁଧ ଊଣା କରିବା ଦ୍ୱାରା ସରକାରଙ୍କର ବାର୍ଷିକ ୨୦ ଲକ୍ଷ ଟଙ୍କା ଆୟ ହେବା ସାମାନ୍ୟ କଥା ନୁହେ ।

———

ବେସରକାରୀ ସ୍କୁଲ କଲେଜ ପ୍ରଭୃତିକୁ ସରକାରୀ ସାହାଯ୍ୟଦାନ ବିଷୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ନୂତନ ନିୟମାବଳି ପ୍ରସ୍ତୁତ ହୋଇ ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ଚଳିତମାସ ତା ୯ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଅନ୍ୟାନ୍ୟ ବିଷୟ ମଧ୍ୟରେ ସାହାଯ୍ୟପ୍ରାପ୍ତ ସ୍କୁଲ କଲେଜମାନଙ୍କର ହିସାବପତ୍ର ତଦାରଖ ହେବାର ବିଧି ହୋଇଅଛି । ଏଥିପାଇଁ ଗବର୍ଣ୍ଣମେଣ୍ଟ ଜଣେ କର୍ମଚାରୀ ନିଯୁକ୍ତ କରିବେ । ଏ ନିୟମଟି ଭଲ ବୋଧ ହେଉଅଛି । ପୂର୍ବରୁ ଏହିପରି ନିୟମ ଚଳାଇଥିଲେ ଏଠା ଏକାଡେମୀ ସ୍କୁଲର ହିସାବ ପତ୍ର ଦୀର୍ଘକାଳ ଅପ୍ରକାଶିତରୂପେ ରଖା ଯିବାର ଗହଳି ଶୁଣା ଯାଇ ନ ଥାନ୍ତା ।

———

Digitized by srujanika@gmail.com

ଗତବୃଷ୍ଟି ଓ ନେପାଳଛଡ଼ି ସମୟରେ ଏ ଜିଲ୍ଲାର ଅନ୍ନକଷ୍ଟ ଚରମସୀମାରେ ପହୁଞ୍ଚି ଥିଲା । ବନ୍ୟାରେ କେତେକ ସ୍ଥାନର ଜଳ ଧୋଇ ଗଲେ ସୁଦ୍ଧା କଣ୍ଢି ଶୀଘ୍ର ଛାଡ଼ିଯିବା ହେତୁ ବିଶେଷ କ୍ଷତି ହୋଇ ନାହିଁ ଏବଂ ଏଥିମଧ୍ୟରେ ଠାକୁର ବିଅଳ ଫସଲ ପାଚିବା ଏବଂ ଶାରଦର ଅଶା ଭଲ ଦେଖା ଯିବାରୁ ଧାନ ଚାଉଳର ଦାରବାର ଯାହା ହିଦଏ ବୃଦ୍ଧି ହୋଇଥିଲା ଏବା ଧୋୟା-ସ୍ଥାନକୁ ନିଅଣ୍ଟ ହୋଇ ଆସୁ ଈଶ୍ୱରଙ୍କ ଅନୁଗ୍ରହରୁ ଏ ସମୟରେ ପ୍ରଚୁର ପରିମାଣରେ ସମ୍ବଲପୁରରୁ ଏ ନଗରକୁ ଚାଉଳ ଆମଦାନୀ ହୋଇଅଛି ଏବଂ ଉଦ୍ୟାଗ ସବଳ ଓ ମୋଫସଲରେ ଚାଉଳ ଟଙ୍କାକୁ ସେ ୭/୮ ରୁ ସେ ୯-୧୦ ର ପର୍ଯ୍ୟନ୍ତ ଉଠିଅଛି ବଡ଼ ସୁଖର ବିଷୟ ଅଟେ ।

———

ଅମ୍ଭମାନଙ୍କର କେନ୍ଦ୍ରାପଡ଼ା ସମ୍ବାଦଦାତା ଲେଖିଅଛନ୍ତି କି ବିଗତ ସପ୍ତାହରେ ଏ ଅଞ୍ଚଳର ଇନ୍ଦପୁର, ଧୂମାଟ, ପଟ୍ଟାମୁଣ୍ଡାଇ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବିଶେଷ ପ୍ରବଳ ବନ୍ୟା ହୋଇଥିଲା । କଇପଡ଼ା ବନ୍ଧ ଭାଙ୍ଗିଯିବାରୁ ଇନ୍ଦପୁର ଗ୍ରାମ ସମସ୍ତ ବୁଡ଼ିଯାଇ ସମୁଦ୍ରସ୍ୱରୂପ ହୋଇ ଯାଇଥିଲା । କିନ୍ତୁ ଅମ୍ଭମାନଙ୍କର 'ସବ୍‌ଡିଭିଜନର ଅଫିସରଙ୍କ ଯତ୍ନରୁ ବିଶେଷ କିଛି କଷ୍ଟ ହୋଇ ନାହିଁ । ଘରମାନ ସମସ୍ତ ବୁଡ଼ିଯିବାରୁ ଲୋକେ କେନାଲ ବନ୍ଧରେ ଆଶ୍ରୟ ନେଇଥିଲେ ବନ୍ଧରେ ପ୍ରାୟ ୩ ମାଇଲ ପର୍ଯ୍ୟନ୍ତ ମନୁଷ୍ୟ ଓ ପଶୁ ଅବଦ ଏକତ୍ରିତ ହୋଇଥିଲେ ମଙ୍ଗଳପୁରଠାରେ ମଧ୍ୟ ଲୋକଙ୍କର ସେହିପରି କଷ୍ଟ ହୋଇଥିଲା । ଲୋକେ କହନ୍ତି ଏପରି ବନ୍ୟା ଆଉ କେବେହେଁ ଦେଖା ନ ଥିଲା ଉକ୍ତ ସ୍ଥାନମାନଙ୍କରେ ଧାନଫସଲର ବିଶେଷ କ୍ଷତି ହୋଇଅଛି ।

———

ଯାଜପୁରଏଲାକାରେ ପୁଣି ଏକ ଡକାଏତି ମୋକଦ୍ଦମା ଆରମ୍ଭ ହୋଇଅଛି, ଗତମାସ ତା ୨୩ ଇଖ ସ୍ତ୍ରୀରେ ବିଶାରପୁର ଅନ୍ତଃପୋଷ୍ଟ ଅନ୍ତର୍ଗତ ବାଇଧ୍ୟାଗ୍ରାମ କେନେଲସାକୁ ନାମକ ଏକ ଗୁଡ଼ିଆଘରେ ଡକାଏତ ପଶି ତାକୁ ଓ ତାହାର ସ୍ତ୍ରୀକୁ ବାନ୍ଧ ମାରିପିଟି ବହୁ ଧାନଚାଉଳ ଇତ୍ୟାଦି ଯଥା ସର୍ବସ୍ୱ ବୋହି ନେଇ ଯାଇଅଛନ୍ତି । ଡକାଏତମାନେ ବାହାରିଗଲା ପରେ ଗ୍ରାମବାସିମାନେ ଆସି ସେମାନଙ୍କୁ ବନ୍ଧନମୁକ୍ତ କଲେ । ତହୁଁ ସେ ଥାନାର ଅଣ୍ଟ ପୋଷ୍ଟରେ ଏତଲା ଦେଲାରୁ ଯାଜପୁର ସବ୍‌ଡିଭିଜନର ଇନସ୍ପେକ୍ଟର ଶ୍ରୀଯୁକ୍ତ ବାବୁ ଗୁରୁଦେବ ମୁଖୋପାଧ୍ୟାୟ ଘଟଣାସ୍ଥାନକୁ ଯାଇ ମୋକଦ୍ଦମା ତଦାରଖ କରି କେନ୍ଦୁଝରା ପ୍ରଭୃତି ନ ୧୩ ଜଣଙ୍କୁ ଚାଲାଣ ଦେଇ ଅଛନ୍ତି ଓ ମୋକଦ୍ଦମା ବିଚାରାଧୀନରେ ଅଛି ।

———

ବାଲେଶ୍ୱରନିବାସୀ ବାବୁ ସନାତନପୂର୍ଣ ଦାସ ଆପଣା କ୍ରୀ, ଭୁଷ୍‌ ନିଙ୍କ ବିବାହ ଉପଲକ୍ଷରେ କଲିକତାରୁ ଯେଉଁ ଥିଏଟରଦଳ ଆଣାଇ ଥିଲେ ଗତମାସ ତା ୩୦ ଓ ୩୧ ଇଖରେ ସେମାନେ ନାଟ୍ୟାଭିନୟ ଦେଖାଇ ଥିଲେ । ଏଥିର ବିବରଣ ବାଲେଶ୍ୱରର ଦୁଇ ସମ୍ବାଦପତ୍ରରେ ଉଦ୍ଧୃତ ହୋଇ ପାଠକର ଅମ୍ଭମାନଙ୍କର ଏହି ଧାରଣା ହେଲା ଯେ ବାଲେଶ୍ୱରର ବଳାବଳ ଗ୍ରହଣ କ୍ଷତ ନାହିଁ । ଏହା ଅତ୍ୟନ୍ତ ଦୁଃଖର ବିଷୟ ଅଟେ । ଯାହା ହେଉ ସନାତନପୂର୍ଣ ବାବୁଙ୍କ ଅମନ୍ତ୍ରଣମତେ ଓଡ଼ିଶାର କମିଶନର ବାଲେଶ୍ୱରର ମାଜିଷ୍ଟ୍ରେଟ ଓ ଏକଜିକ୍ୟୁଟିଭ ଇଞ୍ଜିନିୟର ପ୍ରଭୃତି କେତେକ ସାହେବ ଓ ମେମ ଏବଂ ଅଧିକାଂଶ ଦେଶୀୟ ଭଦ୍ରଲୋକ ଏ ଉତ୍ସବରେ ଉପସ୍ଥିତ ହୋଇ ଅଭିନୟାଦି ଦର୍ଶନରେ ଆନନ୍ଦ ଲଭ ଓ ଗୃହ କର୍ତ୍ତାଙ୍କ ସେବାରେ ସନ୍ତୁଷ୍ଟ ହୋଇଥିଲେ ।

———

ମହାମାନ୍ୟ ଗବର୍ଣ୍ଣର ଜେନେରଲ ଆଗାମି ଅକ୍ଟୋବର ମାସ ଶେଷଭାଗରେ ସିମଲାରୁ ଯାତ୍ରା କରି ପଞ୍ଜାବ, ସିନ୍ଧୁ, ନର୍ଥୱେଷ୍ଟର୍ଣ୍ଣ ନାନା ସ୍ଥାନ ଭ୍ରମଣ କଲା ଉତ୍ତାରୁ ତା ୧୫ ଇଖ ଡିସେମ୍ବର ସକାଳ ବେଳେ କଲିକତାରେ ଉପସ୍ଥିତ ହେବେ । ଏହି ଯାତ୍ରାରେ କେବଳ ନବେମ୍ବରମାସ ପ୍ରଥମ ସପ୍ତାହରେ କୋଏଟାଠାରେ ଏବଂ ସେହି ମାସ ଶେଷ ସପ୍ତାହରେ ଲାହୋରଠାରେ ଦରବାର ହେବ । ଲାହୋରର ଦରବାର ସମଧିକ ସମାରୋହ ସହିତ ହେବାର ଶୁଣାଯାଏ । କଥିତ ଅଛି ସେଠାରେ ଦଶହଜାର ବ୍ରିଟିସସେନା ଏବଂ ପାଞ୍ଚହଜାର ଦେଶୀୟ ରାଜାମାନଙ୍କର ସେନା ଏକତ୍ରିତ ହେବେ ଏବଂ ଅନେକ ରାଜା ମହାରାଜା ଆମନ୍ତ୍ରିତ ହେବେ । ଅନ୍ୟ କୌଣସିଠାରେ ଦରବାର ହେବାର କଥା ନାହିଁ । ସମ୍ପ୍ରତି ଏହା ଲାହୋର ଦରବାରରେ ଯେପରି ବ୍ୟୟ ବର୍ତ୍ତମାନ ସରକାରଙ୍କ ଅର୍ଥ କଷ୍ଟ ସମୟରେ ତାହା ସାମାନ୍ୟ ବୋଧ ହେଉ ନାହିଁ ।

———

ଗତମାସ ତା ୨୩।୨୪ ଇଖର ବୃଷ୍ଟି କଟକ ଅପେକ୍ଷା ବାଲେଶ୍ୱର ଜିଲ୍ଲାରେ ଅଧିକ ପ୍ରବଳ ଥିଲା । ସେଠାରେ ଉକ୍ତ ଦୁଇଦିନରେ ପ୍ରାୟ ୧୨ ଇଞ୍ଚ ଜଳ ପଡ଼ିଥିଲା । ଏବଂ ନଦୀମାନ ଭୟଙ୍କର ରୂପେ ବଢ଼ିଥିଲା । ଚାନ୍ଦବାଲି ବଳଙ୍ଗ ମଣ୍ଡ ପ୍ରଭୃତି ନିମ୍ନକୂଳସ୍ଥ ଭୂମି ଜଳମଗ୍ନ ହୋଇ ଅନେକ ଗୋମହିଷାଦି ନଷ୍ଟ ହେବାର ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁ । ଜଣେ ମୁସଲମାନ ଜମିଦାରପୁତ୍ର ଅନେକ ଲୋକ ଜଣ ସେନ ବିବାହ ଦେବାକୁ ଆସୁଥିଲେ ଦରହମପୁର ବଜାର ଠାରେ ସଡ଼କର ଚଟାଣରେ ଏପରି ସ୍ରୋତରେ ପାଣି ଯାଉଥିଲା ଯେ ବରଙ୍କ ବଗ୍ଗି ଥିବା ପାଲିଙ୍କିକୁ ବାହକମାନେ ସମ୍ଭାଳି ନ ପାରିବାରୁ ଭାସିଗଲା ଏବଂ ତହିଁରେ ଥିବା ୩୦୨ ଶତ ଟଙ୍କା ମୂଲ୍ୟର ଅଳଙ୍କାର ବସ୍ତ୍ରାଦି ନଷ୍ଟ ହେଲା । ସେ ସ୍ଥାନ ପରେ ୨ ଜଣେ ପୁରୁଷ ଜଣେ ରଣ୍ଡାସ୍ତ୍ରୀ ଓ ଦୁଇଜଣ ଅନ୍ୟଲୋକ ଭାସି ଗଲେ କି ଦୁଃଖର ବିଷୟ ।

———

ଜମିଦାରପୁତ୍ରମାନଙ୍କ ଶିକ୍ଷା ବିଷୟକ ବ୍ୟୟ ସମ୍ବନ୍ଧରେ ମାନ୍ୟବର ବଙ୍ଗୀୟ ଲେଫ୍‌ଟେନାଣ୍ଟଙ୍କର ଯେଉଁ ନିର୍ଦ୍ଧାରଣ ଅଲ୍ପଦିନ ହେଲା ବାହାର ଅଛି ଏବଂ ଯହିଁର ମର୍ମ ଅମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ ତହିଁର ସମାଲୋଚନା କରି ସଞ୍ଜୀବନୀ ପତ୍ରିକା ଯଥାର୍ଥ ପ୍ରଶ୍ନ କରି ଅଛନ୍ତି କି ଗତ ଆଠବର୍ଷରେ ଜମିଦାରପୁତ୍ରମାନଙ୍କ ଅୟ ବୃଦ୍ଧି ହେବା ପ୍ରତ୍ୟକ୍ଷେ ଶିକ୍ଷା ବିଷୟରେ ସେମାନେ ସେହି ଅନୁପାତରେ ଅଧିକ ବ୍ୟୟ ନ କଲେ ହୋଇ ମାନ୍ୟବର ଲେଫ୍‌ଟେନାଣ୍ଟ ଅସନ୍ତୋଷ ପ୍ରକାଶ କରିବା ସ୍ଥଳେ କିନ୍ତୁ ପାଞ୍ଚବର୍ଷରେ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ପରିମାଣ ଆୟବୃଦ୍ଧି ହୋଇଅଛି ସେହି ଅନୁପାତରେ ମଧ୍ୟ ଜନଶିକ୍ଷାର ବ୍ୟୟ ବୃଦ୍ଧି କରି ଅଛନ୍ତି କି? ପାଞ୍ଚବର୍ଷ ପୂର୍ବେ ଜମିଦାରପୁତ୍ରମାନଙ୍କ ଶିକ୍ଷା କାର୍ଯ୍ୟନିମନ୍ତେ ଯେତେ ସାହାଯ୍ୟ ଦେଉଥିଲେ ବର୍ତ୍ତମାନ ମଧ୍ୟ ସେତିକି ଦେଉ ଅଛନ୍ତି । ବାସ୍ତବରେ ମୌଖିକ ଉପଦେଶ ଅପେକ୍ଷା କାର୍ଯ୍ୟଦ୍ୱାରା ଉପଦେଶ ଦେବା ଉଚିତ ।

———

Split by PDF Splitter
Digitized by srujanika@gmail.com